R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୫୬
ତିଥି : ନବମୀ
୧୨ ମାର୍ଚ୍ଚ ୨୦୨୬, ଗୁରୁବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 156
12 March 2026, Thursday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ହରମୁଜ୍ ପ୍ରଣାଳୀରେ ତୈଳବାହୀ ଜାହାଜ ଜଳିଲା




## ଥାଇଲାଣ୍ଡ କମ୍ପାନୀର ଜାହାଜରେ ୟୁଏଇରୁ ଆସୁଥିଲା ତୈଳ

## ଯୁଦ୍ଧରେ ଦୁଇ ଭାରତୀୟ ମୃତ, ଜଣେ ନିଖୋଜ

## ୨୦୦ ଡଲାର ତୈଳ ବ୍ୟାରେଲ ହେବ ବୋଲି ଇରାନର ଚେତାବନୀ

ନୂଆଦିଲ୍ଲୀ, ୧୧।୩ : ହରମୁଜ୍ ପ୍ରଣାଳୀ ଦେଇ ଥାଇଲାଣ୍ଡର ଏକ ଜାହାଜ ଆକ୍ରମଣର ଶିକାର ହୋଇଛି। ଏଥିରେ ୟୁଏଇରୁ ତୈଳ ଭର୍ତ୍ତି ହୋଇ ଆସୁଥିଲା। ରୟାଲ ଥାଇ ନାଭି ପକ୍ଷରୁ କୁହାଯାଇଛି ଯେ ୨୦ ନାବିକଙ୍କୁ ଉଦ୍ଧାର କରାଯାଇଛି। ଏବେସୁଦ୍ଧା ୩ ଜଣଙ୍କର ପତ୍ତା ମିଳୁନାହିଁ।

ଜାହାଜ ମୟୁରନ୍ୟାରୀରେ ଥାଇ କମ୍ପାନୀ ମାଲିକାନାରେ ଥିବା ଜାହାଜ ତୈଳ ଭର୍ତ୍ତି ହୋଇ ଖଲିପା ବନ୍ଦରରୁ ଛାଡ଼ିଥିଲା। ଜାହାଜ ଭାରତର କାଣ୍ଡାଲା ବନ୍ଦରକୁ ଆସିବାର ଥିଲା। ହରମୁଜ ଠାରେ ଆକ୍ରମଣର ଶିକାର ହୋଇଛି। ଇରାନ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି। ଜାହାଜଟି ନିଆଁ ଲାଗିଯିବା ଫଳରେ ସମଗ୍ର ଅଞ୍ଚଳ କଳାଧୂଆଁରେ ଭର୍ତ୍ତି ହୋଇଯାଇଥିଲା। ଲାଇଫ ଜ୍ୟାକେଟ୍ ସହାୟତାରେ ନାବିକମାନେ ପାଣିକୁ ଡେଇଁଥିଲେ। ବର୍ତ୍ତମାନସୁଦ୍ଧା ଏହାର ତଦନ୍ତ ଚାଲିଛି। ଇରାନ ଏଥିପାଇଁ ନିଜକୁ ଦାୟୀ କରିଛି। ପୂର୍ବରୁ ୟୁନାଇଟେଡ୍ କିଙ୍ଗଡମ୍‌ର ବାଣିଜ୍ୟିକ ଅପରେସନ୍ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ୩ ବାଣିଜ୍ୟିକ ଜାହାଜ (୯ ପୃଷ୍ଠାରେ)

# ବାଚସ୍ପତିଙ୍କ ବିରୋଧରେ ବିରୋଧୀଙ୍କ ଅନାସ୍ଥାପ୍ରସ୍ତାବ ଖାରଜ



## ଧ୍ୱନି ମତରେ ଖାରଜ ହେଲା ପ୍ରସ୍ତାବ

ନୂଆଦିଲ୍ଲୀ, ୧୧।୩ : ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଖାରଜ ହୋଇଯାଇଛି। ଧ୍ୱନୀ ମତରେ ଏହି ପ୍ରସ୍ତାବକୁ ଖାରଜ କରିଦିଆଯାଇଛି। ପ୍ରସ୍ତାବ ଆଲୋଚନା ସମୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କୁ ଟାର୍ଗେଟ କରିଛନ୍ତି। ଏହି ଆଲୋଚନା ସମୟରେ ଶାସକ ଓ ବିରୋଧୀଙ୍କ ମଧ୍ୟରେ ବେଶ୍ ଉତ୍ତେଜକ ବାକ୍ୟ ବିନିମୟ ହୋଇଛି।

ଅବିଶ୍ୱାସ ପ୍ରସ୍ତାବ ଚର୍ଚ୍ଚା କାଳରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିରୋଧରେ ରାହୁଲ ଗାନ୍ଧିଙ୍କ ଟିପ୍ପଣୀ ଗୃହରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି କରିଥିଲା। ବିଜେପି ସଦସ୍ୟ ରବିଶଙ୍କର ପ୍ରସାଦ ଟିପ୍ପଣୀକୁ ଅସଂସଦୀୟ କହି ରେକର୍ଡରୁ ହଟାଇବାକୁ ଦାବି କରିଥିଲେ। ଏହି ଅବସରରେ ରାହୁଲ ଓ ରବିଶଙ୍କରଙ୍କ ମଧ୍ୟରେ ବାକ୍ ଯୁଦ୍ଧ ହୋଇଛି। ବିରୋଧୀ ଦଳ ପାଖରେ ୨୩୮ ସାଂସଦଙ୍କ ସମର୍ଥନ ରହିଥିଲା। ଯାହା ମଧ୍ୟରେ କଂଗ୍ରେସରୁ ୯୯ ଓ ସମାଜବାଦୀପାର୍ଟି, ଡିଏମ୍‌କେ, ତୃଣମୂଳ କଂଗ୍ରେସ ସାଂସଦ ରହିଥିଲେ। ସରକାରଙ୍କ ସପକ୍ଷରେ ୨୯୩ ସାଂସଦ ରହିଥିଲେ। ଯାହା ମଧ୍ୟରେ ୨୪୦ ବିଜେପିର, ୧୬ ଜେଡିୟୁର ଓ ୧୨ ଟିଡିପି ସାଂସଦଙ୍କ ସମେତ ଅନ୍ୟ ସହଯୋଗୀମାନଙ୍କର ସାଂସଦ ରହିଥିଲେ। ବାଚସ୍ପତି ପକ୍ଷପାତିତା ଆଚରଣ କରୁଛନ୍ତି ବୋଲି ଦର୍ଶାଇ ଏହି ମହାଅଭିଯୋଗ ଆଗତ କରାଯାଇଥିଲା। ବାଚସ୍ପତି ବିରୋଧୀ ସଦସ୍ୟଙ୍କୁ ବିଶୃଙ୍ଖଳିତ ଆଚରଣ ପାଇଁ ଗୃହରୁ ନିଲମ୍ବିତ କରିଥିଲେ। ଯାହାକୁ ନେଇ ବିରୋଧୀଙ୍କ ଅସନ୍ତୋଷ ପ୍ରକାଶ ପାଇଥିଲା। ବଜେଟ୍ (୯ ପୃଷ୍ଠାରେ)

# ୩ ଲେଖକଙ୍କୁ ପାଠ୍ୟକ୍ରମ ପ୍ରସ୍ତୁତିରୁ ବାଦ୍




ନୂଆଦିଲ୍ଲୀ, ୧୧।୩ : ଏନ୍‌ସିଇଆର୍‌ଟିର ଅଷ୍ଟମ ଶ୍ରେଣୀ ପୁସ୍ତକରେ ବିବାଦୀୟ ନ୍ୟାୟପାଳିକା ଦୁର୍ନୀତି ବିଷୟବସ୍ତୁ ପ୍ରସଙ୍ଗରେ ସୁପ୍ରିମ୍‌କୋର୍ଟ କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏହି ବିଷୟକୁ ଉଲ୍ଲେଖ କରିଥିବା ୩ ଲେଖକ ମାଇକେଲ ଡାଇନୋ, ସୁପର୍ଣ୍ଣା ଦିୱାକର ଓ ଆଇନ୍ ଗବେଷକ ଆଲୋକ ପ୍ରସନ୍ନ କୁମାରଙ୍କୁ ବିଦ୍ୟାଳୟ ପାଠ୍ୟକ୍ରମ ପ୍ରସ୍ତୁତିରେ କୌଣସି ଭୂମିକା ନ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ୩ ଲେଖକ ପରବର୍ତ୍ତୀ ପିଢ଼ି ପାଇଁ ଲେଖିବାକୁ ଅଯୋଗ୍ୟ ବୋଲି କୋର୍ଟ କହିଛନ୍ତି। କେନ୍ଦ୍ର ସରକାର ସବୁ ରାଜ୍ୟ ସରକାର, ବିଶ୍ୱବିଦ୍ୟାଳୟ ଓ ସମସ୍ତ ଶିକ୍ଷାନୁଷ୍ଠାନକୁ ୩ ଲେଖକଙ୍କ ସହ ସମସ୍ତ ପ୍ରକାର ସମ୍ପର୍କ ଛିନ୍ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନରେ ସେମାନଙ୍କୁ ଯେଭଳି କାମ ନ କରିବାକୁ ସୁଯୋଗ ନ ମିଳିବ ତାହା ମଧ୍ୟ ନିଶ୍ଚିତ କରିବାକୁ କୋର୍ଟ କହିଛନ୍ତି। କୋର୍ଟ ଏହି ମାମଲାକୁ ନିଜଆଡୁ ଗ୍ରହଣ କରିଥିଲେ। ଏଭଳି ପାଠ୍ୟପୁସ୍ତକ ପ୍ରସ୍ତୁତି ପାଇଁ ଅନଭିଜ୍ଞ ଲେଖକଙ୍କୁ ଦାୟିତ୍ୱ ଦେବା ଅର୍ଥ ଦେଶର ଶିକ୍ଷା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିବା ସହ ସମାନ ବୋଲି ସୁପ୍ରିମ୍‌କୋର୍ଟ ମତ ରଖିଛନ୍ତି। ଆଗାମୀ ଦିନରେ ଏଭଳି ଆପତ୍ତିଜନକ ପୁସ୍ତକ ରଚନା ନ କରିବାକୁ ସୁପ୍ରିମ୍‌କୋର୍ଟ ସରକାରଙ୍କ ତାଗିଦ୍ କରିବା ସହ ସ୍କୁଲ ହେଉ କି ବିଶ୍ୱ ବିଦ୍ୟାଳୟ କୌଣସି କ୍ଷେତ୍ରରେ ପାଠ୍ୟ ପୁସ୍ତକ ରଚନା କରାଯିବାବେଳେ ଖାମଖିଆଲ ନୀତି ଅବଲମ୍ବନ କରାଯିବା ଉଚିତ୍ ନୁହେଁ ବୋଲି କୋର୍ଟ ଚେତାବନୀ ଦେଇଛନ୍ତି।

# ଇଚ୍ଛାମୃତ୍ୟୁ ଆବେଦନକୁ ସୁପ୍ରିମ୍‌କୋର୍ଟଙ୍କ ମଞ୍ଜୁରୀ



ନୂଆଦିଲ୍ଲୀ, ୧୧।୩ : ସୁପ୍ରିମ୍‌କୋର୍ଟ ପ୍ରଥମ ଥର ଲାଗି ଇଚ୍ଛା ମୃତ୍ୟୁ ଆବେଦନକୁ ଅନୁମୋଦନ କରିଛନ୍ତି। ଜଷ୍ଟିସ୍ ଜେବି ପାରିଡୱାଲା ଓ ଜଷ୍ଟିସ୍ କେଭି ବିଶ୍ୱନାଥନ ୩୨ ବର୍ଷୀୟ ହରିଶ ରାଣାଙ୍କ ଇଚ୍ଛାମୃତ୍ୟୁ ପ୍ରସଙ୍ଗରେ ଏଭଳି ରାୟ ଦେଇଛନ୍ତି। ୧୩ ବର୍ଷ ହେଲା କୋମାରେ ରହିଥିବା ଏହି ହରିଶ ରାଣାଙ୍କ ଇଚ୍ଛାମୃତ୍ୟୁ ଲାଗି ଅନୁମୋଦନ ଦିଆଯାଇଛି। ଏହାଛଡା ହସ୍ପିଟାଲକୁ ତାଙ୍କର ଲାଇଫ୍ ସପୋର୍ଟ ପ୍ରତ୍ୟାହାର ପାଇଁ କୁହାଯାଇଛି।

ପ୍ରଥମ ଥର ଲାଗି ସୁପ୍ରିମ୍‌କୋର୍ଟ ଦେଶର କୌଣସି ରୋଗୀ ପରିବାର ପକ୍ଷରୁ ଏପରି ନିଷ୍କ୍ରୀୟ ଇଚ୍ଛାମୃତ୍ୟୁ ଉପରେ ମୋହର ମାରିଛନ୍ତି। ୩୨ ବର୍ଷୀୟ ଏହି ଯୁବକ ୪ ମହଲାରୁ ଖସିପଡ଼ିବା ପରେ କୋମାକୁ ଚାଲିଯାଇଥିଲେ। ତାଙ୍କର ମୁଣ୍ଡରେ ଆଘାତ ଲାଗିଥିଲା। ୨୦୧୮ ରେ ନିଷ୍କ୍ରୀୟ ଇଚ୍ଛାମୃତ୍ୟୁକୁ ନେଇ ସୁପ୍ରିମ୍‌କୋର୍ଟ ଜାରି କରିଥିବା ଗାଇଡ୍‌ଲାଇନ୍ ଏହାକୁ ଆଗକୁ ନେବାରେ ସହାୟକ ହେବ। ଖାଦ୍ୟନଳୀ ଦ୍ୱାରା ଜୀବନ ବିତାଉଥିବା ଜଣେ ରୋଗୀ କ୍ଷେତ୍ରରେ ଇଚ୍ଛାମୃତ୍ୟୁ ଲାଗୁ ହୋଇପାରିବ। ପୂର୍ବରୁ ଏହି ରାୟରେ ସ୍ୱଷ୍ଟତା ନଥିଲା। ଜୀବନ ରକ୍ଷାକାରୀ ମେସିନ୍ ଓ ଭେଣ୍ଟିଲେଟର ଦ୍ୱାରା ହରିଶ ରହିଥିଲେ। ଏହି କାରଣ ଲାଗି ତାଙ୍କ ପରିବାର କୋର୍ଟ ଯାଇଥିଲେ। ସୁପ୍ରିମ୍‌କୋର୍ଟ ହରିଶ ରାଣାଙ୍କ ହସ୍ପିଟାଲ ଚିକିତ୍ସା ଉପଚାର ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଚିକିତ୍ସା ବନ୍ଦ ହେବାପରେ ସେ ସମ୍ମାନଜନକ ମୃତ୍ୟୁ ପାଇବେ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି। ରାୟରେ ଖଣ୍ଡପୀଠ ଜୀବନ ଓ ମୃତ୍ୟୁର ଜଟିଳତାକୁ ଉଲ୍ଲେଖ କରିଛନ୍ତି। ଭଗବାନ କେବେହେଲେ ବି କାହାକୁ ସେ ଜୀବନ ସ୍ୱୀକାର କରିବି କି ନାହିଁ ପଚାରନ୍ତି ନାହିଁ। ଏହା କୌଣସି ବିକଳ୍ପ ବା ପସନ୍ଦ ନୁହେଁ। ଆପଣଙ୍କୁ ଏହା ସ୍ୱୀକାର କରିବାକୁ ପଡ଼ିବ ବୋଲି ଖଣ୍ଡପୀଠ ଆମେରିକୀୟ ଧର୍ମ ପ୍ରଚାରକ ହେନେରୀ ୱାର୍ଡ ବିଚରଙ୍କ ଶବ୍ଦକୁ ଉଦ୍ଧାର କରିଛନ୍ତି। ଖଣ୍ଡପୀଠ ରାୟ ଦେବାବେଳେ ସେକ୍ସପିୟରଙ୍କ ପ୍ରସିଦ୍ଧ ଡିଲେମା ବଞ୍ଚିବା କିମ୍ବା ନ ବଞ୍ଚିବା କଥା ମଧ୍ୟ ଉଲ୍ଲେଖ କରିଛନ୍ତି। ୨୦୨୩ ଅଗଷ୍ଟ ୨୦ରେ ମହାବୀର ଇନ୍‌କ୍ଲେଭ୍‌ର ବାସିନ୍ଦା ହରିଶ। ଉଚ୍ଚଶିକ୍ଷା ପାଇଁ ଚଣ୍ଡିଗଡ ଯାଇଥିବା ସମୟରେ ସେ ଭଡାରେ ରହୁଥିବା ଏକ ୪ ମହଲା କୋଠାର ବାଲକୋନୀରୁ ତଳକୁ ଖସିପଡ଼ିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସେ ଏମ୍ସରେ ଚିକିତ୍ସାଧୀନ ଥିଲେ। ଏମ୍ସକୁ ଜୀବନ ରକ୍ଷାକାରୀ ସୁବିଧା କାଢ଼ି ନେବାପାଇଁ କୁହାଯାଇଛି।

# ୩୦ ଜିଲ୍ଲାରେ ନିର୍ମାଣ ହେବ ଏମ୍‌ଏସ୍‌ଏମ୍‌ଇ ପାର୍କ

ଭୁବନେଶ୍ୱର, ୧୧।୩ (ସବ୍ୟୁ): ରାଜ୍ୟରେ ଅଧିକରୁ ଅଧିକ କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ (ଏମଏସ୍‌ଏମଇ) ପ୍ରତିଷ୍ଠା ତଥା ଏହାର ସୁଦୃଢ଼ୀକରଣ ପାଇଁ ରାଜ୍ୟ ସରକାର ଏକାଧିକ ପଦକ୍ଷେପ ନେଇଛନ୍ତି। ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀଙ୍କ ଯନ୍ତ୍ରପାତିରୁ ଆରମ୍ଭ କରି ପ୍ଲାଣ୍ଟ ଉପରେ ସବ୍‌ସିଡି ଦିଆଯାଉଛି। ଏଥିସହ ମୁଖ୍ୟମନ୍ତ୍ରୀ ସୁଧ ଆମଣ୍ଟନ ଯୋଜନା(ସିଏମ-ଏସଆରଆଇଏମ୍) ଅଧୀନରେ ରାଜ୍ୟ ସରକାର ୫ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ସୁଧ ବହନ କରୁଛନ୍ତି।

ପ୍ରଶ୍ନକାଳରେ ଗୃହରେ କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏଭଳି ଉତ୍ତର ରଖିଛନ୍ତି। ବିଧାୟକ ମାନସ କୁମାର ଦତ୍ତଙ୍କ ପ୍ରଶ୍ନରେ ମନ୍ତ୍ରୀ କହିଥିଲେ, ରାଜ୍ୟ ସରକାର ଏମଏସଏମଇ ସୁଦୃଢ଼ୀକରଣ ପାଇଁ ମୁଖ୍ୟମନ୍ତ୍ରୀ ସୁଧ ଆମଣ୍ଟନ (୯ ପୃଷ୍ଠାରେ)

## ମଧ୍ୟପ୍ରାଚ୍ୟରେ ଅଟକିଥିବା ଓଡ଼ିଆମାନଙ୍କ ଫେରିବା ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

# ପରିସ୍ଥିତି ଉପରେ ନଜର ରଖିବାକୁ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୧।୩ (ସବ୍ୟୁ) : ମଧ୍ୟପ୍ରାଚ୍ୟରେ ସମ୍ପ୍ରତି ଚାଲିଥିବା ଯୁଦ୍ଧ ପରିସ୍ଥିତି ଯୋଗୁଁ ସେଠାରେ ଅନେକ ଓଡ଼ିଆ ଲୋକ ଅଟକି ରହିଥିବା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଓଡ଼ିଆ ଲୋକମାନଙ୍କୁ ଫେରାଇ ଆଣିବା ଉପରେ ଗୁରୁତ୍ୱ ଆରୋପ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ଘଟଣା ଉପରେ ଟ୍ରାକ୍ ରଖିବାକୁ ଏବଂ ଓଡ଼ିଆ ଲୋକମାନଙ୍କୁ ଫେରାଇ ଆଣିବା ପାଇଁ ବ୍ୟବସ୍ଥା କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଗତ ମାର୍ଚ୍ଚ ୨ ତାରିଖରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ମଧ୍ୟପ୍ରାଚ୍ୟ ଘଟଣା ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଥିବା ଓଡ଼ିଶା ପରିବାର ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ପ୍ରୀତିଶ ପଣ୍ଡାଙ୍କୁ ଏହାର ନୋଡାଲ (୯ ପୃଷ୍ଠାରେ)

# ୬ ସରକାରୀ କର୍ମଚାରୀ ନିଲମ୍ବିତ

କେନ୍ଦୁଝର/ଘଟଗାଁ, ୧୧।୩ (ଜିପ୍ର/ସବ୍ୟୁ) : କେନ୍ଦୁଝର ଜିଲ୍ଲାରେ ୬ ଜଣ ସରକାରୀ କର୍ମଚାରୀ ନିଲମ୍ବିତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ମଦ ପିଇ କାର୍ଯ୍ୟାଳୟରେ ଲୋକମାନଙ୍କୁ ଦୁର୍ବ୍ୟବହାର ଅଭିଯୋଗ କରିବା ଅଭିଯୋଗରେ ଘଟଗାଁ ତହସିଲ ଅଫିସର ତିନି କର୍ମଚାରୀ ଚାକିରିରୁ ନିଲମ୍ବିତ ହୋଇଥିଲା ବେଳେ କାର୍ଯ୍ୟରେଅବହେଳା କରିବାରୁ ୩ ବନ କର୍ମଚାରୀ ନିଲମ୍ବିତ ହୋଇଛନ୍ତି। ସମସ୍ତ କର୍ମଚାରୀଙ୍କୁ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂ ନିଲମ୍ବିତ କରିଛନ୍ତି।

ଘଟଗାଁ ତହସିଲରେ ନିଲମ୍ବିତ ୩ କର୍ମଚାରୀ ହେଲେ ରାଜସ ନିରୀକ୍ଷକ ଲସିବ ସିଂ ଲାଗୁରି, ଅମିନ ଲୋଚନ କୁମାର ସାମଲ, ଓ ମୁଖ୍ୟ କିରାଣୀ ଜ୍ୟୋତିର୍ମୟ ସାହୁ। ଏମାନେ ସମସ୍ତେ ନୀତି ନିୟମ ବାହାରେ କାର୍ଯ୍ୟ କରୁଥିଲେ ଲୋକମାନେ ସେମାନଙ୍କର କାର୍ଯ୍ୟ କଳାପରେ ଅସନ୍ତୁଷ୍ଟ ଥିଲେ ତହସିଲଦାର ଚାରୁଲତା ସିଂହ (୯ ପୃଷ୍ଠାରେ)

# ଜଗଦଲପୁରରେ ୧୦୮ ମାଓବାଦୀଙ୍କ ଆତ୍ମସମର୍ପଣ



- ୩ କୋଟି ନଗଦ ଟଙ୍କା ସହ ୧ କିଲୋ ସୁନା ଜବତ
- କନ୍ଧମାଳରେ ୭ ମହିଳାଙ୍କ ସମେତ ୧୦ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି/ଫୁଲବାଣୀ, ୧୧।୩ (ସବ୍ୟୁ): ଛତିଶଗଡ ଜଗଦଲପୁରରେ ୧୦୮ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିବା ବେଳେ ସେମାନଙ୍କଠାରୁ କେଜିଏ ସୁନା ଜବତ ହୋଇଛି। ଠିକ ସେହିପରି ଓଡ଼ିଶାର କନ୍ଧମାଳ ଜିଲ୍ଲାରେ ୧୦ ମାଓବାଦୀ ପୋଲିସ ଆଗରେ ଆତ୍ମସମର୍ପଣ କରିଛନ୍ତି। ଛତିଶଗଡ଼ରେ ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟିର ମାଓବାଦୀଙ୍କଠୁ ୩ କୋଟି ୨୯ ଲକ୍ଷର ନଗଦ ଅର୍ଥ ମଧ୍ୟ ଜବତ ହୋଇଛି। ବହୁ ଅତ୍ୟାଧୁନିକ ବନ୍ଧୁକ ଓ ଗୁଳି ଗୋଳା ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ହସ୍ତାନ୍ତର କରିଛନ୍ତି। ହେଲେ କେଜିଏ ସୁନା ଉପରେ ସମସ୍ତଙ୍କ ନଜର ଅଟକିଥିଲା କନ୍ଧମାଳ ପୁଲିସ୍ ପାଖରେ ଆତ୍ମସମର୍ପଣ କରିଥିବା ୧୦ ଜଣ ମାଓବାଦୀ ଆତ୍ମସମର୍ପଣ ହେଉଛନ୍ତି ହାଡ଼କୋର। କେକେବିଏନ ମାଓବାଦୀ ସଂଗଠନର ରାଜ୍ୟ କମିଟି ସଦସ୍ୟ ନିତୁ ବନ୍ଧୁକ ଛାଡ଼ିଥିବା ବେଳେ ଅନ୍ୟ ୯ ଜଣ ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ନିଷ୍ପତ୍ତି ହୋଇଛନ୍ତି। ନୀତୁ ଉପରେ ୬୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା ହୋଇଥିଲା। ଛତିଶଗଡ଼ର ଅନୁପା ଡିଭିଜନାଲ କମିଟି ସଦସ୍ୟ ଥିବା ବେଳେ ଧରାଇଦେବାକୁ ୩୩ ଲକ୍ଷର ପୁରସ୍କାର ଘୋଷଣା ହୋଇଥିଲା। ସେହିପରି ଏରିଆ କମିଟି ମେମ୍ବର ସଂଗୀତା ଓ ସୁନୀଲ ଟେଲମା ପାଇଁ ୨୧ ଲକ୍ଷ ଟଙ୍କା ଲେଖାଏଁ ଘୋଷଣା କରାଯାଇଥିଲା। ସେହିପରି ପାର୍ଟି ମେମ୍ବର ଶିଳ୍ପା, ଯମୁନା, ଗଣେଶ କୁଞ୍ଜମ, ସୁଶୀଳା, ସରିତା କୁହୁଦମ, ରଜନୀଙ୍କ ମୁଣ୍ଡ ଉପରେ ଦୁଇ ଲକ୍ଷ ୭୫ ହଜାର ଲେଖାଏଁ ପୁରସ୍କାର ଥିଲା। ଏବେ ବି ଜଙ୍ଗଲରେ ଥିବା ଟପ ମାଓନେତା ଶୁକ୍ରଓ ଅନ୍ୟମାନଙ୍କୁ ଆତ୍ମ ସମର୍ପଣ କରିବାକୁ ପୁଲିସ୍ ଆହ୍ୱାନ ଦେଇଛି। ମାର୍ଚ୍ଚ ୩୧ ଡେଡଲାଇନ ପାଖଉଥିବା ବେଳେ ଜଣକ ପରେ ଜଣେ ମାଓବାଦୀ ମୁଖ୍ୟ ସ୍ରୋତରେ ସାମିଲ ହେବାରେ ଲାଗିଛନ୍ତି।

ଫୁଲବାଣୀ ଠାରେ ଏଡିଜି (ମାଓ ବିରୋଧୀ ଅଭିଯାନ) (୯ ପୃଷ୍ଠାରେ)

# ରାଜ୍ୟରେ ଗ୍ୟାସ୍ ସଙ୍କଟ ଜାରି



## ଏଜେନ୍ସି ଆଗରେ ଲମ୍ବା ଧାଡ଼ି

## ବୁକିଂ ଥିଲେ ମିଳୁନି, ନୂଆ ବୁକିଂ ହେଉନି

## ଇଣ୍ଡକ୍ସନ ମୁହାଁ ହେଲେଣି ଉପଭୋକ୍ତା

ଭୁବନେଶ୍ୱର, ୧୧।୩ (ସବ୍ୟୁ) : ମଧ୍ୟପ୍ରାଚ୍ୟରେ ସୃଷ୍ଟି ହୋଇଥିବା ଯୁଦ୍ଧ ପରିସ୍ଥିତିକୁ ନେଇ ରନ୍ଧନ ଗ୍ୟାସ ସଙ୍କଟ ଦେଖିବାକୁ ମିଳିଛି। ସମଗ୍ର ଦେଶରେ ଏହାର ପ୍ରଭାବ ପଡ଼ିଛି। ଓଡ଼ିଶାରେ ମଧ୍ୟ ଏହାର ପ୍ରଭାବ ପରିଲକ୍ଷିତ ହେଉଛି। ରୋଷେଇ ଲାଗି ଗ୍ୟାସ ଚିନ୍ତା ବଢ଼ିବାରେ ଲାଗିଛି। ବଡ ବଡ ହୋଟେଲରେ ମଧ୍ୟ ଏହି ସଙ୍କଟ ଯୋଗୁ ବିକଳ୍ପ ରାସ୍ତା ଖୋଜିବାକୁ ଚିନ୍ତା କରାଯାଉଛି। ଓଡ଼ିଶାରେ ଲୋକମାନେ ନାହିଁ ନଥିବା ହଇରାଣ ହରକତ ହେଉଛନ୍ତି।

ରାଜ୍ୟବ୍ୟାପୀ ଏହାର ପ୍ରଭାବ ଦେଖିବାକୁ ମିଳିଛି। କୋରାପୁଟ ଜୟପୁରସ୍ଥିତ ମାରୁତି ଗ୍ୟାସ୍‌ର କାଉଣ୍ଟର ୯ଟାରେ ଖୋଲିବାମାତ୍ରେ ଅସମ୍ଭବ ଭିଡ ଲାଗିଥିଲା। ବୁକିଂ କରି ଗ୍ୟାସ୍ ପାଉନଥିବା ଉପଭୋକ୍ତା ସିଧା ଖାଲି ସିଲିଣ୍ଡର ଧରି ଏଜେନ୍ସି ନିକଟରେ ହାଜର ହୋଇଥିଲେ। ଯିଏ ବୁକିଂ କରିଛି ସେ ଗ୍ୟାସ ପାଇବ ବୋଲି କର୍ମଚାରୀମାନେ ଶୁଣାଇ ଦେଇଥିଲେ। ଖଣ୍ଡଗିରିସ୍ଥିତ ଲିଙ୍ଗରାଜ ଏଜେନ୍ସିରେ ମଧ୍ୟ ସମାନ ଚିତ୍ର ଦେଖିବାକୁ ମିଳିଥିଲା। ଘରେ ଗ୍ୟାସ ନଥିବାରୁ ଲୋକମାନେ ଏବେ ଚିନ୍ତାରେ ପଡ଼ିଯାଇଛନ୍ତି। ଗ୍ୟାସ୍ ବୁକିଂ ଅବଧିକୁ ୨୫ ଦିନ ବୃଦ୍ଧି କରାଯାଇଥିବାବେଳେ ବୁକିଂ ସତ୍ତ୍ୱେ ବି ହୋମ୍ ଡେଲିଭରୀ ବନ୍ଦ ହୋଇଯାଇଛି। ଗ୍ୟାସ (୯ ପୃଷ୍ଠାରେ)

# ରିଂ ୱାର୍ମ

ରିଂୱାର୍ମ ହେଉଛି ଏକ ପ୍ରକାର ଫଙ୍ଗାଲ୍ ଇନଫେକ୍ସନ, ଯାହା ଚର୍ମର ସବୁଠାରୁ ଉପର ସ୍ତରରେ ଥିବା 'ଡର୍ମାଟୋଫାଇଟ୍' ନାମକ କବକ ଯୋଗୁଁ ହୋଇଥାଏ । ଏଥିରେ ଚର୍ମ ଉପରେ ଗୋଲାକାର ନାଲି ରଙ୍ଗର ଦାଗ ଦେଖାଯିବା ସହ ପ୍ରବଳ କୁଣ୍ଡେଇ ହୋଇଥାଏ । ଅନେକ ସମୟରେ 'ୱାର୍ମ' ଶବ୍ଦ ଯୋଗୁଁ ଏହା କୌଣସି ପୋକ କାମୁଡ଼ିବା ଦ୍ୱାରା ହୁଏ ବୋଲି ଭ୍ରମ ସୃଷ୍ଟି ହୋଇଥାଏ, କିନ୍ତୁ ପ୍ରକୃତରେ ଏହାର ପୋକ ସହିତ କୌଣସି ସମ୍ପର୍କ ନାହିଁ । କେବଳ ଚର୍ମରେ ସୃଷ୍ଟି ହେଉଥିବା ଗୋଲାକାର ଆକୃତି ଯୋଗୁଁ ଏହାକୁ ରିଂ ୱାର୍ମ କୁହାଯାଏ । ଏହି ସଂକ୍ରମଣ ଶରୀରର ଯେକୌଣସି ଅଂଶ ଯଥା ହାତ, ଗୋଡ଼, ବେକ, ମୁହଁ, ଜଙ୍ଘର ସନ୍ଧି , ପାଦ, ମୁଣ୍ଡର ଚର୍ମ, ନଖରେ ମଧ୍ୟ ହୋଇପାରେ । ରିଂ ୱାର୍ମ ଅତ୍ୟନ୍ତ ସଂକ୍ରାମକ ହୋଇଥିବାରୁ ଏହା ସଂକ୍ରମିତ ବ୍ୟକ୍ତି ବା ପୋଷା ଜନ୍ତୁଙ୍କ ସହ ସିଧାସଳଖ ସମ୍ପର୍କରେ ଆସିଲେ କିମ୍ବା ସେମାନଙ୍କର ପୋଷାକ, ତଉଲିଆ, ଶେଯ ଓ ଜିମ୍ ଉପକରଣ ବ୍ୟବହାର କଲେ ଅତି ଶୀଘ୍ର ବ୍ୟାପିଥାଏ । ବିଶେଷ କରି ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି ଥିବା ବ୍ୟକ୍ତି, ମଧୁମେହ ରୋଗୀ, ଖେଳାଳି ଏବଂ ଛୋଟ ପିଲାମାନଙ୍କ କ୍ଷେତ୍ରରେ ଏହାର ଆଶଙ୍କା ଅଧିକ ଥାଏ । ପ୍ରବଳ ଗୁଳୁଗୁଳି, ଅତ୍ୟଧିକ ଝାଳ, ଅପରିଷ୍କାର ରହିବା ଏବଂ ଟାଇଟ୍ ପୋଷାକ ପିନ୍ଧିବା ଦ୍ୱାରା ଚର୍ମରେ ବାୟୁ ଚଳାଚଳ ବାଧାପ୍ରାପ୍ତ ହୋଇଥାଏ, ଯାହା ଫଙ୍ଗସ୍ ବଢ଼ିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରେ । ତେଣୁ ପ୍ରାଥମିକ ଲକ୍ଷଣ ଦେଖାଦେବା ମାତ୍ରେ ଏହାର ଉପଯୁକ୍ତ ଚିକିତ୍ସା ନକଲେ ଏହା ଧୀରେ ଧୀରେ ସାରା ଶରୀରକୁ ବ୍ୟାପିବାର ଭୟ ରହିଥାଏ । ତେଣୁ ଲକ୍ଷଣ ଦେଖିବା ସଙ୍ଗେସଙ୍ଗେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।



# ସୋସିଆଲ କୋଟ୍ସ



ଆଗ ଅପେକ୍ଷା ବର୍ତ୍ତମାନ କାହାଣୀର ଡିମାଣ୍ଡ ବଢୁଛି । ବର୍ତ୍ତମାନ ବିଭିନ୍ନ ପ୍ଲାଟଫର୍ମ ଆସିଲାଣି ଯେଉଁ କାରଣରୁ କାହାଣୀର ବିବିଧତା ଓ ଡିମାଣ୍ଡ ଉଭୟ ବଢୁଛି ।

**ସୁଧାଂଶୁ ପାଣ୍ଡେ, ଅଭିନେତା**



ଜୀବନରେ ପଇସା ସବୁକିଛି ନୁହେଁ, କିଛି ନିୟମ ରହିବା ଦରକାର । ଯେଉଁ କାର୍ଯ୍ୟରେ ସମାଜ ଉପରେ ନକାରାତ୍ମକ ପ୍ରଭାବ ପଡୁଛି, ତାହା କରିବା ଠିକ ନୁହେଁ ।

**ଜସି ଡେରାସ, ପଞ୍ଜାବୀ ସିଙ୍ଗର**



ମୋ ବିଷୟରେ ଅନେକ କିଛି ଲେଖା ହୁଏ ହେଲେ ଦାମିନୀଙ୍କ ଲେଖା ମୋ ମନକୁ ଛୁଇଁଛି । ତାଙ୍କ ଲେଖା ମୋତେ ଭାବପ୍ରବଣ କରିଦେଇଛି । ଜୀବନରେ ଏଭଳି ପ୍ରେମ ଖୋଜ ଯାହା ତୁମକୁ ସ୍ୱାଧୀନତା ଦେବ ।

**ରଶ୍ମିକା ମନ୍ଦାନା, ଅଭିନେତ୍ରୀ**



# ହାତ ଦେଖି ଚିହ୍ନି ହେବ ରୋଗ

ଜାପାନର କୋବେ ବିଶ୍ୱବିଦ୍ୟାଳୟର ଗବେଷକମାନେ ଏକ ନୂତନ ଅଧ୍ୟୟନରୁ ଜାଣିବାକୁ ପାଇଛନ୍ତି ଯେ କେବଳ ହାତ ପଛ ଭାଗର ଏକ ସାଧାରଣ ଫଟୋ ସାହାଯ୍ୟରେ 'ଆକ୍ରୋମେଗାଲି' ଭଳି ଏକ ବିରଳ ତଥା ଗୁରୁତର ହରମୋନ୍ ସମ୍ବନ୍ଧୀୟ ରୋଗ ଚିହ୍ନଟ କରାଯାଇପାରିବ । ଏହି ରୋଗ ଶରୀରରେ ଅତ୍ୟଧିକ ଗ୍ରୋଥ୍ ହରମୋନ୍ କ୍ଷରଣ ଯୋଗୁଁ ହୋଇଥାଏ, ଯାହା ଫଳରେ ମଧ୍ୟ ବୟସ୍କ ବ୍ୟକ୍ତିଙ୍କ ହାତ ଓ ପାଦର ଆକାର ଅସ୍ୱାଭାବିକ ଭାବେ ବଢ଼ିଯାଏ । ତେବେ ଏହି ବିରଳ ରୋଗର ଉପଯୁକ୍ତ ଚିକିତ୍ସା ଅଭାବରୁ ରୋଗୀଙ୍କ ଆୟୁଷ ପ୍ରାୟ ୧୦ ବର୍ଷ ପର୍ଯ୍ୟନ୍ତ କମିଯାଇପାରେ । ଏହି ରୋଗର ବିକାଶ ଅତ୍ୟନ୍ତ ଧୀମା ହୋଇଥିବାରୁ ଏହାକୁ ଚିହ୍ନଟ କରିବା ପାଇଁ ଅନେକ ସମୟ ଲାଗିଯାଏ । ହେଲେ ବର୍ତ୍ତମାନ ଏଆଇର ସାହାଯ୍ୟରେ ଗବେଷକମାନେ ଏହାକୁ ଖୁବ କମ ସମୟରେ ଚିହ୍ନଟ କରିପାରୁଛନ୍ତି । ଏହି ସିଷ୍ଟମ୍ ବ୍ୟକ୍ତିଙ୍କର ହାତ ପଛ ଭାଗ ଏବଂ ମୁଠା ହୋଇଥିବା ହାତର ଫଟୋକୁ ବିଶ୍ଳେଷଣ କରି ରୋଗୀଙ୍କୁ ଚିହ୍ନଟ କରିବାରେ ସକ୍ଷମ । ଯଦିଓ ଏହି ଟେକ୍ନୋଲୋଜି ଡାକ୍ତରଙ୍କ ସ୍ଥାନ ନେବ ନାହିଁ, ତଥାପି ଏହା ରୋଗକୁ ପ୍ରାରମ୍ଭିକ ପର୍ଯ୍ୟାୟରୁ ଚିହ୍ନଟ କରିବାରେ ବହୁତ ସାହାଯ୍ୟ କରିବବୋଲି ନିର୍ମାଣକାରୀ ସଂସ୍ଥା ପକ୍ଷରୁ ପ୍ରକାଶ କରାଯାଇଛି । ଆଗାମୀ ଦିନରେ ଏହାକୁ ବ୍ୟବହାରକରି ଅନ୍ୟାନ୍ୟ ରୋଗ ଯଥା ଆର୍ଥ୍ରାଇଟିସ୍ ଏବଂ ଆନିମିଆ ଭଳି ସମସ୍ୟା ମଧ୍ୟ ସହଜରେ ଚିହ୍ନଟ ହୋଇପାରିବ ବୋଲି ଆଶା କରାଯାଉଛି । ସୋସିଆଲ ମିଡିଆରେ ଏହାର ଖୁବ ଚର୍ଚ୍ଚା ହେଉଥିବା ଦେଖିବାକୁ ମିଳୁଛି ।

# ଇତିହାସ

୧୮୭୨ - ଲର୍ଡ ମାୟୋଙ୍କୁ ହତ୍ୟା କରିଥିବା ଶେର ଅଲ୍ଲୀଙ୍କୁ ଫାଶୀ ଦିଆଯାଇଥିଲା ।
୧୭୯୯ - ଅଷ୍ଟ୍ରିଆର ଫ୍ରାନ୍ସ ବିରୋଧରେ ଯୁଦ୍ଧ ଘୋଷଣା ।
୧୯୩୦ - ଦାଣ୍ଡି ଯାତ୍ରା ଅହମ୍ମଦାବାଦ ସାବରମତି ଆଶ୍ରମରୁ ଆରମ୍ଭ ।
୧୯୩୮ - ଜର୍ମାନୀର ଅଷ୍ଟ୍ରିଆ ଉପରେ ଆକ୍ରମଣ ।
୧୯୪୨ - ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବ୍ରିଟିଶ ସୈନିକଙ୍କ ଦ୍ୱାରା ଆଣ୍ଡାମାନ ଦ୍ୱୀପ ଖାଲି କରାଯାଇଥିଲା ।
୧୯୫୪ - ଭାରତ ସରକାରଙ୍କ ପକ୍ଷରୁ ସାହିତ୍ୟ ଏକାଡେମିର ସ୍ଥାପନା ।
୧୯୬୦ - ଭାରତୀୟ ମନିଷି, ଲେଖକ ଓ ବିଦ୍ୱାନ କ୍ଷିତିମୋହନ ସେନଙ୍କର ନିଧନ ।
୧୯୬୭ - ଇନ୍ଦିରା ଗାନ୍ଧି ଦ୍ୱିତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିଲେ ।
୧୯୯୩ - ମୁମ୍ବାଇରେ ବିସ୍ଫୋରଣ କାରଣରୁ ଶତାଧିକ ଲୋକଙ୍କର ମୃତ୍ୟୁ ।

# ବଢୁଛି କଳା ରସୁଣର ଚାହିଦା



ସମସ୍ତେ ସବୁବେଳେ ଧଳା ରସୁଣର ବ୍ୟବହାର କରିଥାଆନ୍ତି, ହେଲେ କଳାରଙ୍ଗର ରସୁଣମଧ୍ୟ ରହିଛି ଯାହା ଏହାଠାରୁ ଭିନ୍ନ ହୋଇଥାଏ । ତେବେ ସାଧାରଣ ରସୁଣକୁ କିଛି ସପ୍ତାହ ଧରି ସ୍ୱଳ୍ପ ତାପମାତ୍ରା ଏବଂ ଅଧିକ ଆର୍ଦ୍ରତା ମଧ୍ୟରେ ରଖି 'ମେଲାର୍ଡ ରିଆକ୍ସନ' ପ୍ରକ୍ରିୟା ଜରିଆରେ କଳା ରସୁଣ ପ୍ରସ୍ତୁତ କରାଯାଇଥାଏ । ଯାହା ଫଳରେ ଏହାର ରଙ୍ଗ କଳା ହେବା ସହ ସ୍ୱାଦ ରାଗ ବଦଳରେ ମିଠା ହୋଇଯାଏ । ବିଶେଷଜ୍ଞଙ୍କ ଅନୁଯାୟୀ, ୧୫ ଗ୍ରାମ କଳା ରସୁଣରେ ପ୍ରାୟ ୨୦ଗ୍ରାମ କ୍ୟାଲୋରୀ ରହିବା ସହ ଏଥିରେ ଭିଟାମିନ୍ ସି, ବି କମ୍ପ୍ଲେକ୍ସ, କ୍ୟାଲସିୟମ୍, ମାଙ୍ଗାନିଜ୍ ଏବଂ ଆଇରନ୍ ଭଳି ଗୁରୁତ୍ୱପୂର୍ଣ୍ଣ ଖଣିଜ ଲବଣ ଭରପୂର ମାତ୍ରାରେ ଥାଏ । ଫର୍ମେଣ୍ଟେସନ୍ ପ୍ରକ୍ରିୟା ଯୋଗୁଁ କଳା ରସୁଣରେ ଆଣ୍ଟି-ଅକ୍ସିଡାଣ୍ଟ ଏବଂ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ଅଧିକ ଶକ୍ତିଶାଳୀ ହୋଇଥାଏ । ଏଥିରେ 'ଏସ୍-ଏଲିଲ୍ ସିଷ୍ଟିନ୍' ଭଳି ଉପକାରୀ କମ୍ପାଉଣ୍ଡର ମାତ୍ରା ବୃଦ୍ଧି ପାଏ, ଯାହା ସାଧାରଣ ରସୁଣ ତୁଳନାରେ ଏହାକୁ ସ୍ୱାସ୍ଥ୍ୟ ପାଇଁ ଏକ ପ୍ରଭାବଶାଳୀ ପ୍ରାକୃତିକ ସପ୍ଲିମେଣ୍ଟରେ ପରିଣତ କରିଥାଏ । ଯଦିଓ ସାଧାରଣ ରସୁଣରେ ସଂକ୍ରମଣ ବିରୋଧରେ ଲଢ଼ିବା ପାଇଁ 'ଏଲିସିନ୍' ଅଧିକ ଥାଏ, ତଥାପି କଳା ରସୁଣ ସହଜରେ ହଜମ ହେଉଥିବାରୁ ଏବଂ ଏହାର ଗନ୍ଧ ଖୁବ୍ କମ୍ ଥିବାରୁ ଏହା ଅନେକ କ୍ଷେତ୍ରରେ ଅଧିକ ଲାଭଦାୟକ ବିବେଚିତ ହୁଏ । ଧୀରେଧୀରେ ଏହାର ଚାହିଦା ବଢୁଥିବା ଦେଖିବାକୁ ମିଳୁଛି ।

# କିଏ ହେବ ମଧୁବାଳା

ହିନ୍ଦୀ ସିନେମା ଜଗତର କିମ୍ବଦନ୍ତୀ ଅଭିନେତ୍ରୀ ମଧୁବାଳାଙ୍କ ଜୀବନୀ ଉପରେ ନିର୍ମିତ ହେବାକୁ ଥିବା ବାୟୋପିକକୁ ନେଇ ଦୀର୍ଘ ଦିନ ଧରି ଚର୍ଚ୍ଚା ଲାଗି ରହିଛି । ତେବେ ନିକଟରେ ସୋସିଆଲ ମିଡିଆ ଏବଂ କିଛି ଗଣମାଧ୍ୟମ ରିପୋର୍ଟରେ ଦାବି କରାଯାଇଥିଲା ଯେ 'ସୈୟାରା' ଫେମ୍ ଅଭିନେତ୍ରୀ ଅନୀତ ପଡ୍ଡା ଏହି ଚଳଚ୍ଚିତ୍ରରେ ମଧୁବାଳାଙ୍କ ଭୂମିକା ନିଭାଇବାକୁ ଯାଉଛନ୍ତି । ହେଲେ ବର୍ତ୍ତମାନର ସୂଚନା ଅନୁଯାୟୀ ଏହି ଖବର ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ଗୁଜବ । ବର୍ତ୍ତମାନ ସୁଦ୍ଧା ଫିଲ୍ମର କାଷ୍ଟିଂ ପ୍ରକ୍ରିୟାକୁ ନେଇ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇ ନାହିଁ ଏବଂ ଏବେ ମଧ୍ୟ ମେକର୍ସ ଏହି ପ୍ରୋଜେକ୍ଟପାଇଁ ହିରୋଇନ ସନ୍ଧାନରେ ଅଛନ୍ତି । ପୂର୍ବରୁ ମଧ୍ୟ ମଧୁବାଳାଙ୍କ ପରି ଏକ ଆଇକନିକ୍ ଚରିତ୍ର ପାଇଁ ଦୀପିକା ପାଦୁକୋନ, କଙ୍ଗନା ରଣାୱତ, ମାଧୁରୀ ଦୀକ୍ଷିତ ଏବଂ କିୟାରା ଆଡଭାନୀଙ୍କ ଭଳି ପ୍ରତିଷ୍ଠିତ ଅଭିନେତ୍ରୀଙ୍କ ନାମ ଆସିଥିଲେ ହେଁ କୌଣସି ନାମ ଉପରେ ମୋହର ବାଜି ନାହିଁ । ଯାହା ଫଳରେ ଏହି ଆଇକନିକ ଚରିତ୍ରରେ କାହାକୁ ଦେଖିବାକୁ ମିଳିବ ତାହାକୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍କଣ୍ଠା ଦ୍ୱିଗୁଣିତ ହୋଇଛି । ଭାରତୀୟ ସିନେମାର ସବୁଠାରୁ ସୁନ୍ଦରୀ ଏବଂ ପ୍ରତିଭାଶାଳୀ ଅଭିନେତ୍ରୀ ଭାବେ ପରିଚିତ ମଧୁବାଳା ନିଜ କ୍ୟାରିୟରରେ ଅନେକ ହିଟ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଛନ୍ତି । ତାଙ୍କର 'ମୁଗଲ-ଏ-ଆଜମ' ଆଜି ବି ବିଶ୍ୱ ସିନେମାର ଏକ ଅନନ୍ୟ କୃତି ଭାବେ ବିବେଚିତ ହୋଇଥାଏ । ତେଣୁ ତାଙ୍କ ଜୀବନୀକୁ ପରଦାରେ ଦେଖିବାକୁ ଫିଲ୍ମ ପ୍ରେମୀମାନେ ବହୁତ ଆଶାବାଦୀ ଅଛନ୍ତି । ସେହିଭଳି ସଠିକ୍ ସମୟ ଆସିଲେ ହିଁ ଏହି ମେଗା ପ୍ରୋଜେକ୍ଟର କାଷ୍ଟିଂ ଏବଂ ଅନ୍ୟାନ୍ୟ ସବିଶେଷ ତଥ୍ୟ ଆନୁଷ୍ଠାନିକ ଭାବେ ସାର୍ବଜନୀନ କରିବେ ବୋଲି ମେକର୍ସଙ୍କ ପକ୍ଷରୁ ସୂଚନା ମିଳିଛି ।



# ଫ୍ୟାଟି ଲିଭର ଚିକିତ୍ସାର ନୂଆ ଦିଗ

ଜେରୁଜେଲମର ହିବ୍ରୁ ବିଶ୍ୱବିଦ୍ୟାଳୟର ଗବେଷକମାନେ ଏକ ନୂତନ ଅଧ୍ୟୟନରୁ ଜାଣିବାକୁ ପାଇଛନ୍ତି ଯେ କ୍ୟାନାବିସ୍ ବା ଗଞ୍ଜେଇ ଗଛରୁ ମିଳୁଥିବା ଦୁଇଟି ଗୁରୁତ୍ୱପୂର୍ଣ୍ଣ ଯୌଗିକ 'କ୍ୟାନାବିଡିଓଲ' ଏବଂ 'କ୍ୟାନାବିଗେରୋଲ' ମାରାତ୍ମକ ଫ୍ୟାଟି ଲିଭର ରୋଗର ଚିକିତ୍ସାରେ ସହାୟକ ହୋଇପାରିବ । 'ବ୍ରିଟିଶ ଜର୍ଣ୍ଣାଲ ଅଫ୍ ଫାର୍ମାକୋଲୋଜି'ରେ ପ୍ରକାଶିତ ଏହି ଗବେଷଣା ଅନୁଯାୟୀ, ଏହି ଦୁଇଟି ଯୌଗିକ ଯକୃତରେ ଜମିଥିବା ଅତ୍ୟଧିକ ଚର୍ବିକୁ କମାଇବା ସହ ଶରୀରର ମେଟାବୋଲିକ୍ ସ୍ୱାସ୍ଥ୍ୟରେ ଉନ୍ନତି ଆଣିଥାଏ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗଞ୍ଜେଇରେ ଥିବା ଟିଏଚସି ଭଳି ଏହି ସିବିଡି ଏବଂ ସିବିଜି ଯୌଗିକଗୁଡ଼ିକ ନିଶାଦାୟକ ନୁହଁନ୍ତି, ଯାହା ଫଳରେ ଏହାକୁ ଦୀର୍ଘକାଳୀନ ଚିକିତ୍ସା ପାଇଁ ବ୍ୟବହାର କରାଯାଇପାରିବ । ବିଶ୍ୱର ପ୍ରାୟ ଏକ ତୃତୀୟାଂଶ ବୟସ୍କ ବ୍ୟକ୍ତି ବର୍ତ୍ତମାନ 'ମେଟାବୋଲିକ୍ ଡିସଫଙ୍କସନ୍-ଆସୋସିଏଟେଡ୍ ଷ୍ଟିଆଟୋଟିକ୍ ଲିଭର ଡିଜିଜ୍' ବା ଫ୍ୟାଟି ଲିଭର ସମସ୍ୟାରେ ପୀଡ଼ିତ ଥିବାବେଳେ, ଏହି ନୂତନ ଆବିଷ୍କାର ଏକ ବଡ଼ ସଫଳତା ବୋଲି ଆଲୋଚନା କରାଯାଉଛି । ବୈଜ୍ଞାନିକଙ୍କ କହିବା ଅନୁଯାୟୀ, ଏହି ଯୌଗିକଗୁଡ଼ିକ ଯକୃତରେ 'ଫସଫୋକ୍ରିଏଟିନ୍' ନାମକ ଏକ ଅଣୁର ମାତ୍ରା ବଢ଼ାଇଥାନ୍ତି, ଯାହା କୋଷଗୁଡ଼ିକ ପାଇଁ ଏକ ବ୍ୟାକଅପ୍ ବ୍ୟାଟେରୀ ଭଳି କାମ କରିଥାଏ । ଏହାସହ ଯକୃତର କୋଷଗୁଡ଼ିକୁ ସଫା ରଖୁଥିବା 'କ୍ୟାଥେପସିନ୍' ଏନଜାଇମର ସକ୍ରିୟତାକୁ ବୃଦ୍ଧି କରି କ୍ଷତିକାରକ ଚର୍ବି ଓ ବର୍ଜ୍ୟବସ୍ତୁ ବାହାର କରିବାରେ ସାହାଯ୍ୟ କରିଥାଏ । ତେବେ ମଣିଷଙ୍କ ଉପରେ ଏହାର ପୂର୍ଣ୍ଣ ପ୍ରଭାବ ଜାଣିବା ପାଇଁ ଅଧିକ କ୍ଲିନିକାଲ୍ ଟ୍ରାଏଲ୍‌ର ଆବଶ୍ୟକତା ରହିଛି ବୋଲି ଗବେଷକମାନେ ମତ ଦେଇଛନ୍ତି । ଯଦି ଏହି କ୍ଲିନିକାଲ ଟ୍ରାଏଲ ସଫଳ ହୁଏ ତେବେ ଏହା ସ୍ୱାସ୍ଥ୍ୟକ୍ଷେତ୍ରରେ ଖୁବ ପରିବର୍ତ୍ତନ ଆଣିବ ବୋଲି ବୈଜ୍ଞାନିକମାନେ ମତ ରଖିଛନ୍ତି ।





**ମେଷ**-ଶତ୍ରୁରେ ବିଜୟ, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁ ଦର୍ଶନ, ଶରୀର ସୁସ୍ଥ, ଶୁଭଖବର, ଅନୁଷ୍ଠାନରୁ ଲାଭ, ସନ୍ତାନ ସୁଖ, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୭, ଆରାଧନା-ଶଙ୍କର ଭଗବାନ ।

**ବୃଷ-** ଅର୍ଥ ସମସ୍ୟା, ନୂତନ କାର୍ଯ୍ୟରେ ଲାଭ, ବନ୍ଧୁଗୃହକୁ ଯାତ୍ରା, ଶୁଭଖବର, ଲୋକସମ୍ପର୍କ ବୃଦ୍ଧି, ବିଦେଶ ଭ୍ରମଣ, ବିଦ୍ୟାରେ ସଫଳତା, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା- ମହାଲକ୍ଷ୍ମୀ ।

**ମିଥୁନ-** ଅପମାନ, ଶରୀର କଷ୍ଟ, ବନ୍ଧୁଲାଭ, ଦୂରଯାତ୍ରା, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟରେ ଲାଭ, ଗାଡ଼ିଚାଳନାରେ ସତର୍କ, ଶତ୍ରୁ ସମସ୍ୟା, ଆଶା ବିଫଳ, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୪, ଆରାଧନା- ମା ବଗଳାମୁଖୀ ।

**କର୍କଟ-** ଧନଲାଭ, ନୂତନ କାର୍ଯ୍ୟରେ ଖୁସି, ସମ୍ପତ୍ତି ବିବାଦ, ଶରୀର ସୁସ୍ଥ, ପାରିବାରିକ ସମସ୍ୟା, ଉଚ୍ଚଆଶାରେ ଶୁଭ, ଦ୍ରବ୍ୟଲାଭ, ନିଯୁକ୍ତି ଲାଭ, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୭, ଆରାଧନା- ମା ଦକ୍ଷିଣକାଳୀ ।

**ସିଂହ-** ସମ୍ମାନିତ, ପାରିବାରିକ ଦୁଃଖ, ଅତିଥି ସତ୍କାର, ସମ୍ପତ୍ତିଲାଭ, ନୂତନ କର୍ମ ଆରମ୍ଭ, ଦାମ୍ପତ୍ୟ ଖୁସି, ଶୁଭ ଖବର, ଅନୁଷ୍ଠାନରୁ ଲାଭ, ସ୍ୱାଦିଷ୍ଟ ଭୋଜନ, ଯାତ୍ରାରେ ସାବଧାନ, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା- ପ୍ରଭୁ ରାଧାବଲ୍ଲଭ ।

**କନ୍ୟା-** ବନ୍ଧୁଲାଭ, ଆଶା ସଫଳ, ଅନୁଷ୍ଠାନରୁ ଲାଭ, ଲୋକସମ୍ପର୍କରେ ଉନ୍ନତି, ଦ୍ରବ୍ୟଲାଭ, ବିବାଦ ସମାଧାନ, ସନ୍ତାନ କଷ୍ଟ, ଅଚାନକ ମାନସିକ କଷ୍ଟ, ବ୍ୟବସାୟରେ ସ୍ୱଳ୍ପ ଲାଭ, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ୍, ସଂଖ୍ୟା-୮, ଆରାଧନା- ଲକ୍ଷ୍ମୀନାରାୟଣ ।

**ତୁଳା-** ମାନସିକ ଅଶାନ୍ତି, ବନ୍ଧୁ ବିଦ୍ରୋହ, ଯାତ୍ରାରେ ସତର୍କ, ଅର୍ଥଲାଭ, ଦେବକାର୍ଯ୍ୟରେ ଆଗ୍ରହ, ତୀର୍ଥାଟନ, ଭ୍ରାତୃଭଗ୍ନୀଙ୍କ ସ୍ନେହ, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟରେ ଲାଭ, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୭, ଆରାଧନା-ଶଙ୍କର ଭଗବାନ ।

**ବିଛା-** ମାନସିକ ଶାନ୍ତି, ବନ୍ଧୁଲାଭ, ବିବାଦମୁକ୍ତ, ଶତ୍ରୁ ସମସ୍ୟା, ଉଚ୍ଚଆଶାରେ ବିଳମ୍ବ, କଚେରୀ ମାମଲା, ଶରୀର ସୁସ୍ଥ, ନୂତନ କାର୍ଯ୍ୟ ଆରମ୍ଭ, ସନ୍ତାନ ସୁଖ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୯, ଆରାଧନା-ପ୍ରଭୁ ଜଗନ୍ନାଥ ।

**ଧନୁ-** ଶରୀର ଅସୁସ୍ଥ, ଅର୍ଥ ସମସ୍ୟା, ବ୍ୟବସାୟରେ କଷ୍ଟ, ଶତ୍ରୁ ପରାଜିତ, ଲୋକସମ୍ପର୍କ ବୃଦ୍ଧି, ଦୂରଯାତ୍ରା, କାର୍ଯ୍ୟରେ ବିବାଦ, ଅତିଥି ସତ୍କାର, ସମ୍ମାନ ଲାଭ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା-ଗ୍ରାମଦେବତୀ ।

**ମକର-** ଅର୍ଥଲାଭ, ବ୍ୟବସାୟରେ ଶତ୍ରୁତା, ଦୂରଯାତ୍ରା, ମାମଲା ସମାଧାନ, ଯାତ୍ରାରେ ଲାଭ, ଦ୍ରବ୍ୟ ପ୍ରାପ୍ତି, ନୂତନ କାର୍ଯ୍ୟ ଆରମ୍ଭ, ଶତ୍ରୁ ସମସ୍ୟା ସମାଧାନ, ସମ୍ମାନ ବୃଦ୍ଧି, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୮, ଆରାଧନା-ମା ମମଙ୍ଗଳା ।

**କୁମ୍ଭ-** ଅର୍ଥ ସମସ୍ୟା, ଦୂରଯାତ୍ରା, ଦେବକାଯର୍ଯ୍ୟରେ ଲାଭ, ଯାତ୍ରାରେ ସମସ୍ୟା, ଦ୍ରବ୍ୟନଷ୍ଟ, ଶତ୍ରୁ ସମସ୍ୟା, ବ୍ୟବସାୟିକ କଷ୍ଟ, ଗୃହେ ଉତ୍ସବ, ସନ୍ତାନ ଖୁସି, ବିଦ୍ୟାରେ ସଫଳ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣୀ, ସଂଖ୍ୟା-୬, ପ୍ରତିକାର- ଗୋମାତାଙ୍କ ସେବା ।

**ମୀନ-** ଯାତ୍ରାରେ ଶୁଭ, ସମ୍ପତ୍ତି ବିବାଦ, ଭ୍ରାତୃ କଳହ, ଶରୀର ଅସୁସ୍ଥ, ଆଶାରେ ସଫଳ, ଦ୍ରବ୍ୟ ଲାଭ, ଦାମ୍ପତ୍ୟ ଖୁସି, ପିଲାଙ୍କ ସମସ୍ୟା, ଅର୍ଥ ସମସ୍ୟା, ବନ୍ଧୁ ସହଯୋଗ, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୬, ଆରାଧନା-ମା ଭଗବତୀ ।

**ଚୈତ୍ର କୃଷ୍ଣପକ୍ଷ, ନବମୀ**
**୧୨.୩.୨୦୨୬ ଗୁରୁବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ବିଧାନସଭା



### ସେରଗଡ଼ ବ୍ଲକ ଅଧ୍ୟକ୍ଷଙ୍କୁ ଆକ୍ରମଣ ଘଟଣା

## ରାଜ୍ୟରେ ଜନପ୍ରତିନିଧି ସୁରକ୍ଷିତ ନୁହଁନ୍ତି : ବିରୋଧୀ

ଭୁବନେଶ୍ୱର(ସବ୍ୟୁ): ଗଞ୍ଜାମ ଜିଲ୍ଲା ସେରଗଡ଼ ବ୍ଲକ ଅଧ୍ୟକ୍ଷଙ୍କ ଉପରେ ଆକ୍ରମଣକୁ ନେଇ ବୁଧବାର ଗୃହରେ ହଟ୍ଟଗୋଳ ହୋଇଥିଲା । ଶୂନ୍ୟକାଳରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏହି ପ୍ରସଙ୍ଗ ଉଠାଇ ବାଚସ୍ପତିଙ୍କ ରୁଲିଂ ଦାବି କରିଥିଲେ । ବାଚସ୍ପତି ଏହି ପ୍ରସଙ୍ଗରେ ବିଚାର କରୁଛନ୍ତି ବୋଲି କହିବା ସତ୍ତ୍ୱେ ବିରୋଧୀ ବିଜେଡି ଓ କଂଗ୍ରେସ ସଭ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହୋହଲ୍ଲା କରିଥିଲେ । ନିର୍ବାଚିତ ଜନପ୍ରତିନିଧିଙ୍କ ଉପରେ ଆକ୍ରମଣ କେତେ ଯଥାର୍ଥ, ସରକାର କ'ଣ କରୁଛନ୍ତି ବୋଲି ଶ୍ରୀମତୀ ମଲ୍ଲିକ ପ୍ରଶ୍ନ କରିଥିଲେ ।

ସେହିପରି ବିଜେଡି ବିଧାୟକ ସାରଦା ପ୍ରସନ୍ନ ଜେନା ମଧ୍ୟ ସେରଗଡ଼ ବ୍ଲକ ଅଧ୍ୟକ୍ଷ ଆକ୍ରମଣ ପ୍ରସଙ୍ଗରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରି ରୁଲିଂ ଦାବି କରିଥିଲେ । ୱାର୍ଡ ମେମ୍ବରଠୁ ଆରମ୍ଭ କରି ବିଧାୟକ ପର୍ଯ୍ୟନ୍ତ ନିର୍ବାଚିତ ପ୍ରତିନିଧି ସୁରକ୍ଷିତ ନୁହଁନ୍ତି ବୋଲି ଅଭିଯୋଗ କରିଥିଲେ । ଏମିତିକି ବିରୋଧୀ ଦଳ ବିଧାୟକ ଜିତିବା ପରେ ମଧ୍ୟ ବ୍ଲକରେ ଶାସକ ଦଳ ହାରିଥିବା ବିଧାୟକ ପ୍ରାର୍ଥୀଙ୍କ କହିବା ମୁତାବକ କାମ କରିବାକୁ ବାଧ୍ୟ କରାଯାଉଛି । ଶାସକ ଦଳ ସଭ୍ୟମାନେ ଗୁଣ୍ଡାରାଜ କରୁଛନ୍ତି ବୋଲି ସେ କହିଥିଲେ । କଂଗ୍ରେସ ବିଧାୟକ ଦଳ ଉପନେତା ଅଶୋକ ଦାସ କହିଥିଲେ, ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ପାଇଁ ସରକାର ଦାୟୀ । ବିରୋଧୀ ଦଳ ଦାୟୀ ନୁହଁ ବୋଲି ଅଶୋକ କହିଥିଲେ । କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ମଧ୍ୟ ସେରଗଡ଼ ବ୍ଲକ ଅଧ୍ୟକ୍ଷଙ୍କ ଉପରେ ଆକ୍ରମଣ ନେଇ ବାଚସ୍ପତି ରୁଲିଂ ଦିଅନ୍ତୁ ବୋଲି ଦାବି କରିଥିଲେ ।

ଶାସକ ଦଳ ବିଧାୟକ ଟଙ୍କଧର ତ୍ରିପାଠୀ ବିରୋଧୀ ଦଳଙ୍କ ଉପରେ ପାଲଟା ଅଭିଯୋଗ ଆଣିଥିଲେ । ଟଙ୍କଧର କହିଥିଲେ, ବିରୋଧୀ ଦଳ ଯେତେବେଳେ ଶାସନ କ୍ଷମତାରେ ଥିଲେ, ସେତେବେଳେ ଆଇନ ଶୃଙ୍ଖଳାକୁ ଅଣଦେଖା କରୁଥିଲେ । ସେ କଥା କେମିତି ଭୁଲିଗଲେ ବୋଲି ବିରୋଧୀଙ୍କୁ ପ୍ରଶ୍ନ କରିଥିଲେ । ଭଟଲିର ତାଳୀନ ବିଧାୟକ ପୁଲିସ ଷ୍ଟେସନ ଭିତରେ ପଶି ପୋଲିସ ଉପରେ ଆକ୍ରମଣ କରିଥିଲେ । ସେତେବେଳେ କୁଆଡେ ଯାଇଥିଲା ନିନ୍ଦା ପ୍ରସ୍ତାବ । ବ୍ରହ୍ମପୁରର ପୂର୍ବତନ ବିଧାୟକ ହତ୍ୟା ମାମଲାରେ ଜେଲରେ । ସେତେବେଳେ କାହିଁକି ନିନ୍ଦା ପ୍ରସ୍ତାବ ଅଣାଗଲା ନାହିଁ । ବିଜେଡିର ଦୋମୁହାଁ ନୀତି ଚଳିବ ନାହିଁ ।

ବିଜେପି ବିଧାୟକ ବିଧାୟକ ବାବୁ ସିଂହ ଏହି ପ୍ରସଙ୍ଗରେ କହିଥିଲେ, "ଚୋର ମଚାଏ ଶୋର' । ନବ ଦାସ ମର୍ଡର, ଜଗବନ୍ଧୁ ମାଝୀର ହତ୍ୟାକାରୀ କିଏ ବୋଲି ବିରୋଧୀଙ୍କୁ ପାଲଟା ପ୍ରଶ୍ନ କରିଥିଲେ । ବାବୁ ସିଂହଙ୍କ ବିବୃତି ବେଳେ ବିଜେଡି ଓ କଂଗ୍ରେସର ବିଧାୟକମାନେ ନିଜ ଆସନରୁ ଉଠି ବାଚସ୍ପତିଙ୍କ ପୋଡିୟମ ତଳେ ନାରବାଜି କରିଥିଲେ । ସେରଗଡ଼ ପ୍ରସଙ୍ଗରେ ବାଚସ୍ପତି ରୁଲିଂ ଦିଅନ୍ତୁ ବୋଲି ବିଜେଡି ଓ କଂଗ୍ରେସର ସଭ୍ୟମାନେ ସ୍ଲୋଗାନ ଦେଇ ହୋହାଲ୍ଲା କରିଥିଲେ । ଶାସକ ଏବଂ ବିରୋଧୀ ଆରୋପ ପ୍ରତ୍ୟାରୋପ ନେଇ କମ୍ପିଥିଲା ବିଧାନସଭା । ଫଳରେ ବାଚସ୍ପତି ସୁରମା ପାଢ଼ୀ ବାଧ୍ୟ ହୋଇ ଗୃହକୁ ୧୦ ମିନିଟ ପାଇଁ ମୁଲତବୀ କରିଥିଲେ । ୧୨ଟା ୨ରୁ ୧୨ଟା ୧୨ରୁ ଗୃହ ମୁଲତବୀ ପରେ ପୁଣି ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା ।

## ପ୍ରବାସୀଙ୍କ ଲାଗି ଏକ ଟାସ୍କଫୋର୍ସ ଗଠନ ହୋଇଛି : ମନ୍ତ୍ରୀ

ଭୁବନେଶ୍ୱର,(ସବ୍ୟୁ): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିପ୍ରେକ୍ଷୀରେ ପ୍ରବାସୀ ଓଡ଼ିଆମାନେ କିପରି ସୁରକ୍ଷିତ ରହିବେ, ତାହାକୁ ନେଇ ଆଜି ବିଧାନସଭାରେ ଉଦବେଗ ପ୍ରକାଶ ପାଇଛି । ଏବେ ମଧ୍ୟପ୍ରାଚ୍ୟରେ ଘମାଘୋଟ ଯୁଦ୍ଧ ଚାଲିଛି ।ଡବଲ୍ ଇଞ୍ଜିନ ସରକାର ଟ୍ରମ୍ପଙ୍କ ଗୁଣଗାନ କରୁଛନ୍ତି । ଯୁଦ୍ଧ ନେଇ ପାଟି ଖୋଲୁ ନାହାନ୍ତି । ସରକାର ଏ ଦିଗରେ ଠୋସ୍ ପଦକ୍ଷେପ ନେବାକୁ ବିରୋଧୀ ଦାବି କରିଛନ୍ତି । ଯୁଦ୍ଧ ପାଇଁ ସରକାର ସଜାଗ ଅଛନ୍ତି ବୋଲି ଶ୍ରମ ମନ୍ତ୍ରୀ କହିଛନ୍ତି । ବୁଧବାର ବିଜେଡି ପକ୍ଷରୁ "ଓଡ଼ିଆ ଶ୍ରମିକ, ଛାତ୍ରଛାତ୍ରୀ ଓ ବୃତ୍ତିଜୀବୀମାନେ ବାହାର ରାଜ୍ୟରେ ଓ ବିଦେଶରେ ହେଉଛନ୍ତି ନିର୍ଯାତିତ । ଓଡ଼ିଆ ଅସ୍ମିତା ଓ ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପର ଅଭାବ' ଶୀର୍ଷକ ମୁଲତବୀ ପ୍ରସ୍ତାବ ଆଲୋଚନା ଆରମ୍ଭ କରି ବରିଷ୍ଠ ବିଧାୟକ ଅରୁଣ ସାହୁ କହିଥିଲେ, ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସମୟରେ ସେଠାରେ ଓଡ଼ିଆମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ହଜାର ହଜାର ପରିବାର ଭୟଭୀତ ଅବସ୍ଥାରେ ଅଛନ୍ତି । ନା ସେମାନେ ଘରକୁ ଫେରିପାରୁଛନ୍ତି ନା ରୋଜଗାର କରି ଘରକୁ ଟଙ୍କା ପଠାଇପାରୁଛନ୍ତି । ରାଜ୍ୟ ସରକାରଙ୍କର କ'ଣ ପ୍ରସ୍ତୁତି, ତାହା ବୁଝାପଡୁ ନାହିଁ । ସାଉଦି ଆରବ, କତାର ଓ ବାହାରିନ ଆଦି ଦେଶରେ ୩ରୁ ୪ ଲକ୍ଷ ଓଡ଼ିଆ ଅଛନ୍ତି । ସେମାନଙ୍କୁ ସୁରକ୍ଷିତ ଭାବେ ଓଡ଼ିଶାକୁ ଫେରାଇ ଆଣିବାକୁ ରାଜ୍ୟ ସରକାର ଠିକ୍ ସମୟରେ ପଦକ୍ଷେପ ନେଇପାରି ନାହାନ୍ତି । ଯୁଦ୍ଧ ନୁହେଁ ଶାନ୍ତି ଦରକାର ବୋଲି ଏକ ସଂକଳ୍ପପତ୍ର ସଂସଦରେ ପାରିତ ହେବା କଥା । ଆଜି ବିଧାନସଭାରେ ସେହି ସଂକଳ୍ପ ପାରିତ କରି ଅଭିଯାନ ଆରମ୍ଭ କରାଯାଉ । ବିଜେଡି ସଭ୍ୟ ଧ୍ରୁବ ସାହୁ କହିଥିଲେ, କେନ୍ଦ୍ର ସରକାରଙ୍କ ସହ ରାଜ୍ୟ ସରକାର ନିୟମିତ ଯୋଗାଯୋଗରେ ରହି ମଧ୍ୟପ୍ରାଚ୍ୟରେ ଲୋକଙ୍କ ଖବର ରଖନ୍ତୁ । ହେଲପ ଲାଇନ୍ ନମ୍ବର, ମନିଟରିଂ ସେଲ୍ ପ୍ରସ୍ତୁତ ରଖାଯାଉ । ବିଜେଡି ସଭ୍ୟ ଦିବ୍ୟଶଙ୍କର ମିଶ୍ର କହିଥିଲେ, ଓଡ଼ିଆ ଅସ୍ମିତା କଥା କହୁଥିବା ସରକାର ବିଦେଶରୁ ଓଡ଼ିଆଙ୍କୁ ଉଦ୍ଧାର କରିବାକୁ କ'ଣ ପଦକ୍ଷେପ ନେଇଛନ୍ତି । ବୈଦେଶିକ ମନ୍ତ୍ରଣାଳୟ ସହ କେଉଁ ଅଧିକାରୀ ଯୋଗାଯୋଗରେ ଅଛନ୍ତି? କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି କହିଥିଲେ, ସରକାର କହୁଛନ୍ତି ୧୦୬ ଲାଇସେନ୍ସପ୍ରାପ୍ତ ଠିକାଦାରଙ୍କ ମାଧ୍ୟମରେ ୫୦୦୦ ପ୍ରବାସୀ ଶ୍ରମିକ କାମ କରିବାକୁ ବାହାରକୁ ଯାଇଛନ୍ତି । କିନ୍ତୁ ଏହି ସଂଖ୍ୟା ବହୁ ଅଧିକଛ ଦାଦନ ଶ୍ରମିକ ନିର୍ଯାତିତ ହେଉଛନ୍ତି, କିନ୍ତୁ ସରକାର ଫେରାଇ ଆଣିପାରୁ ନାହାନ୍ତି । ବାହାରେ କେତେ ଶ୍ରମିକ କଳକାରଖାନାରେ କାମ କରୁଛନ୍ତି, ସେହି ହିସାବ ସରକାରଙ୍କ ପାଖରେ ନାହିଁ । ତେଣୁ ସରକାର ଫେରାଇ ଆଣିବେ କିପରି?

ବିଜେପି ସଭ୍ୟମାନଙ୍କ ଯୁକ୍ତି ଥିଲା, ଯୁଦ୍ଧ ଯୋଗୁ ପ୍ରବାସୀମାନେ ନିଶ୍ଚିତ ଭୟଭୀତ ଅବସ୍ଥାରେ ଅଛନ୍ତି । କିନ୍ତୁ ରାଜ୍ୟ ସରକାର ଚୁପ୍ ହୋଇ ବସିନାହାନ୍ତି । କେନ୍ଦ୍ର ସରକାରଙ୍କ ସହ ନିୟମିତ ଯୋଗାନଯୋଗରେ ଅଛନ୍ତି । ଟୋଲ୍ ଫ୍ରି ନମ୍ବର ଜାରି କରାଯାଇଛି । ଦାଦନ ରୋକିବା ପାଇଁ ସରକାର ଟାସ୍କଫୋର୍ସ ବି ଗଠନ କରିଛନ୍ତି । ଭାରତ ସବୁବେଳେ ଶାନ୍ତିର ବାର୍ତ୍ତା ଦିଏ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶାନ୍ତିର ବାର୍ତ୍ତା ଦେଉଛନ୍ତି ବୋଲି ସେ ବିଶ୍ୱଗୁରୁ । ଶାସକ ଦଳ ପକ୍ଷରୁ ପକ୍ଷରୁ ପୂର୍ଣ୍ଣଚନ୍ଦ୍ର ସେଠୀ, ସନ୍ତୋଷ ଖଟୁଆ ଓ ଉମା ଚରଣ ମଲ୍ଲିକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରି ଶ୍ରମ ମନ୍ତ୍ରୀ ଗଣେଶ ରାମସିଂହ ଖୁଣ୍ଟିଆ କହିଥିଲେ, ଆମ ସରକାର କ୍ଷମତାକୁ ଆସିବା ପରେ ବାହାର ରାଜ୍ୟରେ ଓ ବିଦେଶରେ ରହୁଥିବା ଓଡ଼ିଆ ଶ୍ରମିକ ଓ ବୃତ୍ତିଜୀବୀମାନଙ୍କ ସୁରକ୍ଷା ନିମନ୍ତେ ବହୁ ପଦକ୍ଷେପ ନେଇଛନ୍ତି । ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କଫୋର୍ସ ଗଠନ କରାଯାଇଛି । ଓଡ଼ିଶାର ପ୍ରବାସୀ ଶ୍ରମିକମାନଙ୍କ ସମସ୍ୟା ସମାଧାନ ପାଇଁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି । ୧୪ଟି ପ୍ରବାସୀ ଶ୍ରମିକପ୍ରବଣ ଜିଲ୍ଲା ଚିହ୍ନଟ କରାଯାଇଛି । ସେଗୁଡ଼ିକ ହେଲା ବଲାଙ୍ଗୀର, ବରଗଡ଼, କଳାହାଣ୍ଡି, ନୂଆପଡ଼ା, ସୁବର୍ଣ୍ଣପୁର, ଗଞ୍ଜାମ, ଗଜପତି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କେନ୍ଦ୍ରାପଡ଼ା, ପୁରୀ, ସୁନ୍ଦରଗଡ଼ ଓ ଖୋର୍ଦ୍ଧା । ଏହା ମଧ୍ୟରେ ନିଃଶୁ◂ ଶ୍ରମିକ ସହାୟତା ହେଲପ ଲାଇନ୍ ନମ୍ବର(୧୮୦୦୩୪୫୬୭୦୩) ଜାରି କରାଯାଇଛି । ୧୪ ଜିଲ୍ଲାର ଏସପିଙ୍କ ଅଧୀନରେ ଥିବା ମାନବ ଚାଲାଣୟୁନିଟକୁ ସଶକ୍ତ କରାଯାଇଛି । ତିନୋଟି ରାଜ୍ୟ ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ ଓ ଗୁଜୁରାଟରେ ଓଡ଼ିଶା ପ୍ରବାସୀ ଶ୍ରମିକ ସହାୟତା ଡେସ୍କ କାର୍ଯ୍ୟ କରୁଛି । ବର୍ତ୍ତମାନର ଯୁଦ୍ଧ ପରିପ୍ରେକ୍ଷୀରେ ସରକାର ସମ୍ପୂର୍ଣ୍ଣ ସଚେତନ ଅଛନ୍ତି । ନିୟମିତ ଭାବେ ପରିସ୍ଥିତିର ତଦାରଖ କରାଯାଇ ବୈଦେଶିକ ମନ୍ତ୍ରଣାଳୟ ସହ ଯୋଗାଯୋଗ ରଖାଯାଇଛି । ଦୁବାଇ ଯାଇଥିବା ୩୫ ପର୍ଯ୍ୟଟକଙ୍କୁ ଫେରାଇ ଆଣିବାର ବନ୍ଦୋବସ୍ତ କରାଯାଇଥିଲା ।

### ବଳଭଦ୍ର ଜୈବିକ ଚାଷ ମିଶନ

## ୫ ବର୍ଷରେ ୯୦୬୭ ହେକ୍ଟର ଜମିରେ ଚାଷ ଲକ୍ଷ୍ୟ

ଭୁବନେଶ୍ୱର,(ସବ୍ୟୁ): ରାଜ୍ୟ ସରକାର ଜୈବିକ ଚାଷକୁ ଉତ୍ସାହିତ କରିବା ନିମନ୍ତେ ବଳଭଦ୍ର ଜୈବିକ ଚାଷ ମିଶନକୁ ୨୦୨୫-୨୬ ଆର୍ଥିକ ବର୍ଷରୁ ଆରମ୍ଭ କରିଛନ୍ତି । ଏହି ଯୋଜନା ୨୦୨୫-୨୬ରୁ ୨୦୨୯-୩୦ ଦୀର୍ଘ ୫ବର୍ଷ ପାଇଁ ୧୧ ଗୋଟି ଜିଲ୍ଲାରେ ୯୦୬୭୦ ହେକ୍ଟର ଜମିରେ କାର୍ଯ୍ୟକାରୀ ହେବ ବୋଲି ଆଜି ଗୃହରେ ଉତ୍ତର ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ବିଧାୟକ ଦୁର୍ଗା ଚରଣ ତନ୍ତୀଙ୍କ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ପକ୍ଷରୁ ଶ୍ରୀ ହରିଚନ୍ଦନ କହିଥିଲେ ଯେ ଏହି ଯୋଜନାର ଅମୃତ ଅନ୍ନ ବିଭାଗ ମାଧ୍ୟମରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର କୋଠଭୋଗ ଓ ମହାପ୍ରସାଦ ନିମନ୍ତେ ବ୍ୟବସ୍ଥା ହେଉଛି । ରସାୟନମୁକ୍ତ, ଜୈବିକ ସୁଗନ୍ଧିତ ଚାଉଳ ଓ ଡାଲି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନଙ୍କୁ ଯୋଗାଇ ଦେବାର ବ୍ୟବସ୍ଥା କରାଯାଉଛି । ଏହା ଜଗନ୍ନାଥ ସଂସ୍କୃତିକୁ ସମୃଦ୍ଧ ଓ ଗୌରବାନ୍ୱିତ କରିବ ।



ଚଳିତବର୍ଷ ରାଜ୍ୟରେ ମୋଟ ୧୬,୮୭୦ ହେକ୍ଟର ଚାଷ ଜମିରେ ଜୈବିକ ଚାଷ ହେଉଛି । ତନ୍ମଧ୍ୟରେ ୨୭୦ ହେକ୍ଟରରେ ଅମୃତ ଅନ୍ନ ଚାଷ କରାଯାଉଛି । ବଳଭଦ୍ର ଜୈବିକ ଚାଷ ମିଶନ ଅଧୀନରେ ଚାଷୀମାନଙ୍କ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ସହିତ ଦକ୍ଷତା ବୃଦ୍ଧି ଲାଗି ଜୈବ ଉତ୍ପାଦନ ଓ ସେଗୁଡ଼ିକର ବ୍ୟବହାର ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଉଛି । ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ ଡିବିଟି ମାଧ୍ୟମରେ ଚାଷୀମାନଙ୍କୁ ପ୍ରୋତ୍ସାହନ ଦିଆଯାଉଛି । ଜୈବିକ ଚାଷର ପ୍ରମାଣିକରଣ ସହିତ ଚାଷୀମାନଙ୍କ ଆୟ ବଢ଼ାଇବା ପାଇଁ ଜୈବିକ ଉତ୍ପାଦଗୁଡ଼ିକର ପ୍ରାଥମିକ ପ୍ରକ୍ରିୟାକରଣ, ମୂଲ୍ୟ ଯୁକ୍ତ ଏବଂ ଜୈବିକ ଉତ୍ପାଦର ବଜାର ସମ୍ପର୍କ ସ୍ଥାପନା କରାଯାଉଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ବିଧାୟିକା ଉପାସନା ମହାପାତ୍ର, ବିଧାୟକ ଦୁର୍ଗା ଚରଣ ନାୟକ ଓ ବିଧାୟକ ଦିବ୍ୟ ଶଙ୍କର ମିଶ୍ର ଅତିରିକ୍ତ ପଶ୍ନରେ ଅଂଶଗ୍ରହଣ କରିଥିଲେ ।

### ରାସନକାର୍ଡ ହିତାଧିକାରୀଙ୍କୁ ଠକୁଛନ୍ତି ଡିଲର

## ୭୫ ଡିଲରଙ୍କ ଲାଇସେନ୍ସ ହୋଇଛି ବାତିଲ

ଭୁବନେଶ୍ୱର,(ସବ୍ୟୁ): ରାସନକାର୍ଡ ହିତାଧିକାରୀଙ୍କୁ ଓଜନ ମାପରେ ଡିଲରମାନେ ଠକୁଛନ୍ତି । ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟରେ ଚାଲିଥିବା ବିଧାନସଭାର ଚର୍ଚ୍ଚା ମଧ୍ୟରେ ଏଭଳି ସାଙ୍ଘାତିକ ତଥ୍ୟ ଆସିଛି । ରାଜ୍ୟରେ ୭୫ଟି ରାସନ ଡିଲରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ସେମାନଙ୍କ ଲାଇସେନ୍ସ ବାତିଲ କରିଛନ୍ତି ସରକାର ।

ଚଳିତ ଆର୍ଥିକ ବର୍ଷ ୩୬୨୪ଟି ତଦନ୍ତ କରାଯାଇ ୭୫ଜଣ ରାସନ ଡିଲରଙ୍କ ଲାଇସେନ୍ସ ବାତିଲ କରାଯିବା ସହ ଜଣଙ୍କ ବିରୁଦ୍ଧରେ ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ବିଧାନସଭାରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଲିଖିତ ଉତ୍ତର ଦେଇଛନ୍ତି । ଶ୍ରୀ ପାତ୍ର ଦର୍ଶାଇଛନ୍ତି, ରାଜ୍ୟରେ ରାସନକାର୍ଡ ମାଧ୍ୟମରେ ଖାଉଟି ଇ-ପୋସ ମେସିନ ସହିତ ମାପ ଓଜନ ଯନ୍ତ୍ର ସଂଯୋଗ କରାଯାଇ ବାୟୋମେଟ୍ରିକ୍ ଅନଲାଇନ୍ ସୁନିଶ୍ଚିତ କରାଯାଇ ବଣ୍ଟନ କରାଯାଉଛି । ଏତଦ୍‌ବ୍ୟତୀତ ଯୋଗାଣ ଅଧିକାରୀମାନେ ନିୟମିତ ପ୍ରତ୍ୟେକ ଖାଉଟି କେନ୍ଦ୍ର ଯାଞ୍ଚ କରୁଛନ୍ତି । ଅଭିଯୋଗ ହସ୍ତଗତ ହେଲେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉଛି । ଏକ ଅଣତାରକା ପ୍ରଶ୍ନରେ ବିଧାୟକ ରାମଚନ୍ଦ୍ର କାଡ଼ାମ ପ୍ରଶ୍ନ ପଚାରିଥିଲେ ଯେ ରାଜ୍ୟରେ ଅନେକ ଅଞ୍ଚଳରେ ଚାଉଳ ବଣ୍ଟନ କେନ୍ଦ୍ରରେ ଓଜନ କମ ଦେବା, ନିମ୍ନମାନର ବଣ୍ଟନ ଏବଂ ଅନିୟମିତ ଯୋଗାଣ ନେଇ ଗୁରୁତର ଅଭିଯୋଗ ଆସୁଛି । ଏହି ଅନିୟମ ରୋକିବା ପାଇଁ ସରକାର କେତେ ତଦନ୍ତ ଏବଂ ନିରୀକ୍ଷଣ କରାଇଛନ୍ତି? କେତେ ରାସନ ଡିଲରଙ୍କ ଲାଇସେନ୍ସ ବାତିଲ କରାଯାଇଛି ଓ କେତେ ମାମଲାରେ ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ନିଆଯାଇଛି?

## ୩୦ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ବ୍ୟବସାୟିକ ନିବେଶ ବାହାନାରେ ୩୦ଲକ୍ଷ ଟଙ୍କା ଠକିନେଇଥିବା ଅଭିଯୁକ୍ତକୁ ମଞ୍ଚେଶ୍ୱର ଥାନା ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି ।

ଅଭିଯୋଗକାରୀ ବିଜୟ ଶାହା (୬୩)ଙ୍କୁ ବ୍ୟବସାୟିକ ନିବେଶ କରିବାକୁ ପ୍ରଭାବିତ କରାଇ ଅଭିଯୁକ୍ତ ନିନ ଓରଫ ବିଶ୍ୱଜିତ ମହାନ୍ତି (୭୦) ନିଜ ବ୍ୟାଙ୍କ ଖାତାକୁ ୩୦ଲକ୍ଷ ଟଙ୍କା ନେଇଥିଲା । ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଟଙ୍କା ଫେରାଇବାକୁ ଦୁହିଁଙ୍କ ମଧ୍ୟରେ ଚୁକ୍ତିନାମା ହୋଇଥିଲା । ହେଲେ ଟଙ୍କା ପାଇବା ପରେ ଅଭିଯୁକ୍ତ ଜାଣିଶୁଣି ବିଭିନ୍ନ ମିଛ ବାହାନା ଦେଖାଇ ଟଙ୍କା ଫେରାଇବାକୁ ଏଡାଇ ଯାଇଥିଲା । ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଥିବା କାରଖାନାକୁ ଗୁପ୍ତ ଭାବରେ ବନ୍ଦ କରିଦେଇ ଖସିଯାଇଥିଲା ।

ଉପାୟଶୂନ୍ୟ ହୋଇ ବିଜୟ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲା । ତାଙ୍କ ଅଭିଯୋଗ ଓ ଟଙ୍କା ଦେବା ନେବାର କାଗଜପତ୍ର ସହ ଚୁକ୍ତିନାମାକୁ ପୋଲିସ ଦେଖି ଅଭିଯୁକ୍ତକୁ ଗିରଫ କରିବାରେ ସମର୍ଥ ହେଲା । ୨୦୨୨ ମସିହା ଜୁଲାଇ ୭ ତାରିଖରେ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତକୁ ଗିରଫ କରିପାରି ନଥିଲା । କାରଣ ସେ କେଉଁଆଡେ ଫେରାର ହୋଇଯାଇଥିଲା । ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ପୋଲିସ ବୁଧବାର ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି ।

## ସୋଆ ଆଇବିସିଏସ୍ ପକ୍ଷରୁ ବିଜିନେସ୍ ମେଳା 'ମାର୍କ-ଆଇଟି'

ଭୁବନେଶ୍ୱର, (ସବ୍ୟୁ) : ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ (ଆଇବିସିଏସ) ପକ୍ଷରୁ ବୁଧବାର କ୍ୟାମ୍ପସ୍ ୨ ପରିସରରେ 'ମାର୍କ -ଆଇଟି : ମ୍ୟାର୍କେଟିଂ ଫେୟାର୍ ୧.୦ -୨୦୨୬' ବିଜିନେସ୍ ମେଳା ଆୟୋଜିତ ହୋଇଯାଇଛି। ଏହି ଅବସରରେ ସୋଆର ଉପସଭାପତି ଶ୍ରୀମତି ଶାଶ୍ୱତୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ କରିବା ଅବସରରେ ଶ୍ରୀମତି ଦାସ କହିଥିଲେ ଯେ କେବଳ ଅଧ୍ୟୟନ ନୁହେଁ ବରଂ ଏଥି ସହିତ ଛାତ୍ରଛାତ୍ରୀମାନେ କିଭଳି ନିଜ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ପ୍ରସ୍ଫୁଟିତ କରିପାରିବେ ତାହାକୁ ପ୍ରୋତ୍ସାହନ ଦେବା ପାଇଁ ଏହି ମେଳା ଏକ ଭିନ୍ନଧରଣ ପ୍ରୟାସ। ଯାହାକି ପ୍ରଥମ ଥର ପାଇଁ ଆଇବିସିଏସ୍ ପକ୍ଷରୁ ଆୟୋଜନ କରାଇଛି। ଏହି ଅବସରରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗ ଦେଇ ଏଭଳି ବିଜିନେସ ମେଳା ଦ୍ୱାରା ଛାତ୍ରଛାତ୍ରୀମାନେ ମାର୍କେଟିଂ ଦିଗ ପ୍ରତି ଆକୃଷ୍ଟ ହେବେ ବୋଲି କହିଥିଲେ।

### "ନ୍ୟାୟ ସଂହିତା ପ୍ରଦର୍ଶନୀ"

## ନୂତନ ଅପରାଧିକ ଆଇନ ସମ୍ପର୍କରେ ଅବଗତ ହେଲେ ଗଣମାଧ୍ୟମ ସଂପାଦକ

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱରସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା "ନ୍ୟାୟ ସଂହିତା ପ୍ରଦର୍ଶନୀ" ଏକ ମନୋଜ୍ଞ ପରିବେଶ ମଧ୍ୟରେ ସଫଳତାର ସହିତ ଜାରି ରହିଛି। ପରିଦର୍ଶନ କରି ଭାରତର ନୂତନ ଅପରାଧିକ ଆଇନ ସମ୍ପର୍କରେ ଅବଗତ ହୋଇଥିଲେ।

ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ସମ୍ବାଦପତ୍ର ଓ ବୈଦ୍ୟୁତିକ ଗଣମାଧ୍ୟମର ସମ୍ପାଦକମାନଙ୍କ ସହ ନୂତନ ନ୍ୟାୟ ସଂହିତାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ନୂତନ ଆଇନ ବ୍ୟବସ୍ଥାରେ ପୀଡ଼ିତଙ୍କୁ ଦ୍ରୁତ ଓ ସୁନିଶ୍ଚିତ ନ୍ୟାୟ ପ୍ରଦାନ କରାଯିବା ସହିତ ତଦନ୍ତ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ପ୍ରଯୁକ୍ତି ନିର୍ଭର ଓ ପ୍ରଭାବଶାଳୀ କରାଯାଇଛି ବୋଲି ଡିଜିପି ମତବ୍ୟକ୍ତ କରିଥିଲେ । ଏହା ସହ ଫରେନସିକ ତଦନ୍ତ, ଡିଜିଟାଲ୍ ପ୍ରମାଣର ସ୍ୱୀକୃତି ଓ ସମୟସୀମା ମଧ୍ୟରେ ତଦନ୍ତ ପ୍ରକ୍ରିୟା ଭଳି ପ୍ରସଙ୍ଗରେ ମଧ୍ୟ ଆଲୋଚନା କରିଥିଲେ । ପ୍ରଦର୍ଶନୀରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ନୂତନ ଅପରାଧିକ ଆଇନରେ ତଦନ୍ତ ପ୍ରକ୍ରିୟା, ପୀଡ଼ିତଙ୍କ ଅଧିକାର, ବୈଜ୍ଞାନିକ କୌଶଳ ପ୍ରୟୋଗ, ଓ ଶୀଘ୍ର ନ୍ୟାୟ ପ୍ରଦାନ ବ୍ୟବସ୍ଥା ସମ୍ପର୍କରେ ସମସ୍ତ ବର୍ଗର ବ୍ୟକ୍ତି



ପଥପ୍ରାନ୍ତ ନାଟକ ତଥା ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ସାଧାରଣ ଲୋକଙ୍କୁ ଭାରତର ନୂତନ ଅପରାଧିକ ଆଇନ ସମ୍ପର୍କରେ ଅବଗତ କରାଯାଉଛି। ଏହି ଅବସରରେ ଆଜି ଭିନ୍ନ ଭିନ୍ନ ସମୟରେ ନ୍ୟାୟିକ ବିଭାଗର ଅଧିକାରୀ ଓ କର୍ମଚାରୀ, ରାଜ୍ୟର ବହୁ ପ୍ରତିଷ୍ଠିତ ସମ୍ବାଦପତ୍ର ତଥା ବୈଦ୍ୟୁତିକ ଗଣମାଧ୍ୟମର ସମ୍ପାଦକ ଓ ବ୍ୟୁରୋ ଚିଫ୍, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା, ଗୃହ ବିଭାଗର ଅଧିକାରୀ ଓ କର୍ମଚାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଏବଂ କ୍ରୀଡା ଓ ଯୁବ ସେବା ବିଭାଗର କ୍ରୀଡ଼ାବିତମାନେ ପ୍ରଦର୍ଶନୀକୁ ବିଶେଷଙ୍କୁ ସଚେତନ କରାଯାଉଛି। କଳାକାର ମାନେ "ଅପରାଧସ୍ଥଳରୁ ହାଇକୋର୍ଟ ପର୍ଯ୍ୟନ୍ତ" ସମଗ୍ର ନ୍ୟାୟ ବ୍ୟବସ୍ଥାକୁ ଏକ ସମନ୍ୱିତ ଓ ଶିକ୍ଷା ମୂଳକ ଶୈଳୀରେ ପ୍ରଦର୍ଶିତ କରୁଛନ୍ତି, ଯାହା ସମାଜର ସମସ୍ତ ବର୍ଗର ବ୍ୟକ୍ତି ବିଶେଷଙ୍କ ମହଲରେ ଆଦୃତ ହେଉଛି । ଅପରାଧ ଘଟଣାରୁ ଆରମ୍ଭ କରି ପୋଲିସ ତଦନ୍ତ ଓ ନ୍ୟାୟ ପ୍ରକ୍ରିୟା ପର୍ଯ୍ୟନ୍ତ ସମଗ୍ର ଘଟଣାକୁ ନାଟକ ମାଧ୍ୟମରେ ଦେଖାଯାଉଥିବାରୁ ଦର୍ଶକମାନେ ସହଜରେ ନୂତନ ଆଇନର ବିଭିନ୍ନ ପ୍ରାସଙ୍ଗିକତା ବୁଝିପାରୁଛନ୍ତି। ଏହି କାର୍ଯ୍ୟକ୍ରମ ଦର୍ଶକମାନଙ୍କ ମଧ୍ୟରେ ବେଶ ଆକର୍ଷଣ ସୃଷ୍ଟି କରିଛି।

### ସାଇବର ଆର୍ଥିକ ଠକେଇ ଓ ମନିଲଣ୍ଡରିଂ ଅଭିଯୋଗ

## ୨ ଅଭିଯୁକ୍ତଙ୍କୁ ଗିରଫ କଲା ସାଇବର ଥାନା

ପୁରୀ, (ସବ୍ୟୁ): ସାଇବର ଅପରାଧ, ଆର୍ଥିକ ଠକକେଇ ଓ ମନି ଲଣ୍ଡରିଂ ଅପରାଧରେ ସଂପୃକ୍ତ ଥିବା ଦୁଇ ଜଣ ସାଇବର ଅପରାଧି ଠକ ଙ୍କୁ ମଙ୍ଗଳବାର ଗିରଫ କରିଛି ପୁରୀ ସାଇବର ଥାନା। ଅଭିଯୁକ୍ତ ଦ୍ୱାୟଙ୍କ ପରିଚୟ ହେଲା ଖୋର୍ଦ୍ଧା ଜିଲ୍ଲା ବାଲି ପାଟଣା ଥାନା ଅଧୀନ ବାଲି ପାଟଣା ର ଭାଗିରଥି ପ୍ରଧାନ(୫୫) ଓ ଝାଡଖଣ୍ଡ, ବୋକାରୋରେ ରହୁ ଥିବା ତାର୍ସେନ ସିଂ ସୋଧି (୪୮)। ଅଭିଯୁକ୍ତଙ୍କ ଠାରୁ ପୋଲିସ ୩ ଗୋଟି ମୋବାଇଲ ଫୋନ, ଭିସା କାର୍ଡ, ବ୍ୟାଙ୍କ ଚେକ୍ ବୁକ୍, ରୂପେ କାର୍ଡ, ୧୩ ଗୋଟି ପାସ ବୁକ୍ ସମେତ ବିଭିନ୍ନ କାଗଜ ପତ୍ର ଜବତ କରିଛି। ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ପୁରୀ ଏସପି ପ୍ରତୀକ ସିଂହ କହଛନ୍ତି ଯେ, ଗତ ମାର୍ଚ୍ଚ ୯ ତାରିଖରେ ପୁରୀ ସାଇବର ଥାନା ବିଶେଷ ସୂତ୍ରରୁ ଖବର ପାଇ ଥିଲା ଦିଲ୍ଲୀ ର ଅମରେଶ କୁମାର ନାମକ ଜଣେ ବ୍ୟକ୍ତି ଆର୍ଥିକ ଠକେଇ ଉଦ୍ଦେଶ୍ୟରେ ପୁରୀ ଆସୁଛି। ପୁରୀ ସାଇବର ଥାନା ପୋଲିସ ମିଳି ଥିବା ତଥ୍ୟ ଅନୁସାରେ ତାକୁ ଟ୍ରାକିଙ୍ଗ କରି ଥିଲା। ଅମ ରେଶ୍କୁ ପୋଲିସ ହେପାଜତକୁ ନେଇ ତଦନ୍ତ ଆରମ୍ଭ କରି ଥିଲା। ତଦନ୍ତ ସମୟରେ ପୋଲିସ ତା ନିକଟରୁ ବିପୁଳ ପରିମାଣର ବ୍ୟାଙ୍କ ଏଟିମ୍ କାର୍ଡ, ପାସ ବୁକ୍, ଚେକ୍ ବୁକ୍ ଜବତ କରି ଥିଲା। ତଦନ୍ତ ସମୟରେ ପୋଲିସ ଜାଣିବାକୁ ପାଇ ଥିଲା ତା ର ନାମରେ ୮ ଗୋଟି ରୁ ଉର୍ଦ୍ଧ ସାଇବର ଅପରାଧ ଓ ଆର୍ଥିକ ଠକେଇ ମାମଲା ରହିଛି। ସେ ଲକ୍ଷାଧିକ ଟଙ୍କା ତାର ବିଭିନ୍ନ ବ୍ୟାଙ୍କ ଖାତାରେ ଜମା ଓ



ଉଠାଣ କରିଛି। କେବଳ ସେତିକି ନୁହେଁ ଅମରେଶ ଓ ତାର କିଛି ସହଯୋଗୀ କରେଣ୍ଟ ଆକାଉଣ୍ଟ କରି କରୁଥିଲେ ଆର୍ଥିକ ଠକେଇ । ନକଲି ଆପରେ ଚାଲି ଥିଲା ଠକେଇ । ପୁରୀରୁ ଝାଡ଼ଖଣ୍ଡ , ଦିଲ୍ଲୀ ଯାଏଁ ଲମ୍ବିଛି ଏହି ସାଇବର ଠକଙ୍କ ଲମ୍ବା ଚେର । ଯାହାର ପର୍ଦ୍ଦା ଫାର୍ସ କରିଛି ପୁରୀ ପୋଲିସ। ପ୍ରଥମେ ଦିଲ୍ଲୀର ଅମରେଶ କୁମାର କୁ ଗିରଫ ପରେ ମଙ୍ଗଳବାର ଆଉ ଦୁଇ ଜଣଙ୍କୁ ସଂପୃକ୍ତି ଆଧାରରେ ବାନ୍ଧିଛି ପୁରୀ ସାଇବର ଥାନା ପୋଲିସ। ୧୨ ଲକ୍ଷ ୩୮ ହଜାର ଟଙ୍କାର ଫ୍ରଡ ଟ୍ରାଞ୍ଜାକ୍ସନ୍ ଠାବ କରିଛି ପୋଲିସ । ୧ ଲକ୍ଷ ୮୮ ହଜାର ଟଙ୍କା ଫ୍ରିଜ୍ କରିଛି ପୋଲିସ । ନୂଆ ଆପ୍ଲିକେସନ ୟୁଜ କରି ଚାଲିଥିଲା ବଡ ଧରଣର ଫ୍ରଡ। ଆଜି ଅମରେଶ ସହ ଲିଙ୍କ ଥିବା ଦୁଇ ଅଭିଯୁକ୍ତ ଖୋର୍ଦ୍ଧାର ଭାଗିରଥୀ ପ୍ରଧାନ ଏବଂ ବୋକାରୋ ଝାଡ଼ଖଣ୍ଡର ତାର୍ସେନ ସିଂଙ୍କୁ ଗିରଫ କରିଛି ସାଇବର ଥାନା । ୯ ମାର୍ଚ୍ଚରେ ହୋଇଥିବା ଅଭିଯୋଗ ଆଧାରରେ ଚାଲିଛି ଛାନ ଭିନ୍ ।କରେଣ୍ଟ ଆକାଉଣ୍ଟ କରି ଚାଲିଥିଲା ବଡ ଧରଣର ଫ୍ରଡ। ମୋବାଇଲକୁ ଏକ ନୂଆ ଆପ ପଠାଇ କରୁଥିଲେ ଫ୍ରଡ। ୬୦ ରୁ ୭୦ ସେଭିଂ ଆକାଉଣ୍ଟକୁ କରେଣ୍ଟ ଆକାଉଣ୍ଟ ସହ ଲିଙ୍କ କରାଯାଉଥିଲା । ନାସନଲ ହ୍ୟୁମାନ ରୁରାଲ ଡେଭଲେପମେଣ୍ଟ ନାମକ ଏକ ଏନଜିଓ ନାଁରେ କରେଣ୍ଟ ଆକାଉଣ୍ଟ କରି ଚାଲିଥିଲା ବଡ ଧରଣର ଆର୍ଥିକ ଠକେଇ । ଫ୍ରଡ ଟଙ୍କାକୁ ସଙ୍ଗେ ସଙ୍ଗେ କରେଣ୍ଟ ଆକାଉଣ୍ଟକୁ ପଠା ଯାଉଥିଲା । ଆହୁରି ଅନେକଙ୍କ ଲିଙ୍କ ଥିବା ସନ୍ଦେହ କରୁଛି ପୋଲିସ୍ ।

## ଡିଆ ପ୍ରାଥମିକ ବିଦ୍ୟାଳୟରୁ ପାଣି ପମ୍ପ ଚୋରି

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲାର ନିରାକାରପୁର ଥାନା ଅନ୍ତର୍ଗତ ଡିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ମଙ୍ଗଳବାର ରାତିରେ ପାଣି ଉଠାଇବା ପାଇଁ ବ୍ୟବହୃତ ସବମର୍ସିବଲ ପମ୍ପ ଚୋରି ହୋଇଥିବା ଘଟଣା ଜଣାପଡ଼ିଛି । ବୁଧବାରି ସକାଳେ ବିଦ୍ୟାଳୟ କର୍ମଚାରୀମାନେ ସ୍କୁଲକୁ ଆସିବା ସମୟରେ ପମ୍ପ ଲଗାଯାଇଥିବା ସ୍ଥାନରେ ତାହା ନଥିବା ଦେଖି ମିଳିଛି ।, ବିଦ୍ୟାଳୟରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ପାଇଁ ପାଣି ବ୍ୟବସ୍ଥା କରିବାର ଉଦ୍ଦେଶ୍ୟରେ ସ୍ଥାପିତ ସବମର୍ସିବଲ ପମ୍ପକୁ କିଛି ଦୁର୍ବୃତ୍ତ ଗତ ରାତିରେ ଚୋରି କରି ନେଇଥିବା ସନ୍ଦେହ କରାଯାଉଛି । ଏହାର ଫଳରେ ବିଦ୍ୟାଳୟର ପାଣି ଯୋଗାଣ ବ୍ୟବସ୍ଥା ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି ।ଘଟଣା ସମ୍ପର୍କରେ ବିଦ୍ୟାଳୟ ପକ୍ଷରୁ ନିରାକାରପୁର ଥାନାରେ ଅଭିଯୋଗ ଦାଖଲ କରାଯାଇଛି ।

# ବିଜେପିରେ ଯୋଗଦେଲେ ରବୀନ୍ଦ୍ର କୁମାର ଜେନା




ଭୁବନେଶ୍ୱର, (ସବ୍ୟୁ): ବାଲେଶ୍ୱର ନିର୍ବାଚନମଣ୍ଡଳୀର ପୂର୍ବତନ ସାଂସଦ ତଥା ବିଜେଡି ଜିଲ୍ଲା ସଭାପତି ରବୀନ୍ଦ୍ର କୁମାର ଜେନା ବିଜେଡି ଛାଡ଼ି ବୁଧବାର ବିଜେପିରେ ଯୋଗଦେଇଛନ୍ତି। ସେହିପରି ବାଲେଶ୍ୱର ଜିଲ୍ଲାର ବହୁ ନିର୍ବାଚିତ ଜନପ୍ରତିନିଧି ତଥା ପଂଚାୟତ ସମିତି ଅଧ୍ୟକ୍ଷ, ଜିଲ୍ଲା ପରିଷଦ ସଭ୍ୟ, ସରପଂଚ, ନାଏବ ସରପଂଚ, କାଉନ୍‌ସିଲର, ୱାର୍ଡସଭ୍ୟ, ବିଭିନ୍ନ ସମବାୟ ବ୍ୟାଙ୍କ ସଭାପତି, ବରିଷ୍ଠ ନେତା ବିଜେଡି ପରିତ୍ୟାଗ କରି ବିଜେପିରେ ସାମିଲ ହୋଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତଙ୍କୁ ଦଳୀୟ ଟୋପି ଓ ଉତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ଯେ, ଏହି ମିଶ୍ରଣ ଦ୍ୱାରା ଭାରତୀୟ ଜନତା ପାର୍ଟି କେବଳ ବାଲେଶ୍ୱରରେ ନୁହେଁ, ଓଡ଼ିଶାରେ ଓ ଦେଶରେ ଆହୁରି ଶକ୍ତିଶାଳୀ ହୋଇପାରିଛି। ଆଜିର ମିଶ୍ରଣ ପର୍ବରେ ଶ୍ରୀ ଜେନାଙ୍କ ସହିତ ବାଲେଶ୍ୱରର ଅନେକ ନେତା ଓ କର୍ମୀ ବିଜେପିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ସରକାରଙ୍କ ଉପ ମୁଖ୍ୟସଚେତକ ତଥା ବିଧାୟକ ଗୋବିନ୍ଦଚନ୍ଦ୍ର ଦାସ, ବିଧାୟକ ମାନସ କୁମାର ଦତ, ସନାତନ ବିଜୁଳି, ସନ୍ତୋଷ ଖଟୁଆ, ପଦ୍ମଲୋଚନ ପଣ୍ଡା, ବାବୁ ସିଂ, ରାଜ୍ୟ ଉପସଭାପତି ସିପ୍ରା ବାଜପେୟୀ, ରାଜ୍ୟ ସାଧାରଣ ସଂପାଦକ ବିଂରଚି ନାରାୟଣ ତ୍ରିପାଠୀ ଏବଂ ରାଜ୍ୟ ସମ୍ପାଦକ ସରୋଜ କର ପ୍ରମୁଖ ଉପସ୍ଥିତ ଥିଲେ।

ଏଏସ୍‌ଆଇ ମହାନିର୍ଦ୍ଦେଶକଙ୍କୁ ଭେଟିଲେ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ

# ବିଭିନ୍ନ ସଂରକ୍ଷଣ କାର୍ଯ୍ୟ ସମ୍ପର୍କରେ ଆଲୋଚନା

ପୁରୀ, (ସବ୍ୟୁ) : ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢୀ ମଙ୍ଗଳବାର ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଏହି ଗସ୍ତ ସମୟରେ ସେ ଏଏସଆଇର ମହାନିର୍ଦ୍ଦେଶକ ଡ. ଯଦୁବୀର୍ ସିଂ ରାୱତ୍ ଙ୍କ ସହ ଭେଟି ଆଲୋଚନା କରିଛନ୍ତି। ଏହି ବୈଠକରେ ଶ୍ରୀମନ୍ଦିରର ବିଭିନ୍ନ ସଂରକ୍ଷଣ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଡ଼. ପାଢୀ ଶ୍ରୀମନ୍ଦିର ଭୋଗ ମଣ୍ଡପ ର ତୁରନ୍ତ ସଂରକ୍ଷଣ କାର୍ଯ୍ୟ ଆରମ୍ଭ କରିବାକୁ ଏଏସଆଇକୁ ଅନୁରୋଧ କରିଥିଲେ। ସେହିପରି, ପ୍ରାୟ ଏକ ଶତାବ୍ଦୀ ପୂର୍ବେ ଜଗମୋହନର ବାହ୍ୟ ପାର୍ଶ୍ୱରେ ସ୍ଥାପିତ ହୋଇଥିବା ଲୁହା ବିମ୍‌ଗୁଡିକର ଦୃଢତା ଓ ସ୍ଥିରତା ଯାଞ୍ଚ ପାଇଁ ଏକ ପ୍ରଯୁକ୍ତି ଦଳ ପଠାଇବାକୁ ମଧ୍ୟ ସେ ଅନୁରୋଧ କରିଥିଲେ। ବୈଠକରେ ମନ୍ଦିରର ହେରିଟେଜ୍ ଇଲ୍ୟୁମିନେସନ୍ ପ୍ରକଳ୍ପ ସହିତ ମୁଖ୍ୟ ମନ୍ଦିର ଗଠନର ବାହ୍ୟ ପୃଷ୍ଠଭାଗର ଜଏଣ୍ଟ ସିଲିଂ ଏବଂ କେମିକାଲ ଟ୍ରିଟମେଣ୍ଟ ସହ ଅନ୍ୟାନ୍ୟ ସଂରକ୍ଷଣ କାର୍ଯ୍ୟ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ମନ୍ଦିରର ରତ୍ନ ଭଣ୍ଡାରର ସଂରକ୍ଷଣ ଓ ମରାମତି କାର୍ଯ୍ୟରେ ତାହାର ଗଠନାତ୍ମକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏଏସଆଇର ପ୍ରୟାସ ଓ ସହଯୋଗ ପାଇଁ ମୁଖ୍ୟ ପ୍ରଶାସକ କୃତଜ୍ଞତା ଜଣାଇଥିଲେ।

ମମତାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଚିଠି

# ରାଷ୍ଟ୍ରପତି ଓ ଦେଶବାସୀଙ୍କ ନିକଟରେ ଦୁଃଖ ପ୍ରକାଶ କରନ୍ତୁ

ଭୁବନେଶ୍ୱର, (ସବ୍ୟୁ): ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ଯେଉଁଭଳି ବ୍ୟବହାର କରାଗଲା ତାହା ସମଗ୍ର ଦେଶରେ ଲୋକଙ୍କୁ ଯନ୍ତ୍ରଣା ଦେଇଛି। ଗଣତାନ୍ତ୍ରିତ ପରମ୍ପରା ପରସ୍ପର ପ୍ରତି ସମ୍ମାନ ଓ ମର୍ଯ୍ୟାଦା ସୃଷ୍ଟି କରିଥାଏ। ମାତ୍ର ପଶ୍ଚିମବଙ୍ଗରେ ଜଣେ ସମ୍ମାନନୀୟ ଆଦିବାସୀ ମହିଳା ରାଷ୍ଟ୍ରପତିଙ୍କ ସହ ଯାହା ଘଟିଲା ତାହା ଅତ୍ୟନ୍ତ ଦୁଃଖ ଦାୟକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି। ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ଘଟଣା ପାଇଁ ଆପଣ ରାଷ୍ଟ୍ରପତି ଓ ଦେଶବାସୀଙ୍କ ନିକଟରେ ଦୁଃଖ ପ୍ରକାଶ କରନ୍ତୁ। ଏହାଦ୍ୱାରା ଗଣତାନ୍ତ୍ରିତ ବ୍ୟବସ୍ଥା ଓ ସାମ୍ବିଧାନିକ ସଂସ୍ଥାର ମର୍ଯ୍ୟାଦା ବଜାୟ ରହିବ ଓ ଏଥିପ୍ରତି ପ୍ରତିବଦ୍ଧତା ବଢ଼ିବ। ଅନ୍ତର୍ଜାତୀୟ ମହିଳା ଦିବସରେ ଏହି ଘଟଣା ସମସ୍ତଙ୍କୁ ବ୍ୟଥିତ କରିଛି। ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ସ୍ୱାଗତ ପାଇଁ ଅନୁପସ୍ଥିତ ରହିବା ଏବଂ ଆଦିବାସୀ ସମ୍ମିଳନୀ ପାଇଁ ହୋଇଥିବା ସ୍ଥାପନକୁ ପରିବର୍ତ୍ତନ କରିବା ଦୁର୍ଭାଗ୍ୟଜନକ। ଏଭଳି ଘଟଣା ଲକ୍ଷ ଲକ୍ଷ ଆଦିବାସୀ, ପଛୁଆବର୍ଗ ଓ ଦଳିତଙ୍କ ଭାବାବେଗକୁ ଆହାତ ଦେଇଛି। ଏହାଛଡା ପଶ୍ଚିମବଙ୍ଗର ଭାବମୂର୍ତ୍ତି ମଧ୍ୟ ଲୁଚିଯାଇଛି। ପଶ୍ଚିମବଙ୍ଗକୁ ସଂସ୍କୃତି ସଭ୍ୟତାର ଭୂମିଭାବେ ବିବେଚନା କରାଯାଏ। ସବୁ ସାମ୍ବିଧାନିକ ସଂସ୍ଥାକୁ ସେମାନେ ସମ୍ମାନ ଦେଇଥାନ୍ତି। ଭାରତ ବର୍ଷର ବିଭିନ୍ନ ସ୍ଥାନରୁ ବହୁ ସଂଖ୍ୟାରେ ସାନ୍ତାଳ ସଂପ୍ରଦାୟ ଅଛନ୍ତି। ରାଷ୍ଟ୍ରର ବିକାଶରେ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। ଏହି ସଂପ୍ରଦାୟର ମୁଁ ହୋଇଥିବାରୁ ଘଟଣା ପାଇଁ ଅତ୍ୟନ୍ତ ମର୍ମାହତ ହୋଇଛି ବୋଲି ଶ୍ରୀ ମାଝୀ ଉଲ୍ଲେଖ କରିଛନ୍ତି।

# ୧୧ଲକ୍ଷ ସାଇବର ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ସାରା ରାଜ୍ୟରେ ଅପରେସନ ସାଇବର କବଚ ଜାରି ରହିଥିବା ବେଳେ ଏୟାରପୋର୍ଟ ଥାନା ପୋଲିସ ଜଣେ ସାଇବର ଅପରାଧୀକୁ ଗିରଫ କରିବା ସହ ତା'ଆକାଉଣ୍ଟରେ ୧୧ଲକ୍ଷ ଠକେଇ ଟଙ୍କା କାରବାର ହୋଇଥିବା ଜଣାପଡ଼ିଛି। ଅପରେସନ ସାଇବର କବଚ ଆଧାରରେ ସନ୍ଦେହଜନକ ବ୍ୟାଙ୍କ ଆକାଉଣ୍ଟ ଗୁଡିକ ଯାଞ୍ଚ ସମୟରେ ଜଣାପଡିଥିଲା ଯେ, ରୁଦ୍ର ପ୍ରତାପ ହୋତାଙ୍କ ନାମରେ ଖୋଲାଯାଇଥିବା ଏକୟୁନିଅନ ବ୍ୟାଙ୍କ ଆକାଉଣ୍ଟରେ ୨ଲକ୍ଷ ୯୫ ହଜାର ୧୦୪ ଟଙ୍କାର ସନ୍ଦେହଜନକ କାରବାର ହୋଇଛି। ଯାହା ସାଇବର ଠକେଇ କାର୍ଯ୍ୟକଳାପ ସହିତ ଜଡିତ ଥିବା ଜଣାପଡିଥିଲା। ଅଧିକ ତଦନ୍ତରୁ ଜଣାପଡ଼ିଲା ଯେ, ଏହି ଆକାଉଣ୍ଟ ସହ ଅନ୍ୟାନ୍ୟ ଅନେକ ବ୍ୟାଙ୍କ ଆକାଉଣ୍ଟ ପ୍ରକୃତ ବ୍ୟାଙ୍କିଂ ଉଦ୍ଦେଶ୍ୟରେ ନୁହେଁ ସାଇବର ଠକେଇ ଉଦ୍ଦେଶ୍ୟରେ ଖୋଲାଯାଇଥିବା ଜଣାପଡିଲା। ଅଭିଯୁକ୍ତ ରୁଦ୍ରପ୍ରତାପ ହୋତା (୪୪) ତାଙ୍କ ଭାଇ ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ପ୍ରଭାବରେ ନୟାଗଡ ଜିଲ୍ଲା ଶରଣକୁଳ ଥାନା ଅନ୍ତର୍ଗତ ଗୁଡିପାଲ୍ଲୀ ଅଞ୍ଚଳରେୟୁନିଅନ ବ୍ୟାଙ୍କ, ଆକ୍ସିସ୍ ବ୍ୟାଙ୍କ, କାନାଡା ବ୍ୟାଙ୍କ, ଇଣ୍ଡିଆନ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା ଏବଂ ବନ୍ଧନ ବ୍ୟାଙ୍କ ସମେତ ବିଭିନ୍ନ ବ୍ୟାଙ୍କରେ ଏକାଧିକ ଆକାଉଣ୍ଟ ଖୋଲିଥିଲେ। ଆକାଉଣ୍ଟ ଗୁଡିକୁ ସାଇବର ନେଟ୍‌ୱାର୍କ ଦ୍ୱାରା ଠକେଇ ଟଙ୍କା ଚାଲାଣ ପାଇଁ ବ୍ୟବହାର କରାଯାଉଥିବା ପୋଲିସ ସ୍ପଷ୍ଟ ଜାଣିପାରିଥିଲା। ଗତ ୫ ମାସରେ ଏହି ଏକାଉଣ୍ଟ ଗୁଡିକ ମାଧ୍ୟମରେ ପ୍ରାୟ ୧୧ଲକ୍ଷ ଟଙ୍କାର କାରବାର ହୋଇଛି। ସେହି ଟଙ୍କା ସାଇବର ଠକେଇ ସମ୍ବନ୍ଧୀୟ ବୋଲି ତଦନ୍ତକାରୀ ଅଫିସର ଜାଣିପାରିଥିଲେ। ଅଭିଯୁକ୍ତ ଉକ୍ତ ଟଙ୍କା ଉଠାଇ ମଧ୍ୟସ୍ଥି ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ଦେଉଥିଲା। ତା'ବଦଳରେ ସେ କମିଶନ ପାଉଥିଲା। ବୁଧବାର ରୁଦ୍ରପ୍ରତାପ ହୋତାକୁ ଗିରଫ କରାଯାଇ ତା'ନିକଟରୁ ଆକାଉଣ୍ଟର ମୂଳ ପାସ୍‌ବୁକ୍, ମୋବାଇଲ ଫୋନ୍, ଆଧାର କାର୍ଡ, ପ୍ୟାନ୍‌କାର୍ଡ, ଫଟୋ କପି ଓ ବନ୍ଧନ ବ୍ୟାଙ୍କ ଭିସା, କ୍ରେଡିଟ୍ କାର୍ଡ ପ୍ରଭୃତି ଜବତ ହୋଇଛି। ଜାମିନ ନାମଞ୍ଜୁର ହୋଇଯିବାରୁ ଅଭିଯୁକ୍ତ ରୁଦ୍ରପ୍ରତାପ ହୋତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି।

ମୋଦୀଙ୍କୁ ଧନ୍ୟବାଦ ଜଣାଇଲେ ସିଦ୍ଧାନ୍ତ

# ୧୧ଦିନ ପରେ ଯୁଦ୍ଧଗ୍ରସ୍ତ ବାହାରିନରୁ ଫେରିଲେ ଓଡ଼ିଆ ପୁଅ

ଭୁବନେଶ୍ୱର (ସବ୍ୟୁ): ୧୧ଦିନ ଧରି ବାହାରିନରେ ଆତଙ୍କିତ ଅବସ୍ଥାରେ ଥିବା ଓଡ଼ିଆ ପୁଅ ସିଦ୍ଧାନ୍ତ ମିଶ୍ର ବୁଧବାର ଫେରିଛନ୍ତି ଭାରତ। ବେଙ୍ଗାଲୁରୁ ବିମାନ ବନ୍ଦରରେ ପହଞ୍ଚିବା ପରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବୈଦେଶିକ ବ୍ୟାପର ମନ୍ତ୍ରୀଏସ୍ ଜୟଶଙ୍କର ଏବଂ ତାଙ୍କ କମ୍ପାନୀ କେପିଏମଜିର ବରିଷ୍ଠ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଗତ ୨୮ ତାରିଖରେ ଇସ୍ରାଏଲ-ଆମେରିକାକୁ ଜବାବ ଦେବା ପାଇଁ ଇରାନ ଆକ୍ରମଣ କରିଥିଲା ବାହାରିନର ଜୁଫେୟାର ଅଞ୍ଚଳରେ ଥିବା ଆମେରିକାର ଏୟାର ବେସ୍‌ରେ। ଏହି ବେସ୍‌ଠାରୁ ଗୋଟେ କିଲୋମିଟର ଦୂରରେ ଥିବା ହୋଟେଲରେ ରହୁଥିଲେ ପୁରୀ ଜିଲା ବୀରହରେ କୃଷ୍ଣପୁର ଗ୍ରାମର ସଫ୍ଟୱେର ଇଞ୍ଜିନିୟର ସିଦ୍ଧାନ୍ତ ମିଶ୍ର (ସିକନ)। ଭୟ ଓ ଆତଙ୍କ ଭିତରେ ତିନିତିନିଟା ହୋଟେଲ ବଦଳାଇବା ସହ ୪ ଦିନ ଧରି ଅଖିଆ ଅପିଆରେ ରହିଥିଲେସେ। ଏୟାରସ୍ପେସ୍ ବନ୍ଦ କାରଣରୁ ଭାରତ ସରକାର ମଧ୍ୟ ହାତଟେକି ଦେଇଥିଲେ। ହେଲେ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିର୍ଦ୍ଦେଶ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ତତ୍ପରତା, ବାହାରିନ ଏବଂ ସାଉଦୀ ସରକାରଙ୍କ ଉଦ୍ୟମ ବଳରେ ସେମାନଙ୍କୁ ମିଳିଥିଲା ସାଉଦୀର ଟ୍ରାଞ୍ଜିଟ୍ ଭିସା। ପରେ ସାନାବିସରୁ ଗାଡ଼ିରେ ଦମମ ବିମାନ ବନ୍ଦର, ଦମମରୁ ବିମାନରେ ପହଞ୍ଚି ଥିଲେ ଜେଦାହ। ଆଉ ଜେଦାହରୁ ବେଙ୍ଗାଲୁରୁ ଅଭିମୁଖେ ବାହାରିଥିଲା। ବିମାନ। ବୁଧବାର ସକାଳ ୧୦.୪୫ରେ ସିଦ୍ଧାନ୍ତ ଏବଂତାଙ୍କର ଆଉ ତିନିସାଥି ପହଞ୍ଚିଥିଲେ ଭାରତ ମାଟିରେ। ଏହି ୧୧ଦିନର ଯନ୍ତ୍ରଣା, କଷ୍ଟକୁନେଇକାନ୍ଦି ପକାଇଥିଲେ। କହିଥିଲେ ସମସ୍ତଙ୍କ ସହଯୋଗ ଓ ଆଶୀର୍ବାଦ କାରଣରୁ ଆମେ ଫେରିପାରିଛୁ ଆମ ମାଟିକୁ।



# ଟଙ୍କାନେଇ ବନ୍ଧା ହେଲେ ଦୁଇ ଜମି ଦଲାଲ

ବାରଙ୍ଗ, (ସବ୍ୟୁ): ଜମିଦେବାକୁ ଟଙ୍କାନେଇ ଜମି କିମ୍ବା ଟଙ୍କା ନଫେରାଇବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ବୁଧବାର ଦିନ ଦୁଇ ଜମି ଦଲାଲ କେନ୍ଦ୍ରାପଡ଼ା ଅଞ୍ଚଳର ରାକେଶ ଧଳ (୩୫)ଓ ସୌମ୍ୟ ରଞ୍ଜନ ରାଉତଙ୍କୁ ଗିରଫ କରି କୋର୍ଟଚାଲଣ କରିଛି। ସୌମ୍ୟ ଉକ୍ତ ଥାନା ଅଧୀନରେ ଥିବା ରଘୁନାଥପୁର ସୋମୁ କଟେଜରେ ରହୁଥିବା ବେଳେ ରାକେଶ ନନ୍ଦନ ଭିଲ୍ଲାରେ ରହି ଜମି ଦଲାଲ କରୁଥିବା ସୂଚନା ମିଳିଛି। କେନ୍ଦ୍ରାପଡ଼ା ଅଞ୍ଚଳର ଜନ୍ମଜୟ ରାଉତ ରଘୁନାଥପୁର ପରିବାର ନେଇ ରହୁଥିଲେ। ଉକ୍ତ ଅଞ୍ଚଳରେ ରାକେଶ ଧଳ ସହିତ ପରିଚୟ ହୋଇଥିଲା। ଏହି ସୁଯୋଗରେ ରାକେଶ ତାଙ୍କୁ ଫସାଇ ଜମି କିଣାଇଦେବକୁ କହିଥିଲେ। ଗତ ୨୦୨୩ ମସିହାରେ ଜମି କିଣିବାକୁ ରାଜି ହୋଇ ଚୁକ୍ତିନାମା କରି କିସ୍ତିରେ ପ୍ରଥମେ ୨ଲକ୍ଷ ୩୫ ହଜାର ଟଙ୍କା ଦେଇଥିଲେ। ପରେ ୨୧ଲକ୍ଷ ଟଙ୍କା ଦେଇଥିଲେ। ହେଲେ ଜମି ଦେବାକୁ କହି ସୌମ୍ୟ ନାମକ ବ୍ୟକ୍ତିଙ୍କୁ ଜମି ମାଲିକ ଦର୍ଶାଇ ପୁଣି ରକେଶକୁ ୩ଲକ୍ଷ ୧୫ହଜାର ଟଙ୍କା ଦେଇଥିଲେ। ମୋଟ ୨୬ ଲକ୍ଷ ୫୦ହଜାର ଟଙ୍କା ଦେବା ପରେ ମଧ୍ୟ ଜମି ଦେବାର ନା ଗନ୍ଧ ଦେଇ ନଥିଲେ। ବିଭିନ୍ନ ବାହାନା ଦେଖାଇ ଜନ୍ମଜୟଙ୍କୁ ଠକି ଚାଲିଥିଲେ। ପରେ ଜନ୍ମଜୟକୁ ଠକିବାକୁ ପ୍ରୟାସ କରୁଥିବା ଜାଣିବାକୁ ପାଇ ଟଙ୍କା ଫେରସ୍ତ ମାଗିଥିଲେ। ହେଲେ ଟଙ୍କା ଦେବା ତ ଦୂରର କଥା ଧରା ଛୁଆଁ ଦେଇ ନଥିଲେ ରାକେଶ ଓ ତାର ସାଥୀ ସୌମ୍ୟ। ଏନେଇ ଜନ୍ମଜୟ ନନ୍ଦନକାନନ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନା ପୋଲିସ ୯୬/୨୬କେଶନଂରେ ଏକ ମାମଲା ରୁଜୁକରି ରାକେଶ ଓ ସୌମ୍ୟ ଦୁଇ ଜଣ ଦଲାଲଙ୍କୁ ଗିରଫ କରି ବୁଧବାର କୋର୍ଟଚାଲଣ କରିଥିଲା।

# ଦି ନ୍ୟୁ ଇଣ୍ଡିଆ ଆସୁରାନ୍ସ ଓ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ମଧ୍ୟରେ ଚୁକ୍ତିପତ୍ର




ଭୁବନେଶ୍ୱର (ସବ୍ୟୁ): ଦି ନ୍ୟୁ ଇଣ୍ଡିଆ ଆସୁରାନ୍ସ କମ୍ପାନୀ ଲିମିଟେଡ ଓ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ମଧ୍ୟରେ ବ୍ୟାଙ୍କ ଇନ୍‌ସୁରାନ୍ସ ନିମିତ୍ତ ଏକ ଚୁକ୍ତିପତ୍ର ୧୦ତାରିଖ ଦିନ ଦୁଷ୍ମନ୍ତ କୁମାର ମଲ୍ଲ, ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ, ଦି ନ୍ୟୁ ଇଣ୍ଡିଆ ଆସୁରାନ୍ସ କମ୍ପାନୀ ଲିଃ ଓ ତୃପ୍ତିରଞ୍ଜନ ସ୍ୱାଇଁ, ମହା ପ୍ରବନ୍ଧକ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଙ୍କ ଉପସ୍ଥିତିରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ, ଗଣ୍ଡମୁଣ୍ଡା, ଭୁବନେଶ୍ୱର ଠାରେ ସ୍ୱାକ୍ଷରିତ ହୋଇଯାଇଛି। ଏହି ଚୁକ୍ତିନାମା ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଗ୍ରାହକମାନଙ୍କୁ ସାଧାରଣ ବିମା ଉପଲବ୍ଧ କରାଇବାରେ ଏକ ଯୁଗାନ୍ତକାରୀ ଓ ଓଡ଼ିଶାର ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ସହିତ ପ୍ରଥମ ଦୃଷ୍ଟାନ୍ତକାରୀ ପଦକ୍ଷେପ। ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ୍‌ର ବିସ୍ତୃତ ବ୍ୟାଙ୍କିଙ୍ଗ୍ ନେଟୱାର୍କ ମାଧ୍ୟମରେ ବିମା ଉତ୍ପାଦ ଗୁଡିକର ପହଞ୍ଚ ସହଜ କରି ଓଡିଶାର ସାଧାରଣ ଲୋକଙ୍କୁ ଏହି ପଦକ୍ଷେପ ଲାଭାନ୍ୱିତ କରିବ ବୋଲି ଆଶା କରାଯାଉଛି। ଏହି ସହଭାଗିତା କେନ୍ଦ୍ର ସରକାରଙ୍କର ଦୂରଦୃଷ୍ଟି ୨୦୪୭ ସୁଦ୍ଧା ସମସ୍ତଙ୍କ ପାଇଁ ବୀମା (Insurance for all) ଲକ୍ଷ୍ୟକୁ ସମର୍ଥନ କରି ସମାବେଶୀ ଉନ୍ନତି ଏବଂ ସମାଜର ସମସ୍ତ ଶ୍ରେଣୀ ପାଇଁ ଆର୍ଥିକ ସୁରକ୍ଷାକୁ ପ୍ରୋତ୍ସାହନ ଦେବ।

# ମା ଉଗ୍ରତାରାଙ୍କର ହୁଣ୍ଡିରୁ ମିଳିଲା ୧୦.୪୧ ଲକ୍ଷ

ନିରାକାରପୁର,(ସବ୍ୟୁ): ଓଡିଶା ପ୍ରସିଦ୍ଧ ତନ୍ତ୍ର ପୀଠ ଭାବେ ପରିଚିତ ଖୋର୍ଦ୍ଧା ଜିଲ୍ଲା ମୂଳିଝର ଗଡ଼ ବାସିନୀ ମା ଉଗ୍ରତାରା ଦେବୀଙ୍କର ଦାନ ହୁଣ୍ଡି ବୁଧବାର ଦିନ ଖୋଲା ଯାଇଛି। ମା ଉଗ୍ରତାରା ଙ୍କ ଠାରୁ ଅଜ୍ଞାମାଳ ଆସିବା ପରେ ପୂଜାର୍ଚ୍ଚନା କରା ଯାଇ ଦାନ ହୁଣ୍ଡି ଖୋଲା ଯାଇଥିଲା। ଟାଙ୍ଗୀ ତହସିଲ ଦାର ନିଷ୍ଠା ମହାପାତ୍ର ଙ୍କ ଉପସ୍ଥିତରେ ଖୋଲା ଯାଇଥିବା ଦାନ ହୁଣ୍ଡୀକୁ କଡା ସୁରକ୍ଷା ମଧ୍ୟରେ ନିଆଯାଇଥିଲା ମନ୍ଦିର ପ୍ରଶାସନ ର କାର୍ଯ୍ୟାଳୟ ପରିସର ମଧ୍ୟକୁ। ଏହା ପରେ ଭୂଷଣ୍ଡପୁର ଫାଣ୍ଡି ଅଧିକାରୀ,ଟାଙ୍ଗୀ ବ୍ଲକ କର୍ମଚାରୀ ନିତ୍ୟାନନ୍ଦ ବେହେରା,ମନ୍ଦିର ଟ୍ରଷ୍ଟି ର କୁମର ପାତ୍ର, ସୁବ୍ରତ ସାମନ୍ତରାୟ, ସରପଞ୍ଚ କିଶୋର କୁମାର ରାଉତରାୟ ଙ୍କ ସହ ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳା ମାନଙ୍କ ଉପସ୍ଥିତ ରେ ଦାନ ହୁଣ୍ଡୀ ଗଣତି କରା ଯାଇଥିଲା।

# ଜିନ୍ଦଲ ଷ୍ଟେନଲେସ୍ ସହିତ ଜାଭିୟର ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ଏମ୍‌ଓୟୁ

ଭୁବନେଶ୍ୱର, (ସବ୍ୟୁ) : ଦେଶର ପ୍ରମୁଖ ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦକାରୀ ଜିନ୍ଦଲ୍ ଷ୍ଟେନଲେସ୍ ଜାଭିୟର୍ ସ୍କୁଲ୍ ଅଫ୍ ମ୍ୟାନେଜମେଂଟ ସହିତ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛି। ସ୍ୱାକ୍ଷରିତ ବୁଝାମଣା ପତ୍ର ଅନୁସାରେ ସଂସ୍ଥା ମଧ୍ୟରେ ରଣନୈତିକ ଏଚଆର୍ ନେତୃତ୍ୱକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏକ ସଂରଚିତ ଏଚଆର୍ କମ୍ପିଟେନ୍ସି ଡେଭେଲପମେଂଟ ପ୍ରୋଗ୍ରାମ୍ ବିକାଶ କରାଯିବ। ଏହି ନଅ ମାସର କ୍ଷମତା-ନିର୍ମାଣ ଉଦ୍ୟମକୁ ବାସ୍ତବ ବ୍ୟାବସାୟିକ ପରିପ୍ରେକ୍ଷୀରେ ମିଶ୍ରଣ କରି ଜିନ୍ଦଲ୍ ଷ୍ଟେନଲେସ୍ର ଏଚଆର୍ ପ୍ରୋଫେସନାଲ୍ମାନଙ୍କୁ ସଂସ୍ଥାର ନିରନ୍ତର ବୃଦ୍ଧି ଏବଂ ପରିବର୍ତ୍ତନଶୀଳ ସଂଗଠନାତ୍ମକ ଆବଶ୍ୟକତାକୁ ମଜଭୁତ କରିବା ପାଇଁ ଆବଶ୍ୟକୀୟ କ୍ଷମତା ପ୍ରଦାନ କରିବ। ଏହି କଷ୍ଟମାଇଜ କମ୍ପିଟେନ୍ସି ଡେଭେଲପମେଂଟ ପ୍ରୋଗ୍ରାମର ଅଂଶ ଭାବରେ,



କମ୍ପାନୀର କର୍ପୋରେଟ୍ ଅଫିସ୍ ଏବଂ ପ୍ଲାଂଟରୁ ୨୫ ଜଣ ଏଚଆର୍ ପ୍ରୋଫେସନାଲ୍ ନଅ ମାସର ଏକ ପାଠ୍ୟକ୍ରମ ଅଧୀନରେ ଯୋଗଦେବେ। ଏହି ପାଠ୍ୟକ୍ରମ ଇନ୍-ପର୍ସନ୍ ଏବଂ ଭର୍ଚୁଆଲ୍ ସେସନ୍ ମାଧ୍ୟମରେ ପ୍ରଦାନ କରାଯିବ। ପ୍ରୋଗ୍ରାମର ମୂଳ ଏଚଆର୍ କମ୍ପିଟେନ୍ସିଗୁଡ଼ିକୁ ସୁଦୃଢ଼ କରିବା, ପ୍ରକ୍ରିୟାଗୁଡ଼ିକୁ ଉନ୍ନତ କରିବା ଏବଂ ବ୍ୟବସାୟର ପରିବର୍ତ୍ତନଶୀଳ ଆବଶ୍ୟକତା ସହିତ ସମନ୍ୱିତ ଏକ ଭବିଷ୍ୟତ-ପ୍ରସ୍ତୁତ ଏଚଆର୍ କାର୍ଯ୍ୟଗୁଡ଼ିକୁ ଅଧିକ ସକ୍ରିୟ କରିବା ଦିଗରେ ବିଶେଷ ଭାବରେ ସହାୟକ ହେବ। ଏ ସମ୍ପର୍କରେ ଅଭ୍ୟୁଦୟ ଜିନ୍ଦଲ, ପରିଚାଳନା ନିର୍ଦ୍ଦେଶକ, ଜିନ୍ଦଲ ଷ୍ଟେନଲେସ୍ କହିଛନ୍ତି, ଜିନ୍ଦଲ୍ ଷ୍ଟେନଲେସ୍ ବର୍ଦ୍ଧିତ ଗ୍ରାହକ ସଂଖ୍ୟାକୁ ସେବା ପ୍ରଦାନ କରିବା ପାଇଁ ଉତ୍ପାଦନ ବୃଦ୍ଧି କରିବାର ନିରନ୍ତର ପ୍ରୟାସ ଜାରି ରଖିଛି। ତେଣୁ ଆମ ପାଇଁ ଏକ ଭବିଷ୍ୟତ-ପ୍ରସ୍ତୁତ ନେତୃତ୍ୱ ଗଠନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇ ପଡୁଛି। ଏକ୍ସଏଲଆରଆଇ ସହିତ ଆମର ଏହି ଏମଓୟୁ ପ୍ରତିଭାକୁ ପୋଷଣ କରିବା ଏବଂ ଆମ ଦଳଗୁଡ଼ିକୁ ନବପ୍ରବର୍ତ୍ତନକୁ ପ୍ରେରିତ କରିବା, ପରିବର୍ତ୍ତନକୁ ନେତୃତ୍ୱ ଦେବା ଏବଂ ସଂଗଠନର ପରବର୍ତ୍ତୀ ପର୍ଯ୍ୟାୟର ବୃଦ୍ଧିକୁ ସମର୍ଥନ କରିବା ପାଇଁ ଆବଶ୍ୟକ ରଣନୈତିକ କ୍ଷମତା ପ୍ରଦାନ କରିବାରେ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

ଯେତେ ଲୁଚେଇଲେ ବି ଲୁଚୁନି ଧର୍ମଶାଳାରୁ ଖଣି ଚୋରି ଘଟଣା

# ୧୦ ଦିନ ପୂର୍ବରୁ ଜଣେ ଶ୍ରମିକ ମରିଥିଲେ ପୁଣି କୁଶୁନପୁରରେ ଆଉଜଣଙ୍କର ଜୀବନ ଗଲା

ଚଣ୍ଡିଖୋଲ, (ସବ୍ୟୁ) ଯାଜପୁର ଜିଲ୍ଲାର ଧର୍ମଶାଳା ତହସିଲ ତଥା ଜେନାପୁର ଥାନା ଅଧିନ ଡଙ୍କାରୀ ବାରମାଣ ନିକଟ ଏକ ବେଆଇନ କଳାପଥର ଖଣିରେ ଗତ ୧୦ ଦିନ ତଳେ ପଥର ଓ ମାଟି ଅତଡା ଚାପାରେ ଜଣେ ଶ୍ରମିକଙ୍କର ଶୋଚନୀୟ ମୃତ୍ୟୁ ଘଟିଥିଲା ବେଳେ ମଙ୍ଗଳବାର ଦିନ ଏହି ଥାନା ତଥା କଟକ ବନଖଣ୍ଡର ଡାଳିଯୋଡା ଫରେଷ୍ଟ ରେଞ୍ଜ ଅଧିନ ବଳରାମପୁରର ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ କିଶମ ପାହାଡ଼ରେ ପଥର ଚୋରି ସମୟରେ ଆଉଜଣେ ଶ୍ରମିକଙ୍କର ପଥର ଚାପାରେ ମୃତ୍ୟୁ ଘଟିଥିବା ଜଣାପଡିଛି। ଏହି ଘଟଣାରେ ମୃତ ବ୍ୟକ୍ତି ଜଣକ ଜଣେ ଟ୍ରାକ୍ଟର ଚାଳକ(ଶ୍ରମିକ) ବୋଲି ଜଣାପଡିଛି। ମୃତକ ଜଣକ ହେଲେ ଜେନାପୁର ଥାନା ଅଧିନ କମାଗଡ଼ ଗ୍ରାମର କୈଳାସ ଭୂୟାଁଙ୍କ ପୁଅ ପଙ୍କଜ(୩୩ ବର୍ଷ)ବୋଲି ସୂଚନା ମିଳିଛି। ଖବର ମତେ କଟକ ବନଖଣ୍ଡ ବୈରୀ ଡାଳିଯୋଡ଼ା ବନାଞ୍ଚଳ ଗଡ଼ମଧୁପୁର ଫରେଷ୍ଟ ସେକ୍ସନ ଅଧିନ ବଳରାମପୁର ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ କୁସୁନପୁର ପାହାଡ଼ରେ ଦୈନିକ ବେଆଇନ କଳାପଥର ଚୋରା ଚାଲାଣ କରାଯାଉଛି। ଏହି ଖଣିରେ କଳାପଥର ଚୋରି କରି ( ସ୍ୱଳ)ଏକ ଟ୍ରାକ୍ଟରେ ତାହା ବୋଝେଇ କରି ଆସୁଥିବା ସମୟରେ ଭାରସ୍ୟାମ୍ୟ ହରାଇବାରୁ ଡ୍ରାଇଭର ଗାଡ଼ିରୁ ତଳକୁ ଛିଟିକି ପଡ଼ିଥିଲେ। ଉକ୍ତ ଡ୍ରାଇଭର (ପଙ୍କଜ) ମୁଣ୍ଡରେ ପଥରର ଶକ୍ତ ଆଘାତ ଲାଗିବା ପରେ ଚଳନ୍ତା ଟ୍ରାକ୍ଟରଟି ଡ୍ରାଇଭର ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ପଙ୍କଜର ମୃତ ଘଟିଥିଲା। ବେଆଇନ ଖଣି ମାଲିକ ଏକ ଗାଡ଼ିକରୀ ଧର୍ମଶାଳା ମେଡିକାଲକୁ ନେଇ ପଙ୍କଜକୁ ଛାଡ଼ିଦେଇ ଚାଲିଆସିଥିଲେ। ପରେ ବେଆଇନ ଖଣି ମାଲିକ ଏବଂ ମୃତକ ପରିବାର ମଧ୍ୟରେ ବୁଝାମଣା କରାଯାଇଥିବା ଆଲୋଚନା ହେଉଛି। ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟରକୁ ଏକ ଜେସିବ ମେସିନ ସାହାଯ୍ୟରେ ଘଟଣା ସ୍ଥଳରୁ ଅନ୍ୟ ଏକ କ୍ରସରକୁ ନେଇ ରଖାଯାଇଥିବା ଆଲୋଚନା ହେଉଛି। ତେବେ ଅଦୃଶ୍ୟ ଚାପରେ ପୋଲିସରେ ଭିତିହୀନ ଅଭିଯୋଗ କରାଯାଇଥିବା ଜଣାପଡିଛି। ଏହିପରି ଭାବେ ଗତ ୧୦ ଦିନ ତଳେ ଡଙ୍କାରୀ ଅଞ୍ଚଳରେ ଘଟିଥିବା ନିହଲପ୍ରସାଦ ଥାନା ନିତ୍ୟାନନ୍ଦପୁର ଗ୍ରାମର ଶ୍ରମିକ ଅରୁଣ ପ୍ରଧାନଙ୍କର ପଥର ଚାପାରେ ମୃତ୍ୟ ଘଟିଥିଲେ ମଧ୍ୟ ତାହାକୁ ଚାପିଦେବା ପାଇଁ ଯୋଜନାବଦ୍ଧ ଷଡଯନ୍ତ୍ର ହୋଇଥିଲା। ପୋଲିସ ଘଟଣା ଗୁଡିକର ପ୍ରକୃତ ସତ୍ୟ ଜାଣିଥିଲେ ମଧ୍ୟ ମିଛ ଏତଲାକୁ ଭିତିକରି ଘଟଣାକୁ ଗୁରୁତ୍ୱ ଦେଉନଥିବା ସାଧାରଣରେ ଆଲୋଚନା ହେଉଛି। ଦୀର୍ଘ ୨୦ ବର୍ଷ ହେବ ଧର୍ମଶାଳା ଅଞ୍ଚଳର ବେଆଇନ କଳା ପଥର ଖଣିରେ ମୃତାହତ ହୋଇଥିବା ୫୦ରୁ ଉର୍ଦ୍ଧ୍ୱ ଘଟଣାକୁ ଏହିପରି ଭାବେ ଲୁଚାଇ ଦିଆଯାଇଥିଲା ବେଳେ ଏବେ ସେହି ଧାରା ଅବ୍ୟାହତ ରହିଥିବା ଆଲୋଚନା ହେଉଛି। କଳା ପଥର ଚୋରି ପାଇଁ ପୋକମାଛି ପରି ନିରିହ ଶ୍ରମିକଙ୍କ ଜୀବନ ଯାଉଥିବାରୁ ଇତି ମଧ୍ୟରେ ଘଟିଯାଇଥିବା ଏପରି ସମସ୍ତ ଘଟଣାର ପ୍ରକୃତ ସତ୍ୟ ଉଦଘାଟନ ପାଇଁ ସିବିଆଇ ବା ଏକ ସ୍ୱତନ୍ତ୍ର ତଦନ୍ତକାରୀ ସଂସ୍ଥା ଦ୍ୱାରା ଉପଯୁକ୍ତ ତଦନ୍ତ କରାଯିବାକୁ ବୁଦ୍ଧିଜୀବୀ ଓ ପରିବେଶ ପ୍ରେମିଙ୍କ ପକ୍ଷରୁ ଦାବି ହୋଇଛି।



ପୂର୍ତ୍ତ ବିଭାଗର ଉଚ୍ଚସ୍ତରୀୟ ବୈଠକ

# ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ ଚାଲୁଥିବା ବିଭିନ୍ନ ନିର୍ମାଣ ପ୍ରକଳ୍ପକୁ ଅଧିକ ସ୍ୱଚ୍ଛ ଓ ଗତିଶୀଳ କରିବା ପାଇଁ ଆଜି ପୂର୍ତ୍ତ ବିଭାଗ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ଏଥିରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆସନ୍ତା ୧୫ ଦିନ ମଧ୍ୟରେ ସଂଶୋଧିତ 'ସେଡ୍ୟୁଲ୍ ଅଫ୍ ରେଟ୍ସ'କୁ ଧାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବ୍ୟବସ୍ଥା ଦ୍ୱାରା ନିର୍ମାଣ ସାମଗ୍ରୀ, ଶ୍ରମିକ ଓ ଯନ୍ତ୍ରପାତିର ଦର ନିର୍ଦ୍ଧାରଣରେ ସମାନତା ଆସିବା ସହ ପ୍ରକଳ୍ପ ଅଟକଳ ଓ ପେମେଣ୍ଟ ପ୍ରକ୍ରିୟା ଅଧିକ ସହଜ ହେବ ଓ ଟେଣ୍ଡର ପ୍ରକ୍ରିୟାରେ ରହୁଥିବା ଅସଙ୍ଗତି ଦୂର କରିବା ପାଇଁ ସମସ୍ତ ଦସ୍ତାବିଜର ମାନକୀକରଣ (ଷ୍ଟାଣ୍ଡାର୍ଡ ବିଡ୍ ଡକୁମେଣ୍ଟ) କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି ଓ ଏଥିସହିତ ମୁଖ୍ୟ ଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଟେଣ୍ଡର ସମ୍ପର୍କିତ ସମସ୍ତ କାର୍ଯ୍ୟ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରାଯାଇଛି ଓ ଭୁବନେଶ୍ୱର ସହରର ଟ୍ରାଫିକ୍ ସମସ୍ୟା ହ୍ରାସ କରିବା ପାଇଁ 'ଡିକଞ୍ଜେସନ ପ୍ଲାନ' ଉପରେ ମନ୍ତ୍ରୀ ବିଶେଷ ଗୁରୁତ୍ୱାରୋପ କରିଛନ୍ତି ଓ ଏହି କ୍ରମରେ ଜୟଦେବ ବିହାର - ନନ୍ଦନକାନନର 'ଲେଫ୍ଟ ପାରାଲାଲ' ରାସ୍ତା କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ଦିନରାତି ଜାରି ରଖି ଚଳିତ ମାସ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ଓ ନିର୍ମାଣ କାର୍ଯ୍ୟ ଚାଲୁଥିବା ସମୟରେ ସାଧାରଣ ଲୋକ ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପାଇଁ ବିକଳ୍ପ ରାସ୍ତାର ବ୍ୟବହାର ଯୋଗ୍ୟତା ତଥା ସୁପରିଚାଳନା ନିଶ୍ଚିତ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ କହିଛନ୍ତି ଓ ନିର୍ମାଣ କ୍ଷେତ୍ରରେ ନୂତନ ଜ୍ଞାନକୌଶଳର ବିନିଯୋଗ ପାଇଁ କେନ୍ଦ୍ରୀୟ ସଡ଼କ ଗବେଷଣା ପ୍ରତିଷ୍ଠାନ (ଉଜଜଓ) ଢାଞ୍ଚାରେ ଓଡ଼ିଶାରେ ଏକ ସ୍ୱତନ୍ତ୍ର ଗବେଷଣା ପ୍ରତିଷ୍ଠାନ ପ୍ରତିଷ୍ଠା କରିବା ନେଇ ବୈଠକରେ ଆଲୋଚନା ହୋଇଥିବା ବେଳେ ଏହି ରାସ୍ତା ଗବେଷଣା ପ୍ରତିଷ୍ଠାନର ରୂପରେଖ ଓ କାର୍ଯ୍ୟାନ୍ୱୟନ ସମ୍ପର୍କିତ ବିସ୍ତୃତ ତଥ୍ୟ ଆଗାମୀ ଦିନରେ ଚୂଡ଼ାନ୍ତ କରାଯିବ ବୋଲି ନିଷ୍ପତି ଦିଆଯାଇଛି ଓ ଏଥି ସହ ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ସମସ୍ତ ବ୍ୟୟ ଲକ୍ଷ୍ୟ ହାସଲ କରିବା ସହ ସପ୍ଲିମେଣ୍ଟାରୀ ବଜେଟ୍‌ରେ ଅନୁମୋଦିତ ହୋଇଥିବା ବିଭିନ୍ନ ଡିଭିଜନର ଦେୟଗୁଡ଼ିକୁ ତୁରନ୍ତ ଭରଣା କରିବାକୁ ମନ୍ତ୍ରୀ ଅଧିକାରୀମାନଙ୍କୁ କହିଛନ୍ତି ଓ ଏହି ବୈଠକରେ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ଓଡ଼ିଶା ବ୍ରିଜ୍ ଆଣ୍ଡ କନଷ୍ଟ୍ରକସନ କର୍ପୋରେସନ ର ପରିଚାଳନା ନିର୍ଦ୍ଦେଶକ ଅନୁପମ ସାହା, ଇଆଇସି (ସିଭିଲ୍) ଙ୍କ ସତ୍ୟବ୍ରତ ବେହେରା, ସ୍ୱତନ୍ତ୍ର ସଚିବ ଙ୍କ ଲକ୍ଷ୍ମୀକାନ୍ତ ପାଢ଼ୀ, ଅର୍ଥ ପରାମର୍ଶଦାତା ରତିକାନ୍ତ ମହାପାତ୍ରଙ୍କ ସମେତ ଭୁବନେଶ୍ୱରର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଓ ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ଆସିଲା ଆଜ୍ଞାମାଳ : ଠାକୁରାଣୀ ଯାତ୍ରା ପାଇଁ ଉଠିଲା ଶୁଭ ଖୁଣ୍ଟି



ଭଞ୍ଜନଗର,(ସବ୍ୟୁ) : ବହୁ ପ୍ରତୀକ୍ଷିତ ଭଞ୍ଜନଗର ସହରର ଐତିହାସିକ ଠାକୁରାଣୀ ଯାତ୍ରା ପାଇଁ ଶୁଭ ଖୁଣ୍ଟି ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ବୁଧବାର ସକାଳୁ ପ୍ରଥମେ ମାଆ ବ୍ୟାଘ୍ର ଦେବୀଙ୍କ ପୀଠ କୁଲାଡରୁ ଭକ୍ତଜନ ଆଜ୍ଞାମାଳ ଆଣି ଭଞ୍ଜନଗର ବ୍ୟାଘ୍ର ଦେବୀଙ୍କ ବିଶ୍ରାମ ପୀଠରେ ରଖିଥିଲେ। ପରେ ସହରର ଅଧିଷ୍ଠାତ୍ରୀ ଦେବୀ ମାଆ ଠାକୁରାଣୀଙ୍କ ପୀଠରୁ ଯାତ୍ରା ସ୍ଥଳକୁ ଆଜ୍ଞାମାଳ ଅଣାଯାଇଥିଲା। ପରେ କମିଟି ସଦସ୍ୟମାନେ ବାଜା ବଜାଇ ବାଣ ଫୁଟାଇ ଏକ ବିରାଟ ଶୋଭାଯାତ୍ରାରେ ଯାତ୍ରାର ମୁଖ୍ୟ ପୁରୋଧା ତଥା ମାଆଙ୍କ ଆଦ୍ୟ ସେବକ ଉପଜିଲ୍ଲାପାଳଙ୍କ ବାସଭବନକୁ ଯାଇ ଉପଜିଲ୍ଲାପାଳ ଉମାଶଙ୍କର ବେହେରାଙ୍କୁ ଫୁଲ ଚନ୍ଦନ ଦେଇ ବରଣ କରିଥିଲେ। ସେଠାରୁ ଉପଜିଲ୍ଲାପାଳଙ୍କୁ ନେଇ ଏହି ପଟୁଆର ମାଆ ବ୍ୟାଘ୍ର ଦେବୀଙ୍କ ବିଶ୍ରାମ ମନ୍ଦିରକୁ ଯାଇଥିଲା। ସେଠାରେ ପୂଜାର୍ଚ୍ଚନା ପରେ ଉପଜିଲ୍ଲାପାଳ ବେହେରା ମାଆଙ୍କ ଆଜ୍ଞାମାଳ ଧରି ଖାଲି ପାଦରେ ବିରାଟ ଶୋଭାଯାତ୍ରାରେ ଯାତ୍ରା ସ୍ଥଳରେ ପହଞ୍ଚିଥିଲେ। ପରେ ବିଧାୟକ ତଥା ଯାତ୍ରାର ମୁଖ୍ୟ ଉପଦେଷ୍ଟା ପ୍ରଦ୍ୟୁମ୍ନ କୁମାର ନାୟକ ସେଠାରେ ପହଞ୍ଚିଥିଲେ। ଆଉ ମୁଖ୍ୟ ପୁରୋଧାଙ୍କ ସହ ସଭାପତି ରାଜେନ୍ଦ୍ର କୁମାର ବିଷୋୟୀ, ଅନ୍ୟତମ କର୍ତ୍ତା ସନ୍ତୋଷ ତିଆଡିଙ୍କ ଉପସ୍ଥିତିରେ ବ୍ରାହ୍ମଣ ପଣ୍ଡିତ ମାନେ ମନ୍ତ୍ର ଧ୍ୱନିରେ ଯଜ୍ଞ କାର୍ଯ୍ୟ ସମାପନ କରିଥିଲେ। ଉପଜିଲ୍ଲାପାଳ ନିର୍ଜଳ ଉପବାସ ରହି ଏହି କାର୍ଯ୍ୟ ସମ୍ପାଦନ କରିବା ପରେ ଶେଷରେ ଶୁଭ ଖୁଣ୍ଟି ଉଠିଥିଲା। ଏହି ସମୟରେ ମାଆମାନଙ୍କ ହୁଳହୁଳି ଓ ଭକ୍ତଜନଙ୍କ ହରିବୋଲ ନାଦରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା।

ସୂଚନାଯୋଗ୍ୟ ଯେ ପ୍ରତି ୩ ବର୍ଷରେ ଥରେ ଭଞ୍ଜନଗର ସହରରେ ଐତିହାସିକ ଠାକୁରାଣୀ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଚଳିତବର୍ଷ ମାଆଙ୍କ ଯାତ୍ରା କୁ ଅଧିକ ଆକର୍ଷଣୀୟ କରିବାକୁ ଯାତ୍ରା କମିଟି ଅଣ୍ଟା ଭିଡିଛନ୍ତି। ଚଳିତବର୍ଷ ର ଯାତ୍ରା ଏପ୍ରିଲ ୨୬ ତାରିଖ ରୁ ମଇ ମାସ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଆଉ ଏହି ସମୟରେ ଭଞ୍ଜନଗର ସହର ଏକ ସାଂସ୍କୃତିକ ମହାକୁମ୍ଭରେ ପରିଣତ ହେବ। ଏଥିରେ ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରୁ ବହୁ ସାଂସ୍କୃତିକ ଦଳ ଅଂଶଗ୍ରହଣ କରି ନିଜର କଳା ପ୍ରଦର୍ଶନ କରିବେ। ଆଉ ଏହାକୁ ଦେଖିବାକୁ ଏବେଠାରୁ ଜନସାଧାରଣଙ୍କ ମଧ୍ୟରେ ଉତ୍ସୁକତା ବୃଦ୍ଧି ପାଇଛି।

# ସାଇବର ଅପରାଧୀଙ୍କ ମ୍ୟୁଲ ଆକାଉଣ୍ଟ ପରିଚାଳନା କରି ଗିରଫ



ବ୍ରହ୍ମପୁର,(ସବ୍ୟୁ): : ବ୍ରହ୍ମପୁର ସାଇବର ପୁଲିସ ପକ୍ଷରୁ ଚାଲିଥିବା 'ଅପରେସନ ସାଇବର କବଚ'ରେ ଏକ ବଡ଼ ସଫଳତା ମିଳିଛି । ଅନ୍ତଃରାଜ୍ୟ ସାଇବର ଠକେଇ ସିଣ୍ଡିକେଟର ଜଣେ ମୁଖ୍ୟ ମ୍ୟୁଲ ଆକାଉଣ୍ଟ ଅପରେଟରକୁ ପୁଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ଗଞ୍ଜାମ ଜିଲା ରମ୍ଭା ଥାନା ଅନ୍ତର୍ଗତ କଣ୍ଟିଆଗଡ ଗ୍ରାମର ଜ୍ୟୋତିରଞ୍ଜନ ପ୍ରଧାନ ଓରଫ ରୋହନ (୨୧) । ସୂଚନାପ୍ରକାରେ, ଅଭିଯୁକ୍ତ ରୋହନ ତା'ର ଦୁଇ ଜଣ ସହଯୋଗୀଙ୍କ ସହିତ ମିଶି ୫୦ରୁ ୭୦ଟି ମ୍ୟୁଲ ବ୍ୟାଙ୍କ ଆକାଉଣ୍ଟ ଖୋଲିଥିଲେ । ସେହି ଆକାଉଣ୍ଟଗୁଡ଼ିକୁ ସାଇବର ଠକମାନଙ୍କୁ ଯୋଗାଇ ଦେଉଥିଲେ । ସିଣ୍ଡିକେଟ ସଦସ୍ୟମାନେ ସାଧାରଣ ଓ ଅସହାୟ ଲୋକଙ୍କୁ ମାସିକ ଆର୍ଥିକ ଲାଭର ମିଛ ପ୍ରତିଶ୍ରୁତି ଦେଇ ସେମାନଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ସହ ପାସବୁକ, ଏଟିଏମ କାର୍ଡ ଓ ଚେକବୁକ ନିଜ ନିୟନ୍ତ୍ରଣକୁ ନେଇଯାଉଥିଲେ । ଏହି ଆକାଉଣ୍ଟଗୁଡ଼ିକୁ ବ୍ୟବହାର କରି ଦେଶବ୍ୟାପୀ ହୋଇଥିବା ପ୍ରାୟ ୨ କୋଟି ଟଙ୍କାର ଠକେଇ ଅର୍ଥକୁ ଧଳା କରିବା ପାଇଁ ବ୍ୟବହାର କରାଯାଉଥିବା ପୁଲିସ ତଦନ୍ତରୁ ଜଣାପଡିଛି । ୧୦ଟି ମ୍ୟୁଲ ଆକାଉଣ୍ଟକୁ ଯାଞ୍ଚ କରାଯିବା ପରେ ମହାରାଷ୍ଟ୍ର, ଗୁଜୁରାଟ, ଉତ୍ତର ପ୍ରଦେଶ, ହରିୟାଣା, ପଞ୍ଜାବ, ପଶ୍ଚିମବଙ୍ଗ, ତେଲଙ୍ଗାନା ଓ ତାମିଲନାଡୁ ଭଳି ଅନେକ ରାଜ୍ୟରେ ଏହି ଠକେଇର ଜାଲ ବିସ୍ତାର ହୋଇଥିବା ପ୍ରମାଣ ମିଳିଛି । ପୁଲିସ ଅଭିଯୁକ୍ତ ରୋହନ ଏକ ମୋବାଇଲ ଫୋନ ଜବତ କରିଛି । ସେହି ମୋବାଇଲରେ ଏହି ଠକେଇ ସମ୍ପର୍କରେ ଏବଂ କିଛି ସାଇବର ଠକଙ୍କ ବିଷୟରେ ତଥ୍ୟ ରହିଥିବା ପୁଲିସ ପକ୍ଷକ୍ଷରୁ ସୂଚନା ଦିଆଯାଇଛି । ତେବେ ଅଭିଯୁକ୍ତ ରୋହନ ଏବଂ ତାଙ୍କ ସହଯୋଗୀମାନେ ବିଭିନ୍ନ ଲୋକଙ୍କ ନାମରେ ଖୋଲିଥିବା ୫୦ରୁ ୬୦ଟି ବ୍ୟାଙ୍କ ଆକାଉଣ୍ଟର ତଦନ୍ତ ଜାରି ରଖିଛି ।

# ସିଦ୍ଧାର୍ଥନଗରରେ ମହିଳାଙ୍କୁ ହତ୍ୟା

ବ୍ରହ୍ମପୁର,(ସବ୍ୟୁ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ସିଦ୍ଧାର୍ଥନଗର ଦ୍ୱିତୀୟ ଲାଇନରେ ଜଣେ ମହିଳାଙ୍କୁ ଶିଳପୁଆ ଛେଚି ହତ୍ୟା କରାଯାଇଛି । ମୃତକ ଜଣଙ୍କ ହେଲେ ସ୍ୱର୍ଗତ ମୁରଲୀ ସେଠୀଙ୍କ ପତ୍ନୀ ଅଶାନ୍ତି ସେଠୀ(୪୭) । ମୃତ ଅଶାନ୍ତିଙ୍କ ନଣନ୍ଦ ଓ ବୋହୂ ମିଶି ତାଙ୍କ ହତ୍ୟା କରିଥିବା ଅଭିଯୋଗ ହୋଇଛି । ଏ ନେଇ ବୈଦ୍ୟନାଥପୁର ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଉକ୍ତ ଘରୁ ଏକ ଶିଳ ଜବତ କରିଛି । ସୂଚନାପ୍ରକାରେ, ଭଞ୍ଜନଗରର ମୁରଲୀ ସେଠୀ ଆଜକୁ ୨୨ ବର୍ଷ ତଳେ ବୁଗୁଡା ନିମପଦରର ଖଦାଳ ସେଠୀଙ୍କ ଝିଅ ଅଶାନ୍ତିଙ୍କୁ ବିବାହ କରିଥିଲେ । ମୁରଲୀ ଚାକିରି କରୁଥିବାରୁ ସିଦ୍ଧାର୍ଥନଗର ୨ୟ ଲାଇନରେ ଘର ନିର୍ମାଣ କରି ଅଶାନ୍ତିଙ୍କ ସହ ରହୁଥିଲେ । କିଛି ବର୍ଷ ତଳେ ମୁରଲୀଙ୍କ ଦେହାନ୍ତ ହୋଇଯାଇଥିଲା । ଏହାପରେ ମୁରଲୀଙ୍କ ପୁଅ ଓ ବୋହୂ, ଝିଅ ମିଳିମିଶି ପେନସନ ଟଙ୍କା, ଘର ଜମିବାଡିକୁ ନେଇ ଅଶାନ୍ତିଙ୍କ ସହ ଝଗଡା କରି ଆସୁଥିଲେ । ଏପରିକି ଅଶାନ୍ତିଙ୍କୁ ମାରପିଟ କରାଯାଉଥିବା ଅଭିଯୋଗ କରିଛି । ଏହି ଘରୋଇ କଳିକୁ ନେଇ ଉଭୟ ପକ୍ଷରୁ କୁଳସମାଜରେ ଅଭିଯୋଗ ପରେ ବୈଠକ ଓ ଆଲୋଚନା ମଧ୍ୟ ହୋଇଥିଲା । ହେଲେ ଆଜି ସକାଳୁ ଅଶାନ୍ତିଙ୍କ ମୃତ୍ୟୁ ହୋଇଯାଇଥିବା ନେଇ ତାଙ୍କ ବାପା ଖଦାଳ ସେଠୀ ଖବର ପାଇଥିଲେ । ସେ ବ୍ରହ୍ମପୁରରେ ପହଞ୍ଚି ଝିଅର ମୃତଦେହ ଚିହ୍ନଟ କରିବା ସହ ଘଟଣା ସମ୍ପର୍କରେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ । ପୁଲିସ ସାଇଣ୍ଟିଫିକ ଟିମ ଜରିଆରେ ତଦନ୍ତ ଚଳାଇଛି ।

# ପୁରୀ ଗଲେ ୨୩୨ ବରିଷ୍ଠ ନାଗରିକ ତୀର୍ଥଯାତ୍ରା



ବାରିପଦା, (ସବ୍ୟୁ) : ରାଜ୍ୟସରକାରଙ୍କ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ବୁଧବାର ଦିନ ମୟୂରଭଞ୍ଜ ଜିଲ୍ଲାରୁ ୨୩୨ ଜଣ ବରିଷ୍ଠ ନାଗରିକ ପୁରୀ ଅଭିମୁଖେ ତୀର୍ଥଯାତ୍ରା କରିଛନ୍ତି। ଶହୀଦ ସ୍ମୃତି ଭବନ ନିକଟରୁ ଓଏସ୍ଆରଟିସିର ୭ଟି ଅତ୍ୟାଧୁନିକ ବିଳାସପୂର୍ଣ୍ଣ ବସ୍ ଯୋଗେ ତୀର୍ଥଯାତ୍ରୀମାନେ ପୁରୀ ଯାଇଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ତୀର୍ଥଯାତ୍ରାର ଶୁଭାରମ୍ଭ କରିଛନ୍ତି। ସରକାରଙ୍କ ଏହି ଯୋଜନା ମାଧ୍ୟମରେ ବରିଷ୍ଠ ନାଗରିକମାନଙ୍କ ଜଗନ୍ନାଥ ଦର୍ଶନର ଅଧୁରା ସ୍ୱପ୍ନ ସାକାର ହେଉଛି ଏବଂ ଏହି ଆଧାତ୍ମିକ ଅନୁଭୂତି ତାଙ୍କ ଜୀବନକୁ ସାର୍ଥକ କରିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ମତବ୍ୟକ୍ତ କରିଛନ୍ତି। ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ମୁଦୁୟା, ଜିଲ୍ଲା ସଂସ୍କୃତି ଅଧିକାରୀ ଶୁଭାଶିଷ ନାୟକ ଉପସ୍ଥିତ ରହି ତୀର୍ଥଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସୁଖମୟ ଓ ସୁରକ୍ଷିତ ଯାତ୍ରା କାମନା କରିଛନ୍ତି। ତୀର୍ଥଯାତ୍ରୀମାନଙ୍କ ସୁରକ୍ଷିତ ଯାତ୍ରା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ସହାୟକ ଅଧିକାରୀ ଭାବେ ଦେବବ୍ରତ ମିଶ୍ର, ତନ୍ମୟ ଦାସ, ରୁଦ୍ର କିଶୋର ସ୍ୱାଇଁ, ବିନୟ କୁମାର ସି, ଏମ୍.ମହେନ୍ଦ୍ର ସୋରେନ ଓ କାରୁ ମାରାଣ୍ଡି ପ୍ରମୁଖ ଯାତ୍ରାରେ ସାମିଲ ହୋଇଛନ୍ତି। ଯାତ୍ରା ପୂର୍ବରୁ ବାରିପଦା ଷ୍ଟାଡିୟମରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରର ବିଶେଷଜ୍ଞ ଡାକ୍ତରମାନେ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ସେମାନଙ୍କୁ ଯାତ୍ରା ପାଇଁ ଫିଟ୍ ଘୋଷଣା କରିଥିଲେ। ଜିଲ୍ଲା ପର୍ଯ୍ୟଟନ ବିକାଶ ଅଧିକାରୀ ହିମାଂଶୁ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ସକ୍ରିୟ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ସ୍ୱତନ୍ତ୍ର ଆର୍ଥିକ ଅନୁଦାନ ରାଶି ଘୋଷଣା ଦାବି ନେଇ
# ଭଞ୍ଜସେନାର ମନ୍ତ୍ରୀ, ବିଧାୟକଙ୍କୁ ଦାବିପତ୍ର ପ୍ରଦାନ

ଭୁବନେଶ୍ୱର, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲାରେ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା,ଐତିହ୍ୟସ୍ଥଳୀର ପୁନରୁଦ୍ଧାର, ବନ୍ୟଜାତ ଦ୍ରବ୍ୟର ଉଚିତ ବ୍ୟବସାୟୀକରଣ ସହିତ ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପକୁ ନେଇ କୁଟୀର ଶିଳ୍ପ ମାଧ୍ୟମରେ ଜିଲ୍ଲାବାସୀଙ୍କ ସମ୍ମୁଖରେ ରୋଜଗାର ସୃଷ୍ଟି କରିବା ସକାଶେ ଏକ ସ୍ୱତନ୍ତ୍ର ଆର୍ଥିକ ସହାୟତା ପ୍ରଦାନ କରିବାକୁ ଜିଲ୍ଲାର ଜଣେ ନିର୍ବାଚିତ ପ୍ରତିନିଧି ହିସାବରେ ଚଳିତ ବିଧାନସଭା ଓ ଆଗାମୀ ସଂସଦ ଅଧିବେଶନରେ ଦୃଢ଼ ଭାବେ ଦାବୀ ଉପସ୍ଥାପନ କରି ସତନ୍ତ୍ର ଆର୍ଥିକ ଅନୁଦାନ ରାଶି ସରକାରୀ ସ୍ତରରେ ଘୋଷଣା କରେଇବାର ଦାବୀ ନେଇ ବୁଧବାର ଦିନ ମୟୂରଭଞ୍ଜର ଏକମାତ୍ର ଅଣ ରାଜନୈତିକ ସାମାଜିକ ସଂଗଠନ ଭଞ୍ଜସେନା ତରଫରୁ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କର ଆହ୍ୱାନ କ୍ରମେ ମୟୂରଭଞ୍ଜ ଜିଲ୍ଲା କର୍ଯ୍ୟକାରୀ ସଭାପତି ରବିନ ମହାନ୍ତି, ଜିଲ୍ଲା ଯୁବଶାଖା କର୍ଯ୍ୟକାରୀ ସଭାପତି କିଷାନ କୁମାର ସାହୁ, ଜିଲ୍ଲା ଆଦିବାସୀ ଶାଖା ସାଧାରଣ ସମ୍ପାଦକ ସଞ୍ଜୟ ହାଁସଦା, ସେରଲ ମୁର୍ମୁ,ସଞ୍ଜୟ ହାଁସଦା, ରବୀନ୍ଦ୍ର ମାରାଣ୍ଡି ପ୍ରମୁଖ ଏକ ପ୍ରତିନିଧି ଦଳ ବୁଧବାର ଦିନ ଭୁବନେଶର ଆସି ଜିଲ୍ଲାର ଦୁଇ ଜଣ ମନ୍ତ୍ରୀ ସହିତ ଅନ୍ୟାନ୍ୟ ବିଧାୟକ/ବିଧାୟିକା ଗଣଙ୍କୁ ଭେଟି ଦାବୀ ପତ୍ର ପ୍ରଦାନ କରି ନିବେଦନ କରିଥିଲେ ଏବଂ ଅନ୍ୟ ଦୁଇ ସାଂସଦଙ୍କର ଉଦ୍ଦେଶ୍ୟରେ ଡାକ ଯୋଗେ ଦାବୀପତ୍ର ପ୍ରେରଣ କରାଯାଇଛି ବୋଲି କର୍ଯ୍ୟକାରୀ ସଭାପତି ରବିନ ମହାନ୍ତି ସୂଚନା ପ୍ରଦାନ କରିଛନ୍ତି ।

# ଯୁବତୀଙ୍କୁ ପ୍ରତାରଣା, ଅଧ୍ୟାପକ ଗିରଫ

ବ୍ରହ୍ମପୁର,(ସବ୍ୟୁ): ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିବା ଓ ପରବର୍ତ୍ତୀ ସମୟରେ ପ୍ରତାରଣା କରିଥିବା ଜଣେ ଅଧ୍ୟାପକଙ୍କୁ ବୈଦ୍ୟନାଥପୁର ଥାନା ପୋଲିସ ଗିରଫ କରିଛି। ସେ ହେଲେ କନ୍ଧମାଳ ଜିଲା ବ୍ରାହ୍ମଣୀଗାଁ ଅଞ୍ଚଳର ସୁଜ୍ କନ୍ଧ(୩୦)। ସେ ବ୍ରହ୍ମପୁରର ଏକ ସରକାରୀ କନିଷ୍ଠ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ଅଧ୍ୟାପକ ଭାବେ କାର୍ଯ୍ୟ କରୁଥିଲେ । ସଂପୃକ୍ତ ଯୁବତୀଙ୍କ ସେ ୪ଥର ଗର୍ଭ ନଷ୍ଟ କରିଥିବା ଅଭିଯୋଗ ରହିଛି । ବୁଧବାର ପୋଲିସ ତାଙ୍କୁମାମଲା ନଂ ୯୯/୨୬ ରେ ଉକ୍ତ କଲେଜ କୁ ଯାଇ ଗିରଫ କରିବା ସହ ତାଙ୍କୁ କୋର୍ଟ ଚାଲାଣ କରିଛି। ଘଟଣାରୁ ପ୍ରକାଶ ଯେ, ବ୍ରହ୍ମପୁରରେ ରହି ଏକ ଘରୋଇ ଚିକିତ୍ସାଳୟରେ କାର୍ଯ୍ୟ କରୁଥିବା କନ୍ଧମାଳ ଜିଲାରେ ଜଣେ ଯୁବତୀଙ୍କ ସହ ଅଭିଯୁକ୍ତ ସୁଜ୍ ୪ ବର୍ଷ ହେବ ସମ୍ପର୍କରେ ରହିଥିଲେ । ସଂପୃକ୍ତ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ସେ ବିଭିନ୍ନ ସ୍ଥାନକୁ ବୁଲାଇ ନେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ । ଏପରିକି ଯୁବତୀଙ୍କ ଠାରୁ ୨ ଲକ୍ଷ ନଗଦ ଟଙ୍କା ସହ ବିଭିନ୍ନ ସମୟରେ ସୁନା ଚେନ ଓ ମୁଦି ମଧ୍ୟ ନେଇଥିଲେ । ଯୁବତୀ ଜଣଙ୍କ ବିବାହ କଥା କହିଲେ ସେ ନାନାପ୍ରକାର ବାହାନ କରି ଦିନ ଗଡାଉଥିଲେ । ହେଲେ ୧୦ ଦିନ ତଳେ ସୁଜତ ବିବାହ କରିବେ ନାହିଁ ବୋଲି ସିଧାସଳଖ ଭାବେ ମନା କରି ଦେଇଥିଲେ । ଜିଦ ଧରିଲେ ସୁଜତ ଉକ୍ତ ଯୁବତୀଙ୍କୁ ହତ୍ୟା କରିବାକୁ ଧମକଚମକ ମଧ ଦେଇଥିଲେ। ପ୍ରତାରଣାର ଶିକାର ହେବା ପରେ ଯୁବତୀ ଜଣଙ୍କ ବୈଦ୍ୟନାଥପୁର ଥାନାକୁ ଯାଇ ଅଭିଯୋଗ କରିଥିଲେ।

# ହଳଦିଆ ପଦର ବସ ଷ୍ଟାଣ୍ଡରେ ଯାତ୍ରୀ ହନ୍ତସନ୍ତ

ଗୋପାଳପୁର,(ସବ୍ୟୁ): ଗତ ୬ତାରିଖ ରେ ବହୁ ପ୍ରତିକ୍ଷିତ ହଳଦିଆ ପଦର ସ୍ଥିତ ଅଟୋ ନଗର ବସ ଷ୍ଟାଣ୍ଡ ଆରମ୍ଭ କରାଗଲା। ଦୂର ଦୁରାନ୍ତରୁ ଆସୁଥିବା ଯାତ୍ରୀଙ୍କ ଯେପରି ଅସୁବିଧା ନ ହୁଏ ବସଷ୍ଟାଣ୍ଡ ପରିସରରେ ଶୌଚାଳୟ ଠୁ ଆରମ୍ଭ କରି ପାନୀୟ ଜଳ ଯୋଗାଣର ସୁ ବନ୍ଦୋବସ୍ତ କରାଯାଇଛି । ମାତ୍ର କିଛି ବସ ମାଲିକ ଏବଂ ମୋ ବସ ଗୁଡିକ ମନୋମୁଖୀ କାର୍ଯ୍ୟ ଯୋଗୁଁ ଯାତ୍ରୀ ମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି । ପ୍ରଥମେ ପୁରୁଷୋତମପୁର ବସ ଗୁଡାକ ଉକ୍ତ ବସଷ୍ଟାଣ୍ଡକୁ ଆସୁନଥିବା ହେତୁ ଯାତ୍ରୀମାନେ ଘୋର ଅସୁବିଧା ହେବାରେ ଲାଗିଛନ୍ତି।ପୁଣି ଇଚ୍ଛାପୁର, ଚିକିଟି ପଟୁ ମଧ ବସ ଗୁଡାକ ବସ ଷ୍ଟାଣ୍ଡ କୁ ଆସୁ ନଥିବା ଅଭିଯୋଗ ହେବାରେ ଲାଗିଛି। ଦ୍ୱିତୀୟତଃ ମୋ ବସ ଗୁଡିକର ବେପରୁଆ ମନୋଭାବ,ମୋ ବସ ଗୁଡାକ ବସଷ୍ଟାଣ୍ଡ ବାହାରେ ଯାତ୍ର ମାନଙ୍କୁ ଓହ୍ଲାଇ ଦେଉଥିବା ଦେଖିବାକୁ ମିଳିବା ସହ ବସଟି କୁ ଷ୍ଟାଣ୍ଡ ରେ ନିର୍ମାଣ ହୋଇଥିବା ସେଡରେ ନ ରଖି ସିଧା ବାହାରକୁ ନେଇ ଚାଲି ଯାଉଥିବା ଦେଖିବାକୁ ମିଳୁଛି । ଫଳରେ ଯାତ୍ରୀମାନେ ମୋ ବସ ଗୁଡାକ କେଉଁ ଜାଗାକୁ ଯିବ ଜାଣି ପାରୁ ନାହାନ୍ତି । ଯଦି ମୋ ବସ ଗୁଡାକ ଅତି କମରେ ବସ ଷ୍ଟାଣ୍ଡ ରେ ନିର୍ମାଣ ହୋଇ ଥିବା ସେଡ ରେ ୧୦ମିନିଟ ରହିଥାନ୍ତେ, ତା ହେଲେ ଯାତ୍ରୀମାନେ ବସଟି କେଉଁ ରୁଟ ଦେଇ ଯିବ ପଡି ଜାଣି ପାରିଥାନ୍ତେ । ଏଣୁ କିଛି ବୁଦ୍ଧିଜୀବୀ ଙ୍କ ଦାବି ଯେ, ଗଞ୍ଜାମ ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି।

# ଆଫସାର ହର୍ ଓଡ଼ିଶା କାର୍ଯ୍ୟକ୍ରମ : ୨୧ ମହିଳା ସମ୍ମାନିତ

ବ୍ରହ୍ମପୁର (ସବ୍ୟୁ) : ଆର୍ଯ୍ୟାଲେକ୍ସ ଫାଉଣ୍ଡେସନ୍ ଫର୍ ସୋସିଆଲ୍ ଆକ୍ଟିଭିଟିଜ୍ (ଆଫସା) ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ହର୍ ଓଡ଼ିଶା ନାମରେ ଏକ ବିଶେଷ କାର୍ଯ୍ୟକ୍ରମ ଭୁବନେଶ୍ୱରଠାରେ ତିନୋଟି ଅଧିବେଶନ ସହିତ ଆୟୋଜିତ ହୋଇଯାଇଛି । ମହିଳା ସଶକ୍ତିକରଣକୁ ପ୍ରୋତ୍ସାହନ ଦେବା ଓ ସମାଜରେ ମହିଳାଙ୍କ ଅବଦାନକୁ ସମ୍ମାନିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଥିଲା । ପ୍ରଥମ ଅଧିବେଶନରେ ଆଫସାର ପ୍ରତିଷ୍ଠାତା ଡ଼. ଆଲେକଜାଣ୍ଡାର ଦାସ ଅଧକ୍ଷତା କରିଥିବା ବେଳେ ଆର୍ସେଲର ମିତଲ ନିପନ୍ ଷ୍ଟିଲ ଇଣ୍ଡିଆର ଡିଜିଏମ୍ ଏଚଆର୍ ସୁପ୍ରିୟା ସ୍ୱାଇଁ ଓ ହିନ୍ଦାଲକୋ, ସୁନ୍ଦରଗଡ଼ର ଜିଏମ ଏବଂ ସିଏସଆର ହେଡ ନିହାରିକା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।ଏହା ସହିତ ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳା ସଶକ୍ତିକରଣ ଉପରେ ତାଙ୍କର ମତାମତ ରଖିଥିଲେ । ଏହି ଅବସରରେ ହର୍ ଓଡିଶା ଏକ୍ସିଲେନ୍ସ ଆୱାର୍ଡ ଓ ଚେଞ୍ଜମେକର୍ସ ଆୱାର୍ଡ ପ୍ରଦାନ କରାଯାଇଛି । ହର୍ ଓଡିଶା ଏକ୍ସିଲେନ୍ସ ଆୱାର୍ଡ ପାଇଁ ସୋନାଲି ଓଝା, ବିଦ୍ୟୁତପ୍ରଭା ଦାସ, ରୁକ୍ମିଣୀ ଖଲିଆ, ବନସ୍ମିତା ପତି, ଲୀଳାବତୀ ଉଲାକା, ସୁଶ୍ରୀ ସଙ୍ଗୀତା ଦାସ, ସଞ୍ଜୁ ପାତ୍ର, ପ୍ରିୟାଂଶୀ ବିଶ୍ୱାଳ, ଶୁଭଶ୍ରୀ ଭଞ୍ଜ, ବିଭାରାଣୀ ପାତ୍ର, ଡ଼. ସୁମୋନା କାର୍ଜି ମିଶ୍ର ଓ ଦୀପିକା ଦଣ୍ଡପାଟଙ୍କୁ ସମ୍ମାନିତ କରାଯାଇଛି ।ସେହିପରି ଭାରତୀ ନାହାକ, କୃଷ୍ଣା ପ୍ରିୟଦର୍ଶିନୀ ରାଉତ, ରୁମାନା ଜାଫ୍ରି, ମୋନାଲିସା ମିଶ୍ର, ପ୍ରଭାବତୀ ସାମଲ, ଚାରୁଲତା ବିଶ୍ୱାଳ, ଶିବାନୀ ସୁଭଦର୍ଶିନୀ, ଡ଼. ଅଭିଲାଷା ମିଶ୍ର ଓ ଚିନ୍ମୟୀ ଦେଓଙ୍କୁ ଚେଞ୍ଜମେକର୍ସ ଆୱାର୍ଡରେ ସମ୍ମାନିତ କରାଯାଇଛି । ଏଥି ସହିତ ତିନିଦିନିଆ ଏହି ଅଭିଯାନର ପ୍ରଥମ ଦିନରେ ଯାଜପୁର ଜିଲ୍ଲାର ରସୁଲପୁର ବ୍ଲକର ସୁଆଁସାହି ଆଶ୍ରମ ବିଦ୍ୟାଳୟ ର ଛାତ୍ରୀମାନଙ୍କୁ ଶିକ୍ଷାର ପ୍ରୋତ୍ସାହନ ଦେବା ପାଇଁ ସ୍କୁଲ୍ କିଟ୍ ବଣ୍ଟନ କରାଯାଇଥିଲା ଏବଂ ଦ୍ୱିତୀୟ ଦିନ ମହିଳାମାନଙ୍କ ଦ୍ୱାରା ଏକ ବିଶେଷ ମହିଳା ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା ।

# ଶିମିଳିପାଳ ଜଙ୍ଗଲରେ ନିଆଁ ଲଗାଇ ଜଣେ ଗିରଫ

ବାରିପଦା, (ସବ୍ୟୁ) : ଶିମିଳିପାଳ ଅନ୍ତର୍ଗତ ପିଠାବଟା ରେଞ୍ଜ ଅଞ୍ଚଳରେ ବନବିଭାଗ କର୍ମଚାରୀ ପକ୍ଷରୁ ପେଟ୍ରୋଲିଂ କରୁଥିବାବେଳେ ତିନି ଜଣ ଦୁର୍ବୃତ୍ତ ଜାଣିଶୁଣି ଜଙ୍ଗଲରେ ନିଆଁ ଲଗାଇଥିବାର ବନ କର୍ମଚାରୀ ଦେଖିବାକୁ ପାଇଥିଲେ । ତେବେ ଫରେଷ୍ଟର ଏବଂ ସୁରକ୍ଷା ସହାୟକ ମାନେ ତିନିଜଣଙ୍କ ମଧ୍ୟରୁ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ । ଏହି ଗିରଫ ହୋଇଥିବା ବ୍ୟକ୍ତି ଜଣଙ୍କ ବାଙ୍ଗିରିପୋଷି ଥାନା ଅଞ୍ଚଳର ଦୁର୍ଯୋଧନ ହାଁସଦାଃ(୫୬) ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଥିବାବେଳେ ତାଙ୍କ ନିକଟରୁ ଗୋଟିଏ ବଡ ମାଚିସ୍ ବକ୍ସ ଜବତ କରାଯିବା ସହ ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା ।

# ୧୪ରେ ଟିପିଏସ୍ଓଡିଏଲର ଲୋକ ଅଦାଲତ

ବ୍ରହ୍ମପୁର,(ସବ୍ୟୁ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ(ଟିପିଏସଓଡିଏଲ) ପକ୍ଷରୁ ଆସନ୍ତା ୧୪ ତାରିଖରେ ଚତୁର୍ଥ ଜାତୀୟ ଲୋକ ଅଦାଲତ ଓ ପ୍ରବର୍ତ୍ତନ ସମାଧାନ ଶିବିର ଅନୁଷ୍ଠିତ ହେବ । ଉପଭୋକ୍ତାଙ୍କ ଦ୍ୱାରା ଅନଧିକୃତ ବିଦ୍ୟୁତ ବ୍ୟବହାର ତଥା ବିଦ୍ୟୁତ ଚୋରି ସମ୍ବନ୍ଧୀୟ ମାମଲାର ସମାଧାନ ନିମନ୍ତେ ଏହି ଶିବିରର ଆୟୋଜନ କରାଯାଉଛି । ଏଠାରେ ଦୀର୍ଘ ଦିନ ଧରି ବିଚାରଧୀନ ଥିବା ମାମଲାଗୁଡ଼ିକର ଏକକାଳୀନ ସମାଧାନ କରାଯିବ । ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ, କୋରାପୁଟ, ରାୟଗଡା, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାର ସମସ୍ତ ଟିପିଏସଓଡିଏଲ ଡିଭିଜନ, ସବ-ଡିଭିଜନ, ସେକ୍ସନ ଅଫିସ ଓ ନିର୍ଦ୍ଦିଷ୍ଟ କୋର୍ଟ ପରିସରରେ ଏକକାଳୀନ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏହି ଶିବିରଗୁଡ଼ିକ ସକାଳ ୯ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଖୋଲା ରହିବ । ଉପଭୋକ୍ତାମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ପହଞ୍ଚି ମାର୍ଗଦର୍ଶନ ଓ ସହାୟତା ପାଇପାରିବେ । ଟିପିଏସଓଡିଏଲର ଏଭଳି ପଦକ୍ଷେପ ଦାୟିତ୍ୱପୂର୍ଣ୍ଣ ବିଜୁଳି ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହ କାର୍ଯ୍ୟାନ୍ୱୟନ ସମ୍ବନ୍ଧୀୟ ମାମଲାଗୁଡ଼ିକର ସମାଧାନକୁ ଶୃଙ୍ଖଳିତ କରିବାରେ ସହାୟକ ହେବ । ବିଜୁଳି ବ୍ୟବହାରରେ ସ୍ୱଚ୍ଛତା ଓ ନିୟମିତତା ରକ୍ଷା ହେବା ସହ ଉପଭୋକ୍ତା ଅନୁକୂଳ ବ୍ୟବସ୍ଥା ସ୍ଥାପିତ ହୋଇପାରିବ । ପ୍ରବର୍ତ୍ତନ ଅଧିକାରୀ, ଆଇନ ବିଶେଷଜ୍ଞ ଓ ଉପଭୋକ୍ତା ସହାୟତା କର୍ମଚାରୀମାନଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଦଳ ଲୋକ ଅଦାଲତରେ ଉପସ୍ଥିତ ରହି ଉପଭୋକ୍ତାମାନଙ୍କୁ ଆନୁଷଙ୍ଗିକ ସହାୟତା ପ୍ରଦାନ କରିବେ । ଲୋକ ଅଦାଲତ ସମ୍ପର୍କିତ ସବିଶେଷ ସୂଚନା, ଯେପରି, ଜିଲାୱାରୀ ବ୍ୟବସ୍ଥା, ଯୋଗ୍ୟ ମାମଲାର ବର୍ଗୀକରଣ, ପର୍ଯ୍ୟାୟ କ୍ରମେ ମାର୍ଗଦର୍ଶନ ଇତ୍ୟାଦି, ଟିପିଏସଓଡିଏଲର କାର୍ଯ୍ୟାଳୟରେ ମିଳିବ । ଗ୍ରାହକମାନେ ଅତିରିକ୍ତ ସୁବିଧା ନିମନ୍ତେ କମ୍ପାନୀର ଗ୍ରାହକ ସେବା କେନ୍ଦ୍ର ଓ ସହ ଯୋଗାଯୋଗ କରିପାରିବେ । ଏହା ଚଳିତ ବର୍ଷର ଶେଷ ଲୋକ ଅଦାଲତ ହୋଇଥିବା ହେତୁ ଟିପିଏସଓଡିଏଲ ନିଜର ସମସ୍ତ ଗ୍ରାହକମାନଙ୍କୁ ଏହି ସୁଯୋଗର ଲାଭ ଉଠାଇବାକୁ ନିବେଦନ କରୁଛି । ଲୋକ ଅଦାଲତରେ ମାମଲାର ସମାଧାନ କରି ଉପଭୋକ୍ତାମାନେ ଗୁଣାତ୍ମକ ବିଜୁଳି ସେବା ପାଇପାରିବେ । ଏହାଦ୍ୱାରା ସମଗ୍ର ଦକ୍ଷିଣ ଓଡ଼ିଶାରେ ଉପଭୋକ୍ତା ଅନୁକୂଳ ତଥା ସୁରକ୍ଷିତ ବିଜୁଳି ସେବା ଯୋଗାଣ ସୁନିଶ୍ଚିତ ହୋଇପାରିବ । କମ୍ପାନୀ ଏହି ଲୋକ ଅଦାଲତ ଶିବିର ମାଧ୍ୟମରେ ଉପଭୋକ୍ତାକୈନ୍ଦ୍ରିକ ସେବା ସାଙ୍ଗକୁ ଆଇନଗତ ବିଦ୍ୟୁତ ବ୍ୟବହାରର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଦିଗରେ ପ୍ରତିଶ୍ରୁତିବଦ୍ଧ ରହିଛି ।

# ଆଦାନୀ ଫାଉଣ୍ଡେସନର ଆନ୍ତର୍ଜାତୀୟ ମହିଳା ଦିବସ ପାଳନ



ଛତ୍ରପୁର,(ସବ୍ୟୁ) : ମହିଳାମାନଙ୍କ ସଫଳତା, ଶକ୍ତି ଓ ଅବଦାନକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ସ୍ଥାନୀୟ ଛତ୍ରପୁର ସ୍ଥିତ ଜିଲ୍ଲା ପରିଷଦ ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ଅତ୍ୟନ୍ତ ଉତ୍ସାହର ସହ ପାଳିତ ହୋଇଯାଇଛି। ବ୍ରହ୍ମପୁରର ଯୁଗ୍ମ ଶ୍ରମ କମିଶନର ସୁମିତ୍ରା ମାଝୀ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମହିଳାମାନଙ୍କୁ ଉତ୍ସାହିତ କରିଥିଲେ। ଆଦାନୀ ଫାଉଣ୍ଡେସନର ଏହି ପ୍ରୟାସ ଗ୍ରାମାଞ୍ଚଳର ମହିଳାମାନଙ୍କୁ ଆଗକୁ ବଢ଼ିବା ପାଇଁ ଏକ ନୂତନ ଦିଶା ପ୍ରଦାନ କରିବ ବୋଲି ସେ ଆଶା ପ୍ରକଟ କରିଥିଲେ।ଏହି କାର୍ଯ୍ୟକ୍ରମରେ ଗୋପାଳପୁର ବନ୍ଦର ପାର୍ଶ୍ୱବର୍ତ୍ତୀ ବିଭିନ୍ନ ପଞ୍ଚାୟତ ତଥା ଛତ୍ରପୁର ବିଜ୍ଞାପିତ ଅଞ୍ଚଳର ପ୍ରାୟ ୩୦୦ ରୁ ଉର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ। ଏଥି ମଧ୍ୟରୁ ୩୦ ଜଣ ମହିଳା ଉଦ୍ୟୋଗୀଙ୍କୁ ସେମାନଙ୍କର ନିଷ୍ଠା ଓ ସ୍ୱାବଲମ୍ବୀ ପ୍ରୟାସ ପାଇଁ ସମ୍ବର୍ଦ୍ଧିତ କରାଯିବା ସହ ସମାଜର ବିଭିନ୍ନ ବର୍ଗରେ ନିଜ ନିଜ କ୍ଷେତ୍ରରେ ସଫଳ ନେତୃତ୍ୱ ନେଇଥିବା ୧୦ ଜଣ ସଫଳ ମହିଳାଙ୍କୁ ମଧ୍ୟ ଫାଉଣ୍ଡେସନ ପକ୍ଷରୁ ସମ୍ମାନିତ କରାଯାଇଥିଲା ।ଏମାନଙ୍କ ମଧ୍ୟରୁ ସାନିଟାରୀ ନାପକିନ ଇନୋଭାଟିଭ ପ୍ରୋଜେକ୍ଟର ସ୍ନେହା ଗୌଡ, ରେଶମାରାଣୀ ଶତପଥୀ ଓ ଅମୃତା ସାଇଁ, ଶିଶୁକଳାକାର ମାଙ୍କେ, ଓଡିଶୀ ନୃତ୍ୟଗୁରୁ ଅଳକା ସାହୁ, ସମାଜସେବୀ ସମାପ୍ତି ପଣ୍ଡା ଏବଂ ଅନସ୍ଲୋ ଉଚ୍ଚ ବିଦ୍ୟାଳୟର ଭିନ୍ନକ୍ଷମ ଶିକ୍ଷୟିତ୍ରୀ ଉପାସନା ନନ୍ଦ ପ୍ରମୁଖ ଅନ୍ୟତମ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି, ଛତ୍ରପୁର ଏନଏସି ଅଧକ୍ଷ୍ୟା ଶର୍ମିଷ୍ଠା ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ଆଦିତି ଆଚାରଯ, ଛତ୍ରପୁର ମହିଳା ମହାବିଦ୍ୟାଳୟ ଅଧକ୍ଷ୍ୟା ସୁମିତ୍ରା ମିଶ୍ର, ପିଏମ ଶ୍ରୀ ଅନସ୍ଲୋ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ସୁଚିତ୍ରା ପାଣିଗ୍ରାହୀ, ଏମକେସିଜୀ ମେ ମାନସିକ ରୋଗ ବିଶେଷଜ୍ଞ ଡକ୍ଟର ଶର୍ମିଷ୍ଠା ଷଡଙ୍ଗି, ଜିଲ୍ଲା ଜେଣ୍ଡର ସମନ୍ୱୟ ଅଧିକାରୀ ମନୋରମା ସାହୁ, କାଳିପଲ୍ଲି ପଞ୍ଚାୟତ ସରପଞ୍ଚ ବି ଲକ୍ଷ୍ମୀ ପାତ୍ର, ଗୋପାଳପୁର ବନ୍ଦର ମହିଳା କ୍ଲବ ଅଧକ୍ଷ୍ୟା ରଞ୍ଜିତା ପାତ୍ର ଏବଂ ସଦସ୍ୟା ନିରୂପମା ଶତପଥୀ ପ୍ରମୁଖ ଯୋଗ ଦେଇ ଉପସ୍ଥିତ ଥିବା ମହିଳାମାନଙ୍କୁ ଉତ୍ସାହିତ କରିଥିଲେ। ଆଦାନୀ ଫାଉଣ୍ଡେସନ ସର୍ବଦା ସ୍ଥାନୀୟ ଅଞ୍ଚଳରେ ମହିଳାମାନଙ୍କର ଦକ୍ଷତା ବିକାଶ ଓ ସେମାନଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ କାର୍ଯ୍ୟ କରିଆସୁଛି। ଏହି ସମ୍ବର୍ଦ୍ଧନା ଉତ୍ସବ ମାଧ୍ୟମରେ ମହିଳାମାନଙ୍କ ମଧ୍ୟରେ ଥିବା ପ୍ରତିଭାକୁ ଲୋକଲୋଚନକୁ ଆଣିବା ସହ ସେମାନଙ୍କ ମନୋବଳ ବୃଦ୍ଧି କରିବା ହିଁ ଆଦାନୀ ଫାଉଣ୍ଡେସନର ଲକ୍ଷ ବୋଲି ଗୋପାଳପୁର ବନ୍ଦର ସିଏସଆର ମୁଖ୍ୟ ଦେବଦତ୍ତ ମିଶ୍ର ମତପ୍ରକାଶ କରିଥିଲେ।

# ଏମ୍ଏସସିବି ବିଶ୍ୱବିଦ୍ୟାଳୟରେ ଶାସ୍ତ୍ରୀୟ ଭାଷା ଦିବସ ପାଳନ



ବାରିପଦା, (ସବ୍ୟୁ) : ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପରିଷଦ ଦ୍ୱାରା ତ୍ରୟୋଦଶ ଶାସ୍ତ୍ରୀୟ ଭାଷା ଦିବସ ତଥା ପରିଷଦର ସପ୍ତମ ବାର୍ଷିକ ଉତ୍ସବ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର କମଳ ଲୋଚନ ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଯାଇଛି । ଏହି ସମାରୋହରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ ପ୍ରତ୍ୟେକ ଓଡ଼ିଆ ପାଇଁ ଏହି ଶାସ୍ତ୍ରୀୟ ଭାଷା ଦିବସ କିପରି ଗୌରବମୟ ସେ ବିଷୟରେ ଆଲୋକପାତ କରିବା ସହ ଓଡ଼ିଆ ଭାଷା ପ୍ରତି ମମତ୍ୱବୋଧ ଓ ସ୍ୱାଭିମାନ ହିଁ ଏ ଜାତିକୁ ବଞ୍ଚାଇ ରଖିବ ବୋଲି ସେ କହିଥିଲେ। ବିଶିଷ୍ଟ ସ୍ତମ୍ଭକାର ତଥା ବର୍ଷିୟାନ ସାମ୍ବାଦିକ ଡକ୍ଟର ବିଜୟ କୁମାର ଅଗ୍ରୱାଲ। ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଭାଷାର ସୁରକ୍ଷା ପାଇଁ ଗଭୀର ଅଧ୍ୟବସାୟ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେବା ସହ ଭାଷାକୁ ଆମ ଦୈନନ୍ଦିନ ବ୍ୟବହାରରେ ଆହୁରି ସୁଦୃଢ଼ କରିବାକୁ ଆହ୍ୱାନ କରିଥିଲେ। ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ମୁଖ୍ୟ ଭକ୍ତା ଭାବରେ ଯୋଗଦାନ କରି ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ ପାଇଁ ପ୍ରତ୍ୟେକ ଓଡ଼ିଆଙ୍କ କର୍ତ୍ତବ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିବା ସହିତ ଏଥିରେ ବିଶ୍ୱବିଦ୍ୟାଳୟର ଦାୟିତ୍ୱ ସମ୍ପର୍କରେ ନିଜ ପରାମର୍ଶ ରଖିଥିଲେ। ସମ୍ମାନିତ ବକ୍ତା ଭାବେ ବେତନଟୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଡକ୍ଟର ଜଗତ୍‌ବନ୍ଧୁ ଆଚାର୍ଯ୍ୟ ଯୋଗଦାନ କରି ଆମେ ଓଡ଼ିଆ ଭାବରେ ଗର୍ବ କଲାବେଳେ ବିଚ୍ଛିନ୍ନାଞ୍ଚଳ ଓଡ଼ିଆ ମାନଙ୍କର ସମସ୍ୟାର ଚିନ୍ତା କରିବାର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହି ସ୍ମରଣୀୟ ଦିବସରେ ମୟୂରଭଞ୍ଜର ବରିଷ୍ଠ ସାହିତିଯକ, ସଙ୍ଗଠକ ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁଙ୍କୁ ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପରିଷଦ ଦ୍ୱାରା ମାନପତ୍ର, ଉତ୍ତରୀୟ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦର ଉପସଭାପତି ପ୍ରଫେସର ପୁଷ୍ପାଞ୍ଜଳି ପରିଡ଼ା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରିଷଦର ସମ୍ପାଦକ ଡକ୍ଟର ବିଚିତ୍ରନାଥ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ ଓ ସହ-ସମ୍ପାଦକ ଡକ୍ଟର ସ୍ୱରୂପାନନ୍ଦ ବିଷୟୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ସ୍ନେହାଶିଷ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପରିଷଦର ସହ-ସମ୍ପାଦକ ଡକ୍ଟର ଶିଶିର ବେହେରା, ସ୍ନାତକୋତ୍ତର ଓଡ଼ିଆ ବିଭାଗର ଅଧ୍ୟାପକ ରାଜକୁମାର ପାତ୍ର, ହୃଶୀକେଶ ମହାନ୍ତ, ଅଧ୍ୟାପିକା ଡଃ ବିନ୍ଧେଶ୍ୱରୀ କଳିଆ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଅପରାହ୍ଣରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଆ ବିଭାଗର ଛାତ୍ରଛାତ୍ରୀଙ୍କ ଦ୍ୱାରା ଡକ୍ଟର ରତ୍ନାକର ଚଇନିଙ୍କ ଲିଖିତ ଏବଂ ବିଶ୍ୱବିଦ୍ୟାଳୟ ସହକାରୀ ପ୍ରଫେସର ଡକ୍ଟର ଶାନ୍ତିସ୍ୱରୂପ ବସାଙ୍କ ନିର୍ଦ୍ଦେଶିତ ନାଟକ 'ଅନ୍ୟ ଏକ ଶ୍ରବଣ କୁମାର' ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ମଞ୍ଚସ୍ଥ କରାଯାଇଥିଲା। ଏଥିରେ ଚିତାକର୍ଷକ ଅଭିନୟ ପାଇଁ ପ୍ରଥମ ସ୍ଥାନରେ ବର୍ଷାରାଣୀ ଜେନା, ଦ୍ୱିତୀୟ ସ୍ଥାନରେ ସୀମାଲତା ସାହୁ ଓ ତୃତୀୟ ସ୍ଥାନରେ ରଶ୍ମିତା ବେରାଙ୍କୁ ପୁରସ୍କୃତ କରାଯାଇଥିଲା।

# ଓଡ଼ିଆ ଭାଷା ଏକ ଅବିଚ୍ଛିନ୍ନ ଶାସ୍ତ୍ରୀୟ ପ୍ରବହମାନ ଧାରା



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟରେ 'ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ' ମହାସମାରୋହରେ ପାଳିତ ହୋଇଯାଇଛି । ସ୍ନାତକୋତ୍ତର ଓଡିଆ ଭାଷା ଓ ସାହିତ୍ୟ ବିଭାଗ ଦ୍ୱାରା ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଓଡ଼ିଆ ପ୍ରାଧ୍ୟାପକ ଡ. ପ୍ରମୋଦ କୁମାର ପାଢ଼ୀ ଯୋଗଦାନ କରି ଓଡ଼ିଆ ଭାଷାର ଶାସ୍ତ୍ରୀୟତାର ଯାଥାର୍ଥ୍ୟ ପ୍ରଦାନ କରିଥିଲେ । ଆମର ପ୍ରାଚୀନ ଶିଳାଲିପି, ତାମ୍ର ପତ୍ରଲିପି ତଥା ତାଳପତ୍ର ପୋଥିର ଯେଉଁ ଲିଖିତ ପ୍ରାମାଣିକ ଦସ୍ତାବିଜ୍ ରହିଛି ତାହା ଉତ୍ତର ଭାରତର ଅନ୍ୟ କୌଣସି ଭାଷାରେ ଉପଲବ୍ଧ ନାହିଁ। ଓଡ଼ିଆ ଭାଷାର ଏକ ଅବିଚ୍ଛିନ୍ନ ଶାସ୍ତ୍ରୀୟ ପ୍ରବହମାନ ଧାରା ରହିଛି । ଆଧୁନିକ ପିଢ଼ି ଏହାର ରକ୍ଷଣାବେକ୍ଷଣ କରିବା ଗତିଶୀଳ କରିବା ପାଇଁ ପ୍ରୟାସ କରିବା ଆବଶ୍ୟକ ବୋଲି କହିଥିଲେ । କଲେଜର ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହର ସଂପାନର ସଭାପତିତ୍ୱ କରି କହିଥିଲେ ଯେ, ଓଡ଼ିଆ ଭାଷାର ପ୍ରକାଶ ଓ ବିକାଶରେ ଲେଖକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ସାରଳା ଦାସ, ବଳରାମ ଦାସ, ଜଗନ୍ନାଥ ଦାସଙ୍କ ଠାରୁ ଆରମ୍ଭ କରି ଆଧୁନିକ ଯୁଗର ଲେଖକମାନେ ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ କରିଯାଇଛନ୍ତି । ଅନ୍ତରୀଣ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠର ନିର୍ଦ୍ଦେଶକ ପ୍ରଫେସର ରବୀନ୍ଦ୍ର କୁମାର ପାଣିଗ୍ରାହୀ ଓଡ଼ିଆ ଭାଷାର ଶକ୍ତି ସାମର୍ଥ୍ୟ ଉପରେ ଆଲୋକପାତ କହିଥିଲେ ଯେ ରାଜନୀତିକ ଓ ଅର୍ଥନୀତିକ ପ୍ରଗତି ଭାଷାର ପ୍ରଗତିରେ ସହାୟତା କରେ । ଏଣୁ ଆମକୁ ଅର୍ଥନୀତି ଓ ରାଜନୀତି କ୍ଷେତ୍ରରେ ଅଗ୍ରଗତି କରିବାକୁ ପଡ଼ିବ । ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ଅଖିଳ ବିଶ୍ୱାଳ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହିତ ସଂପାନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରଫେସର ରମେଶ ଚନ୍ଦ୍ର ମିନ୍ଧା ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ସଂପାନର ସଂଯୋଜନା କରିଥିଲେ। ଏଥିରେ ଶତାଧିକ ଛାତ୍ରୀ ଯୋଗ ଦେଇଥିଲେ ।

## ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ଏକ ସାଇନବୋର୍ଡ ପାଲଟିଛି

# ବଲାଙ୍ଗିରକୁ ଅବହେଳା କରୁଛନ୍ତି ସରକାର : ନରସିଂହ

ବଲାଙ୍ଗିର,(ସବ୍ୟୁ): ସରକାର ବଦଳିଛି ,କିନ୍ତୁ ବଲାଙ୍ଗିରର ଭାଗ୍ୟ ବଦଳିନି । ଯଦି ଶିକ୍ଷା କ୍ଷେତ୍ରରେ ଦେଖାଯାଏ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟରେ ୧୨୬ ପଦବୀରୁ ୧୦୦ ପଦବୀ ଖାଲି ପଡିଛି । ଅଣଶିକ୍ଷକ ପଦବୀରେ ଜଣେ ବି ନାହାନ୍ତି । ମହିଳା ମହାବିଦ୍ୟାଳୟ ଯୁକ୍ତ ଦୁଇ ବିଜ୍ଞାନ ବିଭାଗ ର ଅବସ୍ଥା ନ କହିଲେ ସରେ । ବିନା ଶିକ୍ଷକରେ ଏଠି ଅଧ୍ୟାପନା ଚାଲିଛି । ସଂସ୍କୃତି ମହାବିଦ୍ୟାଳୟ ଚାଲିଛି କେବଳ ଦୁଇ ଜଣ ଶିକ୍ଷକରେ । ଏଥିରୁ ବଲାଙ୍ଗିରବାସୀ ଅନୁମାନ କରନ୍ତୁ ଯେ ବଲାଙ୍ଗିର କୁ ରାଜ୍ୟ ସରକାର କେଉ ନଜରରେ ଦେଖୁଛନ୍ତି । ପୂର୍ବ ସରକାର ସମୟରେ ମଧ୍ୟ ଅବସ୍ଥା ଏପରି ଥିଲା । ବହୁତ ପ୍ରତିଶୃତି ଦେଇ ବର୍ତ୍ତମାନର ସରକାର ଶାସନକୁ ଆସିଲା ପରେ ମଧ୍ୟ ଅବସ୍ଥା ଯେମିତି ଅଛି । ତେଣୁ ମୁଁ ତ କହିବି ପୂର୍ବ ବିଜେଡି ସରକାର ପରି ବର୍ତ୍ତମାନର ବିଜେପି ସରକାର ମଧ୍ୟ ବଲାଙ୍ଗିର ଜିଲ୍ଲାକୁ ସବୁ କ୍ଷେତ୍ରରେ ଅବହେଳା କରିବା ଜାରି ରଖିଛନ୍ତି ବୋଲି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଏକ ସାମ୍ବାଦିକ ସମ୍ମିଳନୀ କରି କ୍ଷୋଭ ପ୍ରକାଶ କରିଛନ୍ତି । ଶିକ୍ଷା କ୍ଷେତ୍ରରେ ସାରା ରାଜ୍ୟରେ ଶିକ୍ଷକ, ଅଧ୍ୟାପକ ଅଭାବ ଜାରି ରହିଛି କିନ୍ତୁ ବଲାଙ୍ଗିର ମହିଳା ମହାବିଦ୍ୟାଳୟ ଏ କ୍ଷେତ୍ରରେ ରେକର୍ଡ ସୃଷ୍ଟି କରିଛି । ଏଠିକାର ଯୁକ୍ତ ଦୁଇ ବିଜ୍ଞାନ ବିଭାଗରେ ଆଜି ପର୍ଯ୍ୟନ୍ତ ଜଣେ ବି ଅଧ୍ୟାପକ ନାହାନ୍ତି । ତଥାପି ଅଧ୍ୟାପନା ଚାଲିଛି । ସେଥିରୁ ବଲାଙ୍ଗିରବାସୀ ବୁଝନ୍ତୁ ଯେ ସରକାରମାନେ ବର୍ତ୍ତମାନର ଜନ ପ୍ରତିନିଧିମାନେ ବଲାଙ୍ଗିରବାସୀଙ୍କୁ କିଭଳି ବ୍ୟବହାର କରୁଛନ୍ତି । ବିଶ୍ୱ ବିଦ୍ୟାଳୟରେ ମୁଖ୍ୟତଃ ଗବେଷଣା କାର୍ଯ୍ୟ



କରାଯାଇଥାଏ । କିନ୍ତୁ ଶିକ୍ଷକ ଅଣଶିକ୍ଷକ ପଦବୀ ଦେଖିଲେ ଜଣାଯାଏ ଯେ ଏଠି ଗବେଷଣା ତ ଦୂରର କଥା ଛାତ୍ରମାନଙ୍କ ପାଇଁ ଶିକ୍ଷାଗ୍ରହଣ କରିବା ବି ଆଗାମୀ ଦିନରେ ସ୍ୱପ୍ନ ହୋଇଯିବ । ଦେଓଗାଁ ଚିନି କଳ ଖୋଲାଯିବା ପାଇଁ ନୂଆ ସରକାର ପଦକ୍ଷେପ ନିଆଯିବାର ପ୍ରତିଶୃତି ଦିଆଯାଇଥିଲା । କିନ୍ତୁ ସରକାର ଗଠନ ହେବା ଦୁଇ ବର୍ଷ ପାଖାପାଖି ହେବ ଏହି ଚିନିକଳ ପୁନଃ ପ୍ରଚଳନ ପାଇଁ କୌଣସି ସୁଖବର ଆସୁନାହିଁ । ପୂର୍ବ ସରକାର ଅଧାପନ୍ତରିଆ ଭାବେ ଲୋୟର ସୁକତେଲ ପ୍ରକଳ୍ପକୁ ଉଦ୍ଘାଟନ କରିଥିଲେ । ଉଦ୍ଘାଟନି ସଭାରେ ଏହାକୁ ମୁଁ ବହୁତ ସମାଲୋଚନା କରିଥିଲି । ସରକାର ବଦଳି ଦୁଇ ବର୍ଷ ହେଲା ବିଜେପି ସରକାର ମଧ୍ୟ ଚାଷୀଙ୍କ ଚାଷ ଜମିକୁ ଆଜି ପର୍ଯ୍ୟନ୍ତ ତାଙ୍କ ପ୍ରତିଶୃତି ମୁତାବକ ପାଣି କାହିଁକି ଦେଇପାରିନାହାନ୍ତି ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀ ମିଶ୍ର । ଅବଶ୍ୟ ଲୋୟର ସୁକତେଲ ଡ୍ୟାମ ତଳେ ଏକ ମିନି ଷ୍ଟାଡିୟମ ଏବଂ ପାର୍କ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କୁ ସେ ନିଜେ ଭେଟି ଅନୁରୋଧ କରିଥିଲେ । ପାର୍କ ଓ ଷ୍ଟାଡିୟମ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଆପାତତଃ ମଞ୍ଜୁରି ମିଳିଯାଇଛି ବୋଲି ଶ୍ରୀ ମିଶ୍ର କହିଥିଲେ । ସାମ୍ବାଦିକ ସମ୍ମିଳନୀରେ ଧାନକିଣା ଅବ୍ୟବସ୍ଥା, ସୁଭଦ୍ରା ଯୋଜନା, ବାର୍ଦ୍ଧକ୍ୟ ବତ୍ତା, ଦାଦନ ଦୂରିକରଣ ନାଁ ରେ ମିଥ୍ୟା ପ୍ରତିଶୃତି, ଦୁର୍ନିତିକୁ ନେଇ ଶୂନ୍ୟ ସହନଶିଳତା, ଆଇନଶୃଙ୍ଖଳା ପରିସ୍ଥିତି, ସ୍ଥାନୀୟ ଜନ ପ୍ରତିନିଧି ଓ ସରକାରଙ୍କୁ ଶ୍ରୀ ମିଶ୍ର କଟୁ ସମାଲୋଚନା କରିଥିଲେ । ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମିଶ୍ରଙ୍କ ବ୍ୟତିତ କଂଗ୍ରେସ ନେତା ମନୀଷ ମିଶ୍ର, ଅସିତ ମିଶ୍ର, ବୁଲୁ ଦାନି, କୈଳାସ ମିଶ୍ର, ଚିନ୍ମୟ ବେହେରା, କିରନ ସେଠ, ସଂଜୟ ମିଶ୍ର, ମାନସ ମହାନ୍ତି, ଟିଟୁ ରଣା, ଜ୍ୟୋତିଷ ମୁଗ୍ରୀ, ସାନନ୍ଦ ମିଶ୍ରଙ୍କ ସମେତ ବହୁ କଂଗ୍ରେସ ନେତା ଉପସ୍ଥିତ ଥିଲେ ।

# ମହିଳା ଗୋଷ୍ଠୀଙ୍କ ଜମା ଟଙ୍କା ହେରଫେର ମାମଲା, ତଦନ୍ତ ଶିଥିଳ

ନର୍ଲା,(ସବ୍ୟୁ): ନର୍ଲା ବ୍ଲକ ଅନ୍ତର୍ଗତ କର୍ମେ ଗ୍ରାମ ପଞ୍ଚାୟତରେ ଏକ ମହିଳା ଗୋଷ୍ଠୀଙ୍କ ଜମା ଟଙ୍କା ମହିଳା ଗୋଷ୍ଠୀଙ୍କ କାର୍ଯ୍ୟରତ କର୍ମଚାରୀ ଓ ମହିଳାଙ୍କ ଦ୍ୱାରା ଆତ୍ମସାତ ଘଟଣା ଏବେ ପଦାକୁ ଆସିଛି। ଧିରେ ଧିରେ ଏହି ଘଟଣାକୁ ନେଇ ମହିଳା ଗୋଷ୍ଠୀଙ୍କ ମଧ୍ୟରେ ତଦନ୍ତ ଦାବି ଜୋର ଧରିଛି । ତେବେ ଏନେଇ ବିଭିନ୍ନ ଖବରକାଗଜରେ ଖବର ପ୍ରସାରଣ ପରେ ମଧ୍ୟ ତଦନ୍ତ ଶିଥିଳ ଓ କୌଣସି ସରକାରୀ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ ବୋଲି କର୍ମେ ପଞ୍ଚାୟତର ସିଆରପିସିଏମ ପ୍ରଭାସିନୀ ନାଗ, ସସ୍ମିତା ସାହୁ,ଅନୀତା ବାରିକ ପ୍ରମୁଖ ଅଭିଯୋଗ କରିଛନ୍ତି। ଏନେଇ ସିଆରପି (ସିଏମ) ଭାବେ କାର୍ଯ୍ୟକରି ଆସୁଥିବା କର୍ମେ ପଞ୍ଚାୟତର ମହିଳା ପ୍ରଭାସିନୀ ନାଗ, ସସ୍ମିତା ସାହୁ, ଅନିତା ବାରିକ ନର୍ଲା ବିଡ଼ିଓଙ୍କୁ ଚଳିତ ମାସ ୩ ତାରିଖରେ ସାକ୍ଷାତ କରି ତଦନ୍ତ ଦାବିପତ୍ର ଦେଇଥିଲେ । ଏହା ସହିତ ନର୍ଲା ଥାନାରେ ଏକ ଅଭିଯୋଗ ପତ୍ର ଦାଖଲ କରିଛନ୍ତି। ଲକ୍ଷାଧିକ ଟଙ୍କା ଲୁଟ ଘଟଣାରେ ନର୍ଲା ବ୍ଲକର କାର୍ଯ୍ୟରତ ବିପିଏମ ସନତ କୁମାର ସାହୁଙ୍କ ସହିତ ଜିପିଏଲ୍ଏଫ କର୍ମୀ କର୍ମେ ପଞ୍ଚାୟତର ସମ୍ପାଦିକା କେତକୀ ମାଝୀ, ସଭାନେତ୍ରୀ ହେମ ନାଏକ ଓ ଏମବିକେ ବବି ପୁଟେଲ ମହିଳା ଗୋଷ୍ଠୀଙ୍କ ଜମା ଟଙ୍କା ଗୋଟିଏ ବ୍ୟାଙ୍କ ଏକାଉଣ୍ଟରୁ ଅନ୍ୟ ଏକ ଆକାଉଣ୍ଟକୁ ଚଞ୍ଚକତା କରି ପ୍ରାୟ ୨୦ ରୁ ୨୨ ଲକ୍ଷ ଟଙ୍କା ହେରଫେର ମାମଲାରେ ଜଡିତ ଥିବା ପ୍ରକାଶ ପାଉଛି। ଏହି ସଭାନେତ୍ରୀମାନେ



ଏବେବି ଅଜ୍ଞାତବାସରେ ରହୁଥିବା ଯୋଗୁଁ ସାଧାରଣରେ ଘଟଣା ପ୍ରକାଶ ପାଇବା ପରେ ଲୋକଙ୍କ ମନରେ ସନ୍ଦେହ ଘନିଭୂତ ହୋଇଛି। ଏଠାରେ ସୂଚନାଯୋଗ୍ୟ କର୍ମେ ପଞ୍ଚାୟତରେ ଥିବା ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା ମାନଙ୍କୁ ପରିବାର ଚଳଣିରେ ସ୍ୱାବଲମ୍ବୀ କରିବା ସହ ସେମାନଙ୍କୁ ଆର୍ଥିକ ଦୃଷ୍ଟିକୋଣରୁ ବିକାଶ ପାଇଁ ସରକାରଙ୍କ ଟଙ୍କା ଅର୍ଥାତ ସରକାରୀ ଅର୍ଥ ମହିଳାଙ୍କ ଋଣ ପାସ ବୁକରେ ଜମା ହୋଇଥିଲା। ମହିଳା ମାନଙ୍କ ଅଭିଯୋଗ କ୍ରମେ ଏହି ଜମା ଖାତାରେ ପ୍ରାୟ ୨୦ ରୁ ୨୫ ଲକ୍ଷ ଟଙ୍କା ଗଚ୍ଛିତ ଥିବା ସତ୍ତ୍ୱେ ନର୍ଲା ବ୍ଲକର କାର୍ଯ୍ୟରତ ବିପିଏମ ସନତ କୁମାର ସାହୁ ଓ ଉକ୍ତ ପଞ୍ଚାୟତର ସମ୍ପାଦିକା କେତକୀ ମାଝୀ,ହେମ ନାଏକ, ବବି ପୁଟେଲ ମିଶି ଏହି ଅର୍ଥ ହରିଲୁଟ କରିଥିବା ଏବଂ ଆହୁରି ଏହି ମହାଘୋଟାଲ ପଛରେ କେଉଁ କେଉଁ ଅଧିକାରୀଙ୍କ ପ୍ରଚ୍ଛନ୍ନ ଷଡଯନ୍ତ୍ର ରହିଛି ତାହାର ପର୍ଦ୍ଦାଫାଶ ପାଇଁ ମହିଳା ଗୋଷ୍ଠୀମାନେ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ ଦେବା ସହ ଜିଲ୍ଲାପାଳ , ଡେପୁଟି ସିଏମ,ଡିପିସି ପ୍ରମୁଖଙ୍କୁ ଦାବିପତ୍ର ପ୍ରଦାନ କରିଥିବା ସହ ପ୍ରଶାସନ ପକ୍ଷରୁ ଉଚ୍ଚସ୍ତରୀୟ ତଦନ୍ତ ସକାଶେ ଦାବି କରିଛନ୍ତି । ତଦନ୍ତ ଶିଥିଳ ଥିବା ଯୋଗୁଁ ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ପାଖରେ ଦାବି ରଖିବା ପାଇଁ ଠିଆ ହେବୁ ବୋଲି ସିଆରପିସିଏମ ମାନେ ଗଣମାଧ୍ୟମକୁ କହିଛନ୍ତି।

# ଜାତୀୟ ବିଜ୍ଞାନ ଦିବସ ପାଳିତ

ଏସ୍.ରାମପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଶ୍ରୀରାମ ମହାବିଦ୍ୟାଳୟ ରାମପୁରର ସ୍ଥାନୀୟ ଜୁବୁଲି ହଲ୍ ଠାରେ କଲେଜ ବିଜ୍ଞାନ ସଂସଦ ପକ୍ଷରୁ ଅଧ୍ୟକ୍ଷ ଗୋବିନ୍ଦ ମେହେରଙ୍କ ସଭାପତିତ୍ୱରେ ଉଦ୍ଭିଦ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ତଥା ବିଜ୍ଞାନ ସଂସଦର ସଂଯୋଜକ ମିନକେତନ ପାତ୍ରଙ୍କ ତତ୍ତ୍ୱାବଧାନରେ ରେ ବିକଶିତ ଭାରତ ଗଠନରେ ନାରୀମାନଙ୍କ ଭୂମିକା ପ୍ରସଙ୍ଗକୁ ଭିତ୍ତିକରି ଜାତୀୟ ବିଜ୍ଞାନ ଦିବସ -୨୦୨୬ ପାଳିତ ହୋଇଯାଇଛି। ଉକ୍ତ ସଭାରେ ପଞ୍ଚାୟତ ମହାବିଦ୍ୟାଳୟ ବରଗଡ଼ର ରସାୟନ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ସୁଶାନ୍ତ କୁମାର ପଧାନ ମୁଖ୍ୟ ବକ୍ତା ଭାବରେ ଯୋଗଦାନ ପୂର୍ବକ ଜୀବନକୁ ପରିଚାଳିତ କରିବା କ୍ଷେତ୍ରରେ



ରସାୟନ ବିଜ୍ଞାନର ଭୂମିକା ତଥା ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରାଣୀ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଅଧ୍ୟାପିକା ବିଜୟଲକ୍ଷ୍ମୀ ମହାନନ୍ଦ ଉକ୍ତ ଶୀର୍ଷକ ଉପରେ ଆଲୋଚନା କରିଥିଲେଛ ରସାୟନ ବିଜ୍ଞାନ ବିଭାଗ, ପଦାର୍ଥ ବିଜ୍ଞାନ ବିଭାଗ, ପ୍ରାଣୀ ବିଜ୍ଞାନ ବିଭାଗ, ଉଦ୍ଭିଦ ବିଜ୍ଞାନ ବିଭାଗର ତଥା ଗଣିତ ବିଭାଗର ଛାତ୍ରଛାତ୍ରୀ ନିଜସ୍ୱ ନିବନ୍ଧ ଉପସ୍ଥାପନ କରିଥିଲେ। ରସାୟନ ବିଜ୍ଞାନ ବିଭାଗର ଅଧ୍ୟାପକ ଡ.ଦିଲ୍ଲୀପ କୁମାର ସାହୁ ପ୍ରସଙ୍ଗ ଆଲୋଚନା କରିବା ସହିତ କୃତଜ୍ଞତା ଜ୍ଞାପନ କରିଥିଲେ। ବିଜ୍ଞାନ ବିଭାଗର ସମସ୍ତ ଛାତ୍ରଛାତ୍ରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ, ପରିଶେଷରେ ନିବନ୍ଧ ଉପସ୍ଥାପନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇ ମାନପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା।

## ଜିଲ୍ଲାସ୍ତରୀୟ ଶାନ୍ତି କମିଟି ବୈଠକ

# ସାମ୍ପ୍ରଦାୟିକ ସଦ୍‌ଭାବ ରକ୍ଷା ପାଇଁ ଜିଲ୍ଲାପାଳଙ୍କ ଆହ୍ୱାନ

ଝାରସୁଗୁଡ଼ା,(ସବ୍ୟୁ):ଜିଲ୍ଲା କାର୍ଯ୍ୟାଳୟ ସ୍ଥିତ ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଗୃହ ପରିସରରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲା ଏସପି ଜି. ଆର ରାଘବେନ୍ଦ୍ର, ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ ବ୍ରଜ ବନ୍ଧୁ ଭୋଇଙ୍କ ସମେତ ପୋଲିସ ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ ବିଭିନ୍ନ ସମ୍ପ୍ରଦାୟର ନେତୃବୃନ୍ଦ ଉପସ୍ଥିତ ଥିଲେ। ଆଗାମୀ ରାମ ନବମୀ ଓ ଅନ୍ୟାନ୍ୟ ପର୍ବକୁ ଦୃଷ୍ଟିରେ ରଖି ସହରରେ ଶାନ୍ତି ଓ ସାମ୍ପ୍ରଦାୟିକ ସଦଭାବ ବଜାୟ ରଖିବା ପାଇଁ ପ୍ରଶାସନ ପକ୍ଷରୁ କଡ଼ା ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଶୋଭାଯାତ୍ରା ସମୟରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଭାରୀଯାନ ଚଳାଚଳ ଉପରେ କଟକଣା ଲଗାଯାଇଥିବା ବେଳେ ସେହି ସମୟରେ ମଦ ବିକ୍ରିକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ବିଶେଷ କରି ମୁସଲିମ୍ ସମ୍ପ୍ରଦାୟର ନମାଜ ପାଠ ସମୟ ଏବଂ ରାମ ନବମୀ ଶୋଭାଯାତ୍ରାର ସମୟ ମଧ୍ୟରେ ଯେପରି କୌଣସି ବିଭ୍ରାଟ ନହୁଏ, ସେଥିପାଇଁ ଧର୍ମଗୁରୁମାନଙ୍କ ସହ ସମନ୍ୱୟ ରକ୍ଷା କରି ସମୟ ନିର୍ଦ୍ଧାରଣ କରିବାକୁ ନିଷ୍ପତି ଗ୍ରହଣ କରାଯାଇଛି। ବୈଠକରେ ନିଷ୍ପତ୍ତି ନିଆଯାଇଛି ଯେ, ଶୋଭାଯାତ୍ରା ସମୟରେ କୌଣସି ମାରଣାସ୍ତ୍ର ପ୍ରଦର୍ଶନ କରାଯାଇପାରିବ ନାହିଁ ଏବଂ ଡିଜେର ଶବ୍ଦ ସୀମା ୬୫ ଡେସିବେଲ ମଧ୍ୟରେ ରହିବ। ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ ପୋଲିସ ପକ୍ଷରୁ ଡ୍ରୋନ୍ କ୍ୟାମେରା ଏବଂ ଚେନ୍ ସ୍ନାଚିଂ ରୋକିବା ପାଇଁ ସ୍ୱତନ୍ତ୍ର ଆଣ୍ଟି-ସ୍ନାଚିଂ ସ୍କ୍ୱାଡ୍ ମୁତୟନ କରାଯିବ। ବାଇକ ଶୋଭାଯାତ୍ରାରେ ଟ୍ରିପଲ ରାଇଡିଂ ଓ ଷ୍ଟଣ୍ଟ ପ୍ରଦର୍ଶନକୁ ବାରଣ କରାଯାଇଛି। ଏଥିସହ ପ୍ରଶାସନ ପକ୍ଷରୁ ନିରବଚ୍ଛିନ୍ନ ଜଳ ଯୋଗାଣ, ବିଦ୍ୟୁତ ସେବା ଏବଂ ପ୍ରାଥମିକ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ପ୍ରତ୍ୟେକ କମିଟିକୁ ସେମାନଙ୍କ ସ୍ୱେଚ୍ଛାସେବୀ ତାଲିକା ପ୍ରଶାସନ ନିକଟରେ ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଧାର୍ମିକ ପତାକାର ସମ୍ମାନଜନକ ବିସର୍ଜନ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି। ଜିଲ୍ଲାକୁ ସାରା ରାଜ୍ୟରେ ଏକ ଆଦର୍ଶ ଜିଲ୍ଲା ଭାବେ ଗଢ଼ିତୋଳିବା ପାଇଁ ସମସ୍ତ ସମ୍ପ୍ରଦାୟର ସହଯୋଗ ଏକାନ୍ତ ଆବଶ୍ୟକ ଓ ଶାନ୍ତିପୂର୍ଣ୍ଣ ଭାବେ ପର୍ବ ପାଳନ କରି ଆମେ ଏହି ପରମ୍ପରାକୁ ବଜାୟ ରଖିବା ପାଇଁ ଜିଲ୍ଲାପାଳ ସହ ପୋଲିସ ପ୍ରଶାସନ ଆପଣଙ୍କ ସୁରକ୍ଷା ପାଇଁ ସଦାସର୍ବଦା ତତ୍ପର , ଆମେ କୌଣସି ନିୟମ ଲଦିବାକୁ ଚାହୁଁନାହୁଁ, ବରଂ ସମସ୍ତ କମିଟିର ସ୍ୱତଃସ୍ଫୂର୍ତ୍ତ ସହଯୋଗ ଆଶା କରୁଛୁ। ଭିଡ଼ ନିୟନ୍ତ୍ରଣ ଓ ସୁରକ୍ଷା ପାଇଁ ଡ୍ରୋନ୍ କ୍ୟାମେରା ଏବଂ ସ୍ୱତନ୍ତ୍ର ଟିମ୍ ନିୟୋଜିତ ରହିବ ବୋଲି ଏସ.ପି, ପ୍ରକାଶ କରିଥିଲେ।

# ଜିଲ୍ଲାସ୍ତରୀୟ ଜଙ୍ଗଲ ଅଧିକାର କମିଟି ବୈଠକ

ଝାରସୁଗୁଡ଼ା,(ସବ୍ୟୁ) : ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜଙ୍ଗଲ ଅଧିକାର ଆଇନ-୨୦୦୬ ସମ୍ପର୍କିତ ଜିଲ୍ଲାସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଜଙ୍ଗଲ ଜମିର ଅଣ-ଜଙ୍ଗଲ ବ୍ୟବହାର ଏବଂ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ଦାବି ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା । ବୈଠକର ନିଷ୍ପତ୍ତି ଅନୁଯାୟୀ, ବେଦାନ୍ତ କମ୍ପାନୀର କୁଦାଲୋଇ (ଏ) ନର୍ଥ କୋଇଲା ଖଣି ପ୍ରକଳ୍ପ ପାଇଁ ଜଙ୍ଗଲ ଜମି ବ୍ୟବହାର ପ୍ରସ୍ତାବକୁ କମିଟି ପକ୍ଷରୁ ଅନୁମୋଦନ ପ୍ରଦାନ କରାଯାଇଛି । ଅନ୍ୟପକ୍ଷରେ, ଓପିଟିସିଏଲ୍ ପକ୍ଷରୁ ଟ୍ରାନ୍ସମିସନ ଲାଇନ ପାଇଁ ଦିଆଯାଇଥିବା ପ୍ରସ୍ତାବରେ ଆବଶ୍ୟକୀୟ ଦସ୍ତାବିଜର ଅଭାବ ଥିବାରୁ, ଏହାକୁ ପରବର୍ତ୍ତୀ ବୈଠକ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି ୮ ସେହିପରି କିମିରା ଓ ଲଖନପୁର ବ୍ଲକର ୬୪ଟି ବ୍ୟକ୍ତିଗତ ଜଙ୍ଗଲ ଅଧିକାର ଦାବି କ୍ଷେତ୍ରରେ ପୂର୍ବରୁ କିଛି ବୈଷୟିକ ତ୍ରୁଟି ପରିଲକ୍ଷିତ ହୋଇଥିଲା, ଯେଉଁଥିପାଇଁ ଜମି ସତ୍ତ୍ୱ ଲିପି ସଂଶୋଧନରେ ସମସ୍ୟା ଉପୁଜୁଥିଲା । ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ଯେ, ଯେଉଁ ହିତାଧିକାରୀମାନେ ପ୍ରକୃତରେ ଜଙ୍ଗଲ ଜମି ଦଖଲରେ ନାହାନ୍ତି, ସେମାନଙ୍କ ଦାବିକୁ ନାକଚ କରାଯିବ । ଆଗାମୀ ଦିନରେ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ସମସ୍ତ ଦାବିର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଇ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ଚହ୍ୱାଣ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ବିଭିନ୍ନ ପ୍ରକଳ୍ପ ଜମି ଅଧିଗ୍ରହଣ ନେଇ ରାଜସ୍ୱ କମିଶନରଙ୍କ ସମୀକ୍ଷା

ସମ୍ବଲପୁର,(ସବ୍ୟୁ): ବିଭିନ୍ନ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ପାଇଁ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉତ୍ତରାଞ୍ଚଳ ରାଜସ୍ୱ ବିଭାଗୀୟ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ବୈଠକରେ ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଜାତୀୟ ରାଜପଥ, ରେଳବାଇ ଏବଂ ଜଳସେଚନ ପ୍ରକଳ୍ପ ପାଇଁ ଚାଲିଥିବା ଜମି ଅଧିଗ୍ରହଣ ପ୍ରକ୍ରିୟାର ଅଗ୍ରଗତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ପ୍ରକଳ୍ପ ଜାତୀୟ ରାଜପଥର ସମ୍ପ୍ରସାରଣ ତଥା ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଢେଙ୍କାନାଳ, ରାଉରକେଲା, କେନ୍ଦୁଝର ଏବଂ ସମ୍ବଲପୁର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଅଧୀନରେ ଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା ହୋଇଥିଲା। ଯେଉଁଥିରେ ଅନୁଗୁଳ-କଟକ, ବାନରପାଳ-ଗୋଡ଼ିବନ୍ଧ ଏବଂ ତାଳଚେର-ଡୁବୁରୀ-ଚଣ୍ଡିଖୋଲ, ବୀରମିତ୍ରପୁରରୁ ବ୍ରାହ୍ମଣୀ ବାଇପାସ୍, ରାଜମୁଣ୍ଡାରୁ ବାରକୋଟ୍ ଏବଂ କୋଇଡ଼ାରୁ ରାଜମୁଣ୍ଡା ସେକ୍ସନ, ଜାତୀୟ ରାଜପଥ ୬ର ସିଙ୍ଗଡ଼ା-ବିଞ୍ଜବାହାଲ ଓ ବିଞ୍ଜବାହାଲ-ତିଲେଇବଣି ସେକ୍ସନ ଏବଂ ଜାତୀୟ ରାଜପଥ ୨୧୫ର ପାଣିକୋଇଲି-



ରିମୁଳି ସେକ୍ସନ, ସମ୍ବଲପୁର ରିଙ୍ଗ ରୋଡ୍, ଜାତୀୟ ରାଜପଥ ୫୫ର ଅନୁଗୁଳ-ସମ୍ବଲପୁର , ଜାତୀୟ ରାଜପଥ ୫୩ର ତିଲେଇବଣି-ସମ୍ବଲପୁର , ରେଢ଼ାଖୋଲ ବାଇପାସ୍ ଏବଂ ଅଇଁଠାପାଲି ଫ୍ଲାଏଓଭର ପ୍ରକଳ୍ପଗୁଡ଼ିକ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା

ପୂର୍ତ୍ତ ବିଭାଗ ଅଧୀନରେ ଥିବା ଜାତୀୟ ରାଜପଥ ୨୬ ର ବରପାଲିରୁ ବରାହ, ବଲାଙ୍ଗୀର ପର୍ଯ୍ୟନ୍ତ ପ୍ରଶସ୍ତିକରଣ, ଜାତୀୟ ରାଜପଥ ୫୯ର ସତିଘାଟରୁ ଚାରଭାଟା ଏବଂ ରିଗଡ଼ୋଲରୁ ବେଲଗାଁ (ବଲାଙ୍ଗୀର) ପର୍ଯ୍ୟନ୍ତ ଉନ୍ନତିକରଣ କାର୍ଯ୍ୟ, ରାଜ୍ୟର ଯୋଗାଯୋଗ ଯାତାୟାତ କ୍ଷେତ୍ରରେ ପରିବର୍ତ୍ତନ ଆଣିବାକୁ ଥିବା ପ୍ରମୁଖ ରେଳ ପ୍ରକଳ୍ପ ଗୁଡ଼ିକ ଯଥା- ଖୋର୍ଦ୍ଧା-ବଲାଙ୍ଗୀର, ସମ୍ବଲପୁର-ତାଳଚେର ଦୋହରୀକରଣ, ସମ୍ବଲପୁର-ଟିଟିଲାଗଡ଼ ଦୋହରୀକରଣ, ବୁନ୍ଦାମାଲ-ଝାରସୁଗୁଡ଼ା, ସାଲେଗାଁ-ବୁଢ଼ାପଙ୍କ ୪ର୍ଥ ଲାଇନ୍, ଅନୁଗୁଳ-ସୁକିନ୍ଦା, ରାଞ୍ଚି-ବଣ୍ଡାମୁଣ୍ଡା, ବଣ୍ଡାମୁଣ୍ଡା ୪ର୍ଥ ଲାଇନ୍ ଏବଂ ତାଳଚେର-ବିମଳାଗଡ଼ ରେଳ ଲାଇନ୍ ପ୍ରକଳ୍ପ, ଜଳସେଚନ ପ୍ରକଳ୍ପ ଆନନ୍ଦପୁର ବ୍ୟାରେଜ୍, ଦେଓ ଜଳସେଚନ ପ୍ରକଳ୍ପ, ଲୋୟର ସୁକତେଲ ଏବଂ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ, ରେଙ୍ଗାଲି ଜଳସେଚନ ପ୍ରକଳ୍ପ, ରେଙ୍ଗାଲି ଦକ୍ଷିଣ କେନାଲ ବ୍ୟବସ୍ଥା ଏବଂ ହୀରାକୁଦ ପ୍ରକଳ୍ପର ଅତିରିକ୍ତ ସ୍ପିଲୱେ ନିର୍ମାଣ ଆଦିର ସମୀକ୍ଷା କରାଯାଇଥିଲାଛ ଉତ୍ତରାଞ୍ଚଳ ରାଜସ୍ୱ ବିଭାଗୀୟ ଆୟୁକ୍ତ ସମ୍ପୃକ୍ତ ଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀମାନଙ୍କୁ ଜମି ଅଧିଗ୍ରହଣ ଜନିତ ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ କରିବାକୁ ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ପୌର ଉପାଧ୍ୟକ୍ଷା ଅନାସ୍ଥା ଫଳାଫଳ ଘୋଷଣା

# ନବୀନ ହାରିଲେ, ଭାସ୍କର ଜିତିଲେ

ରାୟଗଡା,(ସବ୍ୟୁ): ରାୟଗଡ଼ା ପୌର ପରିଷଦ ଉପାଧ୍ୟକ୍ଷା ଅନାସ୍ଥା ଫଳାଫଳ ଘୋଷଣା ହେଲା ବିଜୁ ଜନତା ଦଳର କାଉନସିଲର ମାନେ ନବୀନ ବିପକ୍ଷରେ ୧୯ ଭୋଟ ଦେଇଥିବା ବେଳେ ସପକ୍ଷରେ ମାତ୍ର ୨ଟି ଭୋଟ ମିଳିଥିଲା। ବିଜେଡି ଉପାଧ୍ୟକ୍ଷ ଶୁଭ୍ରା ପଣ୍ଡାଙ୍କ ବିରୋଧରେ ବିଜେଡି କାଉନସିଲର ଆଣିଥିବା ଅନାସ୍ଥା ପ୍ରସ୍ତାବ ଭୋଟିଂ ପରେ ଗଣତି ମଣନ୍ତି ହୋଇ ସିଲ ହୋଇ କୋଷାଗାରେ ରଖାଯାଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଫଳାଫଳ ଘୋଷଣା କରିଥିଲେ ଉପଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା। ଫଳରେ ପଦ ହରାଇଛନ୍ତି ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା ।



ବିଜୟ ଲାଭ କରିଛନ୍ତି ଭାସ୍କର ରାଓଙ୍କ ଗୋଷ୍ଠୀ । ଏଥିପାଇଁ ରାୟଗଡ଼ା ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଗତ ନଭେମ୍ବର ୨୪ ରେ ଗଣତି ସରିଥିଲା। ତେବେ ଗଣତି ପରେ ଫଳାଫଳ ଘୋଷଣା ଉପରେ ରୋକ୍ ଲଗାଇଥିଲେ ହାଇକୋର୍ଟ। ଏହାପରେ ଗତ ଫେବୃୟାରୀ ୨୩ ତାରିଖରେ ରୋକ୍ ହଟାଇବା ସହିତ ଫଳାଫଳ ଘୋଷଣା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ରାୟ ପ୍ରକାରେ ଆଜି ପୌର ପରିଷଦ କାର୍ଯ୍ୟାଳୟରେ ଫଳାଫଳ ଘୋଷଣା କରାଯାଇଛ। ହାଇକୋର୍ଟ ନିର୍ଦ୍ଦେଶ ନଦେବା ପର୍ଯ୍ୟନ୍ତ ଘୋଷଣା ହେବନାହିଁ ବୋଲି ନିର୍ବାଚନ ଅଧିକାରୀ ତଥା ରାୟଗଡ଼ା ଉପଜିଲ୍ଲାପାଳ ଶ୍ରୀ ଜେନା ନଭେମ୍ବର ୨୪ ରେ ସୂଚନା ଦେଇଥିଲେ। ଟ୍ରେଜେରୀରୁ ଗଣତି ଫାଇଲ୍ ନେଇ ଉପଜିଲ୍ଲାପାଳ ପୌର ପରିଷଦ କାର୍ଯ୍ୟାଳୟ ପହଞ୍ଚିଥିଲେ। ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଅନାସ୍ଥା ଆଣିଥିବା ସମସ୍ତ କାଉନସିଲର ଉପସ୍ଥିତିରେ ଉକ୍ତ ଫାଇଲ୍ ଓ ପ୍ୟାକେଟ ଖୋଲିବା ସହ ଘୋଷଣା କରିଥିଲେ। ଗଣତି ପାଇଁ କାଉନସିଲର ମାନେ ଉପସ୍ଥିତ ଥିଲେ। ପୌର ପରିଷଦ କାର୍ଯ୍ୟାଳୟରେ ଗଣତି ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

ପୂର୍ବତନ ସାଂସଦ ଏନ.ଭାସ୍କର ରାଓ, ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ଜିଲ୍ଲା ପରିଷଦ ପୂର୍ବତନ ଅଧ୍ୟକ୍ଷ ଗଙ୍ଗାଧର ପୁଆଲାଙ୍କ ସମେତ ଅନେକ ବ୍ଲକ ଅଧ୍ୟକ୍ଷ, ଅଧ୍ୟକ୍ଷା, ରାୟଗଡ଼ା ପୌର ପରିଷଦର ୧୯ ଜଣ କାଉନସିଲର ଏକକାଳୀନ ବିଜେଡ଼ି ଛାଡ଼ିଥିଲେ। ପରେ ରାୟଗଡ଼ା ପୌର ପରିଷଦର ୨୪ ଜଣ କାଉନସିଲରଙ୍କ ମଧ୍ୟରୁ ବିଜେଡ଼ିର ୧୯ ଜଣ କାଉନସିଲର କାର୍ଯ୍ୟରେ ଅସହଯୋଗ ଓ ମନମୁଖୀ କାର୍ଯ୍ୟକଳାପ ନେଇ ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ଏନେଇ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କୁ ଭେଟି ଅନାସ୍ଥା ପ୍ରସ୍ତାବ ଦେଇଥିଲେ । ପରେ ବିଧିବଦ୍ଧ ଭାବେ ପ୍ରକ୍ରିୟା କରାଯାଇ ଅକ୍ଟୋବର ୯ ତାରିଖରେ ଅନାସ୍ଥା ପ୍ରସ୍ତାବ ଉପରେ ଭୋଟିଂ ହୋଇଥିଲା । ଏଥିରେ ବିଜେଡ଼ିର ୨୦ ଜଣ କାଉନସିଲର ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଭୋଟିଂ କରିଥିଲେ। ତେବେ ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡାଙ୍କ ଦ୍ୱାରା ହାଇକୋର୍ଟରେ ଅନାସ୍ଥା ବିରୋଧରେ ହୋଇଥିବା ଆବେଦନ ପ୍ରକାରେ ହାଇକୋର୍ଟ ଗଣତି ଉପରେ ରହିତାଦେଶ ଜାରି କରିଥିଲେ। ହାଇକୋର୍ଟ ବିଚାରପତି ଏହାର ଶୁଣାଣି କରି ଗଣତି ହୋଇପାରିବ ଏବଂ ଫଳାଫଳ ନୋଟିଫିକେସନ ଜାରି କରାଯାଇପାରିବ ନାହିଁ ବୋଲି ରାୟ ଦେଇଥିଲେ। ଫଳାଫଳ ଘୋଷଣା ପରେ କାଉନସିଲର ଓ ସେମାନଙ୍କ ସମର୍ଥକ ବିଜୟ ଉତ୍ସବ ପାଳନ କରିଥିଲେ। ବାଣ ଫୁଟାଇ ଚାଲି ଚାଲି ଯାଇଥିଲେ। ସମସ୍ତ ଶ୍ରେୟ ଭାସ୍କର ରାଓଙ୍କୁ ଦେଇଥିଲେ। ଫଳରେ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ହାରିଥିବା ଚର୍ଚ୍ଚା ହେଉଛି। ଏଣେ ଆଜି ଫଳାଫଳ ଘୋଷଣା ବେଳେ ବିଜେଡି ପକ୍ଷରୁ କେହି ଉପସ୍ଥିତ ନଥିଲେ।

## ଘରକୁ ଫେରିଲେ ନିର୍ଯାତିତ ୧୬ ଦାଦନ ଶ୍ରମିକ

ଖପ୍ରାଖୋଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଲରମ୍ବା ଥାନା ଦମାଇପାଲି ଗାଁ ୧୬ ଜଣ ଦାଦନ ଶ୍ରମିକଙ୍କୁ ଶ୍ରମ ବିଭାଗ ଓ ପୋଲିସ ଆନ୍ଧ୍ରପ୍ରଦେଶ ସମୟଭାସ ର ଏକ ଇଟାଭାଟିରୁ ଉଦ୍ଧାର କରିଥିବା ଜଣାଯାଇଛି। ଉଦ୍ଧାର ୧୬ ଶ୍ରମିକ ମଧ୍ୟରୁ ୬ଜଣ ନାବାଳକ। ସୂଚନା ଅନୁସାରେ ଦମାଇପାଲି ଗାଁ ର ଉଦ୍ଧାର ଶ୍ରମିକ ମାନେ ୩ ମାସ ତଳେ ଇଟା କାମ ପାଇଁ ଆନ୍ଧ୍ରପ୍ରଦେଶ ଯାଇଥିବା ବେଳେ ସେଠାରେ ତାଙ୍କୁ ଖାଇବାକୁ ନ ଦେଇ ଅଧିକ କାମ କରାଇ ନିର୍ଯ୍ୟାତନା ଦେଉଥିବା ପରିବାର ଲୋକଙ୍କୁ ଜଣାଇଥିଲେ। ଏନେଇ ପରିବାର ଲୋକ ଶ୍ରମ ବିଭାଗ ଓ ଲରମ୍ବା ପୋଲିସ ଠାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଲରମ୍ବା ଥାନା କେସ ନମ୍ବର ୪୧/୨୬ ରେ ଏକ ମାମଲା ରୁଜୁ କରି ସହକାରୀ ଶ୍ରମ ଅଧିକାରୀ ବିଭୁଦତ୍ତ ମଲ୍ଲିକ ଓ ଲରମ୍ବା ଥାନା ଭାନୁ ଶଙ୍କର ଯାଦବଙ୍କ ପ୍ରୟାସରେ ଏକ ଟିମ୍ ଗଠନ କରି ସମସ୍ତ ଶ୍ରମିକଙ୍କୁ ଆନ୍ଧ୍ରପ୍ରଦେଶର ଏକ ଇଟାଭାଟିରୁ ଉଦ୍ଧାର କରି ନିଜ ଗାଁ ଦମାଇପାଲିକୁ ଆଣି ଛାଡ଼ି ଥିବା ସହକାରୀ ଶ୍ରମ ଅଧିକାରୀ ମଲ୍ଲିକ ସୂଚନା ଦେଇଛନ୍ତି।

## ସାମ୍ୟାଦିକତାରୁ ଦୁର୍ଦ୍ଧାନ୍ତ ମାଓ ନେତ୍ରୀ : ୩୨ ସାଥୀଙ୍କ ସହ କଲେ ଆତ୍ମସମର୍ପଣ

ମାଲକାନଗିରି,(ସବ୍ୟୁ): ମାଲକାନଗିରି ସୀମାନ୍ତ ତେଲେଙ୍ଗାନାର ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କ ସମ୍ମୁଖରେ ଦୁର୍ଦାନ୍ତ ମାଓନେତ୍ରୀ ଚାଲାସାନି ନଭତା ଓରଫ ଚନ୍ଦ୍ରା ନିଜର ୩୨ ସାଥିଙ୍କ ସହ ଆତ୍ମସମର୍ପଣ କରିଛି। ଚାଲାସାନି ନଭତା ବର୍ତ୍ତମାନ ୬୧ ବର୍ଷରେ ପହଞ୍ଚିଥିବା ବେଳେ ସ୍ୱାସ୍ଥ୍ୟଗତ ସମସ୍ୟା ରହିଥିଲା। ସରକାରଙ୍କର ବାରମ୍ବାର ଚାପ ପରେ ସେ ଜଂଗଲ ଛାଡିଥିବା କହିଥିଲେ।

ଆତ୍ମସମର୍ପଣ କରିଥିବା ଅନ୍ୟ ସାଥିମାନେ ହେଲେ ଡିଭିସିଏମ କୁଡେମ କନ୍ହେୟା, ଡିଭିସିଏମ ହେମଲା ସନ୍ନୁ, ଡିଭିସିଏମ ମୋଡିୟମ ସୁଖରାମ, ଏସିଏମ ମିଛା ଲକ୍ଷ୍ମୀ, ଏସିଏମ କାରାମ ଉଙ୍ଗା, ଏସିଏମ ମାଡବୀ ବାଣ୍ଡି, ଏସିଏମ ପାଟାମ କମଲି, ଏସିଏମ କୁଞ୍ଜାମ ମଙ୍ଗୁ, ପିପିସେମ ପୋଡିୟମ ଗାଙ୍ଗା, ପିପିସିଏମ ମାଡକମ ଆଡମେ, ପାର୍ଟି ମେମ୍ବର ମାଡବୀ ମୁଡା, ପାର୍ଟି ମେମ୍ବର ମାଡକମ ଉରେ, ମାଡବୀ ଭୀମେ, ନୁପୋ ଉଙ୍ଗି, ମାଡକମ ଉଙ୍ଗେ, ମୁସାକି ପାଣ୍ଡୁ, ଗୋଟା ସାମ୍ମାକା, ମାଡକମ କୁମଲି, ହେମଲା ସୀମା, ମାଡବୀ ରୀତା, ପୁନେମ ଜାମଲି, ମାଡବୀ ସୋମଡି, ପୋଡିୟମ ନନ୍ଦ, ଆବଲାମ ରାମା, ମାଡବୀ ଭୀମା, ମାଡକମ ରୂପେଶ, ସୋଡି ଦିଲୀପ, କୁଞ୍ଜାମ ଉଙ୍ଗି, ମାଡକାମ ରାମା, ମିଡିୟମ ଯୋଗୀ ଏବଂ ମୁସାକି ଯୋଗୀ।

ମାଓନେତ୍ରୀ ନାଭତା ଜଣେ ଦକ୍ଷ ସାମ୍ୟାଦିକା ଥିଲେଛ ବାପା ସ୍ୱର୍ଗତ ଚାଲସାନୀ ପ୍ରସାଦ ଜଣେ ଲେଖକ ଥିଲେ। ସେ କମ୍ୟୁନିଷ୍ଟ ଚିନ୍ତାଧାରାର ଲୋକ ଥିଲେ। ତାଂକର ଲେଖାରେ ଝିଅ ନାଭତା ପ୍ରଭାବିତ ହୋଇ ସଂଗଠନରେ ଜଡ଼ିତ ହୋଇଥିଲେ। ଘର ଆନ୍ଧ୍ରପ୍ରଦେଶର ବିଶାଖାପାଟଣମ୍ ଠାରେଛ ସେଠାରେ ହିଁ ସେ ଉଚ୍ଚ ଶିକ୍ଷା ଗ୍ରହଣ କରିଥିଲେ ଏବଂ ସାମ୍ୟାଦିକତା କରୁଥିଲେ। ସ୍ୱାମୀ କେ.ଭି ବାଲା କ୍ରିଷ୍ଣା ଜଣେ ଆଇନଜୀବୀ। ବୟସ ବଢିବା ଯୋଗୁଁ ଜଂଗଲରେ ରହି କାମ କରିବା ଏକ ପ୍ରକାର କଷ୍ଟକର ହେଉଥିଲା। ସେ ଆଞ୍ଚଳିକ ପୋଲିଟିକାଲ ସ୍କୁଲର ସଦସ୍ୟା ଥିଲେ। ତାଂକ ନାମରେ ୨୦ ଲକ୍ଷ ଟଂକାର ପୁରସ୍କାର ରାଶି ରହିଥିବା ଜଣାପଡିଛି। ଡିଭିସିଏମ ସଦସ୍ୟ ନାମରେ ୮ ଲକ୍ଷ ଏବଂ ପାର୍ଟି ମେମ୍ବର ନାମରେ ୫ ଲକ୍ଷ ଟଂକା ରହିଥିଲା। ନାଭତା ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଜୋନାଲ କମିଟିର ସଚିବ ଥିଲେ। ନିଜର ଦକ୍ଷତା ଯୋଗୁଁ ସେ ସଂଗଠନର ଜଣେ ଆଗଧାଡିର ନେତ୍ରୀ ଥିଲେ। ତେବେ ତାଙ୍କର ଆତ୍ମସମର୍ପଣ ସଂଗଠନ ପାଇଁ ଶକ୍ତ ଧକ୍କା ବୋଲି କୁହାଯାଇଛି।

## ଛାତ୍ରୀ ନିବାସ-୧ରେ ଖାଦ୍ୟ ନିମ୍ନମାନର ଅଭିଯୋଗ



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଛାତ୍ରୀ ନିବାସ-୧ରେ ଦିଆଯାଉଥିବା ଖାଦ୍ୟ ନିମ୍ନମାନର ବୋଲି ଅନ୍ତେବାସୀ ମାନେ ଅଭିଯୋଗ କରିଛନ୍ତି। ଏନେଇ କୁଳପତି ପ୍ରଫେସର ସୁଶାନ୍ତ ଦାସଙ୍କୁ ଭେଟି ଅଭିଯୋଗ କରିଛନ୍ତି । ଏନେଇ ତୁରନ୍ତ ପଦକ୍ଷେପ ନିଆ ନଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସୂଚନାଯୋଗ୍ୟ, ଏହି ଛାତ୍ରୀ ନିବାସରେ ଯେଉଁ ଖାଦ୍ୟ ପ୍ରଦାନ କରାଯାଉଛି ତାହା ନିମ୍ନମାନର । ତେଣୁ ବିଭିନ୍ନ ସମୟରେ ସେହି ଖାଦ୍ୟଗୁଡିକରୁ ପୋକ ଜୋକ ବାହାରୁଛନ୍ତି । ଏ ସମ୍ପର୍କରେ ଅନ୍ତେବାସୀ ମାନେ ଛାତ୍ରୀନିବାସର ମୁଖ୍ୟଙ୍କୁ ଜଣାଇଛନ୍ତି । ମାତ୍ର କୌଣସି ସୁଫଳ ମିଳିନାହିଁ । ଏ ବିଷୟରେ ବିଶ୍ୱବିଦ୍ୟାଳୟର ଏବିଭିପି ସଂଯୋଜକ ଯଶବର୍ଦ୍ଧନ ତିୱାରୀ ଜାଣିବା ପରେ କିଛି ପ୍ରମୁଖ ଛାତ୍ରଛାତ୍ରୀ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଭେଟି ବିଶ୍ୱବିଦ୍ୟାଳୟରେ ଥିବା ବାଳିକା ଛାତ୍ରୀ ନିବାସ-୧ର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଛାତ୍ରୀ ନିବାସରେ ଯେଉଁ ଖାଦ୍ୟଗୁଡିକ ପ୍ରଦାନ କରାଯାଉଛି ସେଥିରୁ ପୋକ ଜୋକ ବାହାରୁଛନ୍ତି ।ଫଳରେ ସେହି ଖାଦ୍ୟଟି ଖାଇବା ସ୍ୱାସ୍ଥ୍ୟପକ୍ଷେ ହାନିକାରକ । ତେବେ ଏହି ସମସ୍ୟାକୁ ଯଥା ଶୀଘ୍ର ସମାଧାନ ନ କରାଗଲେ ଏକ ଆନ୍ଦୋଳନ କରିବାକୁ ସ୍ୱାଧୀନ କୁମାର ଆଚାର୍ଯ୍ୟ,ବିବେକ ତିୱାରୀ, ଦେବାଶିଷ ସେହ୍ନୀଆ, ଦୀପ୍ତି ବିଶ୍ୱାଳ, ପ୍ରଜ୍ଞା ପ୍ରମୁଖ ଚେତାବନୀ ଦେଇଛନ୍ତି।

## ଜେଲରଙ୍କ କ୍ୱାର୍ଟର୍ସରେ ବ୍ୟୟବହୁଳ ନିର୍ମାଣ ନେଇ ଚର୍ଚ୍ଚା

କୁଚିଣ୍ଡା,(ସବ୍ୟୁ): ସମ୍ବଲପୁର ଜିଲ୍ଲା'କୁଚିଣ୍ଡା ସଦର ମହକୁମା ସ୍ଥିତ ଉପକାରାଗାରର ଜେଲର୍, କ୍ୱାଟର ସାମନାରେ ଆଲିସାନ ଗେଟ ନିର୍ମାଣ ସହ, ଗେଟ ଉପର ଆସେଡ୍‌ନିର୍ମାଣକୁ ନେଇ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ଚର୍ଚ୍ଚା ହେଉଛି।ଏପରି ବିଳାସପୁର୍ଣ୍ଣ ଗେଟଓଉପର ଆସେଡ୍ ଅନୁଦାନ ଆସିଲା କେଉଁଠାରୁ ବୋଲି ଏବେ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ପୁଣି ଜେଲ କାନ୍ଥକୁ ଲଗାଇ ଗେଟଟି ନିର୍ମାଣ ହୋଇଥିବାବେଳେ, ଦକ୍ଷିଣ ପାର୍ଶ୍ୱରେ ଜେଲର ହନୁମାନ ମନ୍ଦିର ମଧ୍ୟ ରହିଛ। ମନ୍ଦିର ଉପର ଛାତ ଉପରେ ଟିଣ ନିର୍ମିତ ଛପର ହୋଇଛି ମନ୍ଦିର ଛାତରେ ବର୍ଷା ପାଣୀ ନପଡିବା ନିମନ୍ତେ। କିନ୍ତୁ ବର୍ତ୍ତମାନର ଜେଲରଙ୍କ ଗେଟଛାତ ବର୍ଷାପାଣି ମନ୍ଦିର ଛାତରେ ଝରିବା ଭିତ୍ତିରେ ନିର୍ମାଣ କାର୍ଯ୍ୟ ହେଉଛି । ଯାହାକି ବର୍ଷାପାଣି ମନ୍ଦିର ଛାତ ଉପରେ ପଡିବା ନିଶ୍ଚିତ ହୋଇଯାଇଛି। ଏଣେ ବର୍ଷା ଋତୁରେ ମନ୍ଦିର ଛାତରୁ ପାଣି ଲିକ୍ କରିବା ହେତୁ ମନ୍ଦିର ଉପରେ ଲୁହାରେ ପାଣିନପଡିବା ନେଇ ପୁର୍ବରୁ ନିର୍ମିତ ହୋଇଥିଲା। ଏବେ ପୁଣି ସେହି ସମାସ୍ୟାକୁ ଦୋହରାଇଛନ୍ତି ବର୍ତ୍ତମାନର ଜେଲର। ଅଭିଯୋଗ ପରେ ଜେଲରଙ୍କ ଠାରୁ ଏ ସମ୍ବନ୍ଧରେ ଜାଣିବା ନିମନ୍ତେ ଏକାଧିକ ଫୋନ କରିଥିଲେ କୁଚିଣ୍ଡା ଆମ ପ୍ରତିନିଧି। କିନ୍ତୁ ଜାଣି ଫୋନ ଉଠାଇଲେନାହିଁ ଜେଲର। ସୁଚନା ଥାଉ କି ,କୁଚିଣ୍ଡା ଉପଖଣ୍ଡ କାରାଗାର ପୁରାତନ ଜେଲଅଟେ . ରାଜାରାଜୁଡ଼ା ଶାସନ କାଳରେ ୧୯୨୭ ମଃରେ ସ୍ଥାପିତ ହେଇଥିଲା। ସେତେବେଳେ ଜେଲ୍ ଭିତରେ ସର୍ବପୁରାତନ ପ୍ରଭୁ ହନୁମାନଙ୍କ ମୁର୍ତ୍ତିପୁଜିତ ହୋଇଆସୁଥିଲେ। କିନ୍ତୁ ଜେଲ ଭିତରକୁ ଯାଇ ପୁଜକପୁଜା କରିବା ଫଳରେ ସମାସ୍ୟା ହେଉଥିଲା। ତେଣୁ ଜେଲ୍ ବାହାରେ ମନ୍ଦୀର ରହିଲେ ସାର୍ବଜନିନ ହେବା ସହ, ଜେଲର ଓ କର୍ମଚାରୀ ଉଭୟ ଉପକୃତ ହେବା ନେଇ ସ୍ଥାନାନ୍ତରିତ କରାଯାଇଥିଲା । ଏଇ ଅଳ୍ପ ବର୍ଷ ମଧ୍ୟରେ, ଏବେ ଗେଟ ଓ ଉପର ଛାତ ନିର୍ମାଣ ନେଇ ଦୁର୍ଦ୍ଧାନ୍ତ ଅପରାଧି ଭିତର ଅଫିସ ଛାତ ରେ ଚଢ଼ିଲମ୍ଫ ମାରି ଚମ୍ପଟ ମାରିବା ମଧ ଆଶଙ୍କା ବଢ଼ିଛି, ଏଣୁ ଜେଲ୍ ଉପରିସ୍ଥ ଅଧିକାରୀ ଏହାର ତଦନ୍ତ କରି ଉଚିତ କାର୍ଯ୍ୟାନୁଷ୍ଠାନ ପାଇ ସବୁ ମହଲରେ ଦୃଢ଼ ଦାବୀ ହେଉଛି।

## ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା-୨୦୨୬




ନୂଆପଡ଼ା,(ସବ୍ୟୁ): ନୂଆପଡା ଜିଲ୍ଲା ତଥା ଓଡ଼ିଶାର ମହିଳା ଉଦ୍ୟୋଗୀତା ସହିତ ସମୃଦ୍ଧ ସାଂସ୍କୃତିକ ପରମ୍ପରାକୁ ଆଗେଇ ନେବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ, ନୂଆପଡ଼ା ଓ ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ନୂଆପଡ଼ା ସ୍ଥିତ ନେସନାଲ ମହାବିଦ୍ୟାଳୟ ପଡ଼ିଆରେ ଚଳିତ ସୁଭଦ୍ରା ଶକ୍ତି ମେଳାର ଆଜି ଦ୍ୱିତୀୟ ଦିନ ଥିଲା। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମେଳାର ଦ୍ୱିତୀୟ ସଂନ୍ଧ୍ୟାରେ ନୂଆପଡ଼ା ଜିଲ୍ଲା ପରିଷଦ ସଭ୍ୟ ଭରତ ଲାଲ ରାଉତ ଓ ଭାନୁ ପ୍ରତାପ ସିଂ ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଘରୋଇ ଉତ୍ପାଦ, ଖାଦ୍ୟ ପଦାର୍ଥ ଓ ଅନ୍ୟାନ୍ୟ ସାମଗ୍ରୀ ବୁଲି ଦେଖିଥିଲେ। ଆୟୋଜିତ ସଭାରେ ଅତିଥିମାନେ ସୁଭଦ୍ରା ଶକ୍ତି ମେଳା ଜିଲ୍ଲାର ମହିଳାମାନଙ୍କୁ ସଶକ୍ତିକରଣ କରିବା ସହିତ ସ୍ୱୟଂସହାୟକ ଗୋଷ୍ଠୀମାନଙ୍କ ଆର୍ଥିକ ଉନ୍ନତିରେ ସହାୟକ ହେବ ବୋଲି କହିଥିଲେ। ମେଳା ଉପଲକ୍ଷେ ଆୟୋଜିତ ମୁଜିକ୍ ଚେୟାର ଓ ସ୍ପୁନ ରେସ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରାଯାଇଥିଲା। ମଞ୍ଚରେ ଅତିଥିମାନଙ୍କୁ ସ୍ମୃତି ଉପହାର ପ୍ରଦାନ କରାଯାଇଥିଲା।ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢେଇ ଧନ୍ୟବାଦ ଅର୍ପଣ କରିଥିଲେ।

## ନାବାଳିକାକୁ ହତ୍ୟା ପରେ ମୃତଦେହକୁ ଜଙ୍ଗଲରେ ଲୁଚାଇ ଥିଲା ଅଭିଯୁକ୍ତ

ସୁନ୍ଦରଗଡ଼/ରାଜଗାଙ୍ଗପୁର,(ସବ୍ୟୁ): ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ଥାନା ଅଞ୍ଚଳରେ ସୋମବାର ସନ୍ଧ୍ୟାରୁ ନିଖୋଜ ଥିବା ଜଣେ ୭ବର୍ଷୀୟ ନାବାଳିକା ସ୍କୁଲ ଛାତ୍ରୀଙ୍କ ମୃତଦେହ ପୁଲିସ ଉଦ୍ଧାର କରିଛି। ବୁଧବାର ଅପରାହ୍ନରେ ଗ୍ରାମ ଠାରୁ କିଛି ଦୂରରେ ଥିବା ଜଙ୍ଗଲ ପାହାଡ଼ ଚଟାଣ ତଳୁ ପୁଲିସ ମୃତଦେହ ଉଦ୍ଧାର କରିଥିଲା । ନାବାଳିକାକୁ ତଣ୍ଟି ଚିପି ହତ୍ୟା କରିବା ପରେ ନିକଟସ୍ଥ ଏକ ଜଙ୍ଗଲର ପାହାଡ଼ ଚଟାଣ ତଳେ ଲୁଚାଇ ରଖିଥିବା ଅଭିଯୋଗରେ ଜଣେ ସ୍ଥାନୀୟ ଯୁବକକୁ ଗିରଫ କରି ଅଧିକ ତଦନ୍ତ କରୁଛି ପୁଲିସ। ଏସପି ନିଜେ ଉପସ୍ଥିତ ରହି ମାମଲାର ତଦାରଖ କରୁଥିବା ବେଳେ ଘଟଣା ଟି ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇଦେଇଛି। ଗତ ୯ ତାରିଖ ଦିନ ସ୍କୁଲ ଛୁଟି ହେବା ପରେ ଶିଶୁକନ୍ୟା ଘରକୁ ଫେରିବା ପରେ ସନ୍ଧ୍ୟାରେ ନିଖୋଜ ହୋଇଯାଇଥିଲା। ବହୁ ଖୋଜାଖୋଜି ପରେ ତାଙ୍କର କୌଣସି ପତ୍ତା ନ ମିଳିବାରୁ ୧୦ ତାରିଖ ସକାଳୁ ନିଖୋଜ ନାବାଳିକାର ମାମୁ ଥାନାରେ ଏତଲା ଦେଇଥିଲେ। ଏତଲା ପାଇବା ପରେ ପୁଲିସ ନିଖୋଜ ନାବାଳିକା ସନ୍ଧାନରେ ଲାଗିପଡ଼ିଥିଲେ। ପୁନର୍ବାର ସକାଳୁ ଅଗ୍ନିଶମ ବିଭାଗ ଓ ସନ୍ଧାନୀ କୁକୁରର ସହ ପୁଲିସ ଅଧିକାରୀ ଗ୍ରାମ ଆଖପାଖରେ ଖୋଜାଖୋଜି କରିବା ଆରମ୍ଭ କରିଥିଲା ।

ଏହି ମାମଲାରେ ପୁଲିସ କିଛି ସ୍ଥାନୀୟ ଯୁବକଙ୍କୁ ସନ୍ଦେହରେ ଅଟକ ରଖି ଜେରା କରିଥିଲା। ପୁଲିସ ଜେରା ବେଳେ ଅଟକ ଯୁବକଙ୍କ ମଧ୍ୟରୁ ଜଣେ ଯୁବକ ନାବାଳିକାକୁ ତଣ୍ଟି ଚିପି ହତ୍ୟା କରିଥିବା ନେଇ ସ୍ୱୀକାର କରିବା ସହ ମୃତଦେହ ଲୁଚାଇ ରଖିଥିବା ଜାଗାକୁ ଦେଖାଇଥିଲା। ଏସପି ଓ ଦୁଇ ଜଣ ଅତିରିକ୍ତ ଏସପି ଦଳ ବଳ ସହ ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ ସହ ପହଞ୍ଚି ନାବାଳିକାର ମୃତଦେହକୁ ଜବତ କରିଥିଲେ। ଏହି ମାମଲାରେ ପୁଲିସ ନାବାଳିକାର ଗ୍ରାମ ନିକଟରେ ରହୁଥିବା ଅଭିଯୁକ୍ତ ଯୁବକକୁ ଗିରଫ କରି ଅଧିକ ତଦନ୍ତ ଜାରି ରଖିଥିବା ବେଳେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ସିଏଚ୍‌ସିକୁ ପଠାଇଛି। ତେବେ ନାବାଳିକାକୁ ଦୁଷ୍କର୍ମ କରାଯାଇଛି କି ନାହିଁ ତାହା ବ୍ୟବଛେଦ ରିପୋର୍ଟ ଆସିବା ପରେ ଜଣାପଡିବ ବୋଲି ପୁଲିସ ଅଧିକାରୀ ସୂଚନା ଦେଇଛନ୍ତି।

## ଶନିବାର ସିଭିଲ୍ କୋର୍ଟ ପରିସରରେ ଜାତୀୟ ଲୋକ ଅଦାଲତ

ଝାରସୁଗୁଡ଼ା,(ସବ୍ୟୁ): ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଶନିବାର ଦିନ ଝାରସୁଗୁଡ଼ା ଜିଲ୍ଲା ସିଭିଲ୍ କୋର୍ଟ ପରିସରରେ ଚଳିତ ବର୍ଷର ପ୍ରଥମ 'ଜାତୀୟ ଲୋକ ଅଦାଲତ' ଅନୁଷ୍ଠିତ ହେବ । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନଙ୍କ ସୂଚନା ଅନୁସାରେ, ଏହି ଲୋକ ଅଦାଲତରେ କୋର୍ଟରେ ପଡ଼ି ରହିଥିବା ବିଭିନ୍ନ ବିଚାରାଧୀନ ମାମଲା ଏବଂ ପ୍ରି-ଲିଟିଗେସନ (କୋର୍ଟକୁ ଆସିବା ପୂର୍ବରୁ ଥିବା ବିବାଦ) ମାମଲାଗୁଡ଼ିକର ଆପୋଷ ସମାଧାନ କରାଯିବ । ବିଶେଷ କରି ବ୍ୟାଙ୍କ ଋଣ, ପାରିବାରିକ ବିବାଦ, ବିଦ୍ୟୁତ ଓ ପାଣି ବିଲ୍ ସମ୍ବନ୍ଧୀୟ ସମସ୍ୟା ଏବଂ ସାମାନ୍ୟ ଅପରାଧିକ ମାମଲାଗୁଡ଼ିକର ଶୀଘ୍ର ଫୈସଲା ପାଇଁ ସୁଯୋଗ ରହିଛି । ଏହି ଜାତୀୟ ଲୋକ ଅଦାଲତକୁ ସଫଳ କରିବା ପାଇଁ ସମସ୍ତ ଜନସାଧାରଣଙ୍କୁ ସୂଚନା ପ୍ରଦାନ ପୂର୍ବକ ସଚେତନ କରିବାକୁ ବିଭାଗ ପକ୍ଷରୁ ସମସ୍ତ ପକ୍ଷଙ୍କୁ ନିମନ୍ତ୍ରଣ କରାଯାଇଛି । ସାଧାରଣ ଜନତା ଏହାର ସୁଯୋଗ ନେଇ ନିଜର ବହୁ ଦିନର ବିବାଦକୁ ବିନା ଖର୍ଚ୍ଚରେ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ସମାଧାନ କରିବାକୁ ପ୍ରାଧିକରଣ ପକ୍ଷରୁ ଅନୁରୋଧ କରାଯାଇଛି ।

## ଦୁଇ ବାଇକ ମୁହାଁମୁହିଁ, ଗ୍ରାମରକ୍ଷୀ ମୃତ

କୋକସରା,(ସବ୍ୟୁ) : ୨୬ ନମ୍ବର ଜାତୀୟ ରାଜପଥ କୋକସରା ଥାନା ଅନ୍ତର୍ଗତ କୋକସରା ବଙ୍ଗୋମୁଣ୍ଡା ଛକ ନିକଟରେ ବୁଧବାର ମଧ୍ୟାହ୍ନରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଜଣେ ଗ୍ରାମରକ୍ଷୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ବାଇକରେ ଥିବା ଜଣେ ଯବାନ ଗୁରୁତର ହୋଇ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମେଡ଼ିକାଲ ଭବାନୀପାଟଣାକୁ ସ୍ଥାନାନ୍ତରିତ କରାଯାଇଛି। କୋକସରା ବଙ୍ଗୋମୁଣ୍ଡା ଛକ ନିକଟରେ ସ୍ଥାନୀୟ ଝରିଆଗୁଡା ଗ୍ରାମର ଗ୍ରାମରକ୍ଷୀ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ (୫୩) ଓ ବିପରୀତ ଦିଗରୁ ଆସୁଥିବା ଜୁନାଗଡ଼ ବ୍ଲକ ଆଟିଗାଁ ପଞ୍ଚାୟତ କାନ୍ଦୁଲଗୁଡା ଗ୍ରାମର ବାଇକ ଚାଳକ ଗୁପ୍ତେଶ୍ୱର ନାଏକଙ୍କ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ଉଭୟ ବାଇକ ଚାଳକ ଗୁରୁତର ହୋଇଥିବା ବେଳେ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀଙ୍କ ଗୋଡ଼ ଆଣ୍ଠୁରୁ କଟି ଯାଇ ଅତି ସଂକାଟାପନ୍ନ ଅବସ୍ଥାରେ ରହିଥିଲା। ପରେ ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ୧୦୮ ଆମ୍ବୁଲାନ୍ସ, ଦମକଲ କର୍ମଚାରୀ ସମେତ ପୋଲିସ ପହଞ୍ଚି ଗୁରୁତରଙ୍କୁ କୋକସରା ମେଡ଼ିକାଲକୁ ପଠାଇଥିଲେ। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗ୍ରାମରକ୍ଷୀ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀଙ୍କ ମୃତ୍ୟୁ ହୋଇଯାଇଥିଲା। ଗୁରୁତର ଯବାନ ଗୁପ୍ତେଶ୍ୱରଙ୍କୁ ଜିଲ୍ଲା ମୁଖ୍ୟାଳୟ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଏହି ଘଟଣା ପରେ ପୋଲିସ ପକ୍ଷରୁ ଦୁଇ ବାଇକକୁ ଜବତ କରିବା ସହ ତଦନ୍ତ ଜାରି ରହିଛି। ଘଟଣାସ୍ଥଳରେ କୋକସରା ଥାନା ଅଧିକାରୀ ସୁଜ୍ଞାନ କୁମାର ବାରିକ ଉପସ୍ଥିତ ରହି ଘଟଣାର ତଦନ୍ତ ଜାରି ରଖିଛନ୍ତି ।

## କୁମୁଲିରେ ନୂତନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ



ବୋରିଗୁମ୍ମା,(ସବ୍ୟୁ): ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ କୁମୁଲି ଗ୍ରାମରେ ନୂତନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ୫ ତାରିଖରୁ ଆରମ୍ଭ ହୋଇଥିବା ଏହି ଉତ୍ସବର ପୂର୍ଣ୍ଣାହୁତି ସୋମବାର ଶେଷ ହୋଇ ରତ୍ନ ସିଂହାସନରେ ଦର୍ଶନ ଦେଉଛନ୍ତି ତିନି ଠାକୁର। ବୈଦିକ ରୀତି ନୀତି ଓ ଶ୍ରୀ ଜଗନ୍ନାଥ ସଂସ୍କୃତି ପରମ୍ପରାରେ ନୂତନ ଜଗନ୍ନାଥ ମନ୍ଦିର ସହିତ ପାର୍ଶ୍ ମନ୍ଦିର ଓ ଶ୍ରୀ ବିଗ୍ରହ ମାନଙ୍କ ପ୍ରତିଷ୍ଠା ଉତ୍ସବ ପୁରୀ ଶଙ୍କରଚାର୍ଯ୍ୟଙ୍କ ଶିଷ୍ୟ ପଣ୍ଡିତ ସୂର୍ଯ୍ୟନାରାୟଣ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି । ପ୍ରଥମ ଦିନରେ ଅଙ୍କୁରାରୋପଣ ସହିତ, ଧାନ୍ୟାଧୀବାସ , ଦ୍ୱିତୀୟ କଳସ ଯାତ୍ରା ଅନୁଷ୍ଠିତ ହୋଇ ମନ୍ଦିରର ରତ୍ନମୁଦ କାର୍ଯ୍ୟକ୍ରମ ହୋଇଥିଲା । ଏହି ଦିବସରେ ଛତିଶଗଡ଼ ରାଜ୍ୟର ମହାରାଜ କମଳ ଲୋଚନ ଭଞ୍ଜଦେବ ଆସି ଶ୍ରୀଜଗନ୍ନାଥ ପ୍ରତିଷ୍ଠା ଉତ୍ସବରେ ପହଞ୍ଚିବା ପରେ ମହାରାଜଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ମହାରାଜ କମଳଲୋଚନ ଭଞ୍ଜଦେବ ମନ୍ଦିର ବୁଲି ପ୍ରଶଂସା କରିଥିଲେ । ଗତ ୭ ତାରିଖ ରେ ଶାଳା ପ୍ରବେଶ ପଞ୍ଚକର୍ମ , ହବନ,ପ୍ରସାଦ ଅଧିବାସ ହୋଇଥିବା ବେଳେ ସନ୍ଧ୍ୟା ରେ ମନ୍ଦିର ପରିସର ମଧ୍ୟରେ ତିରୁପତି ସଂସ୍କୃତ ବିଶ୍ୱିଦ୍ୟାଳୟ ପ୍ରଫେସର ନିରଞ୍ଜନ ମିଶ୍ର ଓ ପ୍ରଫେସର ଭରତ ଭୁଷଣ ରଥଙ୍କ ଦ୍ୱାରା ଜଗନ୍ନାଥଙ୍କ କଥାମୃତ ପ୍ରବଚନ ଅନୁଷ୍ଠିତ ହୋଇଥିଲା । ୮ ରେ ଶ୍ରୀ ବିଗ୍ରହ ମାନଙ୍କ ମହାସ୍ନାନ, ପଞ୍ଚ ଅଧିବାସ , ଗୁପ୍ତ ନୀତି ଓ ଶୟନ ହୋଇଥିଲା । ଏହି ଦିନ ଅଷ୍ଟପ୍ରହର ନାମ ସଙ୍କୀର୍ତ୍ତନ ହୋଇଥିଲା । ଶେଷ ଦିନରେ ବିବାହ ଉତ୍ସବ , ନୀଳଚକ୍ର ସ୍ଥାପନ,ଶ୍ରୀ ବିଗ୍ରହ ମାନଙ୍କ ସହିତ ପାର୍ଶ୍ ଦେବା ଦେବୀ ମାନଙ୍କ ମନ୍ଦିର ଭିତରକୁ ପ୍ରବେଶ ହୋଇଥିଲା । ପାରଳାଖେମୁଣ୍ଡି ମହାରାଣୀ କଲ୍ୟାଣୀ ଦେବୀ ଯୋଗ ଦେଇ ଶ୍ରୀ ବିଗ୍ରହ ମାନଙ୍କୁ ଦର୍ଶନ କରିଥିଲେ। ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, କୋଟପାଡ ବିଧାୟକ ରୁପୁ ଭାତ୍ରା , ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ,ବିଜେପି ନେତା ଗୌତମ ସାମନ୍ତରାୟ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧାବିନୋଦ ସାମନ୍ତରାୟ,ଜିଲ୍ଲା ପରିଷଦ ସଭ୍ୟ ପ୍ରସାଦ ବିଡ଼ିକା, ଜିଲ୍ଲା ପରିଷଦ ସଭ୍ୟ ପିଙ୍କୁ ଶତପଥୀ,ବୋରିଗୁମ୍ମା ସମିତି ଅଧ୍ୟକ୍ଷା ଦିପ୍ତିମୟୀ ନାୟକ,ବୋରିଗୁମ୍ମା ବିଡିଓ ସୁକାନ୍ତ ପଟ୍ଟନାୟକ, ବୋରିଗୁମ୍ମା ତହସିଲଦାର ,ବୋରିଗୁମ୍ମା ଏସଡିପିଓ ସତ୍ୟବ୍ରତ ଲେଙ୍କାଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ବି ସିଂହପୁର ଥାନା ଅଧିକାରୀ ଲିମାରାଜ୍ ପ୍ରଧାନଙ୍କ ନେତୃତ୍ୱରେ କୋରାପୁଟ ଜିଲ୍ଲା ପୋଲିସ ତରଫରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା । ମଙ୍ଗଳବାର ଠାରୁ ନୀତିକାନ୍ତି ଅନୁସାରେ କୁମୁଲି ଜଗନ୍ନାଥ ମନ୍ଦିର ରତ୍ନ ସିଂହାସନରେ ସାଧାରଣ ଭକ୍ତଙ୍କୁ ଦର୍ଶନ ଦେବେ ବଡ଼ଭାଇ ବଳଭଦ୍ର ଓ କାଳିଆ ସାଆନ୍ତଙ୍କ ସହିତ ଭଉଣୀ ସୁଭଦ୍ରା ଓ ସୁଦର୍ଶନ ଛନୂତନ ମନ୍ଦିର ପରିସର ମଧ୍ୟରେ ଜଗନ୍ନାଥଙ୍କ ମୁଖ୍ୟ ମନ୍ଦିର ସହିତ ,ମା ଲକ୍ଷ୍ମୀଙ୍କ ମନ୍ଦିର ,ମା ବିମଳାଙ୍କ ମନ୍ଦିର ,ଶିବ ମନ୍ଦିର , ମା ମହାମାହି ମନ୍ଦିର , ଶ୍ରୀ ଗଣେଶଙ୍କ ମନ୍ଦିର ଓ ହନୁମାନଙ୍କ ମନ୍ଦିର ମଧ ନିର୍ମାଣ ହୋଇ ପ୍ରତିଷ୍ଠା ହୋଇଯାଇଛି ।

## ଭୁକ୍ତା ସାପ୍ତାହିକ ବଜାରରେ ମୋବାଇଲ ଚୋରଙ୍କ ପ୍ରାଦୁର୍ଭାବ

ଅମ୍ବାଭୋନା, (ସବ୍ୟୁ): ବରଗଡ଼ ଜିଲ୍ଲା ଅନ୍ତର୍ଗତ ଅମ୍ବାଭୋନା ବ୍ଲକର ଭୁକ୍ତା ମୁଖ୍ୟ ସାପ୍ତାହିକ ପ୍ରସିଦ୍ଧ ବୁଧବାର ବଜାରରେ ଦିନକୁ ଦିନ ମୋବାଇଲ ଓ ଟଙ୍କା ଚୋରୀ ଘଟଣା ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି। ଅସାମାଜିକ ବ୍ୟକ୍ତିମାନେ ଜନଗହଳିର ସୁଯୋଗ ନେଇ ବ୍ୟବସାୟୀ ଓ ଗ୍ରାହକଙ୍କ ଠାରୁ ମୋବାଇଲ ଓ ଟଙ୍କା ଚୋରି କରୁଥିବା ଅଭିଯୋଗ ହେଉଛି। ବରଗଡ଼ ଜିଲ୍ଲା ସହିତ ପଡୋଶୀ ରାଜ୍ୟ ଛତିଶଗଡ଼ରୁ ବହୁ ସଂଖ୍ୟକ ବ୍ୟବସାୟୀ ଓ ଗ୍ରାହକ ଏହି ବଜାରକୁ ଆସୁଥିବାରୁ ବଜାରଟି ଅତ୍ୟନ୍ତ ଜନଗହଳିପୂର୍ଣ୍ଣ ଓ ପ୍ରସିଦ୍ଧ। ବ୍ୟବସାୟୀମାନେ ପୂର୍ବଦିନ ମଙ୍ଗଳବାର ରାତିରୁ ଆସି ବଜାରରେ ଡେରା ପକାଇ ବ୍ୟବସାୟ ପାଇଁ ରହୁଥିବା ବେଳେ ସେମାନଙ୍କ ସୁରକ୍ଷା ପ୍ରତି ବୁଦ୍ଧିଜୀବୀ ମହଳରେ ପ୍ରଶ୍ନ ଉଠୁଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ପ୍ରତ୍ୟେକ ବୁଧବାର ବଜାର ଦିନ ୧୦ରୁ ୧୫ଟି ପର୍ଯ୍ୟନ୍ତ ମୋବାଇଲ ଓ ଟଙ୍କା ପଇସା ଚୋରି ଘଟଣା ଘଟୁଥିବା ନଜରକୁ ଆସୁଛି। ଯଦି ଏହିପରି ଭାବେ ଚୋରଙ୍କ ପ୍ରାଦୁର୍ଭାବ ବଢ଼ିଚାଲେ, ତେବେ ଏହି ପ୍ରସିଦ୍ଧ ବଜାରର ମର୍ଯ୍ୟାଦା ଓ ବ୍ୟବସାୟ ଉପରେ କୁପ୍ରଭାବ ପଡିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏଥିପ୍ରତି ବରଗଡ଼ ଜିଲ୍ଲା ଏସପି ଓ ବଜାର ନିୟନ୍ତ୍ରଣ କମିଟି ଶୀଘ୍ର ଦୃଷ୍ଟି ଦେଇ କଠୋର ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

## ସାଇବର ଅପରାଧ ତଦନ୍ତ ସମ୍ପର୍କିତ କର୍ମଶାଳା

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ମହାନଗର ନିଗମ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ପୋଲିସ ପକ୍ଷରୁ ଦୁଇ ଦିନିଆ ସାଇବର ଅପରାଧ ତଦନ୍ତ ଆଡଭାନ୍ସ କୋର୍ସ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁ, ଆଇପିଏସ ପ୍ରୋବେସନାରୀ କମଳ ଗର୍ଗ ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ । ସାଧନ ବ୍ୟକ୍ତି ମୁକେଶ ଚୌଧୁରୀ ଓ ରୀମା ସାଇନିଙ୍କ ଦ୍ୱାରା ବିଶେଷଜ୍ଞ ଅଧିବେଶନଗୁଡ଼ିକ ପରିଚାଳନା କରାଯାଉଛି। ଯେଉଁଥିରେ ନୂତନତମ ସାଇବର ଅପରାଧ ଧାରା, ତଦନ୍ତ କୌଶଳ ଏବଂ ଡିଜିଟାଲ୍ ପ୍ରମାଣ ପରିଚାଳନା ଉପରେ ଧ୍ୟାନ ଦିଆଯାଇଛି। ସାଇବର ଅପରାଧର ପ୍ରଭାବଶାଳୀ ତଦନ୍ତ ଏବଂ ସାଇବର ଅପରାଧର ବର୍ଦ୍ଧିତ ଚ୍ୟାଲେଞ୍ଜର ମୁକାବିଲା ପାଇଁ ପୋଲିସ ଅଧିକାରୀଙ୍କ କ୍ଷମତାକୁ ସୁଦୃଢ଼ କରିବା ଏହି ତାଲିମର ଲକ୍ଷ୍ୟ ବୋଲି ଆଇଜି ହିମାଂଶୁ ଲାଲ କହିଥିଲେ । ଏଥିରେ ଜିଲ୍ଲାର ସମସ୍ତ ଅତିରିକ୍ତ ଏସପି , ଡିଏସପି, ଇନ୍ସପେକ୍ଟର ମାନେ ଯୋଗଦେଇ ତାଲିମ ନେଉଛନ୍ତି ।

## ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ




ବଲାଙ୍ଗିର,(ସବ୍ୟୁ): ମଙ୍ଗଳବାର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ସାଂସ୍କୃତିକ ସଂଗଠନ ଓ ନାଟ୍ୟ ପରିଷଦ ତରଫରୁ ଆୟୋଜିତ ବାର୍ଷିକ ଉତ୍ସବ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିଶ୍ୱବିଦ୍ୟାଳୟର କୁଳପତି ଡ. ପ୍ରଦୀପ୍ତ କୁମାର ବେହେରା ମୁଖ୍ୟ ଅତିଥି, ଚିତ୍ରଶିଳ୍ପୀ ପଦ୍ମଶ୍ରୀ କୈଳାଶ ଚନ୍ଦ୍ର ମେହେର ମୁଖ୍ୟ ବକ୍ତା, କୁଳ ସଚିବ ହରପ୍ରସାଦ ଭୋଇ , ମାନବ ସମ୍ବଳ ଆୟୋଗର ନିର୍ଦ୍ଦେଶକ ଡକ୍ଟର ରାଜକିଶୋର ପାତ୍ର, ପରୀକ୍ଷା ନିୟନ୍ତ୍ରକ ଡକ୍ଟର ଶ୍ୟାମ ଭୋଇ ଓ ସାଂସ୍କୃତିକ ପରିଷଦର ଉପସଭାପତି ଡକ୍ଟର ସୁଶାନ୍ତ କୁମାର ପଣ୍ଡା ଯୋଗଦାନ କରିଥିଲେ।

ପ୍ରାରମ୍ଭରେ ପରିଷଦର ଉପସଭାପତି ଡକ୍ଟର ପଣ୍ଡା ଅତିଥି ପରିଚୟ ତଥା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଶ୍ୱବିଦ୍ୟାଳୟର ଗବେଷକ ଛାତ୍ର ସୋମ ଓ ଯୁକ୍ତ ତିନି ସ୍ନାତକ ଛାତ୍ରୀ ପ୍ରତିଶ୍ରୁତି ମଞ୍ଚପରିଚାଳନା କରିଥିଲେ । ମୁଖ୍ୟ ଅତିଥି ପ୍ରଫେସର ପ୍ରଦୀପ୍ତ କୁମାର ବେହେରା ନିଜ ଅଭିଭାଷଣରେ ଛାତ୍ରଛାତ୍ରୀମାନେ କିପରି ତାଙ୍କର କଳା ଓ ସଂସ୍କୃତିକୁ ସମୃଦ୍ଧ କରିବେ ସେ ସମ୍ପର୍କରେ ମତ ପ୍ରଦାନ କରିଥିଲେ । ମାନବ ସମ୍ବଳ ଆୟୋଗର ନିର୍ଦ୍ଦେଶକ ତଥା ଭାରପ୍ରାପ୍ତ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡକ୍ଟର ପାତ୍ର ଶିକ୍ଷା ଶ୍ରେଣୀ ପ୍ରକୋଷ୍ଠରେ କେବଳ ଆବଦ୍ଧ ନୁହେଁ, ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା ଓ ସାହିତ୍ୟିକ କାର୍ଯ୍ୟକ୍ରମ ମାଧ୍ୟମରେ ଜ୍ଞାନର ପରିସରକୁ ବ୍ୟାପକ କରାଯିବା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦେଇଥିଲେ। ବିଶ୍ୱବିଦ୍ୟାଳୟର କୁଳ ସଚିବ ହରପ୍ରସାଦ ଭୋଇ ଚରିତ୍ର ଗଠନ ଶିକ୍ଷାର ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିବାରୁ ଛାତ୍ରଛାତ୍ରୀ ମାନଙ୍କୁ ସୁଚରିତ୍ର ଗଠନ କରାଯିବା ସମ୍ପର୍କରେ ଆଲୋକପାତ କରିଥିଲେ।

ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡକ୍ଟର ଶ୍ୟାମ ଭୋଇ ଶିକ୍ଷାର୍ଥୀମାନଙ୍କୁ ପରିଶ୍ରମ କାତର ନ ହୋଇ ପରିଶ୍ରମୀ ହେବାକୁ ଉଦବୋଧନ ଦେଇଥିଲେ । ଛାତ୍ରଛାତ୍ରୀମାନେ ନିଜକୁ ଆତ୍ମସମୀକ୍ଷା କରିବା ପାଇଁ ସେ ଅଭିପ୍ରେରଣା ପ୍ରଦାନ କରିଥିଲେ ।ମୁଖ୍ୟ ବକ୍ତା ଚିତ୍ରଶିଳ୍ପୀ ପଦ୍ମଶ୍ରୀ କୈଳାଶ ଚନ୍ଦ୍ର ମେହେର ନିଜ ବକ୍ତବ୍ୟରେ ସଂଘର୍ଷ ହିଁ ଜୀବନର ମୂଳମନ୍ତ୍ର ଏବଂ କଠିନ ପରିଶ୍ରମ ଦ୍ୱାରା ସଫଳତା ଅର୍ଜନ କରାଯାଇପାରେ ସେ ସମ୍ପର୍କରେ ଶିକ୍ଷାର୍ଥୀମାନଙ୍କୁ ଦିଗଦର୍ଶନ ଦେଇଥିଲେ ।ଅତିଥିମାନଙ୍କ ସମ୍ଭାଷଣ ପରେ କଳା ଓ ସାଂସ୍କୃତିକ ପରିଷଦ ପକ୍ଷରୁ ଅନୁଷ୍ଠିତ ସାଂସ୍କୃତିକ ତଥା ସାହିତ୍ୟିକ ପ୍ରତିଯୋଗିତା ଗୁଡ଼ିକରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ସ୍ନାତକୋତ୍ତର ଛାତ୍ର ବ୍ୟୋମକେଶ ଦତ୍ତ ତ୍ରିପାଠୀ ବିଭିନ୍ନ ସାହିତ୍ୟିକ ପ୍ରତିଯୋଗିତା ଗୁଡ଼ିକରେ ସର୍ବଶ୍ରେଷ୍ଠ ପୁରସ୍କାର ହାସଲ କରିଥିଲେ। ନାଟ୍ୟ ଓ ସାଂସ୍କୃତିକ ପରିଷଦର ସଦସ୍ୟ ତଥା ରସାୟନ ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ଡକ୍ଟର ଗଜେନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ସଙ୍ଗୀତ, ନୃତ୍ୟ ଏବଂ ଅନ୍ୟାନ୍ୟ କଳାକୃତି କାର୍ଯ୍ୟକ୍ରମ ବେଶ ସୁନ୍ଦର ଭାବେ ପରିବେଷଣ କରାଯାଇଥିଲା।

## ଶ୍ରୀଅରବିନ୍ଦଙ୍କ ଜନ୍ମ ବାର୍ଷିକୀ ଉପଲକ୍ଷେ କର୍ମୀ ସମ୍ମିଳନୀ

କୋକସରା,(ସବ୍ୟୁ): କୋକସରା ବ୍ଲକ ଗତାବନ୍ଧ ଶ୍ରୀ ଅରବିନ୍ଦ ପାଠଚକ୍ର ଠାରେ ବ୍ଲକ ସ୍ତରୀୟ କର୍ମୀ ସମ୍ମିଳନୀ ତଥା ଶ୍ରୀ ଅରବିନ୍ଦଙ୍କ ତୃତୀୟ ବାର୍ଷିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଶ୍ରୀ ଅରବିନ୍ଦଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ, ଦୀପ ଧୂପ ପ୍ରଦାନ କରି ଆଶୀର୍ବାଦ ଭିକ୍ଷା କରା ଯାଇଥିଲା। କାର୍ଯ୍ୟକ୍ରମରେ ବ୍ରଜ ଭାଇ. ଗୋପୀଚାନ୍ଦ ଭାଇ, ବସନ୍ତ ଭାଇ. ମନୋଜ ଭାଇ ଆଦରଣୀୟ ମାଳବିକା ଅପା ଯୋଗଦାନ କରିଥିବା ବେଳେ କଳାହାଣ୍ଡି ଜିଲ୍ଲାର ଅନେକ ମାତୃ ପ୍ରେମୀ ଅଂଶ ଗ୍ରହଣ କରିଥିଲେ ସୀତାରାମ ଭାଇ ଧନ୍ୟବାଦ ଅର୍ପଣ କରିଥିଲେ।

**AFFIDAVIT**

I AMAN KUMAR MITTAL, S/O- JAGDISH PRASAD MITTAL, RESIDENT OF WARD NO-1, BHATLI ROAD, PO/PS/DIST- BARGARH, ODISHA, PIN- 768028 DECLARE BY THIS AFFIDAVIT NO : - 2975, DATED:. **11.03.2026** THAT NOW ONWARDS I SHALL BE KNOWN AS AMAN MITTAL, S/O- JAGDISH PRASAD MITTAL FOR ALL PURPOSES.

Sd/- AMAN MITTAL,
BARGARH

**(ଶ୍ରୀମଭଗବଦ୍ ଗୀତା ୨/୫୫)**
**ସାଂଖ୍ୟଯୋଗଃ**

**ଶ୍ରୀଭଗବାନୁବାଚ**
**ପ୍ରଜହାତି ଯିବା କାମାନ୍ ସର୍ବାନ୍ ପାର୍ଥ ! ମନୋଗତାନ୍ ।**
**ଆତ୍ମନ୍ୟେବାତ୍ମନା ତୁଷ୍ଟଃ ସ୍ଥିତପ୍ରଜ୍ଞସ୍ତଦୋଚ୍ୟତେ ॥ ୫୫ ॥**
ଶ୍ରୀ ଭଗବାନ୍ କହିଲେ– ହେ ପାର୍ଥ ! ଯେତେବେଳେ ମୁନି ମନୋଗତ ସର୍ବବିଧ ତୁଚ୍ଛ ବିଷୟାଭିଳାଷ ପରିତ୍ୟାଗ କରନ୍ତି, ନିଜେ ନିଜଠାରେ ପରମାନନ୍ଦ ସ୍ୱରୂପ ଆତ୍ମାରେ ସନ୍ତୁଷ୍ଟ ଥାଆନ୍ତି, ସେତେବେଳେ ସେହି ମୁନିଙ୍କୁ ସ୍ଥିତପ୍ରଜ୍ଞ ବୋଲି କୁହାଯାଏ ॥୫୫॥

# ସଂସଦରେ ଅଚଳାବସ୍ଥା ଦୁର୍ଭାଗ୍ୟଜନକ

ଭାରତରେ ଗଣତନ୍ତ୍ର ସଫଳ ହୋଇଛି ବୋଲି କେବଳ ଭାରତରେ ନୁହେଁ, ସାରା ବିଶ୍ୱରେ ଭାରତକୁ ଅନ୍ୟ ରାଷ୍ଟ୍ରମାନେ ସମ୍ମାନ ପ୍ରଦର୍ଶନ କରି ଆସୁଥିବା ବେଳେ ଆମ ଗଣତନ୍ତ୍ରକୁ ବିଫଳ କରିବା ଲାଗି ସଂସଦରେ ବିରୋଧୀ କଂଗ୍ରେସ ଓ ତାହାର ସହଯୋଗୀ ଦଳଗୁଡ଼ିକ ଯେପରି ଉଦ୍ୟମ କରି ଆସୁଛନ୍ତି, ତାହା ବିରୋଧୀ ଦଳର ମର୍ଯ୍ୟାଦା ବର୍ଦ୍ଧନ କରୁ ନାହିଁ ।

ପ୍ରଥମ ପର୍ଯ୍ୟାୟର ସଂସଦୀୟ ଅଧିବେଶନକୁ ବିରୋଧୀ ଦଳ ଅଚଳ କରି ରଖିଥିଲା । ଫଳରେ ଲୋକତାନ୍ତ୍ରିକ ବ୍ୟବସ୍ଥା ଆମର ବିପନ୍ନ ହେବ ବୋଲି ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି । ପ୍ରଥମ ପର୍ଯ୍ୟାୟର ସଂସଦୀୟ ଅଧିବେଶନକୁ ବିରୋଧୀ କଂଗ୍ରେସ ଦଳ ଲୋକସଭାର ବାଚସ୍ପତି ଓମ ବିର୍ଲାଙ୍କୁ ତାଙ୍କ ପକ୍ଷପାତିତା ନୀତି ଯୋଗୁଁ ଅନାସ୍ଥା ପ୍ରସ୍ତାବ ତାଙ୍କ ବିରୋଧରେ ଅଣାଯିବାରୁ ସଂସଦରେ ଅଚଳାବସ୍ଥା ଦେଖା ଦେଇଥିଲା । ଫଳରେ ବିରୋଧୀ ଦଳ କେନ୍ଦ୍ର ସରକାରଙ୍କ ବିରୋଧରେ ଯେଉଁ ସବୁ ପ୍ରଶ୍ନ କରିବାର ଥିଲା କିମ୍ବା ଅଭିଯୋଗ ମାନ ଆଣିବାର ଥିଲା, ତାହା କରି ପାରିଲା ନାହିଁ ।

**ଯୁଦ୍ଧଜନିତ ପରିସ୍ଥିତିରେ ବିରୋଧୀ କଂଗ୍ରେସ ଦଳ ଯଦି ପ୍ରକୃତରେ ବ୍ୟସ୍ତ ହୋଇଥାନ୍ତେ ତେବେ ସଂସଦକୁ ଅଯଥାରେ ଅଚଳ କରି ନଥାନ୍ତେ । ଅପରପକ୍ଷରେ ବୈଦେଶିକ ମନ୍ତ୍ରୀ ଡକ୍ଟର ଜୟଶଙ୍କର ଏପରି ପରିସ୍ଥିତିରେ ଭାରତର ବିଭିନ୍ନ ଦୂତାବାସଗୁଡ଼ିକ ଯେଉଁସବୁ ସୂଚନା ଜାରି କରିଛନ୍ତି ସେ ବିଷୟରେ ଉଲ୍ଲେଖ କରିଥିଲେ । ଇସ୍ରାଏଲ, ଇରାନ୍, ୟୁନାଇଟେଡ ଆରବ ଏମିରେଟସ (ଆବୁଧାବି, ଦୁବାଇ ସାରଜାହା, ଉମଖ ଏଆଇ କ୍ୱାଇଦ୍ୱେନ, ଫୁଂଜାରିଆ ଆଜମାନ ଓ ରାସ ଅଲ ଖାଇମା) ବାହାରିନ କରତାର, କୁଏତ ଓ ଆଉଦି ଆରବ ପ୍ରଭୃତି ରାଷ୍ଟ୍ରମାନଙ୍କୁ ଗତ ଫେବୃଆରୀ ୨୮ରୁ ମାର୍ଚ୍ଚ ୮ ତାରିଖ ମଧ୍ୟରେ ସୂଚନା ମଗା ଯାଇଥିଲା । ଉପସାଗରୀୟ ରାଷ୍ଟ୍ରମାନଙ୍କରେ ପ୍ରାୟ କୋଟିଏ ଭାରତୀୟ ନାଗରିକ ବସବାସ କରିଥା'ନ୍ତି ବୋଲି ମନ୍ତ୍ରୀ ଶ୍ରୀ ଜୟଶଙ୍କର ପ୍ରକାଶ କରିଥିଲେ । ସେ ଆହୁରି ମଧ୍ୟ ଉଲ୍ଲେଖ କରିଥିଲେ ଯେ ଇରାନରେ କେତେ ହଜାର ଭାରତୀୟ ପାଠ ପଢ଼ିବାକୁ କିମ୍ବା ଚାକିରି କରିବାକୁ ଆସିଥା'ନ୍ତି । ତେଣୁ ବୈଦେଶିକ ମନ୍ତ୍ରୀ ଜୟଶଙ୍କରଙ୍କର ସଂସଦରେ ଏ ସବୁ ଉଲ୍ଲେଖ କରିବା ପରେ ମଧ୍ୟ ବିରୋଧୀ ଦଳ ପକ୍ଷରୁ ଯୁଦ୍ଧ ସମ୍ପର୍କରେ ଆଲୋଚନା କରାଯିବାର ଆବଶ୍ୟକତା ଥିବା ପରି ମନେ ହୁଏ ନାହିଁ । ଆମ ସାଧାରଣତନ୍ତ୍ରର ୭୫ ବର୍ଷ ଆମେ ଅତିକ୍ରାନ୍ତ କରି ସାରିବା ପରେ ବିରୋଧୀ ଦଳର ଏପରି ଆଚରଣ ପ୍ରକୃତରେ ଦୁର୍ଭାଗ୍ୟଜନକ ।**

ଏଥିରେ ସଂସଦର ଗୁରୁତ୍ୱ ଯେପରି ବଢ଼ିବା କଥା ତାହା ମଧ୍ୟ ବଢ଼ି ପାରିଲା ନାହିଁ । ସଂସଦର ଅଧିବେଶନ ଚାଲୁଥିବା ସମୟରେ ପ୍ରତ୍ୟେକ ଦିନ ପ୍ରାୟ ୯ କୋଟି ଟଙ୍କା ଖର୍ଚ୍ଚ ହେଉଛି । ଏ ସବୁ ଅର୍ଥ ଆମର ଟିକସ ଦାତାମାନଙ୍କ ଅର୍ଥ ନୁହେଁ କି ?

ବିରୋଧୀ ଦଳ ଲୋକସଭାର ବାଚସ୍ପତି ଓମ୍ ବିର୍ଲାଙ୍କ ପ୍ରସଙ୍ଗରୁ ଯାଇ ଏବେ ପୁଣି ମଧ୍ୟ ପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ପ୍ରସଙ୍ଗକୁ ମୁଖ୍ୟ ବିଷୟ କରିଛନ୍ତି । ଗୃହରେ ବିଭିନ୍ନ ଧ୍ୱନି ଦେଇ ହାତରେ ପ୍ଲାକାର୍ଡ ଧରି, ଗୃହକୁ ସୁରୁଖୁରୁରେ ଚାଲିବାକୁ ଦେଇ ନଥିଲେ । ସେମାନେ ବୈଦେଶିକ ମନ୍ତ୍ରୀ ଡଃ ଜୟଶଙ୍କର ସଂସଦର ଉଭୟ ଗୃହରେ ଉପରୋକ୍ତ ମଧ୍ୟ ପ୍ରାଚ୍ୟ ସଂକ୍ରାନ୍ତରେ ନିଜର ବିବୃତି ରଖିବା ପରେ ବିରୋଧୀ ଦଳ ସଂସଦରେ ଏହି ପ୍ରସଙ୍ଗକୁ ନେଇ ହଟ୍ଟଗୋଳ କରିଥିଲେ । ଲୋକସଭାରେ ଅଧ୍ୟକ୍ଷତା କରୁଥିବା ଜଗଦମ୍ବିକା ପାଲ କହିଥିଲେ ଯେ ତାଙ୍କ କାର୍ଯ୍ୟସୂଚୀ ମଧ୍ୟରେ ଅନାସ୍ଥା ପ୍ରସ୍ତାବ ରହିଥିବା ବେଳେ ପଶ୍ଚିମ ଏସିଆର ପରିସ୍ଥିତି ଉପରେ ଆଉ ଏକ ସ୍ୱତନ୍ତ୍ର ଆଲୋଚନା ସମ୍ଭବ ନୁହେଁ । ତଥାପି ବିରୋଧୀ ଦଳ ନିଜ ଜିଦିରେ ଅଟଳ ହୋଇ ଗୃହକୁ ଚାଲିବାକୁ ଦେଇ ନଥିଲେ । ଗୃହର କାମଚଳା ଅଧ୍ୟକ୍ଷଙ୍କୁ ତିନି/ ଚାରି ଥର ଲେଖାଏଁ ଗୃହକୁ ମୁଲତବୀ ରଖିବାକୁ ପଡ଼ିଥିଲା ।

ଯୁଦ୍ଧଜନିତ ପରିସ୍ଥିତିରେ ବିରୋଧୀ କଂଗ୍ରେସ ଦଳ ଯଦି ପ୍ରକୃତରେ ବ୍ୟସ୍ତ ହୋଇଥାନ୍ତେ ତେବେ ସଂସଦକୁ ଅଯଥାରେ ଅଚଳ କରି ନଥାନ୍ତେ । ଅପରପକ୍ଷରେ ବୈଦେଶିକ ମନ୍ତ୍ରୀ ଡକ୍ଟର ଜୟଶଙ୍କର ଏପରି ପରିସ୍ଥିତିରେ ଭାରତର ବିଭିନ୍ନ ଦୂତାବାସଗୁଡ଼ିକ ଯେଉଁସବୁ ସୂଚନା ଜାରି କରିଛନ୍ତି ସେ ବିଷୟରେ ଉଲ୍ଲେଖ କରିଥିଲେ । ଇସ୍ରାଏଲ, ଇରାନ୍, ୟୁନାଇଟେଡ ଆରବ ଏମିରେଟସ (ଆବୁଧାବି, ଦୁବାଇ ସାରଜାହା, ଉମଖ ଏଆଇ କ୍ୱାଇଦ୍ୱେନ, ଫୁଂଜାରିଆ ଆଜମାନ ଓ ରାସ ଅଲ ଖାଇମା) ବାହାରିନ କରତାର, କୁଏତ ଓ ଆଉଦି ଆରବ ପ୍ରଭୃତି ରାଷ୍ଟ୍ରମାନଙ୍କୁ ଗତ ଫେବୃଆରୀ ୨୮ରୁ ମାର୍ଚ୍ଚ ୮ ତାରିଖ ମଧ୍ୟରେ ସୂଚନା ମଗା ଯାଇଥିଲା । ଉପସାଗରୀୟ ରାଷ୍ଟ୍ରମାନଙ୍କରେ ପ୍ରାୟ କୋଟିଏ ଭାରତୀୟ ନାଗରିକ ବସବାସ କରିଥା'ନ୍ତି ବୋଲି ମନ୍ତ୍ରୀ ଶ୍ରୀ ଜୟଶଙ୍କର ପ୍ରକାଶ କରିଥିଲେ । ସେ ଆହୁରି ମଧ୍ୟ ଉଲ୍ଲେଖ କରିଥିଲେ ଯେ ଇରାନରେ କେତେ ହଜାର ଭାରତୀୟ ପାଠ ପଢ଼ିବାକୁ କିମ୍ବା ଚାକିରି କରିବାକୁ ଆସିଥା'ନ୍ତି । ତେଣୁ ବୈଦେଶିକ ମନ୍ତ୍ରୀ ଜୟଶଙ୍କରଙ୍କର ସଂସଦରେ ଏ ସବୁ ଉଲ୍ଲେଖ କରିବା ପରେ ମଧ୍ୟ ବିରୋଧୀ ଦଳ ପକ୍ଷରୁ ଯୁଦ୍ଧ ସମ୍ପର୍କରେ ଆଲୋଚନା କରାଯିବାର ଆବଶ୍ୟକତା ଥିବା ପରି ମନେ ହୁଏ ନାହିଁ । ଆମ ସାଧାରଣତନ୍ତ୍ରର ୭୫ ବର୍ଷ ଆମେ ଅତିକ୍ରାନ୍ତ କରି ସାରିବା ପରେ ବିରୋଧୀ ଦଳର ଏପରି ଆଚରଣ ପ୍ରକୃତରେ ଦୁର୍ଭାଗ୍ୟଜନକ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଓଡ଼ିଶାର ରଣବୋଝ: ଶୁଝିଲେ ଶୁଝିବ ନାତିର ନାତି



**ପ୍ରହଲାଦ କୁମାର ସିଂହ**

ଯେତେଦିନ ବଞ୍ଚିଛ ସୁଖରେ ରୁହ ଏବଂ ସୁଖରେ ରହିବା ପାଇଁ ଋଣ କରି ଘିଅ ପିଅ'- ଋଣଗ୍ରସ୍ତ ବ୍ୟବସ୍ଥା ଉପରେ ନିର୍ଭରଶୀଳ ଗୋଷ୍ଠୀ ଏଥିରୁ କିଭଳି ନିସ୍ତାର ପାଇବେ, ସେ ଦିଗରେ ଉଦ୍ୟମ ନକରି ପୁଣି ଅଧିକ ଋଣ କରିବା ପାଇଁ ଏଭଳି ଯୁକ୍ତି ବାଢ଼ନ୍ତି । ଅତ୍ୟଧିକ ଋଣ କରି ଆମ ଦେଶର ପଡୋଶୀ ବାଂଲାଦେଶ, ଶ୍ରୀଲଙ୍କା, ପାକିସ୍ତାନ ଆଦି ଯେଭଳି ଖରାପ ସମୟ ଦେଇ ଗତି କରୁଛନ୍ତି, ଆମେ ସେଥିରୁ କିଛି ଶିଖିବା ଭଳି ମନେ ହୁଏ ନାହିଁ । ଆମ ଦେଶର ରଣବୋଝ ୨୦୦ଲକ୍ଷ କୋଟି ଟଙ୍କାକୁ ଟପିଥିବାବେଳେ ରାଜ୍ୟଗୁଡ଼ିକର ଋଣ ଚାପ ବି ୧୦୦ ଲକ୍ଷ କୋଟି ଟଙ୍କାରୁ ଅଧିକ । ଏ ପରିପ୍ରେକ୍ଷୀରେ ଓଡ଼ିଶାର ଯୁକ୍ତି ହେଉଛି ଯେ ଅନ୍ୟ ବହୁ ରାଜ୍ୟ ତୁଳନାରେ ଓଡ଼ିଶାର ଋଣ ପରିମାଣ ଢେର କମ୍ ଅଛି । ଋଣରେ ଅଣାଯାଉଥିବା ଅର୍ଥକୁ ଠିକଣା ଭାବେ ବିନିଯୋଗ କରି ସେଥିରେ ରାଜ୍ୟ ଓ ରାଷ୍ଟ୍ରର ପୁଞ୍ଜି ବଢ଼ାଇବା କିଛି ଖରାପ କଥା ନୁହେଁ । କିନ୍ତୁ ପ୍ରଶାସନିକ ଖର୍ଚ୍ଚ ସହିତ ମୂଳ ଓ ସୁଧ ପରିଶୋଧ ଲାଗି ଅଧିକ ଋଣ ଆହରଣ କରିବା ନିଶ୍ଚିତ ଭାବେ ନକରାତ୍ମକ ।

ଋଣ ଚାପରେ କେଉଁଠି ଚାଷୀ ଆତ୍ମହତ୍ୟା କରୁଛି ତ ଆଉ କେଉଁଠି ଶୁଝି ପାରୁନଥିବା ଲୋକ ମାନସିକ ଚାପରେ ରହି ରୋଗାକ୍ରାନ୍ତ ହେଉଛି । ଅନ୍ୟପକ୍ଷରେ ଶାସନର ଡୋରିଯେଉଁ ପ୍ରଶାସନିକ ବଡ଼ପଣ୍ଡା ଓ ରାଜନେତାମାନଙ୍କ ହାତରେ ରହୁଛି, ସେମାନେ ମିତବ୍ୟୟିତାକୁ ଭୁଲି ବିପୁଳ ଅର୍ଥ ବରବାଦ କରିବା ସହ ଦୁର୍ନୀତିକୁ ଦମନ ନକରିପାରିବା ଯୋଗୁଁ ଋଣ ଚାପ ଯେଭଳି ବଢୁଛି ତାହା କିପରି ଶୁଝି ରାଜ୍ୟ ଓ ଦେଶକୁ ଋଣମୁକ୍ତ କରାଯିବ, ସେ ସଂକ୍ରାନ୍ତରେ ମଙ୍ଗୁଆଳମାନେ ସଚେତନ ଥିବାଭଳି ମନେ ହେଉନାହିଁ । ସତେ ଯେମିତି ସେମାନଙ୍କର ଅଘୋଷିତ ନୀତି ହେଉଛି, 'ଋଣ କରି ଘିଅ ପିଇବା ନିତି/ ଶୁଝିଲେ ଶୁଝିବ ନାତିର ନାତି।'

ଓଡ଼ିଶାର ରଣବୋଝ ୮୦ ଦଶକରେ ୩ ହଜାର କୋଟି ଟଙ୍କା ଭିତରେ ସୀମିତ ଥିଲା। ୧୯୮୯-୯୦ ବେଳକୁ ଏହା ୩୮୭୦.୮୪ କୋଟି ଟଙ୍କାରେ ପହଞ୍ଚିଥିବାବେଳେ ୧୯୯୪-୯୫ ବେଳକୁ ୭୯୫୭.୮୬ କୋଟି ଟଙ୍କା ହୋଇଥିଲା। ପୁଣି ଏହା ବଢ଼ି ବଢ଼ି ୧୯୯୯-୨୦୦୦ ବେଳକୁ ୧୮,୧୦୦.୭୮ କୋଟି ଟଙ୍କାରେ ପହଞ୍ଚିଥିବାବେଳେ ୨୦୦୯-୧୦ ବେଳକୁ ଏହା ୩୭,୭୩୦.୦୪ କୋଟି ଟଙ୍କା ହୋଇଥିଲା । ୨୦୧୪-୧୫ ବର୍ଷରେ ଓଡ଼ିଶାର ରଣବୋଝ ୪୩,୨୭୩.୩୮ କୋଟି ଟଙ୍କାକୁ ବୃଦ୍ଧି ପାଇଥିବାବେଳେ ୨୦୨୩-୨୪ରେ ରାଜ୍ୟର ରଣବୋଝ ପହଞ୍ଚିଥିଲା ୯୬,୩୧୦.୪୦ କୋଟି ଟଙ୍କାରେ । ଓଡ଼ିଶା ସରକାରଙ୍କ ସୂଚନା ମୁତାବକ ୨୦୨୫-୨୬ ଶେଷ ବେଳକୁ ରାଜ୍ୟର ଋଣ ପରିମାଣ ୧,୩୪,୯୧୩ କୋଟି ଟଙ୍କାରୁ ଅଧିକ ହୋଇପାରେ ।

୨୦୨୬-୨୭ ବର୍ଷ ପାଇଁ ଓଡ଼ିଶା ସରକାରଙ୍କର ଯେଉଁ ୩ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ୍ ରହିଛି, ସେଥିରୁ ବିଭିନ୍ନ ସୂତ୍ରରୁ ଋଣ ଆକାରରେ ୪୭,୮୦୦ କୋଟି ଟଙ୍କା ଉଠାଇବାକୁ ପ୍ରସ୍ତାବ ଥିବାବେଳେ ଭବିଷ୍ୟନିଧି ପାଣ୍ଠି ଓ ଅନ୍ୟାନ୍ୟ ସୂତ୍ରରୁ ଆଉ ୧୩ ହଜାର କୋଟି ଟଙ୍କା ସଂଗ୍ରହ କରାଯିବ । ଏଠାରେ ଉଲ୍ଲେଖନୀୟ ଯେ ଭବିଷ୍ୟନିଧି ପାଣ୍ଠି ଓ ସ୍ୱଳ୍ପ ସଞ୍ଚୟ ଯୋଜନା ଆଦି ମାଧ୍ୟମରେ ସଂଗୃହୀତ ଅର୍ଥ ସରକାର ଖର୍ଚ୍ଚ କରିଥାନ୍ତି ଏବଂ ପରେ ଜମାକାରୀଙ୍କୁ ସୁଧ ସହ ଫେରାଇଥାନ୍ତି । ଭବିଷ୍ୟନିଧି ପାଣ୍ଠି, ସ୍ୱଳ୍ପ ସଞ୍ଚୟ ଯୋଜନା, ଖୋଲା ବଜାର, କେନ୍ଦ୍ର ସରକାର ଆଦିଙ୍କଠାରୁ ମୋଟାମୋଟି ଭାବେ ୨୦୨୬-୨୭ ବର୍ଷରେ ଓଡ଼ିଶା ସରକାର ୬୦,୮୦୦ କୋଟି ଟଙ୍କାର ଋଣ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଥିବାବେଳେ ଏହି ବର୍ଷରେ ଋଣ ବାବଦ ମୂଳ ଓ ସୁଧ ପରିଶୋଧ ଲାଗି ୩୦,୨୦୦ କୋଟି ଟଙ୍କା ଖର୍ଚ୍ଚ କରିବେ । କେନ୍ଦ୍ର ସରକାର ୨୦୨୬-୨୭ ବର୍ଷରେ ୧୭ଲକ୍ଷ ୨୦ ହଜାର କୋଟି ଟଙ୍କାର ଋଣ ଉଠାଇବାକୁ ଲକ୍ଷ୍ୟ ରଖିଥିବା ବେଳେ ଓଡ଼ିଶା କାହିଁକି ବା ଋଣ କୈନ୍ଦ୍ରିକ ବ୍ୟବସ୍ଥାକୁ ହାତଛଡ଼ା କରିବ ? ଏହାଛଡ଼ା ଓଡ଼ିଶା ସରକାର ୩ଲକ୍ଷ ୧୦ ହଜାର କୋଟି ଟଙ୍କାର ବାର୍ଷିକ ବଜେଟ୍‌ରୁ ବେତନ, ପେନ୍‌ସନ୍, ଅନ୍ୟାନ୍ୟ ରାଜସ୍ୱ ବ୍ୟୟ ଏବଂ ଋଣ ଓ ସୁଧ ଶୁଝିବା ବାବଦରେ ୨୦୨୬-୨୭ରେ ଖର୍ଚ୍ଚ କରିବେ ୨,୨୧,୫୦୦ କୋଟି ଟଙ୍କା ବୋଲି ସରକାରଙ୍କ ବଜେଟ୍ ଅଟକଳରୁ ଜଣାପଡିଛି ।

ବର୍ଷକୁ ବର୍ଷ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ରଣବୋଝ ବଢ଼ିବଢ଼ି ଚାଲୁଛି । ଯେଉଁ ଦେଶୀ-ବିଦେଶୀ ସଂସ୍ଥାଗୁଡ଼ିକରୁ ସରକାର ଋଣ ଉଠାଉଛନ୍ତି ସେମାନଙ୍କ ଚାପ ଓ ସର୍ତ୍ତ ଯୋଗୁଁ ଆମ ପ୍ରାକୃତିକ ସଂପଦ, ସ୍ୱାଭିମାନ ସତେ ଯେମିତି ବନ୍ଧା ପଡିଯାଉଛି ।

କୁହାଯାଉଛି ବିକାଶ ପାଇଁ କୁଆଡ଼େ ଋଣ କରିବାକୁ ହେଉଛି । ଯେଉଁ ହାରରେ ଆମର ଋଣ ଚାପ ବଢ଼ି ବଢ଼ି ଚାଲୁଛି, ତାହାକୁ ରୋକା ନଗଲେ ୨୦୨୯-୩୦ ଆର୍ଥିକ ବର୍ଷ ଶେଷ ବେଳକୁ ଓଡ଼ିଶାର ରଣବୋଝ ୩ଲକ୍ଷ କୋଟି ଟଙ୍କାକୁ ଟପିସାରିଥିବ ବୋଲି ଆଶଙ୍କା କରାଯାଉଛି । ଏଭଳି ଋଣଗ୍ରସ୍ତ ଆର୍ଥିକ ବ୍ୟବସ୍ଥାରେ ୨୦୩୬ ସୁଦ୍ଧା କୁଆଡ଼େ ଓଡ଼ିଶାର ଅର୍ଥନୀତି ୫୦୦ ବିଲିୟନ୍ ଡଲାରର ହେବ ଏବଂ ୨୦୪୭ ବେଳକୁ ଓଡ଼ିଶାରେ ଲୋକଙ୍କ ହାରାହାରି ମୁଣ୍ଡପିଛା ବାର୍ଷିକ ଆୟ ପରିମାଣ ୩୨ଲକ୍ଷ ଟଙ୍କାରେ ପହଞ୍ଚାଇବା ପାଇଁ ପ୍ରୟାସ ଜାରି ରହିଛି ବୋଲି ବିଧାନସଭାରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଦେଇଥିବା ବକ୍ତବ୍ୟରୁ ଜଣାପଡିଛି । ଏମିତିକି ବଡ଼ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶାର ଋଣହାର ସବୁଠୁ କମ୍ ବୋଲି ସରକାର ଯୁକ୍ତି ବାଢ଼ିବା ସହ ଏଫ୍‌ଆରବିଏମ୍ ଆଇନ୍‌ରେ ଥିବା ସୀମା ମଧ୍ୟରେ ସରକାର ଋଣ କରୁଛନ୍ତି ବୋଲି ବାରମ୍ବାର ସୂଚାଉଛନ୍ତି ।

ଗୋଟିଏ ସମୟରେ ଦେଶର ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧି କହିଥିଲେ ଯେ ବିକାଶ ପାଇଁ କେନ୍ଦ୍ର ଯେତେ ଅର୍ଥ ଦେଉଛି ତାହାର ମାତ୍ର ୧୫ ପ୍ରତିଶତ କାମରେ ଲାଗୁଛି । ଅବଶିଷ୍ଟ ୮୫ ପ୍ରତିଶତ ବାଟମାରଣା ହେଉଥିବା ଘେନି ୮୦ ଦଶକରେ ସେ ସ୍ୱୀକାର କରିଥିଲେ । ବର୍ଷ ବର୍ଷ ଧରି ଆମ ଶାସନ ବ୍ୟବସ୍ଥାର ମୂଳରୁ ଚୂଳ ପର୍ଯ୍ୟନ୍ତ ଦୁର୍ନୀତି ଛାଇ ହୋଇ ରହିଛି । ପର୍ସେଣ୍ଟେଜ୍ ରାଜ୍ ବ୍ୟବସ୍ଥାକୁ ସମାଲୋଚନା କରାଯାଉଥିଲେ ମଧ୍ୟ ତାହା ବଳବତ୍ତର ରହିଛି । ବସ୍ତୁତଃ ଆମ ବ୍ୟବସ୍ଥାକୁ ଦୁର୍ନୀତି ରାକ୍ଷସ ଗିଳିବାରେ ଲାଗିଛି । ଅନ୍ୟପକ୍ଷରେ ସମାଜବାଦୀ ଅର୍ଥିକ ବ୍ୟବସ୍ଥା ଓ ମହାତ୍ମା ଗାନ୍ଧିଙ୍କ ପ୍ରଦର୍ଶିତ ଗ୍ରାମ ସ୍ୱରାଜ ପଥରୁ ହୁଡ଼ି ଆମେ ପୁଞ୍ଜିପତିମାନଙ୍କ ଜାଲରେ ଛନ୍ଦି ହୋଇ ଯାଉଥିବାରୁ ଦେଶ ଓ ରାଜ୍ୟରେ ଆର୍ଥିକ ବୈଷମ୍ୟ ବଢ଼ିବଢ଼ି ଚାଲିଛି ।

ଅବସ୍ଥା ଏଭଳି ହୋଇଛି ଯେ ବିକାଶର ଗୋଲାପୀ ଚିତ୍ର ଅଙ୍କାଯାଉଥିବା ସ୍ଥଳେ ଦେଶର ୮୧ କୋଟିରୁ ଅଧିକ ଓ ଓଡ଼ିଶାର ପ୍ରାୟ ୩ କୋଟି ୩୫ଲକ୍ଷ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ହାତ ପତାଇ ମାଗଣା ଖାଦ୍ୟ ଶସ୍ୟ ମାଗିବାକୁ ପଡୁଛି । ଓଡ଼ିଶାରେ ତ ଅନ୍ୟୁନ ୫୬ଲକ୍ଷ ଲୋକଙ୍କୁ ସାମାଜିକ ନିରାପତ୍ତା ଯୋଜନାରେ ବିଭିନ୍ନ ଭତ୍ତା ଦିଆଯାଉଛି ଓ କୋଟିଏରୁ ଅଧିକ ମହିଳାଙ୍କୁ ବି ସୁଭଦ୍ରା ଯୋଜନାରେ ଅର୍ଥ ବାଣ୍ଟି ଚାଲିଛି । ଏବେ ତ ଝିଅ ବାହାଘର ପାଇଁ ଟଙ୍କା ବା ଯୋଜନା ହୋଇଛି । ମାଗଣା ବଣ୍ଟନ ଅପସଂସ୍କୃତିକୁ ରାଜନୈତିକ ଦଳମାନେ ନିଜ ନିଜର ଭୋଟ ବ୍ୟାଙ୍କ ପାଇଁ ଆପଣାଇ ନେଉଛନ୍ତି । ଆବାସ, ପାଇଖାନା, ବିଏସ୍‌କେୱାଇ, ଆୟୁଷ୍ମାନ ଭାରତ ଆଦି ଆହୁରି ଅନେକ ଯୋଜନାରେ ବି ମାଗଣା ବ୍ୟବସ୍ଥା ଚାଲୁଛି । ତେଣେ ମାଗଣା ଖାଇବାକୁ ଦେଲେ ଲୋକେ କାହିଁକି କାମ କରିବେ ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିବା ସହିତ କିଛି ରାଜ୍ୟ ଯେଭଳି ରାଜସ୍ୱ କ୍ଷତି ସହି ବି ମାଗଣା ବାଣ୍ଟୁଛନ୍ତି ତାହା ଉପରେ ପ୍ରଶ୍ନ ଉଠାଇବା ସଙ୍ଗେସଙ୍ଗେ ଏଥିଯୋଗୁଁ ଲୋକଙ୍କର କାମ କରିବାର ଅଭ୍ୟାସ ଛାଡ଼ିଯାଉଥିବା ଘେନି ଉଦ୍‌ବେଗ ପ୍ରକାଶ କରିଛନ୍ତି । ଗ୍ୟାସ୍, ପାଣି, ବିଜୁଳି, ଛତା, ଜୋତା, ପୋଷାକ, ସାଇକେଲ୍ ଆଦି ବାଣ୍ଟିବା ସହିତ ଚାଷୀମାନଙ୍କୁ ବି କେତେକ କିସମର ଭତ୍ତା ବାଣ୍ଟି ଚାଲୁଛି । ଏସବୁ ସତ୍ତ୍ୱେ ଦେଶର ଆର୍ଥିକ ଅବସ୍ଥା ବିଗୁଡୁଛି ଏବଂ ଲୋକେ ସ୍ୱାବଲମ୍ବୀ ହେବା ପରିବର୍ତ୍ତେ ପରମୁଖାପେକ୍ଷୀ ହୋଇପଡୁଛନ୍ତି ଏବଂ ନିଶା, ହିଂସା ଓ ଅପରାଧ ବି ବଢୁଛି ।

**ଦୁର୍ନୀତି, ଭ୍ରଷ୍ଟାଚାର, ପକ୍ଷପାତିତା ଆମ ବ୍ୟବସ୍ଥାର ଭୂଷଣ ହୋଇ ପଡୁଥିବାରୁ ଅନେକ କ୍ଷେତ୍ରରେ ବଜାରୀକରଣର ଅର୍ଥନୀତି ତାହାର ପଞ୍ଝା ମେଲାଇ ସାଧାରଣ ଲୋକଙ୍କୁ ଶୋଷଣ କରୁଛି । ଖଣି ସମେତ ମାଟି, ପାଣି, ପବନ, ଜଙ୍ଗଲ ଆଦି ପ୍ରାକୃତିକ ବିଭବ ଉପରେ ପୁଞ୍ଜିପତି ଗୋଷ୍ଠୀ ଏକଚାଟିଆ କାରବାର କରୁଥିବାବେଳେ ପ୍ରଦୂଷଣର ବିଷ ବଳୟରେ ଲୋକେ ଘାଣ୍ଟିହୋଇ ମରୁଛନ୍ତି ।**

ଦୁର୍ନୀତି, ଭ୍ରଷ୍ଟାଚାର, ପକ୍ଷପାତିତା ଆମ ବ୍ୟବସ୍ଥାର ଭୂଷଣ ହୋଇ ପଡୁଥିବାରୁ ଅନେକ କ୍ଷେତ୍ରରେ ବଜାରୀକରଣର ଅର୍ଥନୀତି ତାହାର ପଞ୍ଝା ମେଲାଇ ସାଧାରଣ ଲୋକଙ୍କୁ ଶୋଷଣ କରୁଛି । ଖଣି ସମେତ ମାଟି, ପାଣି, ପବନ, ଜଙ୍ଗଲ ଆଦି ପ୍ରାକୃତିକ ବିଭବ ଉପରେ ପୁଞ୍ଜିପତି ଗୋଷ୍ଠୀ ଏକଚାଟିଆ କାରବାର କରୁଥିବାବେଳେ ପ୍ରଦୂଷଣର ବିଷ ବଳୟରେ ଲୋକେ ଘାଣ୍ଟିହୋଇ ମରୁଛନ୍ତି । ଏଭଳି ସ୍ଥିତିରେ ଗ୍ରାମ୍ୟ ଶିଳ୍ପ, କୁଟୀର ଶିଳ୍ପ ଆଦିକୁ ଧ୍ୱଂସ କରି ପ୍ରଦୂଷଣକାରୀ ଶିଳ୍ପ ସଂସ୍ଥାମାନଙ୍କୁ ନିମନ୍ତ୍ରଣ ପରେ ନିମନ୍ତ୍ରଣ ଦିଆଯାଉଛି । ଏହି ଗୋଲକ ଧନ୍ଦାରେ ବେକାରୀ, ବେରୋଜଗାରୀ ଆଦି ବଢ଼ି ଚାଲୁଥିବାବେଳେ ଶିକ୍ଷା, ସ୍ୱାସ୍ଥ୍ୟ ଆଦି ସର୍ବନିମ୍ନ ସେବାଗୁଡ଼ିକ ଗୁରୁତର ଭାବେ ବ୍ୟାହତ ହେଉଛି ।

ଗ୍ରାମ୍ୟ ଅର୍ଥନୀତି ଭୁଶୁଡ଼ି ପଡୁଥିବାରୁ ମୁଣ୍ଡପିଛା ହାରାହାରି ଆୟ ଯାହା ଦର୍ଶାଯାଉଛି, ସେଥିରେ ପ୍ରାୟ ୮୦ ପ୍ରତିଶତ ଲୋକ ଆକ୍ରାମାକ୍ରା ହୋଇ ପଡୁଥିବାବେଳେ ମୁଷ୍ଟିମେୟ ପୁଞ୍ଜିପତିଙ୍କ ସାମ୍ରାଜ୍ୟ ବଢ଼ିବଢ଼ି ଚାଲୁଛି । ଋଣ ଚାପାରେ ଆମେ ଯେଭଳି ଋଣଦାତାଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ଶୋଷଣର ଶିକାର ନହେଉ ସେ ଦିଗରେ ବ୍ୟବସ୍ଥାର ବଡ଼ପଣ୍ଡାମାନେ ସଚେତନ ଥିବାଭଳି ମନେ ହୁଏନାହିଁ।

ଏପରି ସ୍ଥିତିରେ 'ବୁଡ଼ିଗଲା ଗୋଡ଼ ତଳକୁ ତଳକୁ' ଭଳି ଆମ ଦେଶ ଓ ରାଜ୍ୟର ଋଣ ଜନିତ ଦୁରବସ୍ଥା ହେଉଛି । ଏଥିରୁ ନିସ୍ତାର ପାଇବା ଲାଗି ବ୍ୟବସ୍ଥାପିକାର ମଙ୍ଗୁଆଳ ଏବଂ ସେମାନଙ୍କୁ ବାଟ କଢ଼ାଇ ଅବାଟରେ ନେଉଥିବା ଅମଲାତନ୍ତ୍ର ସର୍ବପ୍ରଥମେ ନିଜ ନିଜ କ୍ଷେତ୍ରରେ ମିତବ୍ୟୟିତା, ସରଳତା, ନିଷ୍ଠାପରତା, ସତ୍ୟବାଦିତା ଆଦିକୁ ପ୍ରୟୋଗ କରି ସ୍ୱଦେଶୀ, ସ୍ୱାବଲମ୍ବନ ଓ ସ୍ୱାଭିମାନର ଆଲୋକରେ ପରମୁଖାପେକ୍ଷୀ ଦୁର୍ନୀତିଗ୍ରସ୍ତ ଅପସଂସ୍କୃତିର ଅମା ଅନ୍ଧକାରକୁ ଦୂରେଇବା ଲାଗି ସକରାତ୍ମକ ସତ୍ ପ୍ରୟାସ କଲେ ବହୁ ସମସ୍ୟାର ସମାଧାନ ହୋଇପାରିବ । ଏଥିପାଇଁ ସାଧାରଣ ଜନତା ନୀରବରେ ନବସି ନିଜ ନିଜ ତରିକାରେ ବ୍ୟବସ୍ଥା ଉପରେ ଶାନ୍ତିପୂର୍ଣ୍ଣ ଭାବେ ଚାପ ପ୍ରୟୋଗ କରିବା ଚାହି । ନହେଲେ ଋଣବୋଝରେ ଚାପରେ ଆମେ ଚେପା ହେବା ନିଶ୍ଚିତ।

**(ଲେଖକ ଜଣେ ଗାନ୍ଧିବାଦୀ ଓ ବିଶିଷ୍ଟ ଲେଖକ)**
**ମୋ– ୯୪୩୭୦୧୭୩୯୫**
*Email:prahalladsinha@gmail.com*

# ବସନ୍ତର କୁହୁତାନେ : ଫୁଲବନେ...



**ବାଦଲ ଭୂୟାଁ**

ଖରା ସେମିତି ଆଉ ଟାଣ ନାହିଁ, ଏଣେ ଥଣ୍ଡା ଛାଡ଼ିନି । ମୃଦୁ ପବନ ଭିତରେ ତରୁ ଶାଖାର କୋଇଲିର କୁହୁତାନ ସକାଳର ଥଣ୍ଡା ଶୀତର ନିଦକୁ ତାଜା କରିଦେଉଛି । ଆମ୍ବ ବଉଳର ଚଣା ଭିତରେ କେଉଁ ଦୂର ଦୂରାନ୍ତ ତରୁ ଶାଖାରୁ କୋଇଲିର କୁହୁତାନ ସତରେ ଆମମାନଙ୍କ ଭିତରେ ଚେତା ପଶାଇ ଦିଏ ସତରେ ଋତୁରାଜ ବସନ୍ତ ଆସିଲାଣି । ଏମିତିରେ ବସନ୍ତ ଜଣା ପଡ଼େ ପ୍ରେମମୟ ଶ୍ରୀକୃଷ୍ଣଙ୍କ ପବିତ୍ର ହୋଲି ଉତ୍ସବରୁ । ଉଷା ଆଗମନ ସମ୍ବନ୍ଧରେ ସବା ପୂର୍ବେ ସୂଚାଇଥାଏ କଜଳପାତିଟି ।

କ୍ଷୀଣ ହୋଇଥିବାରୁ ତାର ଛୋଟିଆ ରାବଟି ହୁଏତ କାହାର କାନରେ ପଡ଼ିନପାରେ କିନ୍ତୁ ଏହା ବ୍ୟତୀତ ରାତ୍ରିଚର ପେଚା ବାହୁଡ଼ାରୁ ଫେରିଲା ବେଳକୁ ରାତି ପାହି ପାହି ଆସୁଛି ବୋଲି ସଂକେତ ଦେଇଥାଏ ତା' ଭାଷାରେ । ସତରେ ଆଜିର ବସନ୍ତକୁ ଟିକେ ଦେଖନ୍ତୁ । ଭୋର ବେଳାର ଶୀତୁଆ ପବନ କେଜାଣି କାହିଁ ଆଉ ଦେହରେ ପଶି ହାଡ଼ରେ ବାଜିଲାପରି ଲାଗୁନି । ମନେ ହେଉଛି ବାର୍ଥରୁମର ଗରମ ପାଣିରେ ଥଣ୍ଡା ପାଣି ମିଶାଇବା ପରେ ସତେଯେପରି ଏବେର ଶୀତୁଆ ବସନ୍ତର ପବନ ଟିକିଏ ଉଷୁମ ଉଷୁମ ଲାଗୁଛି ।

ଆମେ ବିଜ୍ଞାନ ବହିରୁ ପଢ଼ିଛୁ, ଭଗବାନ ସୂର୍ଯ୍ୟଦେବ ହିଁ ସମସ୍ତ ଋତୁଚକ୍ରର ସ୍ରଷ୍ଟା, ଆଦ୍ୟ, ନିୟନ୍ତ୍ରକ, ଅନନ୍ତ । ତାଙ୍କ ଋତୁଚକ୍ର ପରିବର୍ତ୍ତନଶୀଳ ପାଇଁ ଗୋଟିଏ ପ୍ରବେଶ ହୋଇଥାଏ ଅନ୍ୟଟି ପ୍ରସ୍ଥାନ କରିଥାଏ । ଏମିତିରେ ଆମେ ଭୂଗୋଳ ବହିରେ ବି ପଢିଛୁ ଭାରତ ଗୋଟିଏ ଗ୍ରୀଷ୍ମମଣ୍ଡଳୀୟ ଦେଶ । ଏଠି କହିବାକୁ ଗଲେ କେବଳ ତିନୋଟି ଋତୁ ଅର୍ଥାତ୍ ଗ୍ରୀଷ୍ମ, ବର୍ଷା, ଶୀତ ଏହିମାନଙ୍କୁ ହିଁ ଅନୁଭବ କରିଥାଉ । ବାକି ଶରତ, ହେମନ୍ତ, ବସନ୍ତ ଯେପରି ଏକ ପ୍ରକାର ସନ୍ଧିସ୍ଥଳରେ ରହି ଖୁବ ଅଳ୍ପ ଦିନ ପାଇଁ ଅନୁଭୂତ ହୁଅନ୍ତି । କିନ୍ତୁ ଏବେ ଗ୍ରୀଷ୍ମ ଭିତରେ ବି ପଶି ଆସୁଛି ଟାଣଖରା ଏହା ହେଉଛି ପରିପାର୍ଶ୍ୱିକ ବିଚିତ୍ରତା ।

କେହି କେହି କୁହନ୍ତି ଯେ ଏହା ପାଗର ବିଗିଡ଼ିବା ସ୍ଥିତି । କିନ୍ତୁ ବସନ୍ତ କାଳଟି ଯେ ଅନେକ ଫୁଲ ସୃଷ୍ଟି କରିଥାଏ, ଏହା ଆମେ ସମସ୍ତେ ଜାଣିଛେ । ଧଳା ଠାରୁ ନାଲି, ହଳଦିଆ ଠାରୁ କେଶରୀ, ଅନେକ ରଙ୍ଗର ଫୁଲ ସୃଷ୍ଟିକୁ ଚମତ୍କାର କରିଥାଏ । ତେବେ ଆମର ନିୟମିତ ବୃକ୍ଷ ଗୁଡ଼ିକ ହେଉଛନ୍ତି ବଟ, ଦେବଦାରୁ, ଚମ୍ପା, ଅଶ୍ୱତ୍ଥ, କାଠଚମ୍ପା, କଦମ୍ବ, ନିମ୍ବ, ଚାକୁଣ୍ଡା, ସିମୁଳି, ବେଲ, ନାଗେଶ୍ୱର ଆଦି । ଇଉରୋପୀୟ ଦେଶରେ ଶରତ କାଳରୁ ଗଛ ପତ୍ରଛଡ଼ା ଦେଇଥାଏ କାରଣ ସେଠାରେ ଦୀର୍ଘମାସ ତୁଷାରପାତ ଏବଂ ସୂର୍ଯ୍ୟଦେବଙ୍କ ଦୃଶ୍ୟମାନ କଦବା କ୍ୱଚିତ ହୋଇଥାଏ ।

ଆମେ ଅନେକ ସମୟ ଗୋଟିଏ କଥା ଭାବିଥାଉ । ମୁଁ କହିବି ମୋ ପିଲାଦିନରୁ ମୋ ଭିତରେ ଏକ ପ୍ରଶ୍ନ ଢ଼େର ଦିନ ଯାଏ ବାନ୍ଧି ଆସିଥିଲା ଯେ ସୃଷ୍ଟିର ଚମତ୍କାର ଉପାଦାନଟି କୁହାଯାଉଥିବା ତରୁଲତାରୁ ପତ୍ର କାହିଁକି ଝଡ଼ିଥାଏ? ଉଦ୍ଭିଦ ବିଜ୍ଞାନ ଏହାକୁ ଏକ ସ୍ୱାଭାବିକ ପ୍ରକ୍ରିୟା କହି ପତ୍ରରେ ଥିବା ସବୁଜ ବର୍ଣ୍ଣକଣା ଓ ସୂର୍ଯ୍ୟ କିରଣ ସମ୍ପର୍କରେ କହିପାରନ୍ତି । କିନ୍ତୁ ଋତୁଚକ୍ର ଭିତରେ ତରୁଲତାର ବାସ୍ନା ଢ଼େର ଦିନ ଯାଏ ରହିଥାଏ ଭିତରେ ।

ଏହି ଶୀତଋତୁ ପରେ ହିଁ ଆମେ ଅନେକ ଅସଜଡ଼ା ରୂପ ଚିତ୍ର ସବୁ ଦେଖୁ । କିନ୍ତୁ ଏକଥା ନିଶ୍ଚିନ୍ତ ବସନ୍ତ କାଳରେ ପଶୁପକ୍ଷୀ, କୀଟପତଙ୍ଗ ଏପରିକି ମଣିଷ ମନରେ ମଧ୍ୟ ନବଭାବନା, ନବ ଉନ୍ମାଦନା ଯାତ ହୁଏ ସେହି କାରଣରୁ ହିଁ ବସନ୍ତ ଖାଲି ଋତୁ ନୁହେଁ ଜୀବନର ନୂତନ ସୂଚନା ଓ ନବ ଉନ୍ମେଷର ବେଳା ।

ଆମେ ବସନ୍ତ କାଳରେ କୋଇଲିର ଯେଉଁ 'କୁହୁ' ତାନଟି ଶୁଣିଥାଉ ତାହା ହେଉଛି ପଞ୍ଚମ ତାନ। ଏହି କୋଇଲିର କୁହୁତାନ ବସନ୍ତ କାଳରେ ଅନେକ ଜାତି ଜାତି ବିହଙ୍ଗମଙ୍କ ଦର୍ଶନ ଦେଇଥାଏ । ବସନ୍ତ ଋତୁରେ ସୁଲଳୀତ ସ୍ୱରରେ ପକ୍ଷୀମାନଙ୍କ କୁଜନ ଚମତ୍କୃତ କରିଥାଏ । ବସନ୍ତ ଋତୁ ପ୍ରବେଶିବା ସମୟରେ ବିହଙ୍ଗମଙ୍କ ପ୍ରଜନନ ପ୍ରକ୍ରିୟା ଆରମ୍ଭ ହୋଇଥାଏ । କିନ୍ତୁ ଋତୁରାଜ ବସନ୍ତ ଆଉ ପୂର୍ବ ଭଳି ଦୃଶ୍ୟମାନ ଅନୁଭବ ହେଉନାହାଁନ୍ତି ।

ମଳୟ ପବନ ଜାଗାରେ ଝାଞ୍ଜି ଆମମାନଙ୍କର ଜନଜୀବନକୁ ଅସ୍ତବ୍ୟସ୍ତ ଆରମ୍ଭ କରିଦେଲାଣି । କଥାରେ ଅଛି ଯୌବନ ପରି ବସନ୍ତଋତୁ ବି କ୍ଷଣସ୍ଥାୟୀ । ଦୁଇମାସର ବସନ୍ତ ଋତୁରେ ପୂର୍ଣ୍ଣାଙ୍ଗ ବା ନିଖୁଣ ବାସନ୍ତିକ ଦିବସଟିଏ ଭୋଗ କରିବା ବଡ଼ ଭାଗ୍ୟର କଥା । ଆମେ ଯେତେବେଳେ ଖୋଦ ପରିବେଶ, ଜଳବାୟୁ, ପ୍ରକୃତି ଉପରେ ନିଜ ସ୍ୱାର୍ଥ ପାଇଁ ଦାଉ ସାଧୁଛେ ସେ ନିଶ୍ଚିନ୍ତ ଉଦାସ ହୋଇ ନିଜସ୍ୱ ରୀତିରେ ଚାଲିବ ଏବଂ ଆମ୍ଭମାନଙ୍କୁ କ୍ଷମା ନ ଦେଇ ଦଣ୍ଡ ବି ଦେଇପାରେ । ତେବେ କ୍ଷଣିକ ପାଇଁ ବି ହେଉ ବେଳେ ବେଳେ ମୃଦୁ ମଳୟ ଟିକକ ମନ ମୋହୁଛି ।

**ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,**
**ମୋ– ୭୪୮୮୯୯୮୫୩୨**

# ସକରାତ୍ମକ ଚିନ୍ତା

**ସିତାଂଶୁ ଶେଖର ମିଶ୍ର**

ମନୁଷ୍ୟ ଜୀବନର ସବୁଠୁ ବଡ଼ ସଂପଦ ହେଉଛି ତାର ମନୋଭାବ । ଜୀବନରେ ଧନ, ପଦ, ପ୍ରତିଷ୍ଠା ଥାଇପାରେ, କିନ୍ତୁ ଯଦି ମନ, ତାଚ୍ଛଲ୍ୟ ଓ ବିଦ୍ରୁପରେ ଭରିଥାଏ, ତେବେ ସୁଖ ତାଙ୍କ ଦ୍ୱାରକୁ ଆସି ଫେରିଯାଏ । ଅନ୍ୟପଟେ, ସକରାତ୍ମକ ଚିନ୍ତା ରଖୁଥିବା ବ୍ୟକ୍ତି ଜୀବନର କଷ୍ଟକୁ ସହଜରେ ଗ୍ରହଣ କରି, ସନ୍ତୋଷର ସ୍ୱାଦ ଅନୁଭବ କରିପାରେ ।

ତାଚ୍ଛଲ୍ୟ ଓ ବିଦ୍ରୁପ ମନରେ ନକରାତ୍ମକତାର ଅଙ୍କୁର ପୋତେ । ଯେଉଁ ବ୍ୟକ୍ତି ସବୁ କଥାକୁ ହାସ୍ୟାସ୍ପଦ କରି ଦେଖେ, ଅନ୍ୟମାନଙ୍କୁ ଉପହାସ କରେ, ସେ ଅଜାଣତେ ନିଜ ମନକୁ ଅସନ୍ତୋଷରେ ଭରି ଦେଉଛି । ବିଦ୍ରୁପ ଭାବନା ଆସିବା ଅସୁରକ୍ଷା ବା ଅନ୍ତର୍ନିହିତ ଅସନ୍ତୋଷର ପ୍ରକାଶ । ଏହା ମନକୁ ଶାନ୍ତିରୁ ଦୂର କରି ସମ୍ପର୍କକୁ ଦୁର୍ବଳ କରେ ଓ ଆତ୍ମସନ୍ତୋଷକୁ ହ୍ରାସ କରେ ।

ଏପରି ମନୋଭାବ ଅନେକ ସମୟରେ ବ୍ୟକ୍ତିକୁ ଏକାକୀ କରି ଦିଏ । ମଣିଷ ସମାଜରେ ବଞ୍ଚେ, ସମ୍ପର୍କରେ ବଢ଼େ । କିନ୍ତୁ ଯେଉଁଠାରେ ସବୁବେଳେ ବିଦ୍ରୁପ ଓ ତୀକ୍ଷ୍ଣ ଟୀକାଟିପ୍ପଣୀ ରହେ, ସେଠାରେ ଆତ୍ମୀୟତା ରହିପାରେ ନାହିଁ । ତାଚ୍ଛଲ୍ୟ ମନକୁ କଠିନ କରେ, ଯେଉଁଠାରେ ସହାନୁଭୂତି ମନକୁ କୋମଳ କରେ । ଅନ୍ୟପଟେ, ସକରାତ୍ମକ ଚିନ୍ତା ହେଉଛି ଜୀବନର ଆଲୋକ । ସକରାତ୍ମକ ମନୋଭାବ ରଖୁଥିବା ବ୍ୟକ୍ତି ଅସୁବିଧାରେ ବି ଅବସର ଦେଖେ । ସେ ବିଫଳତାକୁ ଶିକ୍ଷା ଭାବେ ନେଇ ଆଗକୁ ବଢ଼େ । ତାଙ୍କ ପାଖରେ ସମସ୍ୟା ରହେ, କିନ୍ତୁ ସେ ତାହାର ଦାସ ନ ହୋଇ ବରଂ ସମାଧାନର ମାର୍ଗ ଖୋଜେ । ଏହି ଚିନ୍ତାଧାରା ମନକୁ ଶକ୍ତିଶାଳୀ କରି ଆତ୍ମବିଶ୍ୱାସ ବଢ଼ାଏ ।

ସକରାତ୍ମକ ଚିନ୍ତା ରଖିବା ମାନେ ଅସୁବିଧାକୁ ଅସ୍ୱୀକାର କରିବା ନୁହେଁ ବରଂ ସେଗୁଡିକୁ ଧୈର୍ଯ୍ୟ ସହକାରେ ସ୍ୱୀକାର କରିବା । ଏହା ମନକୁ ସ୍ଥିରତା ଦିଏ, ଶରୀରକୁ ସ୍ୱାସ୍ଥ୍ୟ ଦିଏ ଓ ସମ୍ପର୍କକୁ ମଧୁର କରେ । ଯେଉଁଠାରେ ଆଶା ରହେ, ସେଠାରେ ଉତ୍ସାହ ରହେ ଯେଉଁଠାରେ ଉତ୍ସାହ ରହେ, ସେଠାରେ ସୁଖ ନିଶ୍ଚିତ ।

ଏହିପରି, ଜୀବନରେ ସୁଖକୁ ଆମନ୍ତ୍ରଣ କରିବାକୁ ହେଲେ ଆମକୁ ତାଚ୍ଛଲ୍ୟ ଓ ବିଦ୍ରୁପକୁ ପରିହାର କରି ସକରାତ୍ମକ ଚିନ୍ତାକୁ ଅଙ୍ଗୀକାର କରିବା ଦରକାର । ମନର ଦ୍ୱାରକୁ ଯଦି ଆମେ ଆଶା, ସହାନୁଭୂତି ଓ ଆତ୍ମବିଶ୍ୱାସରେ ଖୋଲିଦେବା, ସୁଖ ସ୍ୱତଃସ୍ଫୂର୍ତ୍ତ ଭାବେ ଆସି ବସିବ । ଯେପରି ଅନ୍ଧକାର କେବେ ଆଲୋକକୁ ଜିତିପାରେ ନାହିଁ, ସେପରି ନକରାତ୍ମକତା କେବେ ସକରାତ୍ମକ ଚିନ୍ତାର ସାମ୍ନାରେ ତିଷ୍ଠି ପାରେନାହିଁ ।

ସାରକଥା, ସୁଖ ବାହାରେ ନୁହେଁ-ସେ ଆମ ଚିନ୍ତାରେ ରହିଛି । ଯେଉଁ ମନ ସକରାତ୍ମକ, ସେଠାରେ ଅସୁଖର ସ୍ଥାନ ରହେନାହିଁ ।

**ଶାନ୍ତି ନଗର,ସୋନପୁର**
**ମୋ–୮୧୪୪୮ ୭୦୭୨୯**

# ସତ୍ୟବ୍ରତ ପାତ୍ରଙ୍କ କଂଗ୍ରେସରେ ପୁନଃ ଯୋଗଦାନ

ଭୁବନେଶ୍ୱର,(ସବ୍ୟୁ): କଂଗ୍ରେସ ଭବନ ଠାରେ ବୁଧବାର ଅନୁଷ୍ଠିତ ମହାମିଶ୍ରଣ ସମାବେଶରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଓ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ନିମାପଡାର ବିଶିଷ୍ଟ ନେତା ସତ୍ୟବ୍ରତ ପାତ୍ରଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ଦଳକୁ ସ୍ୱାଗତ କରିଥିଲେ । ସତ୍ୟବ୍ରତ ପାତ୍ର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ଅଭିଭକ୍ତ ପୁରୀ ଜିଲ୍ଲାର ପୂର୍ବତନ କଂଗ୍ରେସ ବିଧାୟକ ସ୍ୱର୍ଗତ ବୃନ୍ଦାବନ ପାତ୍ରଙ୍କ ପୁତ୍ର । ଶ୍ରୀ ପାତ୍ର ପୁରୀ ଜିଲ୍ଲା କଂଗ୍ରେସ ସଭାପତି ଭାବରେ ଦାୟିତ୍ୱ ତୁଲାଇଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଅନ୍ୟଦଳରେ ଯୋଗଦାନ କରିଥିଲେ । ବୁଧବା ର ହଜାର ହଜାର ସମର୍ଥକଙ୍କ ସହ ଶ୍ରୀ ପାତ୍ର କଂଗ୍ରେସକୁ ବାହୁଡ଼ି ଆସିବାରୁ ପୁରୀ ଜିଲ୍ଲା କଂଗ୍ରେସ କର୍ମୀମାନଙ୍କ ମଧ୍ୟରେ ଆନନ୍ଦ ଖେଳି ଯାଇଛି ।



କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, କଂଗ୍ରେସ ନେତୃବୃନ୍ଦ ସନ୍ତୋଷ ସିଂ ସାଲୁଜା, ଶ୍ରୀକାନ୍ତ ଜେନା, ଜଗନ୍ନାଥ ପଟ୍ଟନାୟକ, ସୁରେଶ କୁମାର ରାଉତରାୟ, ଅନନ୍ତ ପ୍ରସାଦ ସେଠୀ, ଶରତ ରାଉତ, ବିଜୟଲକ୍ଷ୍ମୀ ସାହୁ, ଶିବାନନ୍ଦ ରାୟ, ମୀନାକ୍ଷୀ ବାହିନୀପତି, ଶୁଭେନ୍ଦୁ ମହାନ୍ତି ପ୍ରମୁଖ ଶ୍ରୀ ପାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ କଂଗ୍ରେସ ଅଧିକ ଶକ୍ତିଶାଳୀ ହେବ ବୋଲି କହିଥିଲେ । ଶ୍ରୀ ପାତ୍ର କହିଲେ କଂଗ୍ରେସ ମୋର ନିଜ ଘର । ମୋ ଉପରେ ଆସ୍ଥା ପ୍ରକଟ କରି କଂଗ୍ରେସରେ ସାମିଲ କରିଥିବାରୁ ପିସିସି ସଭାପତି ଶ୍ରୀ ଦାସ , କଂଗ୍ରେସ ରାଜ୍ୟ ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜଣାଇଥିଲେ । ପିସିସି ସଭାପତି ଶ୍ରୀ ଦାସ କହିଲେ, ଶ୍ରୀ ପାତ୍ରଙ୍କ କଂଗ୍ରେସକୁ ଘର ବାହୁଡ଼ା ପୁରୀ ଜିଲ୍ଲା କଂଗ୍ରେସ ସଂଗଠନକୁ ଅଧିକ ମଜବୁତ କରିବା ସହିତ ଓଡ଼ିଶା କଂଗ୍ରେସ କର୍ମକର୍ତ୍ତାଙ୍କ ମନୋବଳ ବୃଦ୍ଧିରେ ସହାୟକ ହେବ । କାର୍ଯ୍ୟକ୍ରମକୁ ରାଜ୍ୟ ଗଣମାଧ୍ୟମ ବିଭାଗ ମୁଖ୍ୟ ଅରବିନ୍ଦ ଦାସ ପରିଚାଳନା କରିଥିଲେ । ଅମିୟ କୁମାର ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ ।

## ପୁରୀ ଜିଲ୍ଲା ସିନିୟର ସିଟିଜେନ୍ସ ଫୋରମ ର ବାର୍ଷିକ ଉତ୍ସବ

ପୁରୀ , (ସବ୍ୟୁ): ପୁରୀ ଜିଲ୍ଲା ସିନିୟର ସିଟିଜେନସ ଫୋରମ ର ୭ମ ବାର୍ଷିକ ସାଧାରଣ ସଭା ମଙ୍ଗଳବାର ପୂର୍ବାହ୍ନରେ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗ ଦେଇ ବରିଷ୍ଠ ନାଗରିକ ମାନେ ସମାଜର ମୁରବି ଓ ମାର୍ଗଦର୍ଶକ ବୋଲି କହିଥିଲେ। ସେମାନଙ୍କ ଅନୁଭବ ଓ ଅଭିଜ୍ଞତା ଅଧିକ।ସେମାନଙ୍କ ପରାମର୍ଶ ପରିବାର ଓ ସମାଜ କୁ ସମୃଦ୍ଧ କରିବ। ପୂର୍ବର ଯୌଥ ପରିବାର ଭାଙ୍ଗି ଯିବା ଦ୍ୱାରା ବରିଷ୍ଠ ନାଗରିକ ମାନେ ବର୍ତ୍ତମାନ ସମୟରେ ପ୍ରଭାବିତ ହେଉଛନ୍ତି।ସେମାନଙ୍କ ପାଇଁ ଆଇନ ଅନୁଯାୟୀ ବ୍ୟବସ୍ଥା କରାଯିବା ସହ,ପାର୍କ,ସ୍ୱାସ୍ଥ୍ୟ ସହଯୋଗ, ସୁରକ୍ଷା ଇତ୍ୟାଦି ସମ୍ପର୍କରେ ଉଦ୍ୟମ କରାଯିବ ବୋଲି କହିଥିଲେ।

# ଉତ୍କଳିୟର୍ସ ର ଅଭିନବ କାର୍ଯ୍ୟକ୍ରମ "ସୁବର୍ଣ୍ଣ ସ୍ୱୟଂ ସମ୍ପୂର୍ଣ୍ଣ"

ଭୁବନେଶ୍ୱର (ସବ୍ୟୁ): ଉତ୍କଳିୟସ ପକ୍ଷରୁ 'ଅନ୍ତର୍ଜାତୀୟ ମହିଳା ଦିବସ' ମହାସମାରୋହରେ ପାଳନ କରାଯାଇଛି । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ""ସୁବର୍ଣ୍ଣ ସ୍ୱୟଂ ସମ୍ପୂର୍ଣ୍ଣ" ଆୟୋଜିତ କରାଯାଇଥିଲା । ଏଭଳି ଏକ ବିଷୟବସ୍ତୁ ଦର୍ଶାଏ ଯେ' ମହିଳା ପ୍ରତ୍ୟେକ ଭୂମିକାରେ ସ୍ୱତଃ ସକ୍ଷମ ଏବଂ ସଶକ୍ତ । ମହିଳା ହିଁ ସ୍ରଷ୍ଟା , ନେତା, ପ୍ରତିପାଳକ ଏବଂ ଉଦ୍ୟୋଗୀ । ଯୁଗେ ଯୁଗେ ମହିଳା ପ୍ରମାଣ କରିଆସିଛି ତାର ପ୍ରତିଭା, ଦକ୍ଷତା । ପାରମ୍ପରିକ ହସ୍ତତନ୍ତକୁ ପ୍ରୋତ୍ସାହିତ ଏବଂ ସଂରକ୍ଷଣ କରିବା ପାଇଁ ପ୍ରତିବଦ୍ଧ ମହିଳାମାନଙ୍କର ଏକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା- ରାମ୍ପ ୱାକ । ଅନୁଷ୍ଠାନର ସଦସ୍ୟାମାନେ ସୁନ୍ଦର ସୁନ୍ଦର ହସ୍ତତନ୍ତ ଶାଢ଼ି ପିନ୍ଧି ଗର୍ବର ସହ ନିଜ ପରମ୍ପରା ଓ କଳାକୃତିର ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମ କେବଳ ହସ୍ତତନ୍ତ ବସ୍ତ୍ରର ସୌନ୍ଦର୍ଯ୍ୟ ନୁହେଁ ବରଂ ପରିବାର, କ୍ୟାରିଅର ଏବଂ ସମ୍ପ୍ରଦାୟକୁ ସନ୍ତୁଳିତ କରୁଥିବା ମହିଳାମାନଙ୍କର ଶକ୍ତି ଏବଂ ଆତ୍ମାକୁ ମଧ୍ୟ ପ୍ରଦର୍ଶନ କରିଥିଲା। ଉତ୍ସବ ମାଧ୍ୟମରେ, ଉତ୍କଳିୟସମାନେ ପାରମ୍ପରିକ ହସ୍ତତନ୍ତକୁ ଯେ



କେବଳ ପ୍ରୋତ୍ସାହିତ କରିଥିଲେ ତାହା ନୁହେଁ, ବରଂ ମହିଳାମାନଙ୍କୁ ସେମାନଙ୍କର ନିଜସ୍ୱ ଶକ୍ତି, ଦକ୍ଷତା ଏବଂ ଆତ୍ମନିର୍ଭରତାକୁ ପରିପ୍ରକାଶ କରିବା ପାଇଁ ପ୍ରେରଣା ଦେଇଥିଲେ।

# ଶେରଗଡ଼ ବ୍ଲକ ଅଧକ୍ଷଙ୍କୁ ହସ୍ପିଟାଲ ରେ ଭେଟିଲେ ନବୀନ ପଟ୍ଟନାୟକ



ଭୁବନେଶ୍ୱର, (ସବ୍ୟୁ): ମଙ୍ଗଳବାର ଦୁର୍ବୃତ୍ତ ଙ୍କ ଆକ୍ରମଣ ରେ ଗୁରୁତର ଆହତ ହୋଇଥିବା ହିଞ୍ଜିଳି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶେରଗଡ଼ ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ ଙ୍କୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବୁଧବାର ସନ୍ଧ୍ୟା ରେ ହସ୍ପିଟାଲ ରେ ଭେଟି ଥିଲେ। ଶ୍ରୀ ନାୟକଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଓ ଚିକିତ୍ସା ସମ୍ପର୍କରେ ଶ୍ରୀ ପଟ୍ଟନାୟକ ଡାକ୍ତର ମାନଙ୍କ ସହ ଆଲୋଚନା କରିଥିଲେ। ଶ୍ରୀ ନାୟକଙ୍କ ପରିବାର ବର୍ଗ ଙ୍କ ସହିତ ମଧ୍ୟ ଘଟଣା ସମ୍ପର୍କରେ କଥା ହୋଇଥିଲେ ଏବଂ ଶ୍ରୀ ନାୟକଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ସୂଚନାଯୋଗ୍ୟ ଯେ ଶେରଗଡ଼ ବ୍ଲକ ଅଧକ୍ଷ ଶ୍ରୀ କୃଷ୍ଣଚନ୍ଦ୍ର ନାୟକ ଗତକାଲି ଦୃର୍ବୃତ୍ତ ଙ୍କ ଆକ୍ରମଣ ରେ ଗୁରୁତର ଆହତ ହେବା ପରେ ଚିକିତ୍ସା ପାଇଁ ଭୁବନେଶ୍ୱର ର ଏକ ଘରୋଇ ଡାକ୍ତରଖାନା ରେ ଚିକିତ୍ସିତ ହେଉଛନ୍ତି।

## ଶିକ୍ଷକ ଶିକ୍ଷାର ଉନ୍ନତି ଉପରେ ଆଇଆଇଟିରେ ଜାତୀୟ ସମ୍ମିଳନୀ-୨୦୨୬ ଆୟୋଜିତ ହେବ

ଜଟଣୀ, (ସବ୍ୟୁ) : ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ୧୩-୧୪ ମାର୍ଚ୍ଚ ୨୦୨୬ରେ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ (ଏନସିଟିଇ) ଦ୍ୱାରା ଆୟୋଜିତ ଜାତୀୟ ସମ୍ମିଳନୀ ୨୦୨୬, ଏନଇପି ୨୦୨୦ ମାଧ୍ୟମରେ ଅଗ୍ରଗତି ଆୟୋଜନ କରିବାକୁ ଯାଉଛି । ଏହି ଦୁଇ ଦିନିଆ ସମ୍ମିଳନୀ ଶିକ୍ଷା ପରିବେଶର ପ୍ରମୁଖ ଅଂଶୀଦାରମାନଙ୍କୁ ଏକତ୍ରିତ କରି ଜାତୀୟ ବୃତ୍ତିଗତ ମାନଦଣ୍ଡ ଶିକ୍ଷକ (ଏନପିଏସଟି) ଏବଂ ଜାତୀୟ ପରାମର୍ଶ ମିଶନ (ଏନଏମଏମ) ର ଦେଶବ୍ୟାପୀ କାର୍ଯ୍ୟକାରିତା ଉପରେ ବିଚାର ବିମର୍ଷ କରିବ।୧୩ ମାର୍ଚ୍ଚ ୨୦୨୬ରେ ଅନୁଷ୍ଠିତ ଉଦଘାଟନୀ ଅଧିବେଶନରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଯୋଗଦେବେ। ଏହି ଅଧିବେଶନରେ ଏନସିଟିଇର ଅଧକ୍ଷ ପ୍ରଫେସର ପଙ୍କଜ ଆରୋରା ମୁଖ୍ୟ ଭାଷଣ ଏବଂ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର ଅଭିଭାଷଣ ପ୍ରଦାନ କରିବେ ।ଏହି ଦ୍ୱି-ଦିବସୀୟ ସମ୍ମିଳନୀ ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ - ଆସାମ, ଅରୁଣାଚଳ ପ୍ରଦେଶ, ବିହାର, ଝାଡ଼ଖଣ୍ଡ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ଓଡ଼ିଶା, ସିକିମ, ତ୍ରିପୁରା ଏବଂ ପଶ୍ଚିମବଙ୍ଗର ଅଂଶୀଦାରମାନଙ୍କ କ୍ଷମତା ନିର୍ମାଣ ଉପରେ ଧ୍ୟାନ ଦେବ ଯାହା ଦ୍ୱାରା ଜାତୀୟ ଶିକ୍ଷା ନୀତି ୨୦୨୦ ଅଧୀନରେ ପରିକଳ୍ପିତ ଏହି ପ୍ରମୁଖ ପଦକ୍ଷେପଗୁଡ଼ିକର କାର୍ଯ୍ୟକାରୀତାକୁ ସମର୍ଥନ କରାଯାଇପାରିବ।

# ଉଦ୍‌ଯାପିତ ହେଲା 'ସହଯୋଗ' ଓ 'ବିଶ୍ୱ ଯୁବକ କେନ୍ଦ୍ର'ର ଲିଙ୍ଗଗତ ନ୍ୟାୟ ଅଭିଯାନ

ଭୁବନେଶ୍ୱର (ସବ୍ୟୁ): ସ୍ୱେଚ୍ଛାସେବୀ ସଂଗଠନ 'ସହଯୋଗ' ଏବଂ ନୂଆଦିଲ୍ଲୀର 'ବିଶ୍ୱ ଯୁବକ କେନ୍ଦ୍ର' ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଆୟୋଜିତ ସପ୍ତାହବ୍ୟାପୀ "ଅଧିକାର, ନ୍ୟାୟ ଏବଂ କାର୍ଯ୍ୟାନୁଷ୍ଠାନ" ଅଭିଯାନ ସଫଳତାର ସହ ଉଦଯାପିତ ହୋଇଯାଇଛି। ଛତାବରସ୍ଥିତ ବାଉରୀବନ୍ଧୁ ଡିଗ୍ରୀ ମହାବିଦ୍ୟାଳୟ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଏକ ସଚେତନତା ଶୋଭାଯାତ୍ରା ଓ ସଭା ମାଧ୍ୟମରେ ସମାପ୍ତ ହୋଇଛି। ଏହି ସମାପନୀ ଉତ୍ସବରେ ବାଉରୀବନ୍ଧୁ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ଶୁଭେନ୍ଦୁ ମୋହନ ପରିଡ଼ା ସଭାପତିତ୍ୱ କରିଥିଲେ। ସେ ନିଜ ଅଭିଭାଷଣରେ ଶିକ୍ଷାନୁଷ୍ଠାନ ସ୍ତରରୁ ଲିଙ୍ଗଗତ ସମାନତା ରକ୍ଷା କରିବା ଏବଂ ଛାତ୍ରଛାତ୍ରୀମାନଙ୍କୁ ସାମାଜିକ ନ୍ୟାୟ ପ୍ରତି ସଚେତନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟରୁ ବାହାରିଥିବା ଏକ ଶୋଭାଯାତ୍ରାରେ ଛାତ୍ରଛାତ୍ରୀମାନେ "ଶିକ୍ଷିତ ଝିଅ, ଉନ୍ନତ ଓଡ଼ିଶା" ଭଳି ସ୍ଲୋଗାନ ଦେଇ ସ୍ଥାନୀୟ ଜନସାଧାରଣଙ୍କୁ ସଚେତନ କରିଥିଲେ।

'ସହଯୋଗ'ର ସମ୍ପାଦିକା ବିଜୟଲକ୍ଷ୍ମୀ



ରାଉତରାୟ କହିଥିଲେ ଯେ, ଗ୍ରାମାଞ୍ଚଳ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ ମହିଳାମାନଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଗିଭ ଟୁ ଗେନ ବା ଦେଇ ଥିଲେ ପାଇ ସମ୍ପର୍କରେ ସେ ଆଲୋଚନା କହିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଶାଖା ପରିଚାଳକ ଶ୍ରୀମତୀ ସୋନାଲୀ ଓଝା ଏବଂ ମୁଖ୍ୟ ବକ୍ତା ଭାବେ ଖୋର୍ଦ୍ଧା ଜିଲ୍ଲା ଜିଲ୍ଲା ଆଇନ ସେବା ପ୍ରାଧିକରଣ' ର ସମ୍ପାଦିକା ଶ୍ରୀମତୀ ସୋଲମୀ ସାହୁ ଯୋଗଦେଇ ମହିଳା ସଶକ୍ତିକରଣ ଓ ଆଇନଗତ ଅଧିକାର ବିଷୟରେ ଆଲୋକପାତ କରିଥିଲେ। ବିଶିଷ୍ଟ ସମାଜସେବୀ ବିକ୍ରମ ସ୍ୱାଇଁ ଯୁବପିଢ଼ିଙ୍କ ମଧ୍ୟରେ ପାରସ୍ପରିକ ସମ୍ମାନବୋଧ ବୃଦ୍ଧି ଉପରେ ଜୋର ଦେଇଥିବା ବେଳେ ଅଧ୍ୟାପିକା ତୃପ୍ତି ପଟ୍ଟନାୟକ ଛାତ୍ରୀମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସର ଆବଶ୍ୟକତା ବିଷୟରେ ବୁଝାଇଥିଲେ।

# ଆଇସିଏମ୍ଏଆଇ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ

ଭୁବନେଶ୍ୱର, (ସବ୍ୟୁ): ଦି ଇନ୍‌ଷ୍ଟିଚ୍ୟୁଟ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟ୍ସ ଅଫ ଇଣ୍ଡିଆ (ଆଇସିଏମ୍ଏଆଇ) ଭୁବନେଶ୍ୱର ଚାପ୍ଟର ପକ୍ଷରୁ Give to Gain: When Women Lead, Value multiplies ବିଷୟ ସମ୍ପର୍କୀତ ଆନ୍ତର୍ଜାତୀୟ ମହିଳା ଦିବସ ସିଏମ୍ଏ ଭବନଠାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମାନ୍ୟଗଣ୍ୟ ବ୍ୟକ୍ତି, ପେସାଦାର, ସଦସ୍ୟ ଏବଂ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। ଶୁଭଶ୍ରୀ ନନ୍ଦ, ପ୍ରମୁଖ ସଚିବ, ପ୍ଲାନିଂ ଆଣ୍ଡ କନ୍‌ଭରଜେନ୍ସ ବିଭାଗ, ଓଡିଶା ସରକାର ନାରୀମାନଙ୍କୁ ବୃତ୍ତିଗତ ସୁଯୋଗ ଓ ନେତୃତ୍ୱ ଭୂମିକା ମାଧ୍ୟମରେ ମହିଳାମାନଙ୍କୁ ସଶକ୍ତ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶକୁନ୍ତଳା ବିନ୍ଧାଣୀ ମୁଖ୍ୟ ବକ୍ତା ଭାବେ ନାରୀ ସଶକ୍ତିକରଣ ଉପରେ ପ୍ରେରଣାଦାୟକ ଅଭିଭାଷଣ ପ୍ରଦାନ କରିଥିଲେ। ଆଇସିଏମ୍ଏଆଇ-ଇଆଇଆର୍‌ସି ସେକ୍ରେଟାରୀ ସିଏମ୍ଏ ଦାମୋଦର ମିଶ୍ର ଏହି ଅବସରରେ ସମ୍ମାନୀତ ଅତିଥି ଭାବେ



ଯୋଗଦେଇ ଭୁବନେଶ୍ୱର ଚାପ୍ଟରର ପ୍ରୟାସକୁ ପ୍ରଶଂସା କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଡଃ, ମେଘନା ମିଶ୍ର, ସ୍ନିଗ୍ଧାରାଣୀ ପଣ୍ଡା, ଦେବଯାନୀ ଦେଘୁରିଆ, ସିଏମ୍ଏ ସଙ୍ଗୀତା ଦାସ, ଡିଜିଏମ୍ (ଫାଇନାନ୍ସ), ଟିପିସିଓଡିଏଲ୍ , ଭୁବନେଶ୍ୱର ନାରୀ ସଶକ୍ତିକରଣ ଓ ବୃତ୍ତିଗତ ଉତ୍କର୍ଷତା ଉପରେ ନିଜ ନିଜର ମତାମତ ଦେଇଥିଲେ। ସିଏମ୍ଏ ଶରତ କୁମାର ବେହେରା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଭାଇସ୍ ଚେୟାରମ୍ୟାନ୍ ସିଏମ୍ଏ ଅବିନାଶ କୋଟ୍‌ନୀ, ସିଏମ୍ଏ ସୌମ୍ୟ ରଞ୍ଜନ ଜେନା, ପ୍ରଫେସନାଲ ଡେଭଲପ୍‌ମେଣ୍ଟ କମିଟିର ଅଧକ୍ଷ ସିଏମ୍ଏ ବରଦା ପ୍ରସନ୍ନ ନାୟକ ଏବଂ ସିଏମ୍ଏ ରମେଶ ଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସମେତ ପ୍ରତିଷ୍ଠିତ ମହିଳାମାନେ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିବା ସହ କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଥିଲା।

# ନେକ୍ସସ ଏସପ୍ଲାନେଡ୍ ପକ୍ଷରୁ 'ଦି ବ୍ଲୁମ ଫେଷ୍ଟ ୨୦୨୬'

ଭୁବନେଶ୍ୱର, (ସବ୍ୟୁ): ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ, ଭୁବନେଶ୍ୱରସ୍ଥିତ ନେକ୍ସସ ଏସପ୍ଲାନେଡ଼ ପକ୍ଷରୁ ଦି ବ୍ଲୁମ ଫେଷ୍ଟ ୨୦୨୬ ଆୟୋଜିତ ହୋଇଯାଇଛି। ମାର୍ଚ୍ଚ ୦୬ରୁ ୦୮ ତାରିଖ ପର୍ଯ୍ୟନ୍ତ ·ଲିଥିବା ଏହି ତିନିଦିନିଆ ପୁଷ୍ପ ମହୋତ୍ସବ ସମ୍ପୂର୍ଣ୍ଣ ମଲକୁ ଏକ ଜୀବନ୍ତ ଫୁଲ ବଗିଚାରେ ପରିଣତ କରିବା ସହିତ ସ୍ଥାନୀୟ ସମୁଦାୟକୁ ଏକାଠି କରିବା ପାଇଁ ଏକ ଆକର୍ଷଣୀୟ ମାଧ୍ୟମ ସାଜିଥିଲା। ଗୋଟିଏ ଛାତ ତଳେ ରହି, ଏହି ଉତ୍ସବ ସୃଜନଶୀଳତା, ପ୍ରାକୃତିକ ପୃଥିବୀ ଏବଂ ସାମ୍ପ୍ରଦାୟୀକ ଭାବ ଧାରାକୁ ଏକାଠି କରିପାରିଥିଲା। ସ୍ଥାନୀୟ ନର୍ସରୀକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଏକ ଗୋଷ୍ଠୀଭିତିକ ପ୍ରକଳ୍ପ ଅଧିନରେ ·ରୋଟି ନର୍ସରୀକୁ ସେମାନଙ୍କର ବିଦେଶୀ ଗଛ ଏବଂ ଫୁଲ ପ୍ରଦର୍ଶନ



କରିବା ପାଇଁ ମାଗଣା ସ୍ଥାନ ଯୋଗାଇ ଦିଆଯାଇଥିଲା। ଏହା ଗ୍ରାହକମାନଙ୍କୁ ବିଭିନ୍ନ ପ୍ରକାରର ଗଛ ସହିତ ପରିଚିତ କରାଇବା ସହ ସ୍ଥାନୀୟ ବ୍ୟବସାୟୀଙ୍କୁ ସହାୟତା କରିବାର ଏକ ସୁଯୋଗ ଦେଇଥିଲା। ଏହି କାର୍ଯ୍ୟକ୍ରମରେ ଅନେକ ଅଂଶଗ୍ରହଣକାରୀଙ୍କ ସୃଜନଶୀଳତା ବୃଦ୍ଧି ପାଇଁ ବିଭିନ୍ନ ପ୍ରକାରର ପାରସ୍ପରିକ କର୍ମଶାଳା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ବାସ୍ତବରେ ଏକ ଉଲ୍ଲସିତକାରୀ ସୃଜନଶୀଳ କର୍ମଶାଳା ଭାବରେ ନିଜସ୍ୱ ଆଗ୍ରହ ଯାହାକି ସପର୍ସମାନଙ୍କୁ ଅଂଶଗ୍ରହଣ କରିବା ପାଇଁ ଉତ୍ସାହ ପ୍ରଦାନ କରିଥିଲା ସେଥିରେ ବିଶେଷ ଭାବରେ ରହିଥିଲା ନେଲ ଆର୍ଟ, ବୁଣାକାରୀ କଳା, ରେସିନ୍ ଆର୍ଟ, ମେହେନ୍ଦୀ ଏବଂ ମାଟିକାମ ଭଳି ଶିକ୍ଷଣୀୟ ତଥା ମନୋରଞ୍ଜନଧର୍ମୀ କର୍ମଶାଳା।

## ମଣିପାଲ ହସ୍ପିଟାଲ ଭୁବନେଶ୍ୱରରେ ଆଧୁନିକ ବାଇପୋର୍ଟାଲ ଏଣ୍ଡୋସ୍କୋପିକ୍ ସ୍ପାଇନ ସର୍ଜରୀ ସଫଳ

ଭୁବନେଶ୍ୱର, (ସବ୍ୟୁ): ମଣିପାଲ ହସ୍ପିଟାଲ ଭୁବନେଶ୍ୱରରେ ମଣିପୁରର ଜଣେ ୨୫ ବର୍ଷୀୟା ଯୁବତୀଙ୍କର ଦୀର୍ଘଦିନର ଗୁରୁତର ମେରୁଦଣ୍ଡ ଜନିତ ଅଣ୍ଟା ଯନ୍ତ୍ରଣାକୁ ଆଧୁନିକ ସର୍ଜରୀ ମାଧ୍ୟମରେ ସଫଳତାର ସହ ଚିକିତ୍ସା କରାଯାଇଛି। ସେ ପ୍ରାୟ ଦୁଇ ବର୍ଷ ଧରି ଅଣ୍ଟାର ତଳ ଭାଗରେ ଭୟଙ୍କର ଯନ୍ତ୍ରଣା ହେବା ସହିତ ଯନ୍ତ୍ରଣା ଦୁଇ ପାଦକୁ ମଧ୍ୟ ପ୍ରସାରିତ ହୋଉଥିଲା ଯାହା ଫଳରେ ସେ ଭୀଷଣ କଷ୍ଟ ଅନୁଭବ କରୁଥିଲେ। ପରୀକ୍ଷା ପରେ କରାଯାଇଥିବା ଗଜଓ ସ୍କାନରେ ତାଙ୍କର ମେରୁଦଣ୍ଡର ଖ୪–ଖ୫ ଭାଗରେ ଡିସ୍କ ପ୍ରୋଲାପ୍ସ ଥିବା ଜଣାପଡିଥିଲା। କିଛି ଡାକ୍ତର ତାଙ୍କୁ ମେରୁଦଣ୍ଡ କାଟି ସର୍ଜରୀ (ଓପେନ୍ ସର୍ଜରୀ) ସହିତ ଫିକ୍ସେସନ୍ କରିବାକୁ ପରାମର୍ଶ ଦେଇଥିଲେ, କିନ୍ତୁ କମ୍ ବୟସରେ ଜଟିଳତା ଓ ପ୍ୟାରାଲାଇସିସ୍ ଭୟ ଥିବାରୁ ସେ ଓପନ୍ ସର୍ଜରୀ କରିନଥିଲେ। ଏହା ପରେ ସେ ଆଧୁନିକ ମିନିମାଲି ଇନଭେସିଭ୍ ସ୍ପାଇନ୍ସ ର୍ଜରୀ ବିଷୟରେ ଜାଣି ଚିକିତ୍ସା ପାଇଁ ସେ ମଣିପାଲ ହସ୍ପିଟାଲ ଭୁବନେଶ୍ୱରକୁ ଆସିଥିଲେ। ଆଧୁନିକ 'କିହୋଲ୍' ସ୍ପାଇନ୍ ସର୍ଜରୀ ଦ୍ୱାରା ସେ ସୁସ୍ଥ ହୋଇଛନ୍ତି।

# କଥକ ନୃତ୍ୟାଙ୍ଗନା ସଂଗୀତାଙ୍କୁ ଡ଼କ୍ଟରେଟ ସମ୍ମାନ

ଭୁବନେଶ୍ୱର (ସବ୍ୟୁ): ଭାରତୀୟ ଶାସ୍ତ୍ରୀୟ କଥକନୃତ୍ୟର ଦେଶ ବିଦେଶରେ ପ୍ରଚାର ପ୍ରସାର କରି ଆସୁଥିବା ଅତି ବରିଷ୍ଠ ତଥା ବିଶିଷ୍ଟ କଥକନୃତ୍ୟ ଗୁରୁ ସଂଗୀତା ସାହୁଙ୍କୁ



ଆମେରିକା ସ୍ଥିତ ସାଉଥ ୱେଷ୍ଟର୍ଣ୍ଣ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ସମ୍ମାନସୂଚକ ଡକ୍ଟରେଟ ଉପାଧିରେ ସମ୍ବର୍ଦ୍ଧିତ କରାଯାଇଛି । ଓଡ଼ିଶାର କଟକଠାରେ ସର୍ବପ୍ରଥମ ଓ ଏକମାତ୍ର ନିଜସ୍ୱ କଥକନୃତ୍ୟ ଶିକ୍ଷାନୁଷ୍ଠାନ " ସଂଗୀତା କଥକ ନୃତ୍ୟ ଏକାଡେମୀ ମାଧ୍ୟମରେ ସାହସ୍ରାଧିକ ନୃତ୍ୟଶିଳ୍ପୀ ସୃଷ୍ଟି କରିବାସହ ଅନେକଙ୍କୁ ସ୍ୱାବଲମ୍ବୀ ଓ ରୋଜଗାରକ୍ଷମ କରାଇବାସହ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ କଥକ ନୃତ୍ୟର ପ୍ରଚାର ପ୍ରସାର କରିଆସୁଛନ୍ତି ସଂଗୀତା। ନୂଆଦିଲ୍ଲୀସ୍ଥିତ ସମ୍ରାଟ ସମ୍ମିଳନୀ କକ୍ଷରେ ଭାରତ ସର୍ବୋଚ୍ଚ ଉଚ୍ଚନ୍ୟାୟାଳୟର ଆଇନ ବିଶାରଦ ଡ଼କ୍ଟର ଶିବାବାଲମୃଗନ, ଡ଼କ୍ଟର ବିଜୟ ଜୋଲି ଓ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରଫେସରଗଣ ସଂଗୀତାଙ୍କୁ ସାର୍ଟିଫିକେଟ, ସ୍ମୃତିପଦକ, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରିଛନ୍ତି। ଏହି ଉପାଧିଯୁକ୍ତ ସଂମ୍ମାନ ମୋର ବାପା, ମାଆ, ଭାଇ ଓ ଶଶୁର ଖିରୋଦ ଚନ୍ଦ୍ର ସାହୁ, ଶାଶୁ କଲ୍ୟାଣୀ ସାହୁ ଓ ସମସ୍ତ ଯାଆ, ଦେଢଶୁର ଓ ପରିବାର ବର୍ଗଙ୍କ ସାହାଯ୍ୟ ସହଯୋଗ ଓ ମୋର ପୂଜ୍ୟ ଦର୍ଶକ ମାନଙ୍କ ଆଶୀର୍ବାଦରୁ ସମ୍ଭବ ହୋଇପାରିଛି ବୋଲି ନୃତ୍ୟଙ୍ଗନା ସଂଗୀତା ସାହୁ କହିଛନ୍ତି। ନୃତ୍ୟଶିଳ୍ପୀ ସଂଗୀତା ପଶ୍ଚିମବଙ୍ଗର ଝିଅ କଟକ କଲେଜଛକ ବିଶିଷ୍ଟ ବ୍ୟବସାୟୀ ତଥା ରାଜନୀତିଜ୍ଞ ଖିରୋଦ କୁମାର ସାହୁଙ୍କ ଅଧମ ପୁତ୍ର ଅରୁଣ କୁମାର ସାହୁଙ୍କୁ ବିବାହକରି ଯୌଥ ପରିବାରରେ ସୁଗୃହିଣୀ ଓ ନୃତ୍ୟଶିଳ୍ପୀ ଭାବରେ ଖୁବ ସୁନାମ ଅର୍ଜନ କରୁଛନ୍ତି। ଏଥିପାଇଁ ବିଭିନ୍ନ କଳାକାର ଓ ବୁଦ୍ଧିଜୀବି ପ୍ରଶଂସା କରିଛନ୍ତି ।

## ପୂର୍ବ ଭାରତର ସର୍ବବୃହତ ମହୁ ଏଫ୍‌ପିଓ

# ବେଦାମୃତ ଲଞ୍ଚ କରିଛି ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର (ସବ୍ୟୁ) : ବେଦାନ୍ତ ଆଲୁମିନିୟମ ଏହାର ସିଏସ୍‌ଆର ପଦକ୍ଷେପ ମାଧ୍ୟମରେ ବେଦାମୃତ ଜୀବିକା ଚାଷୀ ଉତ୍ପାଦକ କମ୍ପାନୀ ଆରମ୍ଭ କରିଛି, ଯାହା ଦ୍ୱାରା ସ୍ଥାୟୀ କୃଷି ଏବଂ ଜୈବ ବିବିଧତାକୁ ସମର୍ଥନ କରିବା ସହିତ କୃଷକଙ୍କ ଜୀବିକାକୁ ସୁଦୃଢ଼ କରିବା ପାଇଁ 'ବେଦାମୃତ - ୧୦୦% ବିଶୁଦ୍ଧ ମହୁ' ର ପ୍ରଥମ ପ୍ରଦର୍ଶନ କରାଯାଇଛି। ଏହି ଲଞ୍ଚ ସହିତ, ବେଦାନ୍ତ ଆଲୁମିନିୟମ ପୂର୍ବ ଭାରତରେ ସର୍ବବୃହତ ମହୁ ଚାଷୀ ଉତ୍ପାଦକ ସଂଗଠନ (ଏଫପିଓ) ପ୍ରତିଷ୍ଠା କରିଛି। ପ୍ରଥମ ପର୍ଯ୍ୟାୟରେ, କ୍ଷମତା ନିର୍ମାଣ ତାଲିମ ପରେ ୫୦୦ ରୁ ଅଧିକ ଚାଷୀଙ୍କୁ ମହୁମାଛି ବାକ୍ସ ବଣ୍ଟନ କରାଯାଇଛି। ପ୍ରତ୍ୟେକ ମହୁମାଛି ବାକ୍ସ ଅଂଶଗ୍ରହଣକାରୀ ଚାଷୀମାନଙ୍କୁ ପ୍ରାୟ ଟ.୧୬,୦୦୦ ଅତିରିକ୍ତ ବାର୍ଷିକ ଆୟ ପ୍ରଦାନ କରିବ ବୋଲି ଆଶା କରାଯାଉଛି, ଯାହା ଗ୍ରାମୀଣ ପରିବାରକୁ ଏକ ସ୍ଥିର ପରିପୂରକ ଜୀବିକା ପ୍ରଦାନ କରିବ। ଏଫପିଓ



ଏପ୍ରିଲ ୨୦୨୬ ସୁଦ୍ଧା ୫,୦୦୦ ଲିଟର ପ୍ରିମିୟମ୍, ୧୦୦% ବିଶୁଦ୍ଧ ମହୁ ଉତ୍ପାଦନ କରିବାକୁ ସ୍ଥିର ହୋଇଛି, ଏବଂ ପ୍ରତିବର୍ଷ ୨୦,୦୦୦ ଲିଟରରେ ପହଂଚିବା ପାଇଁ ଏକ ସ୍କେଲ୍ ଅପ୍ ଯୋଜନା ରହିଛି। ଏହି ଅଭିବୃଦ୍ଧି ପ୍ରାୟ ଟ.୧ କୋଟି ରାଜସ୍ୱ ସୃଷ୍ଟି କରିବ, ଯାହା ଏଫପିଓର ଦୀର୍ଘକାଳୀନ କାର୍ଯ୍ୟକ୍ଷମତାକୁ ସୁନିଶ୍ଚିତ କରିବ। ଶୁଭାରମ୍ଭର ଏକ ଅଂଶ ଭାବରେ, ବେଦାନ୍ତ ଆଲୁମିନିୟମ ଏଫପିଓ ସହିତ ଜଡିତ ଚାଷୀମାନଙ୍କ ମଧ୍ୟରେ ବୈଷୟିକ ଦକ୍ଷତାକୁ ଗଭୀର କରିବା ପାଇଁ ଓଡ଼ିଆ ଏବଂ ଇଂରାଜୀରେ ଏକ ସଂରଚିତ ଦ୍ୱିଭାଷୀ ତାଲିମ ମଡ୍ୟୁଲ୍ ମଧ୍ୟ ଉନ୍ମୋଚନ କରିଛି। ମହୁ ଉତ୍ପାଦନ ଏବଂ ନିଷ୍କାସନର ଏକ ଲାଇଭ୍ ପ୍ରଦର୍ଶନ ଆଧୁନିକ ମହୁମାଛି ପାଳନ କୌଶଳ ସହିତ ହାତପାଖିଆ ଏକ୍ସପୋଜର ପ୍ରଦାନ କରେ, ଅଂଶଗ୍ରହଣକାରୀ ଚାଷୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଏବଂ ପ୍ରସ୍ତୁତିକୁ ସୁଦୃଢ଼ କରେ। ଏହି ପଦକ୍ଷେପ ଝାରସୁଗୁଡ଼ାରେ ବୈଜ୍ଞାନିକ ମହୁମାଛି ପାଳନ ପଦ୍ଧତି, ଆଧୁନିକ ଉତ୍ପାଦନ କୌଶଳ ଏବଂ ନିଶ୍ଚିତ ବଜାର ସଂଯୋଗ ସହିତ ଚାଷୀମାନଙ୍କୁ ସଜ୍ଜିତ କରି ଗ୍ରାମୀଣ ଆୟକୁ ପରିବର୍ତ୍ତନ କରିବାକୁ ସ୍ଥିର କରାଯାଇଛି। ଏହି ପଦକ୍ଷପକୁ ପ୍ରଶଂସା କରି, ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ବେଦାମୃତ ଆମର କାର୍ଯ୍ୟ ଚାରିପାଖରେ ସମ୍ପ୍ରଦାୟ ପାଇଁ ସ୍ଥାୟୀ ଜୀବିକା ନିର୍ମାଣ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଏହି ଉଦଘାଟନ ଉତ୍ସବରେ ବିଧାୟକ, ଝାରସୁଗୁଡା, ଟଙ୍କଧର ତ୍ରିପାଠି, କୁନାଲ ମୋତିରାମ ଚଭନ, କଲେକ୍ଟର ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍, ଝାରସୁଗୁଡା ଏବଂ ଅନେକ ସ୍ଥାନୀୟ ପ୍ରଶାସନିକ ନେତା ଉପସ୍ଥିତ ଥିଲେ। ବେଦାନ୍ତ ଆଲୁମିନିୟମର ଝାରସୁଗୁଡା ପ୍ଲାଣ୍ଟରୁ, ସିଏସଆର ଦଳ ସହିତ (ସିଇଓ) ସି. ଚନ୍ଦ୍ରୁ, (ସିଏଫଓ) ଅମିତ ଗୁପ୍ତା, (ସିଏସଓ) କ୍ୟାପଟେନ ଓ.ପି., (ହେଡ୍ ଏଚ୍ଏସଏଫ) ସନ୍ଦୀପ, (ବେଦାନ୍ତ ଆଲୁମିନିୟମର ସିଏସଆର ମୁଖ୍ୟ) ହରମିତ୍ ସେହରାଙ୍କ ସମେତ ବରିଷ୍ଠ ନେତୃତ୍ୱ ଦଳ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



ଇସ୍ରାଏଲର ବୋମା ବର୍ଷଣରେ କ୍ଷତିଗ୍ରସ୍ତ ଇରାନର ଏକ ଜନବସତି ଅଞ୍ଚଳ



ଯୁଦ୍ଧରେ ଭ୍ରମସୃଷ୍ଟି କରୁଛି ଇରାନର ରବର ଟ୍ୟାଙ୍କ




ତେହେରାନରେ ଯୁଦ୍ଧକୁ ବିରୋଧ କରି ରାଜରାସ୍ତାକୁ ଓହ୍ଲାଇଲେ ଜନତା

# ଇରାନର କ୍ଲଷ୍ଟର ବୋମା ଭୟ

**ତେହେରାନ:** ଦିନ ବିତିବା ସହିତ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଅଧିକ ଘାତକ ହେବାରେ ଲାଗିଛି। ଏବେ ଏହା ସାମ୍ନାକୁ ଆସିଛି, ଇରାନ ଇସ୍ରାଏଲ ଉପରେ ଆକ୍ରମଣ କରିବା ପାଇଁ କ୍ଲଷ୍ଟର ବୋମା ବ୍ୟବହାର କରୁଛି। ଇସ୍ରାଏଲ ଦାବି କରିଛି, ଇରାନ ପ୍ରଥମ ଦିନରୁ କ୍ଲଷ୍ଟର ବୋମା ମାଡ଼ କରିଆସୁଛି। ଇରାନର ରାଷ୍ଟ୍ରାୟତ୍ତ ପ୍ରସାରକ ଇସଲାମିକ ରିପବ୍ଲିକ ଅଫ୍ ଇରାନ ବ୍ରଡକାଷ୍ଟିଂ/ଆଇଆରଆଇବି ଆକ୍ରମଣର ଏକ ଭିଡିଓ ଜାରି କରିଛି। ଯେଉଁଥିରେ ଦର୍ଶାଯାଇଛି, କ୍ଲଷ୍ଟର ବୋମା ଇସ୍ରାଏଲୀ ଆକାଶ ଉପରେ କିପରି ବିସ୍ଫୋରଣ ହେଉଛି। ଏହା ପରେ ବିସ୍ଫୋରଣ ଭିତରୁ ବହୁ ଛୋଟ ବୋମା ବାହାରି ଯାଉଛି। ଏହି ଛୋଟ ବୋମାଗୁଡ଼ିକ ଏକ ବଡ଼ ଅଞ୍ଚଳ ଉପରେ ବିସ୍ଫୋରଣ କରି ଧ୍ୱଂସ ଘଟାଉଛି। ଛୋଟ ବୋମାଗୁଡ଼ିକ ରାତିର ଆକାଶରେ ଅଗ୍ନି ପିଣ୍ଡୁଳା ପରି ଦେଖାଯାଉଛି। ଇସ୍ରାଏଲର ଆଇରନ ଡୋମ୍ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ସତ୍ତ୍ୱେ ଏଗୁଡ଼ିକୁ ଅଟକାଇବା କଷ୍ଟକର ହୋଇପଡ଼ିଥିବା କୁହାଯାଉଛି। ଏହା ବେଶ୍ ଘାତକ ପ୍ରମାଣିତ ହୋଇଛି।



ଇରାନ ଘୋଷଣା କରିଛି, ଆମେରିକା ଏବଂ ଇସ୍ରାଏଲୀ ଆକ୍ରମଣ ଦ୍ୱାରା ଯୁଦ୍ଧ ଆରମ୍ଭ ହେବାର ଜବାବରେ, ଦକ୍ଷିଣ ତେଲ ଅଭିଭରେ ଥିବା ହେଇଲା ସାଟେଲାଇଟ୍ ଯୋଗାଯୋଗ କେନ୍ଦ୍ର ଏବଂ ବେର ୟାକୋଭ, ପଶ୍ଚିମ ଜେରୁସେଲମ ଓ ହାଇଫାରେ ଥିବା ସାମରିକ ଘାଟି ଉପରେ ଆକ୍ରମଣରେ କ୍ଲଷ୍ଟର ୱାରହେଡ୍ କ୍ଷେପଣାସ୍ତ୍ର ବ୍ୟବହାର କରାଯାଇଛି। କ୍ଲଷ୍ଟର ବୋମାର ବଡ଼ ବୋମାକୁ ପ୍ୟାରେଣ୍ଟ ଇମ୍ୟୁନେସନ କୁହାଯାଇଥାଏ। ଏହା ନିକ୍ଷେପ କଲେ ୭-୧୦ କିଲୋମିଟର ଉଚ୍ଚତାରେ ପହଞ୍ଚି ଛୋଟ ବୋମା ବା ସବଇମ୍ୟୁନିସନ ଛାଡିଥାଏ। ଏହି ଛୋଟ ବୋମାଗୁଡ଼ିକ ଏକ ବଡ଼ ଅଞ୍ଚଳରେ ବିସ୍ତାରିତ ହୋଇଥାଏ। କିଛି ଶହ ମିଟରରୁ ଅନେକ କିଲୋମିଟର ପର୍ଯ୍ୟନ୍ତ ଏହା ପଡ଼ିଥାଏ। ଏହା ସଠିକତା ଲକ୍ଷ୍ୟଭେଦକୁ ହ୍ରାସ କରେ, କିନ୍ତୁ ପ୍ରଭାବ କ୍ଷେତ୍ରକୁ ବୃଦ୍ଧି କରିଥାଏ। କ୍ଲଷ୍ଟର ବୋମା ଯୋଗୁ ବହୁ ଲୋକଙ୍କ ମୃତ୍ୟୁ ଘଟିଥାଏ। ଅନେକ ଛୋଟ ବୋମା ବିସ୍ଫୋରଣ ହୁଏ ନାହିଁ ଏବଂ ବ୍ୟବହାର ପରେ ବହୁତ ଦିନ ପର୍ଯ୍ୟନ୍ତ ବିପଦପୂର୍ଣ୍ଣ ଅବସ୍ଥାରେ ରହିଥାଏ।

୧୨୦ ରୁ ଅଧିକ ଦେଶ କ୍ଲଷ୍ଟର ଯୁଦ୍ଧାସ୍ତ୍ର ବ୍ୟବହାରକୁ ନିଷେଧ କରିବା ପାଇଁ ଏକ ଆନ୍ତର୍ଜାତୀୟ ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି। ଇସ୍ରାଏଲ, ଆମେରିକା ଏବଂ ଇରାନ ଏହି ଚୁକ୍ତିନାମାରେ ସାମିଲ ହୋଇ ନଥିବା ଦେଶମାନଙ୍କ ମଧ୍ୟରେ ଅଛନ୍ତି। ଏହି ଅସ୍ତ୍ର ଦଶନ୍ଧି ଧରି ବିଶ୍ୱର ବିଭିନ୍ନ ଯୁଦ୍ଧରେ ବ୍ୟବହୃତ ହୋଇଆସୁଛି। ଇସ୍ରାଏଲ ୨୦୦୬ ମସିହାରେ ଇରାନ ଦ୍ୱାରା ସମର୍ଥିତ ହେଜବୋଲ୍ଲା ବିରୋଧରେ ଯୁଦ୍ଧ କରିବା ସମୟରେ ମଧ୍ୟ ଏହାକୁ ବ୍ୟବହାର କରିଥିଲା।

## ରୁଷରୁ ଭାରତ ଅଭିମୁଖେ ବାହାରିଲା ତୈଳ ଜାହାଜ




**ନୂଆଦିଲ୍ଲୀ:** ଆମେରିକା ଲଗାଇଥିବା କଟକଣା ସାମୟିକ ହଟାଇବା ପରେ ଭାରତ ପୁଣି ଥରେ ରୁଷରୁ ବିପୁଳ ପରିମାଣର ତୈଳ କ୍ରୟ ଆରମ୍ଭ କରିଛି। ଭାରତୀୟ ତୈଳ କମ୍ପାନିଗୁଡ଼ିକ ରୁଷରୁ ୩୦ ନିୟୁତ ବ୍ୟାରେଲ ତେଲ କିଣିଛନ୍ତି। ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ତେଲ ବଜାରରେ ଅସ୍ଥିରତା ସୃଷ୍ଟି ହୋଇଥିବା ବେଳେ ଏହି ତେଲ ବଜାରରେ ସ୍ଥିରତା ଫେରାଇ ଆଣିବାରେ ସହାୟକ ହେବ ବୋଲି ଆଶା କରାଯାଉଛି। ଆମେରିକା କଟକଣା ଲଗାଇବା ପରେ ଗତବର୍ଷଠାରୁ ଭାରତ ରୁଷରୁ ତେଲ କିଣା ବନ୍ଦ କରି ସାଉଦି ଆରବ ଓ ଇରାନରୁ ଅଧିକ ତେଲ କିଣୁଥିଲା। କିନ୍ତୁ ଇରାନ ସହ ଇସ୍ରାଏଲ ଓ ଆମେରିକା ଯୁଦ୍ଧ କରିବା ପରେ ସେହି ଯୋଗାଣ ପ୍ରଭାବିତ ହୋଇଛି। ସେଥିପାଇଁ ସାମୟିକ ଆଶ୍ୱସ୍ତି ସ୍ୱରୂପ ୩୦ ଦିନ ପାଇଁ ରୁଷରୁ ଭାରତ ତେଲ କିଣିପାରିବ ବୋଲି ଆମେରିକା ଅନୁମତି ଦେଇଛି। ଭାରତୀୟ କମ୍ପାନି ଇଣ୍ଡିଆନ ଅଏଲ୍ ଓ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ରୁଷ୍ରୁ ଅଧିକ ତେଲ କିଣୁଛନ୍ତି। ଇଣ୍ଡିଆନ ଅଏଲ୍ ୧୦ ନିୟୁତ ବ୍ୟାରେଲ୍ ରୁଷ ତେଲ କିଣିଛି। ରିଲାଏନ୍ସ ମଧ୍ୟ ସମାନ ପରିମାଣର ତେଲ କ୍ରୟ କରିଛି। ଯୁଦ୍ଧ ପୂର୍ବରୁ ରୁଷ ତେଲ ରିହାତିରେ ମିଳୁଥିଲା। ଏବେ କିନ୍ତୁ ତାହା ବ୍ରେଣ୍ଟ୍ କ୍ରୁଡ୍ ଦରଠାରୁ ୨ରୁ ୮ ଡଲାର ପର୍ଯ୍ୟନ୍ତ ପ୍ରିମିୟମରେ ବିକ୍ରି ହେଉଛି। ଆମେରିକା କଟକଣା ହଟାଇବା ପରେ ବିଭିନ୍ନ ବନ୍ଦର ଓ ସମୁଦ୍ର ପଥରେ ଥିବା ରୁଷ ତେଲ ଜାହାଜଗୁଡ଼ିକ ଭାରତ ଆଡ଼କୁ ମୁହାଁଇଛନ୍ତି। ଯାତ୍ରା ଆରମ୍ଭ କରିବା ପୂର୍ବରୁ ଏହି ଜାହାଜଗୁଡ଼ିକ ସିଙ୍ଗାପୁର ଅଭିମୁଖେ ଯାତ୍ରା କରୁଥିଲେ। ଚୀନ ଲାଗି ତେଲ ଲୋଡ୍ କରିଥିବା କିଛି ଜାହାଜ ମଧ୍ୟ ନିଜ ଦିଗ ପରିବର୍ତ୍ତନ କରି ଭାରତ ଆସୁଛନ୍ତି। ପାରମ୍ପରିକ ଭାବେ ରୁଷଠାରୁ ଭାରତ ତେଲ କିଣୁନଥିଲା। ମାତ୍ର ୨୦୨୨ରେ ରୁଷ୍-ୟୁକ୍ରେନ ଯୁଦ୍ଧ ପରେ ବିପୁଳ ରିହାତିରେ ରୁଷ୍ ତେଲ ବିକ୍ରି କରିବା ପରେ ଭାରତ ସର୍ବାଧିକ ପରିମାଣର ତେଲ ସେଠାରୁ କିଣିଥିଲା। ଭାରତର ସେହି ଆଭିମୁଖ୍ୟକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସହ୍ୟ କରିପାରିନଥିଲେ।

## ଇରାନ ୧୦ଟି ପରମାଣୁ ବୋମା ତିଆରି କରିପାରିବ

**ତେହେରାନ:** ଇରାନର ପରମାଣୁ କାର୍ଯ୍ୟକ୍ରମକୁ ନେଇ ଆନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି (ଆଇଏଇଆର୍) ର ମୁଖ୍ୟ ରାଫେଲ ଗ୍ରୋସି ଏକ ଚାଞ୍ଚଲ୍ୟକର ତଥ୍ୟ ପ୍ରକାଶ କରିଛନ୍ତି। ଗ୍ରୋସିଙ୍କ ଅନୁଯାୟୀ, ୨୦୨୫ରେ ଆମେରିକା ଓ ଇସ୍ରାଏଲର ଭୟଙ୍କର ବଙ୍କର-ବଷ୍ଟର ଆକ୍ରମଣ ସତ୍ତ୍ୱେ ଇରାନର ପରମାଣୁ ସାମଗ୍ରୀ ସମ୍ପୂର୍ଣ୍ଣ ନଷ୍ଟ ହୋଇନାହିଁ। ଆଇଏଇଆର୍ ର ଆକଳନ ଅନୁସାରେ, ଇରାନ ପାଖରେ ଏବେ ବି ପ୍ରାୟ ୪୪୦ କିଲୋଗ୍ରାମରୁ ଅଧିକ ସମୃଦ୍ଧ ୟୁରାନିୟମ ଗଚ୍ଛିତ ଅଛି। ଏଥିମଧ୍ୟରୁ ପ୍ରାୟ ୨୦୦ କିଲୋଗ୍ରାମ ୬୦% ଶୁଦ୍ଧତା ବିଶିଷ୍ଟ, ଯାହାକୁ ସାମାନ୍ୟ ବିଶୋଧନ କଲେ ପ୍ରାୟ ୧୦ଟି ପରମାଣୁ ବୋମା ତିଆରି କରାଯାଇପାରିବ। ବିଶେଷ କରି ଇସଫାହାନର ଭୂତଳ ସୁଡ଼ଙ୍ଗରେ ଏହି ଭଣ୍ଡାର ସୁରକ୍ଷିତ ଥିବା ସନ୍ଦେହ କରାଯାଉଛି। ଅପରେସନ୍ ମିଡନାଇଟ୍ ହାମର: ଜୁନ୍ ୨୦୨୫ରେ ଆମେରିକା ଓ ଇସ୍ରାଏଲ ନାଟାଞ୍ଜ, ଫୋର୍ଡୋ ଓ ଇସଫାହାନ ଉପରେ ପ୍ରବଳ ବୋମାମାଡ଼ କରିଥିଲେ। ଟ୍ରମ୍ପ ସରକାର ଏହାକୁ ସମ୍ପୂର୍ଣ୍ଣ ବିନାଶ କରିଥିବା କଥା କହିଥିଲେ ମଧ୍ୟ ଆଇଏଇଆର୍ କହିଛି ଯେ କାର୍ଯ୍ୟକ୍ରମ ଏବେ ବି ଜୀବିତ। ରିପୋର୍ଟ ଅନୁଯାୟୀ, ଆମେରିକା ଏବେ ଏକ ଅତି ଗୁପ୍ତ ସ୍ୱତନ୍ତ୍ର ବାହିନୀ ମିଶନ ଉପରେ ବିଚାର କରୁଛି।

## ଖୁବଶୀଘ୍ର ଶେଷ ହେବ ଇରାନ ଯୁଦ୍ଧ

**ୱାଶିଂଟନ:** ଫେବୃଆରୀ ୨୮ରୁ ଇରାନ ସହ ଯୁଦ୍ଧ କରୁଥିବା ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବଡ଼ ବୟାନ ଦେଇଛନ୍ତି। ସେ ଚାହିଁଲେ ଯୁଦ୍ଧକୁ ବନ୍ଦ କରିପାରିବେ ବୋଲି କହିଛନ୍ତି। ଇରାନ ସହ ଯୁଦ୍ଧ ଯୋଗୁ ମଧ୍ୟପ୍ରାଚ୍ୟରେ ସ୍ଥିତି ଭୟଙ୍କର ରୂପ ଧାରଣ କରିଛି। ପୂରା ବିଶ୍ୱରେ ଶକ୍ତି ସଙ୍କଟ ଦେଖାଯାଇଛି। ସ୍ଥିତି ଦିନକୁ ଦିନ ବେକାବୁ ହେଉଥିବା ବେଳେ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ତୈଳ ଓ ଗ୍ୟାସ ସଙ୍କଟ ମଧ୍ୟ ବଢ଼ୁଛି। ଏପରି ସ୍ଥିତିରେ ଇରାନ କ୍ରମାଗତ ଭାବେ ଇସ୍ରାଏଲ ଉପରେ ଆକ୍ରମଣ କରି ଚାଲିଛି। ଆମେରିକା ଓ ଇସ୍ରାଏଲ ମଧ୍ୟ ଇରାନ ଉପରେ ହମଲା କରୁଛନ୍ତି।

# ନୂଆଦିଲ୍ଲୀରେ ଜଳ ମହୋତ୍ସବ

**ନୂଆଦିଲ୍ଲୀ:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ନୂଆଦିଲ୍ଲୀରେ 'ଜଳ ମହୋତ୍ସବ ୨୦୨୬' କାର୍ଯ୍ୟକ୍ରମରେ ଯୋଗଦେଇ ଏହାକୁ ସମ୍ବୋଧିତ କରିଥିଲେ। ଏହି ଅବସରରେ, ଭାରତରେ ଜଳ କେବଳ ଏକ ମୌଳିକ ଆବଶ୍ୟକତା ନୁହେଁ, ବରଂ ଏହା ଆମର ସଂସ୍କୃତି, ପରମ୍ପରା, ଜୀବିକା ଏବଂ ସାମୂହିକ ଜୀବନ ସହିତ ଗଭୀର ଭାବରେ ଜଡିତ ବୋଲି ରାଷ୍ଟ୍ରପତି କହିଛନ୍ତି । ଏତେ ବର୍ଷ ଧରି, ଗ୍ରାମବାସୀ, ବିଶେଷ କରି ମହିଳା ଏବଂ ପିଲାମାନଙ୍କୁ ଦୂର ସ୍ଥାନରୁ ପାନୀୟ ଜଳ ଆଣିବାକୁ ପଡୁଥିଲା। ସ୍ୱଚ୍ଛ ଜଳ ଯୋଗାଣ କେବଳ ସୁବିଧା ପ୍ରଦାନ କରିବାର ବିଷୟ ନଥିଲା ; ଏହା ସମୟ, ସ୍ୱାସ୍ଥ୍ୟ ଏବଂ ମର୍ଯ୍ୟାଦାର ବିଷୟ ଥିଲା। ଏହି ଆହ୍ୱାନଗୁଡ଼ିକର ମୁକାବିଲା କରିବା ପାଇଁ, ଭାରତ ସରକାର 'ଜଳ ଜୀବନ ମିଶନ' ଆରମ୍ଭ କରିଥିଲେ। ପାନୀୟ ଜଳ ପାଇବା ପାଇଁ ସଂଘର୍ଷ କରୁଥିବା ଗ୍ରାମବାସୀମାନେ ଏବେ ସେମାନଙ୍କ ଘରେ ସ୍ୱଚ୍ଛ ଏବଂ ସୁରକ୍ଷିତ ଜଳ ପାଇପାରୁଛନ୍ତି। କେବଳ ସରକାର ନୁହଁନ୍ତି, ଯେତେବେଳେ ସମଗ୍ର ସମୁଦାୟ ଏକ ସମ୍ପଦର ଦାୟିତ୍ୱ ଗ୍ରହଣ କରେ, ସେତେବେଳେ ଏହାର ସଂରକ୍ଷଣ ଅଧିକ ପ୍ରଭାବଶାଳୀ ଏବଂ ସ୍ଥାୟୀ ହୋଇଯାଏ ବୋଲି ରାଷ୍ଟ୍ରପତି କହିଛନ୍ତି । ଜଳ ପରିଚାଳନା ଏବଂ ସଂରକ୍ଷଣରେ ସାମୂହିକ ମାଲିକାନା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ସେ ବିଶ୍ୱାସ ପ୍ରକାଶ କରିଥିଲେ ଯେ, 'ଜଳ ଅର୍ପଣ ଦିବସ' ପାଳନ କରିବା ଦ୍ୱାରା ଗ୍ରାମ ପଞ୍ଚାୟତକୁ ଜଳ ଯୋଗାଣ ଭିତ୍ତିଭୂମିର ଆନୁଷ୍ଠାନିକ ହସ୍ତାନ୍ତର ସାମୁଦାୟିକ ମାଲିକାନା ଭାବନାକୁ ସୁଦୃଢ଼ କରିବ। ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଜଳ ପରୀକ୍ଷା, ପରିଚାଳନା ଏବଂ ଅନ୍ୟାନ୍ୟ ରକ୍ଷଣାବେକ୍ଷଣ କାର୍ଯ୍ୟକଳାପରେ ସାମିଲ ଅଛନ୍ତି ଜାଣି ରାଷ୍ଟ୍ରପତି ଖୁସି ବ୍ୟକ୍ତ କରିଥିଲେ ।



## ଏୟାର ଇଣ୍ଡିଆ ବିମାନର ହାର୍ଡ ଲ୍ୟାଣ୍ଡିଂ

**ହାଇଦ୍ରାବାଦ/ଫୁକେଟ୍:** ବୁଧବାର ହାଇଦ୍ରାବାଦରୁ ଥାଇଲାଣ୍ଡର ଫୁକେଟ୍ ଯାଉଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ୍ର ଏକ ବିମାନ ଫୁକେଟ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ହାର୍ଡ ଲ୍ୟାଣ୍ଡିଂ କରିଛି। ଅବତରଣ ସମୟରେ ବିମାନର ନୋଜ୍ ଗିଅର୍ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଯାହା ଫଳରେ ବିମାନବନ୍ଦରରେ ଆତଙ୍କ ଖେଳିଯାଇଥିଲା। କିଛି ସମୟ ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ବିମାନ ବନ୍ଦର କର୍ତ୍ତୃପକ୍ଷ ବିମାନରେ ଥିବା ସମସ୍ତ ୧୩୩ ଜଣ ଯାତ୍ରୀଙ୍କୁ ସୁରକ୍ଷିତ ଭାବରେ ବାହାର କରିଥିଲେ। ଏହି ଘଟଣା ପରେ, ବିମାନବନ୍ଦର କର୍ତ୍ତୃପକ୍ଷ ଏକ ନୋଟାମ (ବିମାନ ମିଶନକୁ ନୋଟିସ୍) ଜାରି କରି ସ୍ଥାନୀୟ ସମୟ ସନ୍ଧ୍ୟା ୬:୦୦ ଟା ପର୍ଯ୍ୟନ୍ତ ରନୱେକୁ ବନ୍ଦ କରିଦେଇଛନ୍ତି।



ଏହା କିଛି ବିମାନ ଚଳାଚଳକୁ ପ୍ରଭାବିତ କରିବ ବୋଲି ଆଶଙ୍କା କରାଯାଉଛି। ରିପୋର୍ଟ ଅନୁଯାୟୀ, ହାଇଦ୍ରାବାଦରୁ ଥାଇଲାଣ୍ଡର ଫୁକେଟ୍ ଯାଉଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବୋଇଂ ୭୩୭ ମ୍ୟାକ୍ସ-୮ ବିମାନଟି ଅବତରଣ ସମୟରେ ଏକ ଯାନ୍ତ୍ରିକ ସମସ୍ୟାର ସମ୍ମୁଖୀନ ହୋଇଥିଲା, ଯାହା ଫଳରେ ଏହାର ଆଗ ଲ୍ୟାଣ୍ଡିଂ ଗିଅର ଭାଙ୍ଗି ଯାଇଥିଲା ଏବଂ ବିମାନଟି ରନୱେରେ କିଛି ଦୂର ପର୍ଯ୍ୟନ୍ତ ଘୋଷାଡ଼ି ହୋଇ ଯାଇଥିଲା। ଏହି ଘଟଣା ପରେ ବିମାନବନ୍ଦରରେ ଉତ୍ତେଜନା ସୃଷ୍ଟି ପାଇଥିଲା। ବିମାନବନ୍ଦର କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବରେ ବାହାର କରିଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଜରୁରୀକାଳୀନ ପ୍ରତିକ୍ରିୟା ଦଳ ଏବଂ ବିମାନବନ୍ଦର ଅଧିକାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବରେ ବିମାନରୁ ବାହାର କରାଯାଇ ଯାତ୍ରୀ ପ୍ରତୀକ୍ଷା କ୍ଷେତ୍ରକୁ ନିଆଯାଇଥିଲା।

## ଆମେରିକାରେ ନିବେଶ କରିବ ରିଲାଏନ୍ସ: ଟ୍ରମ୍ପ

**ୱାଶିଂଟନ:** ଆମେରିକାର ଟେକ୍ସାସ୍ରେ ଏକ ନୂଆ ତୈଳ ବିଶୋଧନାଗାରରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ନିବେଶ କରୁଥିବା ସମ୍ପର୍କରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି। ୫୦ ବର୍ଷରେ ପ୍ରଥମ ଥର ପାଇଁ ଆମେରିକାରେ ଏଭଳି ଏକ ପ୍ରକଳ୍ପ ଘୋଷଣା ହୋଇଛି ଯେଉଁଥିରେ ୩୦୦ ବିଲିୟନ ଡଲାର ନିବେଶ ହେବ। ଟ୍ରମ୍ପ କହିଛନ୍ତି ଯେ ଆମେରିକା ଇତିହାସରେ ଏହା ସବୁଠୁ ବଡ଼ ଚୁକ୍ତି। ଆମେରିକୀୟ ଶ୍ରମିକ, ଶକ୍ତି ଓ ଟେକ୍ସାସ୍ର ଲୋକମାନଙ୍କ ପାଇଁ ଏହା ଏକ ବୃହତ୍ ବିଜୟ। ଇରାନ ଉପରେ ଆମେରିକା ଓ ଇସ୍ରାଏଲ୍ ଆକ୍ରମଣ କରୁଥିବାରୁ ବିଶ୍ୱବ୍ୟାପୀ ଶକ୍ତି ସଙ୍କଟ ଦେଖାଦେଇଥିବା ଭଳି ଏକ ଗମ୍ଭୀର ସମୟରେ ଟ୍ରମ୍ପ ଏହି ନିବେଶ ସମ୍ପର୍କରେ ଘୋଷଣା କରିଛନ୍ତି। ଏହି ନିବେଶ ପାଇଁ ସେ ଭାରତ ଓ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍କୁ ଧନ୍ୟବାଦ ଜଣାଇଛନ୍ତି। ଟ୍ରମ୍ପ କହିଛନ୍ତି ଯେ ଏହି ବିଶୋଧନାଗାର ହଜାର ହଜାର ନିଯୁକ୍ତି ସୃଷ୍ଟି କରିବ ଓ ଆମେରିକାର ଶକ୍ତି ସୁରକ୍ଷାକୁ ଉନ୍ନତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି ବିଶୋଧନାଗାର ଆମେରିକା ବଜାରକୁ ଇନ୍ଧନ ଯୋଗାଇବ, ଜାତୀୟ ସୁରକ୍ଷାକୁ ସୁଦୃଢ଼ କରିବ, ଆମେରିକାର ଶକ୍ତି ଉତ୍ପାଦନ ବଢ଼ାଇବ ଓ କୋଟି କୋଟି ଡଲାରର ଆର୍ଥିକ ପ୍ରଭାବ ସୃଷ୍ଟି କରିବ। ଏହା ବିଶ୍ୱର ସବୁଠୁ ସ୍ୱଚ୍ଛ ରିଫାଇନାରି ହେବ ବୋଲି ସେ କହିଛନ୍ତି।

## ଉତ୍ତରାଖଣ୍ଡ ରାଜ୍ୟପାଳଙ୍କୁ ଭେଟିଲେ ଓଡ଼ିଶା ଗଣମାଧ୍ୟମ ପ୍ରତିନିଧି ଦଳ

**ଡେରାଡୁନ,(ପିଆଇବି):** ଓଡ଼ିଶାର ଏକ ଗଣମାଧ୍ୟମ ପ୍ରତିନିଧି ଦଳ ଆଜି ଡେରାଡୁନସ୍ଥିତ ଲୋକଭବନଠାରେ ଉତ୍ତରାଖଣ୍ଡ ରାଜ୍ୟପାଳ ଲେଫ୍ଟନାଣ୍ଟ ଜେନେରାଲ ଗୁରମିତ ସିଂହଙ୍କ ସହ ସାକ୍ଷାତ ଆଲୋଚନା କରିଛି। ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଏକ ଗଣମାଧ୍ୟମ ଗସ୍ତ କାର୍ଯ୍ୟକ୍ରମରେ ଏହି ପ୍ରତିନିଧି ଦଳ ସମ୍ପ୍ରତି ଉତ୍ତରାଖଣ୍ଡ ଯାଇଛନ୍ତି। ଦେବଭୂମି ଉତ୍ତରାଖଣ୍ଡରେ ଓଡ଼ିଶା ପ୍ରତିନିଧି ଦଳକୁ ସ୍ୱାଗତ କରି ରାଜ୍ୟପାଳ ଶ୍ରୀ ସିଂହ ରାଜ୍ୟର ଆଧ୍ୟାତ୍ମିକ ଐତିହ୍ୟ, ଆର୍ଥିକ ପ୍ରଗତି ଏବଂ ବିକାଶମୂଳକ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ଏବଂ ଉତ୍ତରାଖଣ୍ଡ ମଧ୍ୟରେ ରହିଥିବା ସମାନତା, ବିଶେଷ କରି ବାରମ୍ବାର ଦେଖା ଦେଉଥିବା ପ୍ରାକୃତିକ ବିପର୍ଯ୍ୟୟ ବିଷୟରେ ସେ ଉଲ୍ଲେଖ କରିଥିଲେ। ବାତ୍ୟା ଫନି ପରେ ତାଙ୍କର ଓଡ଼ିଶା ଗସ୍ତ କଥା ସ୍ମରଣ କରି ଉତ୍ତରାଖଣ୍ଡ ରାଜ୍ୟପାଳ ଓଡ଼ିଶାବାସୀଙ୍କ ଧୈର୍ଯ୍ୟ ଓ ଦୃଢ଼ତାକୁ ପ୍ରଶଂସା କରିଥିଲେ। ଓଡ଼ିଶାକୁ ପ୍ରଶଂସା କରି ରାଜ୍ୟପାଳ କହିଥିଲେ, ଭାରତକୁ ଜଣେ ମହିଳା ରାଷ୍ଟ୍ରପତି ଦେଇଥିବାରୁ ଓଡ଼ିଶାକୁ ନେଇ ଦେଶ ଗର୍ବିତ। ଏହା ମହିଳା ସଶକ୍ତିକରଣ ପାଇଁ ଦେଶର ପ୍ରତିବଦ୍ଧତାକୁ ଉଜାଗର କରୁଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ତାଙ୍କର ଭକ୍ତିଭାବ ସମ୍ପର୍କରେ ମଧ୍ୟ ଉତ୍ତରାଖଣ୍ଡ ରାଜ୍ୟପାଳ ମତ ରଖିଥିଲେ। ସେ ଶ୍ରୀଜଗନ୍ନାଥଙ୍କ ମହିମା ଏବଂ ପୁରୀର ଆଧ୍ୟାତ୍ମିକ ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, ପୁରୀ ସହର ଭକ୍ତ ଓ ଭଗବାନଙ୍କ ମଧ୍ୟରେ ରହିଥିବା ଆଧ୍ୟାତ୍ମିକ ସମ୍ପର୍କର ପ୍ରତୀକ। ସେ ମଧ୍ୟ ଓଡ଼ିଶାର ସମୃଦ୍ଧ କଳା, ସଂସ୍କୃତି ଏବଂ ପରମ୍ପରା ସହିତ ରାଜ୍ୟବାସୀଙ୍କ ସରଳତା ଓ ସହୃଦୟତାକୁ ଉଚ୍ଚପ୍ରଶଂସା କରିଥିଲେ। ଉତ୍ତରାଖଣ୍ଡର ଜାତୀୟ ମହତ୍ତ୍ୱ ବିଷୟରେ ସୂଚନା ପ୍ରଦାନ କରି ରାଜ୍ୟପାଳ କହିଥିଲେ, ଏହି ରାଜ୍ୟରେ ଭାରତ ସରକାରଙ୍କ ୮୨ଟି ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ରହିଛି। ଏଥିମଧ୍ୟରୁ ମସୁରିସ୍ଥିତ ଲାଲ ବାହାଦୂର ଶାସ୍ତ୍ରୀ ଜାତୀୟ ପ୍ରଶାସନିକ ଏକାଡେମୀ, ଡେରାଡୁନ୍ ସ୍ଥିତ ଭାରତୀୟ ସାମରିକ ଏକାଡେମୀ, ବନ୍ୟ ଗବେଷଣା ପ୍ରତିଷ୍ଠାନ ଏବଂ ସର୍ଭେ ଅଫ୍ ଇଣ୍ଡିଆ ପ୍ରମୁଖ। ଏହି ଗସ୍ତ ସମୟରେ ଓଡ଼ିଶା ଗଣମାଧ୍ୟମ ପ୍ରତିନିଧି ଦଳ ଡେରାଡୁନରେ ଥିବା ସୌର୍ଯ୍ୟ ସ୍ଥଳ ଯୁଦ୍ଧ ସ୍ମାରକୀ, ରାଷ୍ଟ୍ରୀୟ ଭାରତୀୟ ସାମରିକ ମହାବିଦ୍ୟାଳୟ ଏବଂ ବନ୍ୟ ଗବେଷଣା ପ୍ରତିଷ୍ଠାନ ଆଦି ପ୍ରମୁଖ ଅନୁଷ୍ଠାନ ପରିଦର୍ଶନ କରିଥିଲେ। ସୌର୍ଯ୍ୟ ସ୍ଥଳ ଯୁଦ୍ଧ ସ୍ମାରକୀ ପରିସରରେ ରାଷ୍ଟ୍ର ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ସାହସୀ ସୈନିକମାନଙ୍କୁ ଏହି ପ୍ରତିନିଧି ଦଳର ସଦସ୍ୟମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲା। କର୍ତ୍ତବ୍ୟ ସମ୍ପାଦନ ସମୟରେ ରାଷ୍ଟ୍ର ପାଇଁ ପ୍ରାଣବଳୀ ଦେଇଥିବା ସୈନିକମାନଙ୍କର ସାହସ ଓ ବୀରତାକୁ ସମ୍ମାନ ଜଣାଇବା ଲାଗି ଭାରତୀୟ ସେନା ଦ୍ୱାରା ସୌର୍ଯ୍ୟ ସ୍ଥଳ ଯୁଦ୍ଧ ସ୍ମାରକୀ ପ୍ରତିଷ୍ଠା କରାଯାଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟର ଲୋକସମ୍ପର୍କ ଅଧିକାରୀ ମନୀଷ ଶ୍ରୀବାସ୍ତବଙ୍କ ସହ ଓଡ଼ିଶା ପ୍ରତିନିଧି ଦଳ ସୌର୍ଯ୍ୟସ୍ଥଳ ଏବଂ ରାଷ୍ଟ୍ରୀୟ ଭାରତୀୟ ସାମରିକ ମହାବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ଅବସରରେ ଭାରତୀୟ ସେନାର ଭୂମିକା ଏବଂ ଏହି ପ୍ରତିଷ୍ଠାନର ଗୁରୁତ୍ୱ ସମ୍ପର୍କରେ ସେ ପ୍ରତିନିଧି ଦଳକୁ ଅବଗତ କରାଇଥିଲେ।



ଏହି ପ୍ରତିନିଧି ଦଳ ପ୍ରତିଷ୍ଠିତ ରାଷ୍ଟ୍ରୀୟ ଭାରତୀୟ ସାମରିକ ମହାବିଦ୍ୟାଳୟ ମଧ୍ୟ ପରିଦର୍ଶନ କରିଥିଲା। ସେଠାରେ ମହାବିଦ୍ୟାଳୟର କମାଣ୍ଡାଣ୍ଟ ଶ୍ରୀ ରାହୁଲ ଅଗ୍ରୱାଲ ସେମାନଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ୧୯୨୨ମସିହାରେ ପ୍ରତିଷ୍ଠିତ ଏହି ପ୍ରତିଷ୍ଠାନ ଭାରତୀୟ ସଶସ୍ତ୍ର ବାହିନୀରେ କ୍ୟାରିୟର ପାଇଁ ଯୁବ କ୍ୟାଡେଟମାନଙ୍କୁ ପ୍ରସ୍ତୁତ କରିବା ଲାଗି ଦେଶର ପ୍ରମୁଖ ପ୍ରତିଷ୍ଠାନ ମଧ୍ୟରୁ ଅନ୍ୟତମ। ଅଧିକାରୀମାନେ ଓଡ଼ିଶାର ସାମ୍ବାଦିକମାନଙ୍କୁ ଶିକ୍ଷାନୁଷ୍ଠାନର ପରମ୍ପରା ଏବଂ ତାଲିମ ଢାଞ୍ଚା ବିଷୟରେ ସୂଚନା ଦେଇଥିଲେ ଯାହାର ଉଦ୍ଦେଶ୍ୟ ହେଉଛି ଶୃଙ୍ଖଳିତ ଭବିଷ୍ୟତ ନେତୃତ୍ୱମାନଙ୍କର ବ୍ୟକ୍ତିତ୍ୱ ଗଠନ କରିବା।

ଓଡ଼ିଶା ଗଣମାଧ୍ୟମ ପ୍ରତିନିଧି ଦଳ ଡେରାଡୁନର ବନ ଗବେଷଣା ପ୍ରତିଷ୍ଠାନ ମଧ୍ୟ ପରିଦର୍ଶନ କରିଥିଲେ ଏବଂ ବୈଜ୍ଞାନିକମାନଙ୍କ ସହିତ ଆଲୋଚନା କରି ଏହାର ଗବେଷଣା କାର୍ଯ୍ୟକଳାପ ଓ କାର୍ଯ୍ୟକ୍ରମଗୁଡ଼ିକ ବିଷୟରେ ଅବଗତ ହୋଇଥିଲେ। ବନ୍ୟ ଉତ୍ପାଦ ବିଭାଗ ଜିସିଆର/ମୁଖ୍ୟ ତଥା ବୈଜ୍ଞାନିକ ଡକ୍ଟର ଡି.ପି. ଖାଲି ବନ୍ୟ ବିଜ୍ଞାନ ଏବଂ ଦୀର୍ଘସ୍ଥାୟୀ ବିକାଶରେ ପ୍ରତିଷ୍ଠାନର ଅବଦାନ ବିଷୟରେ ପ୍ରତିନିଧି ଦଳକୁ ସୂଚନା ଦେଇଥିଲେ। ପ୍ରତିନିଧି ଦଳ ପ୍ରତିଷ୍ଠାନ ପରିସରରେ ଥିବା ଅନେକ ସଂଗ୍ରହାଳୟ ବୁଲି ଦେଖିଥିଲେ ଯେଉଁଥିରେ ବନୀକରଣ, ବନ୍ୟ ଉତ୍ପାଦ, ରୋଗ ବିଜ୍ଞାନ, କୀଟତତ୍ତ୍ୱ ଏବଂ କାଷ୍ଠ ପ୍ରଯୁକ୍ତିବିଦ୍ୟା ସହିତ ଜଡିତ ସଂଗ୍ରହ ପ୍ରଦର୍ଶିତ ହୋଇଥିଲା। ଏହା ଭାରତର ଜଙ୍ଗଲ ସମ୍ପଦ ଏବଂ ଜୈବ ବିବିଧତା ଉପରେ ସବିଶେଷ ଜ୍ଞାନ ପ୍ରଦାନ କରିଥିଲା।

ପିଆଇବି ଭୁବନେଶ୍ୱରର ସହକାରୀ ନିର୍ଦ୍ଦେଶକ ଶ୍ରୀ ମହେନ୍ଦ୍ର ଜେନା ଏବଂ ସୂଚନା ସହାୟକ ଶ୍ରୀ ବିକାଶ ରଞ୍ଜନ ଦଳାଇଙ୍କ ସହିତ ଉତ୍ତରାଖଣ୍ଡ ଗସ୍ତ କରିଥିବା ଏହି ଗଣମାଧ୍ୟମ ପ୍ରତିନିଧି ଦଳରେ ଓଡ଼ିଶାର ନଅ ଜଣ ବରିଷ୍ଠ ସାମ୍ବାଦିକ ରହିଛନ୍ତି । ରାଜ୍ୟପାଳଙ୍କ ଆଲୋଚନା ସମୟରେ ପିଆଇବି ଡେରାଡୁନର ସହକାରୀ ନିର୍ଦ୍ଦେଶକ ଶ୍ରୀ ସଞ୍ଜୀବ ସୁନ୍ଦରିଆଲ ମଧ୍ୟ ଉପସ୍ଥିତ ଥିଲେ।

# ଟିଁଲୋ କପରୁ ଟିମ୍ ଇଣ୍ଡିଆ ସ୍ୱପ୍ନ




ଭୁବନେଶ୍ୱର,(ଶକ୍ତି ପ୍ରକାଶ ନନ୍ଦ): ହରିୟାଣାର ଯୁବ ପ୍ରତିଭା ବିବେକ କୁମାର ଟିଁଲୋ କପରେ ଚମତ୍କାର ପ୍ରଦର୍ଶନ ଦେଖାଉଛନ୍ତି। ଏସପିଜେ କାର୍ଗୋ ଦିଲ୍ଲୀ ପାଇଁ ଖେଳୁଥିବା ବିବେକ କୁମାର ଟିଁଲେ କପରୁ ଟିମ୍ ଇଣ୍ଡିଆ ସ୍ୱପ୍ନ ଦେଖୁଛନ୍ତି। ୨୪ ବର୍ଷ ପୂର୍ବେ ଅର୍ଥାତ୍ ୨୦୦୨ରେ ଟିଁଲୋ କପ ଖେଳିଥିଲେ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ। ବର୍ତ୍ତମାନର ୱିକେଟରକ୍ଷକ ଇଶାନ କିଷାନ ମଧ୍ୟ ଟିଁଲୋ କପରେ ଖେଳିଛନ୍ତି। କେବଳ ଏହି ଦୁଇ ଜଣ ନୁହଁନ୍ତି, ଆହୁରି ଅନେକ ଅନ୍ତର୍ଜାତୀୟ ତଥା ଆଇପିଏଲ୍ ପ୍ରତିଭାଙ୍କୁ ଟିଁଲୋ କପରେ ଦେଖିବାକୁ ମିଳିଥିଲା। ଅସାଧାରଣ ପ୍ରତିଭାର ଅଧିକାରୀ ବହୁ କ୍ରିକେଟରଙ୍କ ସାଧାରଣ ବ୍ୟକ୍ତିତ୍ୱ ସ୍ଥାନୀୟ କ୍ରିକେଟପ୍ରେମୀଙ୍କୁ ବେସ ପ୍ରଭାବିତ କରିଛି। ୩୬ ବର୍ଷ ମଧ୍ୟରେ ଅନେକ ଉତ୍ଥାନପତନ ଦେଖିଥିବା ଟିଁଲୋ ଆଥଲେଟିକ୍ ଆସୋସିଏସନ୍ ଇତିମଧ୍ୟରେ ୩୦ ତମ ଟିଁଲୋ କପ କ୍ରିକେଟ୍ ଆୟୋଜନ କରି ସଫଳତାର ଶିଖର ଛୁଇଁଛି। ସବୁ ବାଧାବିଘ୍ନକୁ ପଛରେ ପକାଇ ଅନ୍ତର୍ଜାତୀୟସ୍ତରର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରି ଭଦ୍ରକ ଜିଲ୍ଲା ତଥା ସାରା ରାଜ୍ୟ ପାଇଁ ଗୌରବ ଆଣିଛି ଟିଁଲୋ କପ। ଏଥର ଟିଁଲୋ କପରେ ୧୯ ବର୍ଷରୁ କମ ଭାରତୀୟ ଦଳ ପାଇଁ ଖେଳିଥିବା ହରିୟାଣାର ବିବେକ କୁମାରଙ୍କୁ ସ୍ଥାନୀୟ ବାସିନ୍ଦା ଉଚ୍ଚକୋଟୀର ଖେଳୁଥିବା ଦେଖିବାକୁ ପାଇଛନ୍ତି। ଏହି ଯୁବ ପ୍ରତିଭା ଆଗକୁ ଅଜସ୍ର ସଫଳତାର ଅଧିକାରୀ ହେବାକୁ ମେଞ୍ଚାଏ ସ୍ୱପ୍ନ ନେଇ ଟିଁଲୋ କପରେ ଏସପିଜେ କାର୍ଗୋ ଦିଲ୍ଲୀର ପ୍ରତିନିଧିତ୍ୱ କରୁଛନ୍ତି।

୧୯ ବର୍ଷରୁ କମ୍ ଭାରତୀୟ ଦଳ ପାଇଁ ଖେଳିବା ତାଙ୍କ ଲାଗି ସ୍ୱତନ୍ତ୍ର ଥିଲା। ଜାତୀୟ ଦଳର ଅନୁଭୂତି ଏବେ ଭଦ୍ରକର ଏହି ବଡ଼ ପ୍ରତିଯୋଗିତା ଟିଁଲୋ କପରେ ମଧ୍ୟ ମୁଁ ସମାନ ମାହୋଲ ଦେଖୁଛି। ଖୁବ୍ ସୁନ୍ଦର ଟର୍ଫ ୱିକେଟରେ ଖେଳିବାକୁ ମିଳିବ ବୋଲି ସେ ଭାବି ନଥିଲେ। ଅମ୍ପାୟାରଙ୍କ ସହ ମ୍ୟାଚ ରେଫରୀ ତଥା ଫ୍ୟାନକୋଡରେ ବିଶ୍ୱସ୍ତରରେ ମ୍ୟାଚର ସିଧାପ୍ରସାରଣ ଏହି ଟୁର୍ଣ୍ଣାମେଣ୍ଟର ମର୍ଯ୍ୟାଦା ବଢ଼ାଇବା ସହ ମୋ ଉତ୍କଣ୍ଠାକୁ ମଧ୍ୟ ବଢ଼ାଇଛି। ତେଣୁ ଏଭଳି ମାହୋଲରେ ଖେଳିବା ପାଇଁ ମୁଁ ଖୁବ୍ ଉତ୍ସାହିତ ଅଛି। ବନାରସ ବିପକ୍ଷ ମ୍ୟାଚରେ ଖେଳିବା ଖୁବ ଭଲ ଥିଲା। ୬ଟି ଛକା ସହ ୨୩ ବଲରୁ ଅପରାଜିତ ୫୧ ରନ୍ କରିଥିଲେ ବିବେକ କୁମାର। ଦଳରେ ଜଣେ ଦକ୍ଷ ଅଲରାଉଣ୍ଡର ଭାବେ ସେ ଖେଳୁଛନ୍ତି। ଏହି ପ୍ରତିଯୋଗିତା କୌଣସି ସ୍ଥାନୀୟ ପ୍ରତିଯୋଗିତା ଭଳି ନୁହେଁ, ବରଂ ଜାତୀୟସ୍ତରୀୟ ପ୍ରତିଯୋଗିତା ଭଳି ଲାଗୁଛି ବୋଲି ବିବେକ କହିଛନ୍ତି।

ଜୁନିୟର ଭାରତୀୟ ଦଳରେ ଖେଳିବାଠୁ ଆରମ୍ଭ କରି ବିସିସିଆଇର ଘରୋଇ ପ୍ରତିଯୋଗିତାରେ ଅଂଶ ଗ୍ରହଣର ସୌଭାଗ୍ୟ ପାଇଛନ୍ତି। ଆଗକୁ ଜାତୀୟ ଦଳ ପାଇଁ ପ୍ରତିନିଧିତ୍ୱ କରିବାର ସ୍ୱପ୍ନ ରହିଛି। ପ୍ରଥମ ଶ୍ରେଣୀ କ୍ରିକେଟ୍ କ୍ୟାରିୟରରେ ଏଥର ମୁଁ ପ୍ରଥମ ସିଜନ ଖେଳିଲି। ସଫଳତା ପରିପୂର୍ଣ୍ଣ ନଥିଲେ ମଧ୍ୟ ପ୍ରଦର୍ଶନ ଉତ୍ସାହଜନକ ଥିଲା। ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି ଫାଇନାଲରେ ଆମ ଦଳ ହରିୟାଣା ଝାଡ଼ଖଣ୍ଡ ନିକଟରୁ ହାରିଯାଇଥିଲା। ଆଗକୁ ଆହୁରି ଭଲ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିବା ମୋର ଲକ୍ଷ୍ୟ ହେବ। ଆଗକୁ ରଣଜୀ ଟ୍ରଫି ଦଳରେ ସ୍ଥାନ ପାଇବା ସହ ୩ଟି ଯାକ ଫର୍ମାଟରେ ଟିମ୍ ଇଣ୍ଡିଆ ପାଇଁ ପ୍ରତିନିଧିତ୍ୱ କରିବା ମୋର ସ୍ୱପ୍ନ ରହିଛି। ୧୬ ବର୍ଷରୁ କମ ଓ ୧୯ ବର୍ଷରୁ କମ୍ କ୍ରିକେଟ ହରିୟାଣା ପାଇଁ ଖେଳିସାରିଛି। ଦୁଇଥର ଚାଲେଞ୍ଜର ଟ୍ରଫିରେ ଇଣ୍ଡିଆ ବ୍ଲ୍ୟୁ ପାଇଁ ଓ ୧୯ ବର୍ଷରୁ କମ୍ ଭାରତୀୟ ଦଳର ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଥିଲି। ୨୩ ବର୍ଷରୁ କମ୍ କ୍ରିକେଟ ଖେଳିବା ପରେ ସୟଦ ମୁସ୍ତାଅ ଅଲ୍ଲୀ ଟି-୨୦ ଟ୍ରଫିରେ ସୁଯୋଗ ମିଳିଥିଲା। ପରେ ବିଜୟ ହଜାରେ ଟ୍ରଫିରେ ହରିୟାଣା ପାଇଁ ଖେଳିଥିଲି। ଆଗାମୀ ସିଜନରେ ଆହୁରି ଭଲ ଖେଳି ଆଇପିଏଲରେ ସୁଯୋଗ ହାସଲ କରିବାକୁ ଲକ୍ଷ୍ୟ ରଖିଛି। ନିକଟରେ ଶେଷ ହୋଇଥିବା ଟି-୨୦ ବିଶ୍ୱକପରେ ଭାରତୀୟ ଦଳ ଅତି ଉଚ୍ଚକୋଟୀର ପ୍ରଦର୍ଶନ ଦେଖାଇଥିଲା। ତୃତୀୟଥର ପାଇଁ ଟିମ୍ ଇଣ୍ଡିଆ ଟି-୨୦ ବିଶ୍ୱକପ ଟ୍ରଫି ଜିତିଥିଲା। ଏହା ଆମ ସମସ୍ତ ଜୁନିୟର କ୍ରିକେଟରଙ୍କ ପାଇଁ ପ୍ରେରଣା ହୋଇପାରିଛି।

ଟିମ୍ ଇଣ୍ଡିଆର ସବୁ ଖେଳାଳିଙ୍କ ପ୍ରଦର୍ଶନ ମୋତେ ଭଲ ଲାଗେ। କିନ୍ତୁ ମୁଁ କାହାକୁ ଅନୁସରଣ କରେ ନାହିଁ। ନିଜ ଶୈଳୀରେ ଖେଳିବାକୁ ପସନ୍ଦ କରେ। ନିଜକୁ ଆଦର୍ଶ ମଣେ। ପିଲାଦିନୁ କ୍ରିକେଟ ଖେଳିବାର ଝୁଙ୍କ ମୋ ଭିତରେ ଥିଲା। ଘରେ ବାପା ମା'ଙ୍କୁ କହିଲି ସେମାନେ ସମର୍ଥନ ଦେଲେ। ସେବେଠୁ କ୍ରିକେଟ୍ ଖେଳ ଜାରି ରହିଛି। ୭ରୁ ୮ ବର୍ଷ ବୟସ ଦିନରୁ ହରିୟାଣାରେ କ୍ରିକେଟ୍ ପ୍ରଶିକ୍ଷଣ ଆରମ୍ଭ କରିଥିଲି। ଏହାର ସୁଫଳ ମଧ୍ୟ ପାଇଛି। କୋଚ ଅଶ୍ୱିନୀ ସାର୍ ଓ ଅନିରୁଦ୍ଧ ସାରଙ୍କ ତତ୍ତ୍ୱାବଧାନ ସେ କ୍ୟାରିୟରକୁ ଶାଣିତ କରିପାରିଛନ୍ତି। ହରିୟାଣାରେ କ୍ରୀଡାର ବିଭିନ୍ନତା ସତ୍ତ୍ୱେ ବହୁ ଖେଳାଳି ଆଇପିଏଲ୍ ଖେଳିଛନ୍ତି। ଭାରତ ପାଇଁ ମଧ୍ୟ ଖେଳିଛନ୍ତି। ଆମଏକାଡେମୀର ଅଂଶୁଳ କାମ୍ବୋଜ ଭାରତୀୟ ଦଳ ପାଇଁ ଓ ନିଶାନ ସିନ୍ଧୁ ଆଇପିଏଲ୍ ଖେଳିଛନ୍ତି। ବାପା ନରେଶ କୁମାର ଓ ମା' ମିନୁ ସର୍ବଦା ମୋ କ୍ରିକେଟ୍ କ୍ୟାରିୟରକୁ ଆଗକୁ ନେବା ପାଇ ନସର୍ତ୍ତ ସମର୍ଥନ ଦେଇଆସିଛନ୍ତି। ବାପା ବିଏସଏଫରେ କାର୍ଯ୍ୟରତ ଅଛନ୍ତି। ଖେଳକୁଦ ଯୋଗୁଁ ପାଠପଢ଼ାକୁ ସେ ଅଧିକ ବାଟ ଆଗେଇ ନେଇ ପାରିନଥିଲେ।

ଭଦ୍ରକରେ ଏତେ ସୁନ୍ଦର ଟୁର୍ଣ୍ଣାମେଣ୍ଟ ଆୟୋଜନ ହେଉଥିବା ପୂର୍ବରୁ ଶୁଣିଥିଲି। ଏଠାକୁ ଆସି ମାହୋଲ ଦେଖିଲି। ଖୁବ ଖୁସି ଲାଗୁଛି। ଆୟୋଜକଙ୍କୁ ଅଶେଷ ଅଶେଷ ଧନ୍ୟବାଦ। ଟିଁଲୋ କପରେ ମହେନ୍ଦ୍ର ସିଂ ଧୋନୀଙ୍କ ଭଳି ଇଶାନ କିଷାନ ମଧ୍ୟ ଖେଳି ଥିଲେ। ବିବେକ କୁମାର ଏଥର ପ୍ରଥମଥର ଟିଁଲୋ କପରେ ସାମିଲ ହୋଇଛନ୍ତି। ଆଗକୁ ଖୁବ୍ ଲମ୍ବା କ୍ୟାରିୟର ଅଛି। ଧୋନୀ ଓ ଇଶାନଙ୍କ ଭଳି ସେ ମଧ୍ୟ ଭାରତୀୟ ଦଳରେ ପ୍ରତିନିଧିତ୍ୱ କରିବାର ସ୍ୱପ୍ନ ଟିଁଲୋ କପରୁ ଦେଖୁଛନ୍ତି।

## ଟିଁଲୋ କପ୍: ସିଏଜି, କାର୍ଗୋ ଦିଲ୍ଲୀ ବିଜୟୀ




ଭୁବନେଶ୍ୱର,୧୧।୩(ସବ୍ୟୁ): ଭଦ୍ରକ ଜିଲ୍ଲାର ବନ୍ତ ଅନ୍ତର୍ଗତ ଟିଁଲୋର ହନୁମାନ ଜୀୟୁ ଷ୍ଟାଡିୟମରେ ଚାଲିଥିବା ଟିଁଲୋ କପର ୩୦ତମ ସଂସ୍କରଣ ପୁଲ ବି'ର ଦୁଇଟି ମ୍ୟାଚରେ ଏସପିଜେ କାର୍ଗୋ ଦିଲ୍ଲୀ ଏବଂ ସିଏଜି ଦିଲ୍ଲୀ ଦଳ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚରେ ଏସପିଜେ କାର୍ଗୋ ଦିଲ୍ଲୀ ଦଳ ୧୦୭ ରନ ବ୍ୟବଧାନରେ ବନାରସ ଦଳକୁ ଧରାଶାୟୀ କରିଥିଲା। ଏହି ମ୍ୟାଚରେ ବନାରସ ଟସ ଜିତି ବୋଲିଂ ନିମନ୍ତ୍ରଣ ନେଇଥିଲା। ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା କାର୍ଗୋ ଦଳ ୨୦ ଓଭରରେ ୬ ୱିକେଟ୍ ହରାଇ ୧୯୬ ରନ୍ କରିଥିଲା। ଦଳ ପକ୍ଷରୁ ଆର୍ଯ୍ୟନ ଚୌଧୁରୀ ୫୯ ଏବଂ ବିବେକ କୁମାର ୫୧ ରନ୍ ଅପରାଜିତ ଇନିଂସ ଖେଳିଥିଲେ। ଜବାବରେ ବନାରସ ଦଳ ୨୦ ଓଭରରେ ୮୯ ରନ୍ କରିବାକୁ ସକ୍ଷମ ହୋଇଥିଲା। ରମେଶ ପ୍ରସାଦଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା। ଅମ୍ପାୟର ସତ୍ୟ ନାରାୟଣ ସାବତ ଓ ବିଭୂ ପ୍ରସାଦ ମିଶ୍ର ମ୍ୟାଚ ପରିଚାଳନା କରିଥିଲେ।

ପୁଲ ବି'ର ଦ୍ୱିତୀୟ ମ୍ୟାଚରେ ସିଏଜି ଦିଲ୍ଲୀ ୭୦ ରନ ବ୍ୟବଧାନରେ ଏନସିସି ଓଡ଼ିଶାକୁ ପରାଜିତ କରିଛି। ଏହି ମ୍ୟାଚରେ ସିଏଜି ଦିଲ୍ଲୀ ପ୍ରଥମ ବ୍ୟାଟିଂ କରି ୨୦ ଓଭରରେ ୬ ୱିକେଟ୍ ହରାଇ ୧୮୯ ରନ୍ କରିଥିଲା। ଦଳ ପକ୍ଷରୁ ସୁମିତ ମାଥୁର ୪୪, କାର୍ତ୍ତିକ ବିଶ୍ୱାଳ ୩୨, ବେଦାନ୍ତ ଭାର ୩୩ ରନ୍ କରିଥିଲେ। ଜବାବରେ ଏନସିସି ଓଡ଼ିଶା ଦଳ ୧୬.୩ ଓଭରରେ ୧୧୯ ରନ୍ କରି ଅଲଆଉଟ୍ ହୋଇଥିଲା। ସୁମିତ ମାଥୁରଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା। ଅମ୍ପାୟର ସୁଧାଂଶୁ ଶେଖର ଲେଙ୍କା, ଲଲାଟ କେଶରୀ ନନ୍ଦ ମ୍ୟାଚ ପରିଚାଳନା କରିଥିଲେ। ଅଲିମ୍ପିଅନ ଦୂତୀ ଚାନ୍ଦ ତଥା ଟିଁଲୋର ସରପଞ୍ଚ ସଂଗ୍ରାମ କେଶରୀ ଜେନା ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଗୁରୁବାର ଏମଏଚକେଏଲ ବନାରସ ଏବଂ ସିଏଜି ଦିଲ୍ଲୀ ତଥା ନିମପୁର ଓଡ଼ିଶା ଏବଂ ଏସପିଜେ କାର୍ଗୋ ଦିଲ୍ଲୀ ମଧ୍ୟରେ ମ୍ୟାଚ ଖେଳାଯିବ।

## ଫାଇନାଲରେ ତମାଣ୍ଡୋ ଏକାଦଶ

ଭଣ୍ଡାରିପୋଖରୀ,୧୧।୩(ସବ୍ୟୁ): ଭଣ୍ଡାରିପୋଖରୀ ବ୍ଲକ ବୟାବନାପୁର ପଞ୍ଚାୟତ ଚନ୍ଦ୍ରଭାନୁପୁର କ୍ରିକେଟ ପଡିଆରେ ହରମୋହନ ମହାପାତ୍ର ସ୍ମାରକୀ ଅଷ୍ଟମ ବାର୍ଷିକ କ୍ରିକ୍ରେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମୟାଚ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଚନ୍ଦ୍ରଶେଖର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ମୟାଚ ଯାଜପୁର ୧୧ ଷ୍ଟାର ଓ ଭୁବନେଶ୍ୱର ତମାଣ୍ଡୋ ଏକାଦଶ ମଧ୍ୟରେ ହୋଇଥିଲା । ୧୧ ଷ୍ଟାର ଅଧିନାୟକ ଟସ ଜିଣି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ । ପ୍ରଥମେ ବୟାଟିଂ କରି ତମାଣ୍ଡୋ ଏକାଦଶ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୨୮୮ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ବୟାଟ୍ସମୟାନ ରଘୁନାଥ ମଲ୍ଲ ଶତକୀୟ ଇନିଙ୍ଗସ ଖେଳି ୧୦୭ ରନ ଓ ଆକାଶ ମହାପାତ୍ର ୪୫ ରନ ବୟକ୍ତିଗତ ଭାବେ ସ୍କୋର କରିଥିଲେ । ପ୍ରତିପକ୍ଷ ବୋଲର ଅଭିଳାଷ ରାଉତରାୟ ୨ ୱିକେଟ ଅକ୍ତିଆର କରିଥିଲେ । ଜବାବରେ ଯାଜପୁର ୧୧ ଷ୍ଟାର ଦଳ ୧୨ ଓଭରରେ ସମସ୍ତ ୱିକେଟ ହରାଇ ରନ ୭୮ ସଂଗ୍ରହ କରି ଶୋଚନୀୟ ଭାବେ ପରାଜିତ ହୋଇଥିଲା । ଦଳ ପକ୍ଷରୁ ଚନ୍ଦନ ନାୟକ ୧୮ ରନ ବ୍ୟକ୍ତିଗତ ଭାବେ ସ୍କୋର କରିଥିଲେ ।

## ଅଭିଶେକଙ୍କ ସ୍ଥାନ ଟଳମଳ




ନୂଆଦିଲ୍ଲୀ,୧୧।୩(ଏଜେନ୍ସି): ଟି-୨୦ ବିଶ୍ୱକପ ଶେଷ ପରେ ଆଇସିସିର ସଦ୍ୟତମ ଟି-୨୦ ମାନ୍ୟତା ଜାରି ହୋଇଛି। ବିଶ୍ୱକପରେ ଖରାପ ପ୍ରଦର୍ଶନ କରିଥିବା ବରୁଣ ଚକ୍ରବର୍ତ୍ତୀଙ୍କୁ ଆଇସିସି ର୍ୟାଙ୍କିଙ୍ଗରେ ବଡ଼ ଝଟକା ଲାଗିଛି। ସେ ନଂ.୧ ବୋଲର ମାନ୍ୟତା ହରାଇଛନ୍ତି। ଆଫଗାନିସ୍ତାନର ଲେଗ ସ୍ପିନର ରସିଦ ଖାନ୍ ତାଙ୍କୁ ପଛରେ ପକାଇ ଶୀର୍ଷ ସ୍ଥାନକୁ ଉଠିଛନ୍ତି। ରସିଦ ୭୫୩ ରେଟିଂ ପଏଣ୍ଟ ସହିତ ନଂ.୧ ବୋଲର ହୋଇଛନ୍ତି। ବରୁଣ ଚକ୍ରବର୍ତ୍ତୀ ଏବେ ୭୪୦ ରେଟିଂ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନକୁ ଖସିଛନ୍ତି। ଯଶପ୍ରୀତ ବୁମରା ଷଷ୍ଠ ସ୍ଥାନକୁ ଉଠିଛନ୍ତି। ବ୍ୟାଟିଂ ମାନ୍ୟତାରେ ଅଭିଶେକ ଶର୍ମା ନଂ.୧ ସ୍ଥାନରେ ରହିଛନ୍ତି କିନ୍ତୁ ଇଶାନ କିଷାନ ତାଙ୍କ ପାଇଁ ବିପଦ ସୃଷ୍ଟି କରିଛନ୍ତି। ଅଭିଶେକ ୮୭୫ ରେଟିଂ ପଏଣ୍ଟ ହାସଲ କରିଥିବା ବେଳେ ଇଶାନ ତାଙ୍କ ଠାରୁ ମାତ୍ର ୪ ପଏଣ୍ଟ ପଛରେ ଅଛନ୍ତି। ଇଶାନ ୮୭୧ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଇଶାନ ପାକିସ୍ତାନୀ ବ୍ୟାଟର ସହିବ ଯାଦା ଫରହାନ ଏବଂ ଇଂଲଣ୍ଡ ଖେଳାଳି ଫିଲ ସଲ୍ଟଙ୍କୁ ପଛରେ ପକାଇ ଦେଇଛନ୍ତି। ଶୀର୍ଷ ୧୦ରେ ଭାରତର ୪ ଜଣ ବ୍ୟାଟର ଅଛନ୍ତି। ଅଭିଶେକ ଓ ଇଶାନଙ୍କ ବ୍ୟତୀତ ସୂର୍ଯ୍ୟ କୁମାର ଯାଦବ ନବମ ଓ ତିଲକ ବର୍ମା ସପ୍ତମ ସ୍ଥାନରେ ରହିଛନ୍ତି।

ସଞ୍ଜୁ ସାମସନଙ୍କ ଟି-୨୦ ରେଟିଂରେ ଉତ୍ସାହ ଜନକ ଉନ୍ନତୀ ଘଟିଛି। ସେ ୬୩୭ ରେଟିଂ ପଏଣ୍ଟ ସହିତ ୨୨ତମ ସ୍ଥାନରେ ପହଞ୍ଚିଛନ୍ତି। ୱେଷ୍ଟଇଣ୍ଡିଜ୍ ବିପକ୍ଷ ମ୍ୟାଚ ପୂର୍ବରୁ ସାମସନ ୬୫ତମ ସ୍ଥାନରେ ଥିଲେ। ତଥାପି ଭାରତକୁ ବିଶ୍ୱକପରେ ଚାମ୍ପିଅନ କରାଇବା ପରେ ସାମସନ ଏବେ ୪୩ ଜଣ ବ୍ୟାଟରଙ୍କୁ ପଛରେ ପକାଇ ୨୨ତମ ସ୍ଥାନରେ ପହଞ୍ଚିଛନ୍ତି। ସଞ୍ଜୁ ସାମସନ ବିଶ୍ୱକପରେ ପ୍ଲେୟାର ଅଫ୍ ଦ ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଥିଲେ। ସେ ୫ଟି ମ୍ୟାଚରେ ୮୦.୨୫ ହାରରେ ଏଥିରେ ୨୪ଟି ଛକା ଓ ୨୭ଟି ଚୌକା ରହିଛି। ପାଖାପାଖି ୨୦୦ ଷ୍ଟ୍ରାଇରେଟ୍ ସହ ସେ ବ୍ୟାଟିଂ କରିଥିଲେ।

## କଳାହାଣ୍ଡି କପ୍: ସୁନ୍ଦରଗଡ଼ ଚାମ୍ପିଅନ




ଭୁବନେଶ୍ୱର,୧୧।୩(ସବ୍ୟୁ): ଓଡ଼ିଶା କ୍ରିକେଟ୍ ଆସୋସିଏସନର ବରିଷ୍ଠ ପୁରୁଷ ଅନ୍ତଃଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପରେ ସୁନ୍ଦରଗଡ଼ ଚାମ୍ପିଅନ ହୋଇଛି। ବୁଧବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ କଟକ ଏ'କୁ ଭେଟିଥିଲା ସୁନ୍ଦରଗଡ଼। ଏହି ମ୍ୟାଚରେ ସୁନ୍ଦରଗଡ଼ ଦୁଇ ୱିକେଟରେ ବିଜୟୀ ହୋଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ପ୍ରଥମେ ବ୍ୟାଟିଂ କରି କଟକ ଏ' ୫୦ ଓଭରରେ ୯ ୱିକେଟ୍ ହରାଇ ୨୩୨ ରନ୍ କରିଥିଲା। ସାଇଦୀପ ମହାପାତ୍ର ୭୪ ରନ କରିଥିଲା। ସୁନ୍ଦରଗଡ଼ର ସୌମ୍ୟ ଲେଙ୍କା, କ୍ରିଷ୍ଟା ପଲେଇ, ଅଭିଶେକ ସିଂ ଓ ଗୋପିନ୍ଦ ପୋଦ୍ଦାର ପ୍ରତ୍ୟେକ ଦୁଇଟି ଲେଖାଏଁ ୱିକେଟ୍ ହାସଲ କରିଥିଲେ। ୨୩୩ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା ସୁନ୍ଦରଗଡ଼ ୪୩ ଓଭରରେ ୮ ୱିକେଟ୍ ହରାଇ ୨୩୩ ରନ୍ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା। ବିଭାସ ଶ ୫୨ ରନ କରିଥିଲେ। ସୁନ୍ଦରଗଡ଼ ଦୁଇ ୱିକେଟରେ ବିଜୟୀ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ତଥା ମ୍ୟାଚ ରେଫରୀ ସଞ୍ଜୟ ରାଉଳ, ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ସଦସ୍ୟ ଅଞ୍ଜନ ଖୁଣ୍ଟିଆ, ସାଗରନାଥ ମିଶ୍ର, ତଡିତ ରାଉତ, ଅନୀଲ କୁମାର ବିଶ୍ୱାଳ ସୁଶାନ୍ତ କୁମାର ମହାନ୍ତି, ସନ୍ତୋଷ ଦାସ, ଶିବବ୍ରତ ମଲ୍ଲିକ, ଅମିତ ବେହେରା ଓ ସ୍ୱାଗତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ଟ୍ରଫି ପ୍ରଦାନ କରିଥିଲେ।

## ୯୧ ବଲରେ ପାକିସ୍ତାନକୁ ହରାଇଲା ବାଂଲାଦେଶ

ଢ଼ାକା,୧୧।୩(ଏଜେନ୍ସି): ପାକିସ୍ତାନ ଓ ବାଂଲାଦେଶ ମଧ୍ୟରେ ଏଠାରେ ଦିନିକିଆ କ୍ରିକେଟ ସିରିଜ ଆରମ୍ଭ ହୋଇଛି । ଏହି ମ୍ୟାଚରେ ପାକିସ୍ତାନ ଲଜ୍ଜାଜନକ ପରାଜୟବରଣ କରିଛି । ମାତ୍ର ୯୧ ବଲରେ ବାଂଲାଦେଶ ଏହି ମ୍ୟାଚକୁ ଜିତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୩୦.୪ ଓଭରରେ ୧୧୪ ରନ କରି ଅଲଆଉଟ ହୋଇ ଯାଇଥିଲା । ନାହିଦ ରାଣା ମାତ୍ର ୨୪ ରନରେ ୫ଟି ୱିକେଟ ଅକ୍ତିଆର କରିଥିଲେ । ମେହେଦୀ ହାସନ ମିରାଜ ୩ଟି ୱିକେଟ ନେଇଥିଲେ । ଜବାବରେ ୧୧୫ ରନର ଲକ୍ଷ୍ୟକୁ ବାଂଲାଦେଶ ୯୧ ବଲରେ ହାସଲ କରି ନେଇଥିଲଶ । ତାଜିଦ ହାସନ ୪୨ ବଲରେ ୬୭ ରନ କରିଥିଲେ ।

ବିଜୟ ସହ ବାଂଲାଦେଶ ସିରିଜରେ ୧-୦ର ଅଗ୍ରଣୀ ହାସଲ କରିଛି । ଆକର୍ଷଣୀୟ ବୋଲିଂ ପ୍ରଦର୍ଶନ ନେଇ ନାହିଦ ପ୍ଲେୟାର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ପାକିସ୍ତାନ ପକ୍ଷରୁ ସାହେବଜାଦା ଫରହାନ ୨୭ ରନ କରିଥିଲେ । ଫହୀମ ଅଶ୍ରଫ ଶେଷ ଭାଗରେ ୩୭ ରନ କରିବା ଯୋଗୁ ଦଳ ୧୦୦ ରନ ଅତିକ୍ରମ କରିପାରିଥିଲା ।

## ୧୪ରେ ବିବାହ କରିବେ କୁଲଦୀପ

ନୂଆଦିଲ୍ଲୀ,୧୧।୩(ଏଜେନ୍ସି): ଭାରତ ଟି-୨୦ ବିଶ୍ୱକପ ଜିତିଛି। ଏହି ବିଶ୍ୱବିଜୟୀ ଦଳର ସଦସ୍ୟ ତଥା ଚାଇନାମ୍ୟାନ ସ୍ପିନର କୁଲଦୀପ ଯାଦବ ବିବାହ କରିବାକୁ ଯାଉଛନ୍ତି। ତାଙ୍କୁ କେବଳ ପାକିସ୍ତାନ ବିପକ୍ଷ ମ୍ୟାଚରେ ଭାରତୀୟ ଦଳର ପ୍ରତିନିଧିତ୍ୱ କରିବାର ସୁଯୋଗ ମିଳିଥିଲା। ଗତବର୍ଷ କୁଲଦୀପ ତାଙ୍କ ପିଲାଦିନର ବନ୍ଧୁ ବାଂଶିକା ଚଢ଼ାଙ୍କ ନିର୍ବନ୍ଧ କରିଥିଲେ। ଦୁହେଁ ଖୁବ୍ ଶୀଘ୍ର ବିବାହ କରିବାକୁ ଯାଉଛନ୍ତି। ଭାରତର ତାରକା ସ୍ପିନର କୁଲଦୀପ ୧୪ ତାରିଖରେ ମସୁରୀରେ ବାଂଶିକାଙ୍କୁ ବିବାହ କରିବେ। ବିବାହ ପ୍ରତିଶ୍ରୁତି ଜୋରସୋରରେ ଚାଲିଛି। ଏନେଇ କୁଲଦୀପ ଯାଦବଙ୍କ ପୂର୍ବତନ ପ୍ରଶିକ୍ଷକ କପିଲ ପାଣ୍ଡେ ନିଶ୍ଚିତ କରିଛନ୍ତି ଯେ, କୁଲଦୀପ ମାର୍ଚ୍ଚ ୧୪ ତାରିଖରେ ମସୁରୀର ଏକ ରିସର୍ଟ ବିବାହ କରିବେ। ବିବାହର ୩ ଦିନ ପରେ ଲକ୍ଷ୍ନୌର ସେଣ୍ଟ୍ରମ ହୋଟେଲରେ ଗ୍ରାଣ୍ଡ ରିସେପସନ ଆୟୋଜିତ ହେବ। ଗତ ବର୍ଷ ଜୁନ ୪ ତାରିଖରେ ନିର୍ବନ୍ଧ ହୋଇଥିଲା। କୁଲଦୀପ ତାଙ୍କ କ୍ରିକେଟ କାର୍ଯ୍ୟସୂଚୀରେ ବ୍ୟସ୍ତ ଥିଲେ। ଯାହା ଫଳରେ ବିବାହ ତାରିଖ ଘୁଞ୍ଚି ଥିଲା। କୁଲଦୀପ ଓ ବାଂଶିକା ପିଲାଦିନରୁ ଜାଣନ୍ତି। ଉଭୟ ପରିବାର କାନପୁରରେ ରୁହନ୍ତି। ଏହାପରେ କୁଲଦୀପ ୨୦୨୬ ଟି-୨୦ ବିଶ୍ୱକପ କେବଳ ପାକିସ୍ତାନ ବିପକ୍ଷ ମ୍ୟାଚ ଖେଳି ୩ ଓଭର ବୋଲିଂ କରିଥିଲେ। ସେ ୧୪ ରନ ବିନିମୟରେ ଗୋଟିଏ ୱିକେଟ୍ ନେଇଥିଲେ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଗ୍ରାହକ ବାର୍କି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୬୩୩୧୬୪ / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୬୩୩୧୬୪ରେ ଯୋଗାଯୋଗ କରନ୍ତୁ।

## ଆଇପିଏଲ-୨୦୨୬

# ଆରସିବି-ହାଇଦ୍ରାବାଦ ଉଦ୍‌ଘାଟନୀ ମ୍ୟାଚ




ନୂଆଦିଲ୍ଲୀ,୧୧।୩(ଏଜେନ୍ସି): ଆଇପିଏଲ୍-୨୦୨୬ ପାଇଁ ବିସିସିଆଇ ପକ୍ଷରୁ ପ୍ରଥମ ପର୍ଯ୍ୟାୟ ମ୍ୟାଚ ସୂଚୀ ଜାରି ହୋଇଛି। ମାର୍ଚ୍ଚ ୨୮ରୁ ଆଇପିଏଲର ୧୯ ତମ ସଂସ୍କରଣ ଆରମ୍ଭ ହେବ। ମାର୍ଚ୍ଚ ୨୮ରୁ ଏପ୍ରିଲ ୧୨ ମଧ୍ୟରେ ହେବାକୁଥିବା ମ୍ୟାଚ ଗୁଡିକର ସୂଚୀ ସାମ୍ନାକୁ ଆସିଛି। ୩ଟି ରାଜ୍ୟରେ ବିଧାନସଭା ନିର୍ବାଚନ ଥିବାରୁ ଏହାକୁ ଦୃଷ୍ଟିରେ ରଖି ବିସିସିଆ ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଛି। ଜାରି ସୂଚୀ ଅନୁଯାୟୀ ଡିଫେଣ୍ଡିଂ ଚାମ୍ପିଅନ ଆରସିବି ସହ ସନରାଇଜର୍ସ ହାଇଦ୍ରାବାଦ ଲଢ଼େଇରେ ଆଇପିଏଲ୍ ୧୯ ତମ ସଂସ୍କରଣ ବିଗୁଲ ବାଜିବ। ଏହି ମ୍ୟାଚ ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମରେ ମାର୍ଚ୍ଚ ୨୮ରେ ଖେଳାଯିବ। ପ୍ରଥମ ପର୍ଯ୍ୟାୟରେ ୧୦ଟି ଭେନ୍ୟୁରେ ମୋଟ୍ ୨୦ଟି ମ୍ୟାଚ ଖେଳାଯିବ। ବେଙ୍ଗାଲୁରୁ, ମୁମ୍ବାଇ, ଗୌହାଟୀ, ନ୍ୟୁଚଣ୍ଡିଗଡ଼, ଲକ୍ଷ୍ନୌ, କୋଲକାତା, ଚେନ୍ନାଇ, ଦିଲ୍ଲୀର ଅହମ୍ମଦାବାଦ ଓ ହାଇଦ୍ରାବାଦରେ ମ୍ୟାଚ ଗୁଡିକ ଖେଳାଯିବ। ୨୦ଟି ମ୍ୟାଚରୁ ୪ଟି ଡବଲ ହେଡର୍ସ ଅର୍ଥାତ୍ ୪ ଦିନ ଦୁଇଟି ଲେଖାଏଁ ମ୍ୟାଚ ଖେଳାଯିବ। ଅପରାହ୍ଣ ୩.୩୦ ଓ ସନ୍ଧ୍ୟା ମ୍ୟାଚ ଗୁଡିକ ୭.୩୦ରେ ଆରମ୍ଭ ହେବ। ଶନିବାର ପ୍ରଥମ ମ୍ୟାଚ ଖେଳାଯିବାକୁଥିବା ବେଳେ ରବିବାର ମୁମ୍ବାଇ ୱାଙ୍ଖଡେ ଷ୍ଟାଡିୟମରେ ମୁମ୍ବାଇ ଇଣ୍ଡିଆନ୍ସ ଓ କୋଲକାତା ନାଇଟ ରାଇଡର୍ସ ମଧ୍ୟରେ ମ୍ୟାଚ ଖେଳାଯିବ। ସୋମବାର ଠାରୁ ଚେନ୍ନାଇ ତାର ଅଭିଯାନ ଆରମ୍ଭ କରିବ। ପ୍ରଥମ ମ୍ୟାଚରେ ରାଜସ୍ଥାନ ରୟାଲକୁ ଗୌହାଟୀବ ଚେନ୍ନାଇ। ଏପ୍ରିଲ-୪ରେ ପ୍ରଥମ ଡବଲ ହେଡର ମ୍ୟାଚ ଖେଳାଯିବ। ଅପରାହ୍ଣ ୩.୩୦ରେ ଦିଲ୍ଲୀ କ୍ୟାପିଟାଲ୍ସ ଓ ମୁମ୍ବାଇ ମଧ୍ୟରେ ଅରୁଣ ଜେଟଲୀ ଷ୍ଟାଡିୟମରେ ଏହି ମ୍ୟାଚ ଖେଳାଯିବ। ସନ୍ଧ୍ୟା ୭.୩୦ରେ ଅହମ୍ମଦାବାଦରେ ଗୁଜରାଟ ଟାଇଟ୍ସ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ମୁକାବିଲା ହେବ। ଏଥର ଗୌହାଟୀକୁ ହୋମ୍ ଗ୍ରାଉଣ୍ଡ କରିଛି ରାଜସ୍ଥାନ ରୟାଲ୍ସ। ଏଠାରେ ଦଳ ଚେନ୍ନାଇ ଓ ମୁମ୍ବାଇ ସହ ମ୍ୟାଚ ଖେଳିବ। ପଞ୍ଜାବ କିଙ୍ଗ୍ସ ପ୍ରଥମ ପର୍ଯ୍ୟାୟରେ ତାର ହୋମ୍ ମ୍ୟାଚ ଗୁଡିକ ନ୍ୟୁଚଣ୍ଡିଗଡ଼ରେ ଖେଳାଯିବ। ଚଳିତ ସଂସ୍କରଣରେ ବେଙ୍ଗାଲୁରୁ ୭ଟି ଘରୋଇ ମ୍ୟାଚରୁ ୫ଟି ଚିନ୍ନାସ୍ୱାମୀରେ ଓ ଦୁଇଟି ରାୟପୁରରେ ଖେଳିବ। ପଞ୍ଜାବକିଙ୍ଗ୍ସ ନ୍ୟୁଚଣ୍ଡିଗଡ଼ରେ ଓ ୩ଟି ଧର୍ମଶାଳାରେ ତଥା ରାଜସ୍ଥାନ ତାର ୩ଟି ହୋମ୍ ମ୍ୟାଚ ଗୌହାଟୀରେ ଓ ୪ଟି ଜୟପୁରରେ ଖେଳିବ।

## କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ସାନହୁଲା ବିଜୟୀ

ଆଠମଲ୍ଲିକ,୧୧।୩(ନିପ୍ର): ମା ରୁଦ୍ର ଭବାନୀ ଆନୁକୂଲ୍ୟରେ ଅନୁଷ୍ଠିତ ରାତ୍ରି କାଳୀନ ସାରକିଲ ମ୍ୟାଚ ର ତୃତୀୟ ଦିବସ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ତୃତୀୟ ଦିବସ ର ପ୍ରଥମ ମ୍ୟାଚ ରୁଦ୍ର ଭବାନୀ ଏବଂ ଜିଏଲ ସି ସି ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଜି ଏଲ ସି ସି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ସାନ ହୁଲା ଓ ଜର ପଡ଼ା ମଧ୍ୟରେ ଅନୁଷ୍ଠିତ ମ୍ୟାଚ ରେ ସାନ ହୁଲା ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ ତଥା କ୍ୱାର୍ଟରଫାଇନାଲ ମ୍ୟାଚ ସାନ ହୁଲା ଏବଂ ଜି ଏଲ ସି ସି ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ସାନ ହୁଲା ବିଜୟୀ ହୋଇ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଛି । ଅମପେୟାର ଭାବେ ନସିମ ଖାଁ ଏବଂ ଫରିଦ ଖାଁ, ସ୍କୋରର କମଳ ବାହୁକ ଦାୟିତ୍ୱ ତୁଲାଇ ଥିଲେ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି